


ଡିସେମ୍ବର, ୨୦୨୪
ଚତୁର୍ଥ ବର୍ଷ, ସଂଖ୍ୟା -୧୨

**ସମ୍ପାଦକ**

ଅରୁଣ କୁମାର ପ୍ରଧାନ

**ସହ ସମ୍ପାଦିକା**

ପ୍ରଜ୍ଞା ମହାନ୍ତି

ସୁଜାତା ଗିରି

**ସମ୍ପାଦନା ମଣ୍ଡଳୀ**

ଡ. ସୁମନ୍ତ ନାଏକ
ଡ. ପ୍ରତୀଚୀ ନନ୍ଦ
ଜ୍ୟୋସ୍ନାରାଣୀ କର
ଡ. ପ୍ରିୟଙ୍କା ମହାନ୍ତି
ରିଚାଟ୍ ମୀରା ସାହୁ

**ଠିକଣା:**

**ଶ୍ରୀ ଅରୁଣ କୁମାର ପ୍ରଧାନ**
ଡେରା, ତାଳଚେର, ଅନୁଗୋଳ, ଓଡ଼ିଶା- ୭୫୯୧୦୩
ମୋ: ୯୪୩୮୨୫୫୭୮୮
ମୂଲ୍ୟ: ୫୦/-

**ସମୀକ୍ଷକ ମଣ୍ଡଳୀ**

ଅବସରପ୍ରାପ୍ତ ପ୍ରଫେସର କଇଳାସ ପଟ୍ଟନାୟକ
ପ୍ରଫେସର ବଭ୍ରୁବାହନ ମହାପାତ୍ର
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଡ. ବେଣୁଧର ପାଢ଼ୀ
ଅବସରପ୍ରାପ୍ତ ସହକାରୀ ପ୍ରଫେସର ରୁଦ୍ରାଣୀ ମହାନ୍ତି
ସହକାରୀ ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା
ସହକାରୀ ପ୍ରଫେସର ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର ଡ. ସମୀର ଭୋଇ

**AGNIROOPA**

Monthly Multilingual Referred
Peer Review Magazine

Founder, Editor

Arun Kumar Pradhan (Journalist)

Published by: Arun Kumar Pradhan

Printed at M/S Shree Press. Angul

Arun Kumar Pradhan

Dera, Talcher, Angul,

Odisha- 759103

Mob: 9438255788,8339923354

Email id: arun.samaja@gmail.com

Price :Rs.50/-

# ସୂଚୀପତ୍ର


| | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ଅରୁଣ କୁମାର ପ୍ରଧାନ | ୦୩ |
| ୨. | ପତ୍ରପତ୍ରିକାର ସାରସ୍ୱତ ସମୀକ୍ଷାରେ "ଝଙ୍କାର" ଏକ ଦୃଷ୍ଟିପାତ | ଡ. ସୁମନ୍ତ୍ର ନାଏକ | ୦୪ |
| ୩. | ସାରଳା ମହାଭାରତରେ ରୂପାନ୍ତରଣ ପଦ୍ଧତି | ପ୍ରତୀଚୀ ନନ୍ଦ | ୦୭ |
| ୪. | କବି ପ୍ରତିଭା ଶତପଥୀଙ୍କ କାବ୍ୟ ଚେତନାରେ ନିଃସଙ୍ଗତାବୋଧ | ଡକ୍ଟର ଅମରେଶ ସେନାପତି | ୧୩ |
| ୫. | କବି ଶତ୍ରୁଘ୍ନ ପାଣ୍ଡବଙ୍କ କବିତାରେ ଦଳିତର ଚିତ୍ର : ଏକ ମାର୍ମିକ ସ୍ୱାକ୍ଷର | ଅନନ୍ୟା ବେହେରା | ୧୨ |
| ୬. | ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ଭାବ ପ୍ରସଙ୍ଗ | ତୃପ୍ତି ରଞ୍ଜନ ରାଉତ | ୨୦ |
| ୭. | ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପରେ ଜଗତୀକରଣ ଓ ଉପନିବେଶବାଦର ପ୍ରଭାବ | ରାଜୀବ ଲୋଚନ ସାହୁ | ୨୪ |
| ୮. | ପାରିବେଶିକ ଗଳ୍ପରେ ସଂସ୍କୃତି ଓ ଧର୍ମୀୟ ପରମ୍ପରାର ଚିତ୍ର | ହୀରାବତି ବିଶ୍ୱାଳ | ୨୭ |
| ୯. | ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ | ଲିଜାରାଣୀ ପାଇଟାଳ | ୩୦ |
| ୧୦. | ପ୍ରତିଭା ରାୟଙ୍କ ଗଳ୍ପରେ ଓଡ଼ିଆ ଅସ୍ମିତାର ପଦଧ୍ୱନି : ଏକ ଦୃଷ୍ଟିପାତ | ପ୍ରିୟବ୍ରତ ସାହୁ | ୩୨ |
| ୧୧. | ବୌଦ୍ଧଧର୍ମ ଆଧାରିତ ଗଳ୍ପରେ ସୁରେନ୍ଦ୍ର ମହାନ୍ତିଙ୍କ ଦୃଷ୍ଟି ଦର୍ଶନ | ଭାଗ୍ୟଶ୍ରୀ ଦାଶ | ୪୨ |
| ୧୨. | ସାମ୍ପ୍ରତିକ ସମାଜରେ "ବାପା" ଓ ସ୍ୱରାଜ ଲକ୍ଷ୍ମୀ ମିଶ୍ର | ଡ. ସସ୍ମିତା ନାୟକ | ୪୬ |
| ୧୩. | ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ନାଟକରେ ଲୋକଉପାଦାନ | ଶୁଭଶ୍ରୀ ପଣ୍ଡା | ୪୯ |
| ୧୪. | ପ୍ରବାସିନୀ ମହାକୁଡ଼ଙ୍କ 'ପ୍ରତିଥର ଶୋଷ' : ଏକ ଭାବୋଚ୍ଛ୍ୱାସ | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୫୪ |
| ୧୫. | ପ୍ରେମ,ଜୀବନ ଓ ବେଦନାକୁ ନେଇ ଔପନ୍ୟାସିକା କବିତା ବାରିକଙ୍କ 'ଜୀବନ ନଈ' ଉପନ୍ୟାସ : ଏକ ଅବଲୋକନ | ନରେଶ ମହାନନ୍ଦ | ୫୭ |




## ସମ୍ପାଦକଙ୍କ କଲମରୁ...



# ବିଦାୟ ଡିସେମ୍ବର

ଯିବା ପୂର୍ବରୁ ସଭିଙ୍କୁ ନିଜର କର୍ମର ହିସାବ ଦେଇ ଯିବାକୁ ହୁଏ। କ'ଣ ଦେଇଛି, କ'ଣ ଛଡ଼ାଇଛି, ସମୟର ସାହୁକାର ନିକଟରେ ହିସାବ ଦେଇ ଏବେ ଯିବା ପାଇଁ ପ୍ରସ୍ତୁତ ଡିସେମ୍ବର। ସବୁ ସାଲ ପରି ଏ ବର୍ଷ ମଧ୍ୟ ସମସ୍ତଙ୍କ ପାଇଁ ଖୁସିଭରା ନବବର୍ଷଟିଏ କାମନା କରି ନୀରବରେ ସମୟର ଲଲାଟରେ ନିଶ୍ଚିହ୍ନ ହୋଇଯିବ ସେ। ବର୍ଷଟିଏ ଅତିକ୍ରମ କରିବା ସହଜ କଥା ନୁହେଁ ମନ୍ଦ। ଅନେକ ପରୀକ୍ଷାର କଷଟି ଡେଇଁ ସମୟର ସ୍ରୋତ ବହିଯାଏ। ଆଉ ସେ ଭିତରେ ଭାସି ଚାଲୁ ଆମେ ଓ ଆମ ପରିସ୍ଥିତି। ବର୍ଷଟିଏ ମନ୍ଦ କରୁ ବା ଭଲ ତାକୁ କିନ୍ତୁ ବିଦାୟ ଦେବାକୁ ସମସ୍ତେ ତତ୍ପର ! ଅଗ୍ନିରୂପା ମଧ୍ୟ ସମ୍ମାନ ପୂର୍ବକ ଚବିଶ ଡିସେମ୍ବରକୁ ବିଦାୟ ଜଣାଇ ତା' ନିକଟରେ ଆଗାମୀ ଭବିଷ୍ୟତ ପାଇଁ ଅନେକ ଆଶୀର୍ବାଦ ଓ ଶୁଭକାମନା ଯାଚନା କରୁଛି।

ବିନମ୍ରତା ସହ
ଅରୁଣ ପ୍ରଧାନ

# ପତ୍ରପତ୍ରିକାର ସାରସ୍ୱତ ସମୀକ୍ଷାରେ "ଝଙ୍କାର" ଏକ ଦୃଷ୍ଟିପାତ

ISSN-2583-6978
Volume-4
Issue-12
DECEMBER-2024

**ଡକ୍ଟର ସୁମନ୍ତ ନାଏକ**

**ସହକାରୀ ପ୍ରାଧ୍ୟାପକ ଧରଣୀଧର ବିଶ୍ୱବିଦ୍ୟାଳୟ**
**କେନ୍ଦୁଝର**

ବିଂଶ ଶତାବ୍ଦୀର ସାହିତ୍ୟ ଆନ୍ଦୋଳନରେ ଯେଉଁ ପ୍ରତିଷ୍ଠିତ ପତ୍ରିକା ମାନ ପ୍ରକାଶିତ ହୋଇଥିଲା ସେଥିମଧ୍ୟରୁ ସତ୍ୟବାଦୀ, ସହକାର, ଜହ୍ନମାମୁଁ, ଯୁଗବୀଣା, ନବଭାରତ, ଡଗର, ନିଆଁଖୁଣ୍ଟା, ଆଧୁନିକ, ଚତୁରଙ୍ଗ, କୋଣାର୍କ, ପୌରୁଷ, ନବରବି, ଶଙ୍ଖ, ଝଙ୍କାର ଇତ୍ୟାଦି। ସତ୍ୟବାଦୀ ପତ୍ରିକା ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ପ୍ରକାଶିତ ହୋଇ ସାହିତ୍ୟର ଏକ ଯୁଗ ନିର୍ମାଣ କରିଥିଲା। ସତ୍ୟବାଦୀ ବନ ବିଦ୍ୟାଳୟର ସାଧକ ମାନଙ୍କର ସାଧନାର ତତ୍ତ୍ୱ ପ୍ରକାଶ ଏଥିରେ ଘଟୁଥିଲା। ଏହାର ପ୍ରକାଶ କାଳ ଥିଲା ୧୯୧୪ ମସିହା। ୧୯୧୯ ମସିହାରେ ସହକାର ପତ୍ରିକା ଲକ୍ଷ୍ମୀ ନାରାୟଣ ସାହୁଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। ଏହି ସମୟର ପତ୍ରିକାମାନଙ୍କ ମଧ୍ୟରେ 'ଜହ୍ନମାମୁଁ' ଶିଶୁ, କିଶୋର ହୃଦୟରେ ସ୍ୱତନ୍ତ୍ର ଜାଗା ନେଇଥିଲା। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ 'ସବୁଜ ଯୁଗ' ଚେତନାର ଆରମ୍ଭ 'ଯୁଗବୀଣା' ପତ୍ରିକାର ଆଧାରରେ ସୃଷ୍ଟି ହୋଇଥିଲା। ଏହାର ସମ୍ପାଦନା କରିଥିଲେ ହରିହର ମହାପାତ୍ର। ସବୁଜ ଚେତନାକୁ ଭିତ୍ତି କରି ସାହିତ୍ୟ ମାନ ଏହି ପତ୍ରିକାର ପ୍ରକାଶିତ ହୋଇଥିଲା। ଏହାପରେ ନୀଳକଣ୍ଠ ଦାସଙ୍କ ସମ୍ପାଦନାରେ 'ନବଭାରତ' ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସମ୍ପାଦନାରେ 'ଡଗର' ଗୋଦାବରୀଶ ମହାପାତ୍ରଙ୍କ ସମ୍ପାଦନାରେ 'ନିଆଁ ଖୁଣ୍ଟା' ପରି ପ୍ରତିଷ୍ଠିତ ପତ୍ରିକା ମାନ ଓଡ଼ିଆ ସାରସ୍ୱତ ଜଗତକୁ ଅନେକ ମୂଲ୍ୟବାନ ସାରସ୍ୱତ ସୃଷ୍ଟିମାନ ପ୍ରଦାନ କରିଛନ୍ତି। ଏସବୁ ଦୃଷ୍ଟି କୋଣରୁ ଏହି ସମୟରେ ପ୍ରକାଶିତ ହୋଇଥିବା ପତ୍ରିକାମାନଙ୍କ ମଧ୍ୟରେ 'ଝଙ୍କାର' ଏଯାବତ ନିଜସ୍ୱ ଭାବ ଅବୋବଧରେ ଦୀପ୍ତିମୟ।

ଝଙ୍କାର ପତ୍ରିକା ସମ୍ବନ୍ଧରେ 'ଚନ୍ଦ୍ରଶେଖର ମହାପାତ୍ର' ତାଙ୍କ ଓଡ଼ିଶାର 'ପତ୍ର ପତ୍ରିକା' ପୁସ୍ତକରେ କହିଛନ୍ତି- "ସ୍ୱାଧୀନତା ପରେ ଡକ୍ଟର ହରେକୃଷ୍ଣ ମତାବଙ୍କ ଉଦ୍ୟମରେ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ମାସିକ ପତ୍ରିକା 'ଝଙ୍କାର' ପ୍ରକାଶିତ ହେଲା। ଏହା ଏକ ଉଚ୍ଚସ୍ତରର ପତ୍ରିକା ଭାବରେ ୧୯୪୯ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ନିୟମିତ ପ୍ରକାଶିତ ହୋଇ ଆସୁଛି। ଏହା ରାଜ୍ୟର ବୁଦ୍ଧିଜୀବୀ ଓ ପ୍ରତିଷ୍ଠିତ ଲେଖକ ଲେଖିକାମାନଙ୍କ ମଧ୍ୟରେ କ୍ରମେ ଅଧିକରୁ ଅଧିକ ଆଦୃତ ହୋଇଛି। 'ଉତ୍କଳ ପ୍ରଭା' ଜରିଆରେ ଉନବିଂଶ ଶତାବ୍ଦୀରେ ମୟୂରଭଞ୍ଜ ମହାରାଜା ଯେପରି ସାହିତ୍ୟିକ ମାନଙ୍କୁ ଉତ୍ସାହିତ କରିଥିଲେ ଝଙ୍କାରର ବାର୍ଷିକୀ ଉପଲକ୍ଷେ ପ୍ରତିବର୍ଷ ବିଷୁବ ସଂକ୍ରାନ୍ତି ଦିନ ବିଷୁବ ମିଳନରେ ଉତ୍କୃଷ୍ଟ ଲେଖକ ଲେଖିକାମାନଙ୍କୁ ସେହିପରି ଉତ୍ସାହିତ କରାଯାଉଅଛି। ଓଡ଼ିଆ ସାହିତ୍ୟର ବିଭିନ୍ନ ସମସ୍ୟାର ଲେଖକ ଲେଖିକାମାନେ ବିଷୁବ ମିଳନରେ ତତ୍ତ୍ୱିକ ଆଲୋଚନା କରିବାକୁ ସୁଯୋଗ ପାଆନ୍ତି। ଝଙ୍କାର ପତ୍ରିକା ଏହିଭଳି ସାଂସ୍କୃତିକ ଉଦ୍ୟମରେ ଓଡ଼ିଶାର ଲେଖକମାନଙ୍କର ପ୍ରତିନିଧିତ୍ୱ କରିଛି।"

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟ ଜଗତରେ ସର୍ବଶ୍ରେଷ୍ଠ ପତ୍ରିକା ଭାବରେ 'ଝଙ୍କାର' ପରିଗଣିତ। ଏକ ସାହିତ୍ୟିକ ପତ୍ରିକା ଭାବରେ ଏହାର ଦାନ ଅତୁଳନୀୟ। 'ଝଙ୍କାର'ର ପ୍ରକାଶ ପୂର୍ବରୁ ପ୍ରଜାତନ୍ତ୍ର ସାପ୍ତାହିକର ପ୍ରତିଷ୍ଠାତା ହରେକୃଷ୍ଣ ମହତାବଙ୍କ ସାହିତ୍ୟିକ ଚେତନାଟିର ରୂପ ପରିଗ୍ରହ ଲାଭ କରିଥିଲା ସାପ୍ତାହିକ ସାହିତ୍ୟ ପ୍ରତିକା 'ରବିବାର ପ୍ରଜାତନ୍ତ୍ର' ଭାବରେ। ଏହି ସାପ୍ତାହିକ ସାହିତ୍ୟ ପତ୍ରିକାଟିର ଲୋକପ୍ରିୟତା ହିଁ ପଥ ସୁଗମ କରିଥିଲା 'ଝଙ୍କାର ପତ୍ରିକା ପ୍ରକାଶ ନିମିତ୍ତ। ଫଳତଃ ୧୯୪୯ ମସିହା ଏପ୍ରିଲ ମାସରେ ହରେକୃଷ୍ଣ ମହତାବଙ୍କ ଉଦ୍ୟମ ଓ ସମ୍ପାଦନାରେ ପ୍ରକାଶ ପାଇଥିଲା ଓଡ଼ିଶାର ଲୋକପ୍ରିୟ ସାହିତ୍ୟ ପତ୍ରିକା 'ଝଙ୍କାର'। ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଏଯାବତ୍ ସର୍ବଶ୍ରେଷ୍ଠ ଓ ସର୍ବୋତ୍କୃଷ୍ଟ ପତ୍ରିକାମାନଙ୍କ ଚର୍ଚ୍ଚା କଲେ ପ୍ରଥମେ ଆଲୋଚାନର ପରିସରକୁ ଆପେ ଆପେ ଆସିଯାଏ ଅନନ୍ୟ ସାହିତ୍ୟ ପତ୍ରିକା 'ଝଙ୍କାର'। ସାହିତ୍ୟ ପତ୍ରିକାର ଏପରି ଲୋକପ୍ରିୟତାର ମୂଳ କାରଣ ଥିଲା ଡକ୍ଟର ହରେକୃଷ୍ଣ ମହତାବଙ୍କର

ସାହିତ୍ୟ ପ୍ରତି ଅହେତୁକ ଅଭିରୁଚି । ଏହି କାରଣରୁ ଝଙ୍କାର ସୃଷ୍ଟି ହେବା ଦିନଠାରୁ ପତ୍ରିକାରେ ଲେଖା ପ୍ରକାଶନ ପାଇଁ ବୌଦ୍ଧିକତାର ଉନ୍ନତ ଭାବ ଧାରୀ ସମ୍ପାଦନା ମଣ୍ଡଳୀ ଦ୍ୱାରା ଲେଖାର ଗୁରୁତ୍ୱକୁ ନିବିଡ଼ ଅନୁଧ୍ୟାନ କରି ପତ୍ରିକାରେ ପ୍ରକାଶ କରନ୍ତି । ପତ୍ରିକାର ଗୁରୁତ୍ୱ ପୂର୍ଣ୍ଣ ଦିଗଟି ହେଉି ଏଥିରେ ପ୍ରତିଷ୍ଠିତ ଲେଖକମାନଙ୍କ ଗୁରୁତ୍ୱ ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ନୂତନ ଭାବ ବହନ କରୁଥିବା ଲେଖାମାନଙ୍କୁ ଗୁରୁତ୍ୱ ଦିଆଯାଏ । ନୃତତ୍ତ୍ୱର ନୂତନ ତଥ୍ୟ, ଅନାଲୋଚିତ ସାଂସ୍କୃତିକ ଐତିହ, ସାହିତ୍ୟର ନୂତନତତ୍ତ୍ୱ, ଭିନ୍ନ ଭିନ୍ନ ଦୃଷ୍ଟିକୋଣ ଆଧାରର ସାହିତ୍ୟ ମାଲୋଚନା, ଅବଲୁପ୍ତ ଐତିହ୍ୟ, ସଂସ୍କୃତି ପରମ୍ପରାର ଉନ୍ମୋଚନକୁ ପ୍ରାଧାନ୍ୟ ଦେଇ ପ୍ରବନ୍ଧମାନ ପ୍ରକାଶ ପାଇଥାଏ । ବିଭିନ୍ନନ ପରୀକ୍ଷା ମୂଳକ ଗଳ୍ପ,ନାଟକ ତଥା ଆଧୁନିକ କବିତା ଏହି ପତ୍ରିକାରେ ପ୍ରାଧାନ୍ୟ ଲାଭ କରିଥିବାର ପରିଲକ୍ଷିତ ହୋଇଥାଏ । ପତ୍ରିକା ସୃଷ୍ଟି ହେବା ଦିନଠାରୁ ହରେକୃଷ୍ଣ ମହତାବ ଏ ସବୁ ଦିଗ ମାନଙ୍କ ପ୍ରତି ବିଶେଷ ଗୁରୁତ୍ୱ ଦେଉଥିବାରୁ ଏକ ସର୍ବୋତ୍କୃଷ୍ଟ ସମ୍ପାଦନା ମଣ୍ଡଳୀ ନିଯୁକ୍ତ କରି ପତ୍ରିକାର ପ୍ରକାଶନ କରାଉଥିଲେ । ସେ ପତ୍ରିକା ସୃଷ୍ଟି ଦିନଠାରୁ ୧୯୮୭ ମସିହା ପର୍ଯ୍ୟନ୍ତ ମୁଖ୍ୟ ସମ୍ପାଦକ ଭାବରେ ସେ କାର୍ଯ୍ୟ ତୁଲେଇଥିଲେ । ତାଙ୍କ ସମ୍ପାଦନା ମଣ୍ଡଳୀରେ ସ୍ଥାନ ପାଇଥିବା ବିଶିଷ୍ଟ ବ୍ୟକ୍ତିମାନେ ହେଉଛନ୍ତି - ମାୟାଧର ମାନସିଂ, କରୁଣାକର କର, ଚିନ୍ତାମଣୀ ଆଚାର୍ଯ୍ୟ, ସଦାଶିବ ମିଶ୍ର, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଜାନକୀ ବଲ୍ଲଭ ପଟ୍ଟନାୟକ ଆଦି ପ୍ରମୁଖ ବ୍ୟକ୍ତି । ସମ୍ପାଦନା ମଣ୍ଡଳୀର କାର୍ଯ୍ୟ ତୁଲାଇଥିବା ଏହି ବ୍ୟକ୍ତିମାନେ ହେଉଛନ୍ତି ଓଡ଼ିଆ ସାହିତ୍ୟ ଜଗତର ଜଣେ ଜଣେ ପ୍ରମୁଖ ସାରସ୍ୱତ ନାୟକ । ଏହି ବ୍ୟକ୍ତି ମାନଙ୍କର କଲମ ମୁନ ଓଡ଼ିଆ ସାହିତ୍ୟକୁ ଯଶସ୍ୱୀ କରାଇବାରେ ପ୍ରମୁଖ ଭୂମିକା ନେଇଛି । ଫଳତଃ 'ଝଙ୍କାର' ଏହି ମାନଙ୍କର ପ୍ରଯତ୍ନରେ ଉତ୍କୃଷ୍ଟ ସାହିତ୍ୟ ପତ୍ରିକା ଭାବରେ ଉଭା ହୋଇଛି ।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି 'ଝଙ୍କାର' ପ୍ରତିଷ୍ଠା ଓ ପ୍ରକାଶର ପ୍ରଥମ ସଂଖ୍ୟାରୁ ହିଁ ସାହିତ୍ୟିକ ମର୍ଯ୍ୟାଦାରେ ଏହା ଋଦ୍ଧିମନ୍ତ ହେବ ଏହି ପ୍ରଥମ ସଖ୍ୟାରେ ପ୍ରକାଶିତ ଲେଖା ଓ ଲେଖକ ମାନଙ୍କଠାରୁ ହିଁ ଆଭାସ ମିଳିଥିଲା । ମୁଖ୍ୟ ସମ୍ପାଦକଙ୍କ ନାମରେ ପ୍ରଥମ କବିତାଟିର ନାମ ଥିଲା 'ଝଙ୍କାର' । ଏହି 'ଝଙ୍କାର' କବିତାର ସାହିତ୍ୟିକ ଝଙ୍କୃତ ନାଦ ବିମୁଗ୍ଧ କରିଥିଲା ଓଡ଼ିଶାର ସାରସ୍ୱତ ପାଠକମାନଙ୍କର ହୃଦୟତନ୍ତ୍ରୀରେ । ଏହି ପ୍ରଥମ ସଂଖ୍ୟାର ପ୍ରବନ୍ଧଗୁଡ଼ିକ ଥିଲା ନିଜସ୍ୱ ଭାସ୍ୱରରେ ଦୀପ୍ତିମୟ । ମହତାବଙ୍କର "ଅନ୍ନ ସଙ୍କଟ" ଗୋଲକ ବିହାରୀ ଧଳଙ୍କ "ଆଧୁନିକତା", ରାଜ କିଶୋର ରାୟଙ୍କ "ଉପନ୍ୟାସ ବିଚାର ଧାରା", ଗୌରୀ କୁମାର ବ୍ରହ୍ମାଙ୍କ "ଋକ୍ ବେଦର କାଳ ନିରୁପଣ", ସଦାଶିବ ରଥ ଶର୍ମାଙ୍କ "ଉତ୍କଳୀୟ ନାଥ ସମ୍ପ୍ରଦାୟ", ସୂର୍ଯ୍ୟକାନ୍ତ ଦାସଙ୍କ "କ୍ରେମଲିନ୍‌ରେ ପ୍ରତିଧ୍ୱନୀ", ଗଗନ ବିହାରୀ ମହାନ୍ତିଙ୍କ "ଗାନ୍ଧିବାଦ ଓ ତାର ଜୀବନ", ରାଧାରମଣ ପଣ୍ଡାଙ୍କ "ଚିଲିକାର ବିଭବ", ନନ୍ଦକିଶୋର ଦାସଙ୍କ "ଟି.,ସ୍. ଇଲିଅଟ୍", ଜୟକୃଷ୍ଣ ମିଶ୍ରଙ୍କ "ତପସ୍ୱିନୀ କାବ୍ୟରେ ପ୍ରକୃତି", ସର୍ବେଶ୍ୱର ଦାସଙ୍କ "ସାହିତ୍ୟ ଓ ପରମ୍ପରା", ଚିନ୍ତାମଣୀ ଆଚାର୍ଯ୍ୟଙ୍କ "ଭାରତୀୟ ଶିକ୍ଷା", ବୃନ୍ଦାବନ ଚନ୍ଦ୍ର ମହାପାତ୍ରଙ୍କ "ଭାରତରେ ବୈଧାନିକ ବିବର୍ତ୍ତନ", ଗୋପାଳ ଚନ୍ଦ୍ର ପଟ୍ଟନାୟକଙ୍କ "ବ୍ୟାଧି ଓ ତାର ପ୍ରତିରୋଧ" ପ୍ରଭୃତି ପ୍ରବନ୍ଧମାନ ପ୍ରକାଶିତ ହୋଇ ଏକ ସାହିତ୍ୟିକ ବିପ୍ଳବର ସୂଚନା ପ୍ରଦାନ କରିଥିଲା ।

ଓଡ଼ିଆ ପତ୍ରିକା ଜଗତରେ 'ଝଙ୍କାର'ର ଆବିର୍ଭାବ ଥିଲା ଆକସ୍ମିକ । ଏକଥା ସମ୍ପାଦକ ନିଜେ ୧୯୫୧ ମସିହାର ବିଷୁବ ମିଳନ ଅଭିଭାଷଣରେ ବ୍ୟକ୍ତ କରିଥିଲେ । କାରଣ କେତେକ ସଂଖ୍ୟାରେ ପ୍ରଜାତନ୍ତ୍ର ଓ କେତେକ ପୃଷ୍ଠାରେ 'ଝଙ୍କାର' ବୋଲି ମୁଦ୍ରିତ ହୋଇଥିଲା ପୁଣି ଏହାର ଆକାର ଗତ ଅସ୍ୱାଭାବିକତାର ପ୍ରମାଣ ହେଉଛି ପ୍ରକାଶନରେ ପୂର୍ବ ପ୍ରସ୍ତୁତିର ଅଭାବ । ତେଣୁ ଏହି ଅଭାବ ବୋଧକୁ ଜ୍ଞାତ ଥିଲେ ହେଁ ସମ୍ପାଦକର ମତ ଥିଲା ଓଡ଼ିଆ ସାହିତ୍ୟର ବିକାଶରେ 'ରବିବାରର ପ୍ରଜାତନ୍ତ୍ର' ଯେଉଁ ସ୍ଥାପତ୍ୟ ଗଠନ କରିଛି ତାର ଶିଖର ସ୍ଥାପନା କରିବା । ତେଣୁ ପୂର୍ବାପର ବିଚାର ନ କରି ଏ କ୍ଷେତ୍ରରେ ଅଗ୍ରସର ହେବା ପାଇଁ ଅପ୍ରସ୍ତୁତ ଭାବରେ ପଶିବାକୁ ହୋଇଛି । ସ୍ୱାଧୀନତା ପରେ ପରେ ସାମାଜିକ, ସାଂସ୍କୃତି ତଥା ସାହିତ୍ୟିକ ଆଭିମୁଖ୍ୟ ନେଇ ପତ୍ରିକାଟିର ଜନ୍ମ ହୋଇଥିବାରୁ ଏହାର ଆଦର ଉତ୍କଳୀୟ ଜନ ମାନସରେ ସ୍ୱତଃ ସୃଷ୍ଟି ହୋଇଛି ।

ଝଙ୍କାର ପତ୍ରିକା ସବୁବେଳେ ବୈଜ୍ଞାନିକ ଅନୁଶୀଳନ ଆଧାରିତ ତଥା ପରୀକ୍ଷାମୂଳକ ନୂତନ ଭାବ ଚେତନାର ଲେଖକାକୁ ତା'ର ପୃଷ୍ଠାରେ ସ୍ୱତନ୍ତ୍ର ଜାଗା ଦେଇଛି । ଏଥି ସହିତ ଓଡ଼ିଆ କବିତାରେ ଆତ୍ମୀକ ଭାବ ପରିବର୍ତ୍ତନ ତଥା ରୂପ ପରିବର୍ତ୍ତନର ମର୍ମକୁ ବୁଝି ଦୁର୍ବୋଧ, କ୍ଲିଷ୍ଟ, ଉଦ୍ଭଟ ଚେତନାର କବିତାମାନଙ୍କୁ ପ୍ରକାଶିତ କରି ପାଶ୍ଚାତ୍ୟ ଚେତନାର ଭାବଧାରାକୁ ଲୋକ ଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ନେଇଛି । 'ଝଙ୍କାର' ପୃଷ୍ଠାରେ ଏହି ଭାବ ଆଧାରିତ କବିତା ଲେଖି ଓଡ଼ିଆ ପାଠକଙ୍କ ନିକଟରେ ସ୍ୱତନ୍ତ୍ର ସମ୍ମାନ ପାଇଥିବା ପ୍ରମୁଖ କବି ମାନେ ହେଉଛନ୍ତି - ପଦ୍ମଶ୍ରୀ ସଚ୍ଚିରାଉତ ରାୟ, ଗୁରୁ ପ୍ରସାଦ ମହାନ୍ତି, ସୀତାକାନ୍ତ ମହାପାତ୍ର,ରମାକାନ୍ତ ରଥ, ରାଜେନ୍ଦ୍ର କିଶୋର ପଣ୍ଡା, ସୌଭାଗ୍ୟ ମିଶ୍ର, ଚିନ୍ତାମଣୀ ବେହେରା, ବ୍ରହ୍ମୋତ୍ରୀ ମହାନ୍ତି, ବ୍ରଜନାଥ ରଥ, ରବିସିଂ, ବିଭୁଦତ୍ତ ମିଶ୍ର,ଦୀପକ ମିଶ୍ର, ସୌରିନ୍ଦ୍ର ବାରିକ, ବନଜ ଦେବୀ, ଶରତ ଚନ୍ଦ୍ର ପ୍ରଧାନ, ହରିହର ମିଶ୍ର, ଭଗବାନ ଜୟସିଂ, ପ୍ରତିଭା ଶତପଥି, ଅମରେଶ ପଟ୍ଟନାୟକ, ନିତ୍ୟାନନ୍ଦ ନାୟକ, ଗିରିଜା ନାୟକ, ଗିରିଜା କୁମାର ବଳିୟାରସିଂ, ମନୋରମା ମହାପାତ୍ର, ସେନାପତି ପ୍ରଦ୍ୟୁମ୍ନ କେଶରୀ, ହୁସେନ ରବି ଗାନ୍ଧୀ, ଅଜୟ ସ୍ୱାଇଁ, ଚିରୋଶ୍ରୀ ଇନ୍ଦ୍ରସିଂ, ସରୋଜିନୀ ମିଶ୍ର,

ହୃଶିକେଶ ମଲ୍ଲିକ ତଥା ଗୀତ କବି ଭାବରେ ସତ୍ୟ ପଟ୍ଟନାୟକ, ବୃନ୍ଦାବନ ଜେନା, ସ୍ୱୟମ୍ବରା ପଟ୍ଟନାୟକ, ଗୀତା ମିଶ୍ର ପ୍ରଭୃତି ସ୍ୱାଧୀନତା ପ୍ରାପ୍ତିପର ଓଡ଼ିଆ ସାହିତ୍ୟର ପ୍ରତିଷ୍ଠିତ କବିମାନେ।

ଝଙ୍କାର ପ୍ରକାଶ ପାଇବାର ପ୍ରଥମ ସଂଖ୍ୟା ହିଁ ଦର୍ଶାଇଥିଲ ଯେ ସାହିତ୍ୟ ଆଲୋଚନା କ୍ଷେତ୍ରରେ ବା ପ୍ରବନ୍ଧ ତଥା ସମାଲୋଚନା ସାହିତ୍ୟରେ ଏହା ଦିନେ ଓଡ଼ିଆ ପତ୍ରିକାରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହେବ। ତାର ଏହି ପ୍ରବନ୍ଧ ପ୍ରକାଶନର ସ୍ୱଚ୍ଛତା ଧାରା ଏଯାବତ ବଜାଇ ରଖିଥିବାରୁ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ 'ଝଙ୍କାର'ରେ ପ୍ରକାଶିତ ପ୍ରବନ୍ଧକୁ ବିଶେଷଜ୍ଞ କମିଟି ଗୁରୁତ୍ୱ ଦେଇଥାଏ। ତେଣୁ ଝଙ୍କାରରେ ପ୍ରବନ୍ଧଟିଏ ପ୍ରକାଶ କରିବା ପାଇଁ ପ୍ରାବନ୍ଧିକ ମାନଙ୍କ ମଧରେ ଅନ୍ତର୍ନିହିତ ପ୍ରତିଯୋଗିତାଟିଏ ଚାଲିଥାଏ ବୋଲି ମନେ ହୁଏ। ବର୍ତ୍ତମାନ ପ୍ରକାଶିତ ଅନେକ ପତ୍ରିକାରେ ଯଦିଓ ଅନେକ ସାହିତ୍ୟିକ ମାନଙ୍କର ପ୍ରବନ୍ଧ ପ୍ରକାଶିତ ହେଉଛି ତଥାପି 'ଝଙ୍କାର' ରେ ପ୍ରବନ୍ଧଟିଏ ପ୍ରକାଶିତ ନ ହୋଇଥିଲେ ପ୍ରାବନ୍ଧିକ ଭାବରେ ନିଜକୁ ପରିଚୟ ଦେବାରେ ଆପେ ଆପେ ସଂକୁଚିତ ବୋଧ କରୁଛି। 'ଝଙ୍କାର' ପତ୍ରିକାର ଏହି ବିଶେଷ ଗୁଣ ଟି ପାଇଁ ଏହା ସାହିତ୍ୟ ଆଲୋଚନା ପତ୍ରିକା ଭାବରେ ଉତ୍କଳୀୟ ପାଠକ ନିକଟରେ ବେଶ ଆଦୃତ ଓ ସ୍ୱତନ୍ତ୍ର। 'ଝଙ୍କାର' ପତ୍ରିକାରେ ପ୍ରବନ୍ଧ ପ୍ରକାଶ ପାଇଥିବା ଓ ଓଡ଼ିଆ ସାହିତ୍ୟରେ ପ୍ରାବନ୍ଧିକ ଭାବରେ ବିଶେଷ ପ୍ରତିଷ୍ଠା ପାଇଥିବା ପ୍ରାବନ୍ଧିକ ମାନେ ହେଉଛନ୍ତି- ଗଙ୍ଗାଧର ବଳ, ନଟବର ଶତପଥି, ବିଚିତ୍ରାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ପ୍ରଧାନ, ବାସୁଦେବ ସାହୁ, ଧନେଶ୍ୱର ସାହୁ, ନଗେନ୍ଦ୍ର ନାଥ ଦାସ, ସଚ୍ଚିଦାନନ୍ଦ ମିଶ୍ର, ମନୋରଂଜନ ପ୍ରଧାନ, ଦାଶରଥି ଦାସ, ହେମନ୍ତ କୁମାର ଦାସ, ଉମେଶ ପତ୍ରୀ, କୁମୁଦ ରଞ୍ଜନ ପାଣିଗ୍ରାହୀ, ଶୈଳଜରବି ତଥା ଏମିତି ଆହୁରି ଅନେକ।

କଥା ସାହିତ୍ୟ ପ୍ରକାଶନରେ ମଧ୍ୟ 'ଝଙ୍କାର' ଏକ ଅଗ୍ରଣୀ ପତ୍ରିକା। ଅନେକ ପ୍ରତିଷ୍ଠିତ ଗାଳ୍ପିକଙ୍କୁ ଏହି ପତ୍ରିକା ତା'ର ସ୍ୱର୍ଣ୍ଣ ପୃଷ୍ଠାରେ କଥା ସାହିତ୍ୟ ସ୍ୱାକ୍ଷର ପାଇଁ ସ୍ଥାନ ଦେଇଛି। ଅନେକ ଗାଳ୍ପିକ ଏହି ପତ୍ରିକା ଦ୍ୱାରା ନିଜର ପରିଚୟ ସୃଷ୍ଟି କରିଛନ୍ତି। 'ଝଙ୍କାର' ପୃଷ୍ଠାର ଯେଉଁ ଗାଳ୍ପିକମାନଙ୍କର ଗଳ୍ପ ପ୍ରକାଶିତ ହୋଇ ଜନମାନସରେ ଆଦୃତ ହୋଇଛି ସେମାନେ ହେଉଛନ୍ତି – କିଶୋରୀ ଚରଣ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ, ରାମଚନ୍ଦ୍ର ବେହେରା, ବିଭୁତି ପଟ୍ଟନାୟକ, ବୀଣାପାଣି ମହାନ୍ତି, ପଦ୍ମଜ ପାଲ, ପ୍ରତିଭା ରାୟ, ଅଧ୍ୟାପକ ବିଶ୍ୱରଂଜନ,ଗୌର ପଟ୍ଟନାୟକ, କନିଷ୍ଠ, ବିଜୟ କୃଷ୍ଣ ମହାନ୍ତି, ସୁଲୋଚନା ଦାସ, ସରୋଜିନୀ ସାହୁ, ହୃଷିକେଶ ପଣ୍ଡା, ରତ୍ନାକର ଚଇନୀ, ବିଷ୍ଣୁ ସାହୁ, ସୁସ୍ମିତା ବାଗଚୀ, ଶିରିଶ ସାହୁ, ଦିପ୍ତି ପଟ୍ଟନାୟକ ପ୍ରଭୃତି ଅନେକ କଥା ସାହିତ୍ୟିକ।

ଅଧୁନା ଓଡ଼ିଆ ସାହିତ୍ୟ ଜଗତରେ ବିଭିନ୍ନ ପତ୍ରପତ୍ରିକାରେ ଆବିର୍ଭାବ ସରସ୍ୱତ ସମ୍ପଦକୁ ପରିବୃଦ୍ଧି କରିଥିଲେ ହେଁ 'ଝଙ୍କାର' ଯେଉଁ ଅଗ୍ରଣୀ ଭୂମିକାନେଇ ଲେଖା ଲେଖକଙ୍କୁ ମର୍ଯ୍ୟାଦା ଦେବାର କ୍ରିୟାଶୀଳତା ରଖିଛି ଅନ୍ୟାନ୍ୟ ପତ୍ରପତ୍ରିକା ସେହି ଭୂମିକା ପ୍ରଦର୍ଶିତ କରିବାରେ ଟିକେ ପଛରେ ରହିଯାଇଛି। ଅନେକ ପତ୍ରିକା ଯଥା: କୋଣାର୍କ, ଇସ୍ତାହାର, ଗୋକର୍ଣ୍ଣିକା, କାଦମ୍ବିନୀ, କାବ୍ୟଲୋକ, ଅଗ୍ନିରୂପା, ସତ୍ୟବାଦୀ ଲେଖା ଓ ଲେଖକ ମାନଙ୍କୁ ମର୍ଯ୍ୟାଦା ଦେବାରେ କ୍ରିୟାଶୀଳତା ରଖିଛନ୍ତି। ମାତ୍ର ଝଙ୍କାର ସୃଷ୍ଟି ଦେବା ଦିନଠାରୁ ତାର ଲେଖା ପ୍ରକାଶନରେ ଲେଖା ନିର୍ବାଚନର ଯେଉଁ ପ୍ରକ୍ରିୟା ରଖିଛି ତାହା ଅନେକ ପତ୍ରିକାରେ ପରିଦୃଷ୍ଟ ହେଉନାହିଁ। ଯେମିତିକି କୌଣସି ପ୍ରବନ୍ଧ ଯଦି ପୂର୍ବରୁ ପ୍ରକାଶିତ ନ ହୋଇଛି ତା' ହେଲେ ସେହି ଲେଖକଙ୍କର ପ୍ରବନ୍ଧ ପୂଜା ସଂଖ୍ୟାରେ ପ୍ରକାଶିତ ହୁଏନାହିଁ। ଲେଖମାନେ ମଧ୍ୟ 'ଝଙ୍କା'ର ଏହି ବ୍ୟବସ୍ଥାକୁ ସାଦରେ ଗ୍ରହଣ କରନ୍ତି ଏବଂ ଯେକୌଣସି ଲେଖା ଟିଏପ୍ରକାଶିତ ହେଲେ ନିଜେ ସେହି ବିଭାଗର ସାହିତ୍ୟିକ ମର୍ଯ୍ୟାଦା ପ୍ରାପ୍ତିର ଆତ୍ମ ସନ୍ତୋଷ ଗ୍ରହଣ କରନ୍ତି। ଝଙ୍କାର ତାର ଏହି ମୌଳିକତା ବଜାୟୀ ରଖିଥିବାର ପ୍ରମୁଖ ନିଅନ୍ତି ସମ୍ପାଦନା ମଣ୍ଡଳୀ। ବିଭିନ୍ନ ସମୟରେ ଏହି ସମ୍ପାଦନା ମଣ୍ଡଳୀ କାର୍ଯ୍ୟ କରିଥିବା ପ୍ରମୁଖ ବ୍ୟକ୍ତିମାନେ ହେଉଛନ୍ତି – ଭର୍ତ୍ତୃହରି ମହତାବ, ସରୋଜ ରଞ୍ଜନ ମହାନ୍ତି, ବ୍ରଜକିଶୋର ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ଜଷ୍ଟିସ ହରିହର ମିଶ୍ର, ମହେଶ୍ୱେତା ମହତାବ, ଜେମାମଣୀ ନରେନ୍ଦ୍ର କୁମାର, ତରୁଣ କୁମାର ସାହୁ ତଥା ବାବାଜୀ ଚରଣ ପଟ୍ଟନାୟକଙ୍କର ପରି ସାହିତ୍ୟିକ ମାନେ। ତେଣୁ 'ଝଙ୍କାର' ର ଏହି ସାରସ୍ୱତ ଧାରା ସାହିତ୍ୟିକ ଯୁଗଯୁଗାନ୍ତର ପର୍ଯ୍ୟାନ୍ତ ବ୍ୟାପିଯିବ ଏହା ନିଃସନ୍ଦେହ।

**ସହାୟକ ଗ୍ରନ୍ଥ**

୧. ଓଡ଼ିଆ ସାହିତ୍ୟର ଇତିହାସ – ପ୍ରଫେସର ବାଉରୀ ବନ୍ଧୁ କର – ୨୦୧୮ ସପ୍ତମ ସଂସ୍କରଣ

୨. ଓଡ଼ିଶାର ପତ୍ର ପତ୍ରିକା – ଚନ୍ଦ୍ରଶେଖର ମହାପାତ୍ର – ୧୯୮୪ ଦ୍ୱିତୀୟ ସଂସ୍କରଣ

୩. ଓଡ଼ିଆ ସାହିତ୍ୟିକ ଇତିହାସ – ଡ. ମାୟାଧର ମାନସିଂ

୪. ଝଙ୍କାର ପୂଜା ସଂଖ୍ୟା – ଅକ୍ଟୋବର ୨୦୦୦

୫. ଝଙ୍କାର ପୂଜା ସଂଖ୍ୟା – ଅକ୍ଟୋବର ୨୦୦୫

❖❖❖

# ସାରଳା ମହାଭାରତରେ ରୂପାନ୍ତରଣ ପଦ୍ଧତି

ISSN-2583-6978
Volume- 4
Issue-12
NOVEMBER-2024

**ପ୍ରତୀଚୀ ନନ୍ଦ**

**ବିଶ୍ୱଭାରତୀ, ଶାନ୍ତିନିକେତନ**
**ମୋ.-୭୦୬୪୫୧୫୭୯୪**

ସାରଳା ଦାସଙ୍କ କୃତ ମହାଭାରତ ଓଡ଼ିଆ ସାହିତ୍ୟର ଏକ ଅନବଦ୍ୟ ମହାକୃତି। ଯାହା ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକଙ୍କୁ ପ୍ରଭାବିତ କରୁଥିବ ଚିରକାଳ। ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ( ୧୪୩୫-୧୪୬୯ )ଙ୍କ ଶାସନ କାଳରେ ଏହି ମହାଗ୍ରନ୍ଥ ରଚିତ ହୋଇଥିଲେହେଁ ସାରଳା ଦାସଙ୍କ ବିଦ୍‌ବତ୍ତା, ପ୍ରଚଣ୍ଡ ଧୀଶକ୍ତି ଏବଂ ଗଭୀର ଅନୁଭୂତି ତାଙ୍କ ରଚନାକୁ କରିଛି କାଳଜୟୀ। ସଂସ୍କୃତ ମହାଭାରତର ଛାୟାରେ ରଚିତ ହେଲେହେଁ ସାରଳା ଦାସଙ୍କ ମୌଳିକତା ଓ ବହୁଶାସ୍ତ୍ରଦର୍ଶୀତା ପାରିପାର୍ଶ୍ୱିକ ଭାଷାରେ ରଚିତ ଅନ୍ୟାନ୍ୟ ମହାଭାରତ ତଥା ସଂସ୍କୃତ ମହାଭାରତଠାରୁ ମଧ୍ୟ ଶ୍ରେଷ୍ଠତମ ଆସନର ଅଧିକାରୀ ହୋଇପାରିଛି। ନିଜକୁ ମୂର୍ଖ ଅପଣ୍ଡିତ ବୋଲି ବାରମ୍ବାର ପରିଚୟ କରାଇ ଝଙ୍କଡ଼ ବାସିନୀ ମା' ଶାରଳାଙ୍କ କୃପାଦୃଷ୍ଟି ହେତୁ ରଚନା ସ୍ଫୁରିଛି ବୋଲି କହୁଥିଲେ ମଧ୍ୟ ସ୍ୱ ଅଭିଜ୍ଞତା, ବୃହଶାସ୍ତ୍ର ସମ୍ବନ୍ଧୀୟ ଜ୍ଞାନ, ଭୌଗୋଳିକ ଅବସ୍ଥିତିର ସୂଚନା ଓ ତୀକ୍ଷ୍ଣ ଦୂରଦୃଷ୍ଟି ନ ଥିଲେ ଏପରି ଉପାଦେୟ ବିଶାଳ ମହାଗ୍ରନ୍ଥ ରଚନା କରିବା ସମ୍ଭବ ନୁହେଁ। ତାଙ୍କର ଆଲୋଚନା, ବର୍ଣ୍ଣନାବିଳାଶ, ଉପାଖ୍ୟାନ ଗୁମ୍ଫନରେ ଚମତ୍କାରିତା ହିଁ ତାଙ୍କ ପାଣ୍ଡିତ୍ୟର ପରିଚାୟକ। ରେନେସାଁ ଆସିବାର ଅନେକ ଶତାବ୍ଦୀ ପୂର୍ବରୁ ସାରଳା ଦାସ ମହାଭାରତ ରଚନା କରିଥିଲେ ହେଁ ରେନେସାଁ ପରବର୍ତ୍ତୀ କାଳୀନ ଚିନ୍ତା-ଚେତନା ତଥା ଉପାଦାନର ଆଦ୍ୟସ୍ଥିତି ଦେଖିବାକୁ ମିଳିଥିଲା। ରେନେସାଁ ଫଳରେ ଦେଖା ଦେଇଥିବା ପରିବର୍ତ୍ତନ ଓ ନାନା ପାଶ୍ଚାତ୍ୟ ବାଦବିବାଦର ମଧ୍ୟ ଆଲୋଚନା ସାରଳା ମହାଭାରତର ପୃଷ୍ଠପଟ୍ଟରେ କରାଯାଇ ପାରୁଛି। ସଚେତନ ଭାବରେ ସାରଳା ଦାସ ଏସବୁ ଦୃଷ୍ଟିରେ ରଖି ରଚନା କରିଥିଲେ କି ନା ଜଣା ନାହିଁ। ମାତ୍ର ପ୍ରାଚ୍ୟ-ପାଶ୍ଚାତ୍ୟ , ପ୍ରାଚୀନ-ଆଧୁନିକ ସବୁ ଧରଣର ସବୁ କାଳର ଚେତନା ସାରଳା ଦାସଙ୍କ ମହାଭାରତରେ ଉପଲବ୍ଧି କରି ହୁଏ। ତାଙ୍କର କ୍ଷୀପ୍ର କଳ୍ପନା ପ୍ରବଣତା ହେତୁ ଲୌକିକ, ଅଲୌକିକ, ବିଚିତ୍ର, ବାସ୍ତବ ସମସ୍ତ ପ୍ରକାର ଉପାଦାନର ସମିଶ୍ରଣରେ ଏକ ଶ୍ରେଷ୍ଠ ଉଦ୍ଭାବନରେ ପରିଣତ ହୋଇଛି ସାରଳା ମହାଭାରତ। ସାରଳା ମହାଭାରତ ଏକ ବିଶାଳ ରଚନା। ଅନେକ ଆଖ୍ୟାନ, ଅନେକ ଚରିତ୍ର ଥିବାରୁ ଏହାକୁ ଚରିତ୍ରର ଚିତ୍ରଶାଳା ବୋଲି କୁହାଯାଏ। ଏଥିରେ କେତେକ ଚରିତ୍ର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଗୁଣ, ଧର୍ମ, ଚେତନା, ଶାରୀରିକ ସୌଷ୍ଠବରେ ଅପରିବର୍ତ୍ତିତ ରହି ସମାନ୍ତରାଳ ଭାବରେ ଗତି କରୁଥିବା ବେଳେ ଅନ୍ୟ କେତେକ ଚରିତ୍ର ଅସ୍ୱଭାବିକ ପରିବର୍ତ୍ତନର ଶୀକାର ହୁଅନ୍ତି। ସେମାନଙ୍କର ଶାରୀରିକ, ମାନସିକ, ବାତାବରଣିକ ପରିବର୍ତ୍ତନ ହୋଇଥାଏ। ଏହି ପରିବର୍ତ୍ତନର ପଶ୍ଚାତପଟ୍ଟରେ ଉଦ୍ଦେଶ୍ୟ ଓ କାହାଣୀ ତଥା କାରଣ ରହିଥାଏ। ତାହା କୌଣସି ଦେବ-ଦେବୀ ବା ମୁନୀ-ଋଷିଙ୍କ ଅଭିଶାପ ବା ଆଶିର୍ବାଦ ହୋଇପାରେ ବା ପୂର୍ବ ଜନ୍ମ, ଇହ ଜନ୍ମର କର୍ମଫଳ ହୋଇପାରେ। ଏହି ରୂପାନ୍ତରଣ ପଦ୍ଧତି ସାରଳା ମହାଭାରତରେ ଅନେକତ୍ର ଦେଖିବାକୁ ମିଳେ। ଯେପରି- ଋଷି ପରାଶରଙ୍କ ଆଶୀର୍ବାଦରୁ କୈବର୍ତ୍ତ କନ୍ୟା ମତ୍ସ୍ୟଗନ୍ଧା ରୂପାନ୍ତରୀତ ହୋଇଛି ଯୋଜନଗନ୍ଧାରେ। ତଥା ଆଶୀର୍ବାଦ ହେତୁ ବାଳୁତରୁ ରଜବତି ହୋଇଛି। ହୋଇପାରିଛି ବ୍ୟାସଦେବଙ୍କର ଜନନୀ। ନାମ ମଧ୍ୟ ଯୋଜନଗନ୍ଧାରୁ ସତ୍ୟବତୀ ନାମରେ ପରିବର୍ତ୍ତିତ ହୋଇଯାଇଛି। ଏହିପରି ଅନେକ ରୂପାନ୍ତରିତ ଚରିତ୍ର ଥିଲେହେଁ , ଉକ୍ତ ପ୍ରବନ୍ଧଟି ଦୁଇଗୋଟି ରୂପାନ୍ତରିତ ଚରିତ ଶ୍ରୀଖଣ୍ଡୀ ଏବଂ ବୃହନଳାକୁ ନେଇ ଆଲୋକପାତ କରାଯାଇଛି।

ରୂପାନ୍ତରଣ ପଦ୍ଧତି-

ସୃଷ୍ଟିର ଧର୍ମ ହେଉଛି ପରିବର୍ତ୍ତନଶୀଳତା। ଯାହା ଅବିରତ ଚାଲିଥାଏ। କିନ୍ତୁ ସାରଳା ମହାଭାରତରେ ଏହିପରି କିଛି ଆଚମ୍ବିତ ଘଟଣା ଘଟିଛି ଯାହା ପରିବର୍ତ୍ତନ ନୁହେଁ, ବରଂ ପରିବର୍ତ୍ତନର ଟିକେ

ଊର୍ଦ୍ଧ୍ୱରେ। ଯାହାକୁ ଆମେ ରୂପାନ୍ତରଣ ଭାବେ ଅଭିହିତ କରିଥାଉ। ଯାହା ଗୋଟିଏ ବ୍ୟକ୍ତି ସତ୍ତାକୁ ଭିନ୍ନ ଓ ନିଆରା କରିଦିଏ। ଭଲ ହେଉ ଅବା ମନ୍ଦ, ବ୍ୟକ୍ତିର ମୌଳିକତାରେ ପରିବର୍ତ୍ତନ ଆଣେ। ଯାହା ବେଶ୍ ଲକ୍ଷଣୀୟ। ଏହି ରୂପାନ୍ତରଣ ଶାରୀରିକ ଓ ଭାବ ସ୍ତରୀୟ ହୋଇପାରେ। ପ୍ରତ୍ୟେକ ଆଖ୍ୟାନରେ ଘଟୁଥିବା କାହାଣୀ ଓ ଘଟଣା ଘଟାଉଥିବା ଚରିତ୍ର ଭିତରେ ରହିଛି ଗୋଟିଏ ଗୋଟିଏ ଖୋପ ବା ଶୂନ୍ୟ ସ୍ଥାନ। ସେହି ଖୋପ ସୃଷ୍ଟି ହୁଏ କୃତ କର୍ମ ଓ ତତ୍‌ଜନିତ ଫଳରୁ। ପୁନଶ୍ଚ ଖୋପର ପୂର୍ତ୍ତି ମଧ୍ୟ କର୍ମ ଓ କର୍ମ ଫଳ ଆଧାରିତ। ସଂସାରର ନିୟନ୍ତା ଓ ପରିତ୍ରାଣ କର୍ତ୍ତା ସର୍ବଶକ୍ତିମାନ ଭଗବାନ ହୋଇଥିବାରୁ ଏ ସମସ୍ତ କର୍ମ ଓ ଫଳ ପୂର୍ବ ନିର୍ଦ୍ଧାରିତ। ଯାହାର ଅନ୍ତରାଳେ ରହିଛି ଏକ ମହତ ଉଦ୍ଦେଶ୍ୟ ସାଧନର ଲକ୍ଷ୍ୟ। ସେହି ଉଦ୍ଦେଶ୍ୟ ପୂର୍ତ୍ତିର ଅନେକ ମାଧ୍ୟମ ମଧ୍ୟରୁ ରୂପାନ୍ତରଣ ପଦ୍ଧତି ଅନ୍ୟତମ।

ପରିବର୍ତ୍ତନ ଓ ରୂପାନ୍ତରଣ ଶବ୍ଦଦ୍ୱୟ ସମପର୍ଯ୍ୟାୟବାଚୀ ହେଲେହେଁ ସାମାନ୍ୟ କ୍ଷେତ୍ରରେ 'ପରିବର୍ତ୍ତନ' ଶବ୍ଦର ବ୍ୟବହାର କରାଯାଇଥାଏ। ମାତ୍ର ଅସମ୍ଭବ ବା ଅକଳ୍ପନୀୟ ପରିବର୍ତ୍ତନ ଘଟିଲେ ତାହାକୁ 'ରୂପାନ୍ତରଣ' କୁହାଯାଏ। ଯାହାକି ମୂଳ ଭିତ୍ତିଠାରୁ ଭିନ୍ନ। ଏହି ରୂପାନ୍ତରଣରୁ ଜନ୍ମ ନେଇଛି ଶ୍ରୀଖଣ୍ଡୀ। ପୁଣି ନପୁଂସକ ଶ୍ରୀଖଣ୍ଡୀ ଲାଭ କରିଛି ପୁରୁଷତ୍ୱ। ଏହି ରୂପାନ୍ତରଣର ଫଳଶ୍ରୁତି ବିଶ୍ୱବିଜୟୀ ଯୋଦ୍ଧା, କ୍ଷେତ୍ରୀୟ ପ୍ରବୀର ଅର୍ଜ୍ଜୁନ ପରିଣତ ହୋଇଛି କିନ୍ନରରେ। ପ୍ରକାଶ ପାଇଛି ନାରୀ ସୁଲଭ ଲକ୍ଷଣ। ସୃଷ୍ଟି ହୋଇଛି ବୃହନ୍ନରୀ ବା ବୃହନ୍ନଳା ଚରିତ୍ର। ଏହି ପରିବର୍ତ୍ତନ ମୁଖ୍ୟତଃ ଦୁଇଟି କ୍ଷେତ୍ରରେ ସଂଗଠିତ ହୋଇଥାଏ। ଯଥା- ଶାରୀରିକ ଓ ଭାବସ୍ତରୀୟ।

ଶାରୀରିକ ରୂପାନ୍ତରଣ-

ରୂପାନ୍ତରଣ ବାହ୍ୟ ଅଙ୍ଗ ସୌଷ୍ଠବ, ବେଶପୋଷାକରେ ପରିଲକ୍ଷିତ ହେଲେ ତାହାକୁ ଶାରୀରିକ ରୂପାନ୍ତରଣ କୁହାଯାଏ। ସାରଳା ଦାସ ସ୍ମୃତ ମହାଭାରତସ୍ଥ ଶ୍ରୀଖଣ୍ଡୀ ଓ ବୃହନ୍ନଳାର ରୂପାନ୍ତରଣରେ ଏହି ଶାରୀରିକ ଅଙ୍ଗ ଅବୟବର ପୂପାନ୍ତରଣ ମୁଖ୍ୟତଃ ଲକ୍ଷଣୀୟ। ପଦ୍ମଦଳ ଦେଶର ନୃପତି ପଦ୍ମନାଭଙ୍କ କନ୍ୟା ଅମ୍ବା, ଅମ୍ବିକା, ଅମ୍ବାଳିକା, ଅମ୍ବବତୀ ମଧ୍ୟରୁ ଜ୍ୟେଷ୍ଠ କନ୍ୟା ଅମ୍ବା ଭୀଷ୍ମଙ୍କୁ ବିବାହ କରିବା ପାଇଁ ବରଣ କରିଥିଲା। ମାତ୍ର ପିତା ଶାନ୍ତନୁଙ୍କୁ ଗଙ୍ଗାଠାରୁ ପ୍ରାପ୍ତ ଅଭିଶାପରୁ ନିସ୍ତରିବା ପାଇଁ ଭୀଷ୍ମ ନାରୀ ବର୍ଜନର ପ୍ରତିଜ୍ଞା କରିଥିଲେ। ଅମ୍ବାକୁ ବରଣ କରି ମଧ୍ୟ ବିବାହ ନକରି ଅନେକ ଭର୍ତ୍ସନା ଓ ହତାଦର କରିଥିଲେ। ଫଳରେ ସେ ପର୍ଶୁରାମ ଓ ମାଧବଙ୍କୁ ସାକ୍ଷୀ ରଖି ଭୀଷ୍ମଙ୍କ ନାଶର କାରଣ ହେବା ନିମିତ୍ତ ପ୍ରୟାଗରେ ଝାସ ଦଇଥିଲା। ତାର ପରବର୍ତ୍ତୀ ଜନ୍ମରେ ସେ ହୋଇଛି ଶ୍ରୀଖଣ୍ଡୀ। ଦ୍ରୁପଦ ରାଜାର ସନ୍ତାନଯଜ୍ଞ ହେତୁ ଶ୍ରୀଖଣ୍ଡୀର ଜନ୍ମ। ବିଶ୍ୱମୋହିନୀ ସୁନ୍ଦରୀ ଅମ୍ବା ରୂପାନ୍ତରୀତ ହୋଇଛି କନ୍ଦର୍ପ ରୂପ ସମ ଶ୍ରୀଖଣ୍ଡୀ କିଂପୁରୁଷରେ। ମାତ୍ର ଉତ୍ତରାଧିକାରୀ କରାଇବା ଉଦ୍ଦେଶ୍ୟରେ ରାଜା ଦ୍ରୁପଦ ଓ ରାଣୀ ପଦ୍ମାବତୀ ଏହି ସତ୍ୟକୁ ଗୋପନ ରଖିଛନ୍ତି। ତାକୁ ସମାଜ ସମ୍ମୁଖରେ ଉଭା କରାଇଛନ୍ତି ପୁରୁଷ ହିସାବରେ। ତେଣୁ ପୁରୁଷର ବେଶ ପୋଷାକ, ପୁରୁଷ ସୁଲଭ ଠାଣି ଓ ଯୁଦ୍ଧ ବିଦ୍ୟାରେ ଶ୍ରୀଖଣ୍ଡୀ ପାରଙ୍ଗମ। ମାତ୍ର ସତ୍ୟ କଦାପୀ ଦୃଷ୍ଟି ଆଢୁଆଳରେ ରହେ ନାହିଁ। ଏହି ସତ୍ୟ ସମ୍ମୁଖକୁ ଆସେ ଉତଙ୍ଗ ରାଜା ମଧୁକେଶରଙ୍କ କନ୍ୟା ମଦନାବତୀକୁ ବିବାହ କରିବା ପରେ। ଶ୍ରୀଖଣ୍ଡୀର ଭଣ୍ଡାମି ମଦନାବତୀ ଜାଣିବା ପରେ ଝାସ ଦେବାକୁ ଉଦ୍ୟତ ହୁଅନ୍ତେ କ୍ରୋଧରେ ପିତା ମଧୁକେଶର ଶ୍ରୀଖଣ୍ଡୀକୁ ବନ୍ଦ କରିବା ପାଇଁ ସେନାବାହିନୀ ନେଇ ଆକ୍ରମଣ କଲେ। ପୁତ୍ରର ପ୍ରାଣ ବଞ୍ଚାଇବା ପାଇଁ ମାତା ପଦ୍ମାବତୀ ଶ୍ରୀଖଣ୍ଡୀକୁ ନେଇ ଗନ୍ଧମାର୍ଦ୍ଦନ ପର୍ବତରେ ଆତ୍ମଗୋପନ କଲେ। ଶ୍ରୀଖଣ୍ଡୀକୁ ନପାଇ ରାଜା ମଧୁକେଶର ଦ୍ରୁପଦ ରାଜାଙ୍କୁ ବଳପୂର୍ବକ ନେଇଗଲେ। ମାତା ପଦ୍ମାବତୀ ଦିବାରାତ୍ର ସେଠରେ ଶ୍ରୀଖଣ୍ଡୀର ଗୁଣ ସ୍ମରଣ କରି ବିକଳରେ ରୋଦନ କଲେ। ଏହି ରୋଦନ ଶୁଣି ଅଳକାପୁରୀର ଚକ୍ରବର୍ତ୍ତୀ ଗନ୍ଧର୍ବ ତୁଳାକର୍ଣ୍ଣ ଆବିର୍ଭାବ ହେଲେ। ସେ ଅମରାଧି ନାଥଙ୍କର ଭଣ୍ଡାର ରକ୍ଷୀ। ତାଙ୍କ ମାତାଙ୍କ ନାମ ପଦ୍ମାବତୀ ଅପ୍ସରୀ। ତୁଳାକର୍ଣ୍ଣ ଓ ଶ୍ରୀଖଣ୍ଡୀ ଉଭୟଙ୍କ ମାତାଙ୍କ ନାମ ପଦ୍ମାବତୀ ହୋଇଥିବାରୁ ଶ୍ରୀଖଣ୍ଡୀକୁ ଭାଇ ଓ ପଦ୍ମାବତୀଙ୍କୁ ମାଉସୀ ସମ୍ବୋଧନ କରି ସେ ଶ୍ରୀଖଣ୍ଡୀ ଅଙ୍ଗରେ ନିଜର ଲିଙ୍ଗ କାଟି ରୋପଣ କରିଛନ୍ତି।

ନପୁଂସକ ପରିଣତ ହୋଇଛି ପୁରୁଷରେ। ପୁରୁଷତ୍ୱ ପ୍ରାପ୍ତି ପରେ ତୁଳାକର୍ଣ୍ଣ ପ୍ରଦତ୍ତ ପୁଷ୍ପକ ବିମାନରେ ମାତା ପୁତ୍ର ଉତଙ୍ଗ ଗମନ କରିଛନ୍ତି। ଶ୍ରୀଖଣ୍ଡୀଙ୍କୁ ପାଇ ରାଜା ମଧୁକେଶର ପଚାରନ୍ତେ ଶ୍ରୀଖଣ୍ଡୀ କହିଛି-

"ଶ୍ରୀଖଣ୍ଡୀ ବୋଇଲା ତୋର ଦୁହିତା ଦୁର୍ଭାଗୀ
ସାଧନ ପୁରୁଷ ମୁ ଅଟଇ ପରମ ଯୋଗୀ।୭୬।
ଇଚ୍ଛାୟେଣ ଇତି ମୋର ଇଚ୍ଛାୟେଣ ବିଭୁତି
କାହିଁକି ମାନ ଯେ ବସିଲା ମଧୁବତୀ ।୭୭।" (ଆଦିପର୍ବ-
୨ୟଭାଗ,ପୃଷ୍ଠା-୬୮୫)

ସମସ୍ୟାର ସମାଧାନ ଘଟିଛି ଗନ୍ଧର୍ବଙ୍କ କୃପାରୁ। ନପୁଂସକ ଶ୍ରୀଖଣ୍ଡୀ ଲାଭ କରିଛି ପୁରୁଷତ୍ୱ। ଏହା ଶୁଣି ସମସ୍ତେ ଆଶ୍ୱସ୍ତ ହେଲେ। ମଦନାବତୀ ଶ୍ରୀଖଣ୍ଡୀ ସହିତ ପାଞ୍ଚାଳ ଦେଶକୁ ପ୍ରତ୍ୟାଗମନ କରି ରଙ୍ଗ ରସରେ ଜୀବନ ଅତିବାହିତ କଲା। ତାହାର ଗର୍ଭରୁ ଦୁଇଟି ପୁତ୍ର ଜାତ ହେଲେ ଅନଙ୍ଗ ଓ ମକରଧ୍ୱଜ।

ସେହିପରି କୁନ୍ତୀଙ୍କ ତୃତୀୟ ପୁତ୍ର ଇନ୍ଦ୍ରଙ୍କ ଔରସରୁ ଜାତ ଅର୍ଜ୍ଜୁନ ମଧ୍ୟ ସମୟ ସ୍ରୋତରେ ରୂପାନ୍ତରଣ ହୋଇଛି ବୃହନ୍ନଳାରେ। ଅତି ସୁନ୍ଦର ପୁତ୍ରକୁ ଦେଖି ଆନନ୍ଦରେ ପିତା ଯାହାର ନାମ ଦେଇଥିଲେ ଅର୍ଜ୍ଜୁନ। ସାରଳାଙ୍କ ଭାଷାରେ-

"ଅତି ସୁନ୍ଦର ସେ ଅର୍ଜ୍ଜୁନ ନାମେ ଜନ

ସେବନେଶ ଯେ ପୁତ୍ର ହୋଇଲା ଉତପନ୍ନ।୮୧।
ଅତିଅନ୍ତ ହରଷ ହୋଇଣ ମଘବାନ
ଅର୍ଜ୍ଜୁନ ବନ ଦେଖି ନାମ ଦେଲେ ଅରଜୁନ। ୮୨।"
(ଆଦିପର୍ବ, ପୃ-୨୨୯/୨୩୦)

କୌରବ ପାଣ୍ଡବଙ୍କ ଝିମାଣୀ ଖେଳରୁ ଆରମ୍ଭ ହୋଇଥିବା ଅନ୍ତବିବାଦ ଶକୁନୀ ମାମୁର କୁମନ୍ତ୍ରଣାରେ ବିରାଟ ରୂପ ଧାରଣ କରିଛି। ପଶା ଖେଳରେ ମହାରଥ ହାସଲ କରିଥିବା ଶକୁନି ଚକ୍ରାନ୍ତ କରି ପାଣ୍ଡବମାନଙ୍କୁ ପଶା ଖେଳରେ ହରାଇ ସର୍ବଶ୍ୱାନ୍ତ କରିଦେଇଛି। କୁରୁସଭାର ରାଜବଧୂ ପାଣ୍ଡବ ପତ୍ନୀ ଦ୍ରୌପଦୀର ବସ୍ତ୍ର ହରଣ ଓ ପାଣ୍ଡବଙ୍କ ଅପମାନ କରାଯାଇଛି। ପାଣ୍ଡବେ କୁନ୍ତୀ, ଦ୍ରୌପଦୀ ସହିତେ ବନବାସ ଗମନ କରିଛନ୍ତି। ଏହି ଅପମାନର ଜ୍ୱାଳା ନେଇଛି ପ୍ରସ୍ତୁତି ମହାଭାରତ ଯୁଦ୍ଧ ପାଇଁ। ପାଣ୍ଡବେ କୁରୁପକ୍ଷକୁ ହରାଇବା ପାଇଁ ନାନା ସାଧନ, ତପସ୍ୟାଦ୍ୱାରା ଦେବ ଅସ୍ତ୍ର ସଂଗ୍ରହ କରିବା ନିମନ୍ତେ ଯତ୍ନଶୀଳ ହୋଇଛନ୍ତି। ଜୀବନ ତ ଘଟଣାର ସମାହାର। ବନବାସ କାଳରେ ନାନା ଅସୁର, ଦୁଷ୍ଟ, ଦୈତ୍ୟ ସଂହାର କରିଛନ୍ତି। ସେଥି ମଧ୍ୟରୁ ନିର୍ବାତକପାଚ ଦୈତ୍ୟ ଅନ୍ୟତମ। ଯିଏକି ତ୍ରୈଲୋକ୍ୟ ବିଜୟୀ। ତିନି ଯୁଗ ଧରି ଇନ୍ଦ୍ର ଯୁଦ୍ଧ କରି ମଧ୍ୟ ତାକୁ ହରାଇ ପାରିନଥିଲେ। ତାର ଆକ୍ରମଣରେ ଅତିଷ୍ଟ ହୋଇ ଦେବଲୋକ ତ୍ରାହି ତ୍ରାହି କରୁଥିବା ବେଳେ ଅର୍ଜ୍ଜୁନ ନିର୍ବାତକପଚର ବନ୍ଧ କରିଥିଲେ। ପ୍ରସନ୍ନ ହୋଇ ଇନ୍ଦ୍ର ଅର୍ଜ୍ଜୁନଙ୍କୁ ଅନେକ ଅସ୍ତ୍ର, ରତ୍ନ ପ୍ରଦାନ କରିଥିଲେ। ଇନ୍ଦ୍ରଲୋକରେ ରହଣି କାଳରେ ଅର୍ଜ୍ଜୁନ ନୃତ୍ୟ ବିଦ୍ୟା ଶିକ୍ଷା କରୁଥିଲେ। ସେଠାରେ ଅନେକ ଅପ୍ସରୀ, ନର୍ତ୍ତକୀ ନୃତ୍ୟ ରସରେ ଭୋଳ ହେଉଥାନ୍ତି। ଉର୍ବଶୀ ଅପ୍ସରୀ ଅର୍ଜ୍ଜୁନଙ୍କର ବଳ, ବୀର୍ଯ୍ୟ, ରୂପ, ପରାକାଷ୍ଠାରେ ବିମୋହିତ ହୋଇ ମଦନ ପୀଡ଼ାରେ ଆକ୍ରାନ୍ତ ହେଲେ। ଅର୍ଜ୍ଜୁନଙ୍କୁ ରତି ଭିକ୍ଷା କଲେ। ମାତ୍ର ଅର୍ଜ୍ଜୁନ ବାରଣ କରିବାରୁ ଅପ୍ସରୀ ତାକୁ ନପୁଂସକ ହେବାର ଅଭିଶାପ ଦେଲେ। ଏ ସମସ୍ତ ପ୍ରସଙ୍ଗ ଇନ୍ଦ୍ରଦେବ ଜାଣିବା ପରେ ଅପ୍ସରୀକୁ ଭର୍ତ୍ସନା କଲେ। ନିର୍ଦୋଷରେ ଶାପ ଦେବା ହେତୁ ସେହି ଅଭିଶାପ ଗୋପନବାସ କାଳରେ ସହାୟକ ହୋଇଥିଲା।

ଗୋଟିଏ ବର୍ଷ ଅଜ୍ଞାତବାସ କାଳରେ ଅର୍ଜ୍ଜୁନ ରୂପାନ୍ତରିତ ହୋଇଥିଲେ ବୃହନ୍ନଳା ଚରିତ୍ରରେ। ନାରୀବେଶରେ ବିରାଟ ରାଜ ଦରବାରରେ ଉତ୍ତରାଙ୍କ ଅଙ୍ଗଚାରୀ ଓ ନୃତ୍ୟ ଗୁରୁ ଭାବେ ଅବସ୍ଥାନ କାରିଥିଲେ। ସେହି ରହଣୀ କାଳରେ ପରମ ଯୋଦ୍ଧା ଅର୍ଜ୍ଜୁନଙ୍କର ନାରୀ ସମ ଲାସ୍ୟ ଭାବ, କୋମନୀୟତା ପ୍ରକାଶ ପାଏ। ସେ ଶାଢ଼ୀ କାଞ୍ଚଲୀ, ନାରୀ ସୁଲଭ ଅଳଙ୍କାର କେଶବାସ ବିନ୍ୟାସ କରିଛନ୍ତି। କବିଙ୍କ ବର୍ଣ୍ଣନାରେ –

"ଯେଥୁ ଅନନ୍ତରେ ଗମଇ ସବ୍ୟସାଚୀ
କାବେରୀ ଭାର ବେଲାଉଳ ଖୋଷାୟେକ ସଞ୍ଚି।୧।
ଶିରରେ ସୀମନ୍ତନୀ ମୁକୁତାର ଜାଲି
ଲଲାଟରେ ମଥାମଣୀ କର୍ଣ୍ଣେ କାପ ଯେ ବେଣ୍ଟୁଲୀ।୨।
ଆକାଶର ମଣିକି ସେ ବେନୀକରେ ସୁବର୍ଣ୍ଣର ଚୁଡ଼ି
ଗଳାରେ ରତ୍ନ ମାଳୀ ଦଶ ଅବତାର ଚାପସରୀ ।୩।
ପାଦରେ ନେପୂର ସ୍ତିରୀବେଶ ଅଞ୍ଚଳ
ହୃଦୟରେ କାଞ୍ଚଲୀ ମୁକୁତା ରତ୍ନମାଳ ।୪।
ତିରୀବେଶ ଅଞ୍ଚଳ ଚାଲନ୍ତେ ଶୋହଇ
ଉଧୁରିପୁ ବଲ୍ଲଭ ଚାଲନ୍ତେ ମୋହଇ ।୫।"(ବିରାଟପର୍ବ, ପୃଷ୍ଠା-୧୨୬)

ନାରୀ ସମ ବେଶ ପରିପାଟି, କଥନଭଙ୍ଗୀ, ଅଙ୍ଗଭଙ୍ଗୀ ହେଲେହେଁ ଶରୀରର ଗଠନ ପୁରୁଷ ପ୍ରାୟ ହୋଇଥିବାରୁ ରାଜା ବିରାଟ ସନ୍ଦେହ ପ୍ରକାଶ କରିଛନ୍ତି। ରାଜକୁମାର ଉତ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଛି। ମାତ୍ର ଉର୍ବଶୀର ଅଭିସାପ ହେତୁ ପୁରୁଷ ଲକ୍ଷଣ ଗୋପ୍ୟ ହୋଇଛି। ତେଣୁ ଆଶ୍ୱସ୍ତ ହୋଇ ରାଜା ତାଙ୍କୁ ଅନ୍ତପୁରୀରେ ଉତ୍ତରାଙ୍କ ପାଖରେ ନିଯୁକ୍ତ କରିଛନ୍ତି। ଏକ ବର୍ଷ ପୂର୍ତ୍ତି ହେବା ପରେ ଅର୍ଜ୍ଜୁନ ପୁନର୍ବାର ପୁରୁଷତ୍ୱ ଲାଭ କରିଛନ୍ତି। ଚକ୍ରାନ୍ତ କରି କୁରୁବଂଶୀ ସେନା ବିରାଟ ରାଜାଙ୍କର ଗୋରତ୍ନ ଅପହରଣ କରିନେଇଥିବାର ଜାଣି ରାଜକୁମାର ଉତ୍ତର ଯୁଦ୍ଧ ପାଇଁ ଉଦ୍ୟତ ହୋଇଛନ୍ତି। ସେତେବେଳେ ପ୍ରଭୁ ଶ୍ରୀକୃଷ୍ଣ ଓ ଶୈଳେନ୍ଦ୍ରୀ ରୂପରେ ବାସ କରୁଥିବା ଦ୍ରୌପଦୀଙ୍କ ପ୍ରସ୍ତାବରେ ବୃହନ୍ନଳା ଉତ୍ତରଙ୍କର ସାରଥୀ ହୋଇଛନ୍ତି। ରାଜକୁମାର ଉତ୍ତର ନପୁଂସକକୁ ସାରଥୀ କରିବାକୁ ଅମଙ୍ଗ ହେବାରୁ ସେନାପତି ବୃହନ୍ନଳାର ପ୍ରକୃତ ସ୍ୱରୂପ ଉଦ୍‌ଭାଷଣ କରିଛନ୍ତି। କବିଙ୍କ ଭାଷାରେ-

"ଯେହେନେକ କରି ସେ ଯେହାକୁ ନିର୍ଭାକଲା ମହାତ୍ମା
ସେ ଯେ ବୃହନ୍ନରୀ ସେ ପ୍ରତକ୍ଷେ ଅର୍ଜ୍ଜୁନର ପଞ୍ଚୁଆତ୍ମା।୪୩।
ବୃହନ୍ନରୀ ଅର୍ଜ୍ଜୁନ ହୋ ନୁହନ୍ତି ଭିନ୍ନାଭିନ୍ନ
ସେ ଯେବେ ଯାଇ ତୋହର କାର୍ଯ୍ୟ ସୁବିଧାନ।୪୪।"(ବିରାଟପର୍ବ,ପୃଷ୍ଠା-୪୪୩)

ଯୁଦ୍ଧ କାଳରେ ଉତ୍ତର ଦୁର୍ବଳ ପଡ଼ିବାରୁ ଅର୍ଜ୍ଜୁନ ଉତ୍ତରକୁ ସମୀବୃକ୍ଷ ମଧ୍ୟରୁ ଅସ୍ତ୍ର ଆଣିବାକୁ କହିଛନ୍ତି। ନିଜେ ରଥରେ ବିଜେ କରି ଯୁଦ୍ଧ କରିଛନ୍ତି, ଉତ୍ତର ସାଜିଛି ତାଙ୍କର ସାରଥୀ। ସେତେବେଳେ ଏକ ବର୍ଷ ଅଜ୍ଞାତବାସ ପୂର୍ଣ୍ଣ ହୋଇଯାଇଥିବା ହେତୁ ଅର୍ଜ୍ଜୁନ ଶାପ ମୁକ୍ତ ହୋଇଛନ୍ତି। ନାରୀ ବେଶ ପରିତ୍ୟାଗ କରି ପୂର୍ବାବସ୍ଥାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଅମ୍ବାର କ୍ରୋଧ ଓ ସତୀତ୍ୱର ଶକ୍ତି ବଳରେ ନିଜର ଜୀବନ ବିସର୍ଜନ କରି ରୂପାନ୍ତରିତ ହୋଇଛି ଶ୍ରୀଖଣ୍ଡୀରେ। ମାତ୍ର ଏତିକିରେ ରୂପାନ୍ତରଣ ପ୍ରକ୍ରିୟା ସରିଯାଇ ନାହିଁ। ନପୁଂସକ ଶ୍ରୀଖଣ୍ଡୀ ପୁଣି ପରିଣତ ହୋଇଛି ପୁରୁଷରେ। ଅର୍ଜ୍ଜୁନ ମଧ୍ୟ ନାରୀରେ ରୂପାନ୍ତରିତ ହୋଇଛି ନିର୍ଦ୍ଦିଷ୍ଟ କାଳପରେ ପୁଣି ରୂପାନ୍ତରିତ ହୋଇଛି ପୁରୁଷରେ।

ଭାବସ୍ତରୀୟ ରୂପାନ୍ତର-

ଶାରୀରିକ ରୂପାନ୍ତରଣ ସହିତ ଭାବସ୍ତରୀୟ ରୂପାନ୍ତରଣ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶାରୀରିକ ଅବୟବର ଗାଠନିକତା, ପରିଧାନ ପରିପାଟିର ଭିନ୍ନତା ମଧ୍ୟ ଅନ୍ତସ୍ତରୀୟ ଭାବଚେତନାକୁ ପ୍ରଭାବିତ କରିଥାଏ। ଯେପରି ଶ୍ରୀଖଣ୍ଡୀ ନାରୀ ରୂପେ ଜନ୍ମ ନେଇଥିଲେହେଁ ନାରୀ ପୁରୁଷ ଲକ୍ଷଣ ବିହୀନ ବୋଲି ମୁଦୁସୁଲୀଠାରୁ ଜାଣି ପାରି ଏହି ରହସ୍ୟକୁ ଗୋପନ ରଖିଥିଲେ ରାଜା ଦ୍ରୁପଦ। ରାଜା ଦ୍ରୁପଦ, ରାଣୀ ପଦ୍ମାବତୀ, ମୁଦୁସୁଲୀ ଓ ବ୍ୟାସଦେବଙ୍କୁ ଲଗାଇ ମାତ୍ର ଚାରି ଜଣ ଏହି ରହସ୍ୟ ଜାଣିଥିଲେ। ରାଜ୍ୟରେ ଉତ୍ତରଦାୟାଦର ଅଭାବ ହେତୁ ରାଜା ଦ୍ରୁପଦ ଶ୍ରୀଖଣ୍ଡୀକୁ ପୁତ୍ରସମ ପରିମାର୍ଜିତ ଓ ପ୍ରତିପାଳିତ କରିଥିଲେ। ତେଣୁ ଶ୍ରୀଖଣ୍ଡୀ ନପୁଂସକ ହେଲେ ହେଁ ପୁରୁଷ ସୁଲଭ ଯୁଦ୍ଧ ଦକ୍ଷତା ହେତୁ ଉଡ଼ଙ୍ଗ ରାଜ୍ୟର ରାଜା ମଧୁକେଶରଙ୍କ କନ୍ୟା ମଦନାବତୀକୁ ଲାଭ କରି ପାରିଥିଲେ। ମାତ୍ର ଗନ୍ଧର୍ବ ତୁଳାକର୍ଣ୍ଣ ଦ୍ୱାରା ପୁରୁଷତ୍ୱ ପ୍ରାପ୍ତି ପରେ ତାଙ୍କର ଆତ୍ମ ଦୃଢ଼ତା ପରିବର୍ଦ୍ଧିତ ହୋଇଛି। ନପୁଂସକ ଥିବାବେଳେ ସେ ରତୀରସ, ଶୃଙ୍ଗାର ପ୍ରତି ଅନାଶକ୍ତି ପ୍ରକାଶ କରୁଥିବା ସ୍ଥଳେ ପୁରୁଷତ୍ୱ ପ୍ରାପ୍ତି ପରେ ତାଙ୍କର ଔରଷରୁ ଦୁଇଟି ପୁତ୍ର ସନ୍ତାନ ଅନଙ୍ଗ ଓ ମକରଧ୍ୱଜ ଜାତ ହୋଇଛନ୍ତି। ମାତ୍ର ସେ ଯେ ନାରୀ ଜନ୍ମା ଥିଲେ ଏହା ଭୀଷ୍ମଙ୍କ ଉକ୍ତିରୁ ସ୍ପଷ୍ଟ ବିବେଚିତ ହୁଏ-

"ଭୀଷ୍ମେ ବୋଇଲେ ସେ ଅଟଇ ସ୍ତିରୀଜନ
ତାହାକୁ କେମନ୍ତେ ନାଶ କରିବି ସାଂଗ୍ରାମ।୧୩୩।
ମୋହର ଦର୍ପେ ନାଶ ନ ଯାଇ ଶ୍ରୀଖଣ୍ଡୀ
ସମସ୍ତ ସଞ୍ଚିଲା ହରି ପାଣ୍ଡବ କୁଳ ମଣ୍ଡି।୧୩୪।"(ଭୀଷ୍ମ ପର୍ବ, ପୃଷ୍ଠା-୩୨୨)

ଭୀଷ୍ମ ପର୍ବରେ ବର୍ଣ୍ଣିତ ଯୁଦ୍ଧର ଦଶମ ଦିନରେ ଶ୍ରୀଖଣ୍ଡୀ ଦ୍ୱାରା ନିହତ ହୋଇ ସରଶଜ୍ୟାରେ ଥିବାବେଳେ ପିତାମହ ପରାସର କୋଳ କରି ଭୀଷ୍ମଙ୍କ ଶସ୍ତ୍ର ତ୍ୟାଗ କରିବାର କାରଣ ପଚାରନ୍ତେ ଭୀଷ୍ମ ଶ୍ରୀଖଣ୍ଡୀ ସମ୍ପର୍କରେ ଏହା କହିଛନ୍ତି।

ଅର୍ଜ୍ଜୁନ ମଧ୍ୟ ବୃହନ୍ନଳାରେ ରୂପାନ୍ତରୀତ ହେବାପରେ କେବଳ ଶାରୀରିକ ନୁହେଁ ଭାବ, ଚେତନା ସ୍ତରରେ ମଧ୍ୟ ରୂପାନ୍ତରଣ ଦେଖା ଦେଇଛି। ସେ ନାରୀସମ ବେଶଚର୍ଯ୍ୟା କରିଛନ୍ତି। ନାରୀତୁଲ୍ୟ ଚାଲି, ଠାଣୀ, ବାଣୀ, କଟାକ୍ଷ, ଲାସ୍ୟତା ପ୍ରକାଶ ପାଇଛି। ସେ ମାତୃସମ ସ୍ନେହ ପ୍ରଦାନ କରିଛନ୍ତି ରାଜନନ୍ଦିନୀ ଉତ୍ତରାକୁ। ନାରୀ ପରି ନାନା ଭଙ୍ଗୀରେ ନୃତ୍ୟଶିକ୍ଷା ପ୍ରଦାନ କରିବା ସହିତ ଉତ୍ତରାଙ୍କର ବେଶକାରୀ ଦାୟିତ୍ୱ ମଧ୍ୟ ସୁଚାରୁ ରୂପେ ନିର୍ବାହ କରିଛନ୍ତି। ରାଜ ଅନ୍ତପୁରରେ କେହିବି ବୃହନ୍ନଳା ରୂପୀ ଅର୍ଜ୍ଜୁନଙ୍କର ପ୍ରକୃତ ସ୍ୱରୂପକୁ ଜାଣି ପାରି ନାହାନ୍ତି। ଏଥି ନିମିତ୍ତ କେବଳ ଶରୀର ନୁହେଁ ଭାବ ସ୍ତରରେ ମଧ୍ୟ ରୂପାନ୍ତରଣ କାରାଇବାର ଆବଶ୍ୟକତା ସାରଳା ଦାସ କଳ୍ପନା କରିଛନ୍ତି। ତେଣୁ ଉଭୟ ଗାଠନିକ ଓ ଚେତନା ସ୍ତରୀୟ ରୂପାନ୍ତରଣ ଘଟାଇଛନ୍ତି ବୃହନ୍ନଳା ମଧ୍ୟରେ।

ରୂପାନ୍ତରଣର କାରଣ-

ରୂପାନ୍ତରଣ ପଦ୍ଧତି ଏକ କାର୍ଯ୍ୟ କାରଣ ସମ୍ପର୍କୀତ ପ୍ରକ୍ରିୟା। ଏଥିରେ ପ୍ରତ୍ୟେକ କର୍ମ ଓ ତାର ଫଳାଫଳ ପରସ୍ପର ସହ ସମ୍ପୃକ୍ତ। ଶାନ୍ତନୁଙ୍କ ଚିରଆୟୁ ନିମନ୍ତେ ଅମ୍ବାକୁ ଉପେକ୍ଷା, ଭର୍ତ୍ସନା, ହତାଦର ଓ ଅପମାନର ଦୁଖଃରେ ପ୍ରଭୁ ଶ୍ରୀ ପର୍ଶୁରାମ ଓ ମାଧବଙ୍କୁ ସାକ୍ଷୀ ରଖି ପ୍ରୟାଗରେ ଝାସ ଦେବା ହେତୁ ଭୀଷ୍ମଙ୍କୁ ସ୍ତ୍ରୀ ହତ୍ୟା ଦୋଷ ଲାଗିଲା। ଭୀଷ୍ମଙ୍କ ପରି ଯୋଦ୍ଧାଙ୍କୁ ନାଶ କରିବା ଉଦ୍ଦେଶ୍ୟରେ ହିଁ ଅମ୍ବାର ଶ୍ରୀଖଣ୍ଡୀ ଅବତାର। ପ୍ରଥମତଃ ଦ୍ରୋଣଙ୍କଠାରୁ ପାଇଥିବା ଅପମାନର ପ୍ରତିଶୋଧ ନେବା ପାଇଁ ଦ୍ରୁପଦ ରାଜାଙ୍କ ତପସ୍ୟା ଓ ସିଦ୍ଧି,ଦ୍ୱିତୀୟତଃ ପାଞ୍ଚାଳ ରାଜ୍ୟର ଉତ୍ତରାଧିକାରୀ ପାଇଁ ଦ୍ରୁପଦ ରାଜାଙ୍କ ସନ୍ତାନ ପ୍ରାପ୍ତି ଯଜ୍ଞ ଓ ସେଥିରୁ ଶ୍ରୀଖଣ୍ଡୀ, ଦ୍ରୌପଦୀ, ଧୃଷ୍ଟଦ୍ୟୁମ୍ନର ଜନ୍ମ। ପାଞ୍ଚାଳ ରାଣୀ ପଦ୍ମାବତୀ ସନ୍ତାନ ଯଜ୍ଞଚରୁ ସେବନ କରିବା ପୂର୍ବରୁ ସ୍ନାନ କରିବାକୁ ଯାଇ ବିଳମ୍ବ କରିଦେବାରୁ ତାହା ଥଣ୍ଡା ହୋଇଗଲା। ତେଣୁ ଶ୍ରୀଖଣ୍ଡୀ ନପୁଂସକ ହୋଇ ଜନ୍ମ ନେଲା। ସେହିପରି ପୁରୁଷତ୍ୱ ପ୍ରାପ୍ତି ପଛରେ ମଧ୍ୟ କାରଣ ନିହିତ ଅଛି। ତୁଳାକର୍ଣ୍ଣ ଗନ୍ଧର୍ବ ମାତୃହରଣ ଦୋଷରେ ଇନ୍ଦ୍ର ସଭାରୁ ବହିଷ୍କୃତ ହୋଇ ବୁଲୁଥିବା ବେଳେ ନିଜର ପୁରୁଷାଙ୍ଗକୁ ଶ୍ରୀଖଣ୍ଡୀ ଶରୀରରେ ରୋପଣ କରି ଶାପମୁକ୍ତ ହୋଇଛି। ତେଣୁ ଶ୍ରୀଖଣ୍ଡୀର ପୁନଃ ପୁରୁଷତ୍ୱ ଲାଭ ହୋଇଛି।

ସେହିପରି ନିର୍ବାତକପଚକୁ ନାଶ କରିବା ପରେ ଅର୍ଜ୍ଜୁନ ଇନ୍ଦ୍ରସଭାରେ ସହାବସ୍ଥାନ କାଳରେ ଉର୍ବଶୀ ଅପ୍ସରୀ ଅର୍ଜ୍ଜୁନଙ୍କ ରୂପ ଓ ବଳବୀର୍ଯ୍ୟରେ ଆକୃଷ୍ଟ ହୋଇଛନ୍ତି। ତାଙ୍କର ମଦନ ଆତୁରତା ଦେଖି ପୁରନ୍ଦର ପରମାନନ୍ଦ ନାମକ ଜଣେ ବିଦ୍ୟାଧରକୁ ଆଜ୍ଞା ଦେଇଛନ୍ତି ଉର୍ବଶୀଙ୍କୁ ଅର୍ଜ୍ଜୁନଙ୍କ ପାଖକୁ ନେଇଯିବା ପାଇଁ। ସେହି ସମୟରେ ଅର୍ଜ୍ଜୁନ କେଶବଙ୍କୁ ସ୍ତୁତି କରି ଧ୍ୟାନରେ ବସିଥିବାରୁ ଉର୍ବଶୀଙ୍କ ପୁନଃ ପୁନଃ ମିନତୀ ପରେ ମଧ୍ୟ ସେ କବାଟ ଫେଡ଼ିପାରି ନଥିଲେ। ଉର୍ବଶୀଙ୍କୁ ମାତୃବତ୍ ଜ୍ଞାନ କରି ସେ ମାତୃହରଣ ଦୋଷ ଲାଗିବା କଥା କହି ମଧ୍ୟ ପ୍ରବୋଧନା ଦେବାର ଚେଷ୍ଟା କରିଥିଲେ। ମାତ୍ର ରତିତୃଷ୍ଣାରେ ଉନ୍ମତ୍ତ ପ୍ରାୟ ହୋଇ ଉର୍ବଶୀ ଅନେକ କାକୁତି ମିନତି କରନ୍ତେ ଅର୍ଜ୍ଜୁନ କ୍ରୋଧରେ ଭର୍ତ୍ସନା କରିଥିଲେ। ତେଣୁ ଉର୍ବଶୀ ନିଜର ଭର୍ତ୍ସନା ସହ୍ୟ ନକରିପାରି ଅର୍ଜ୍ଜୁନଙ୍କୁ ଅଭିଶାପ ପ୍ରଦାନ କରିଥିଲେ। ଉର୍ବଶୀଙ୍କ ମୁଖରେ-

"କ୍ଷୀରୋଦ ପ୍ରାୟେ ତୋତେ କଲି ମୁହିଁ ଆଶା
ଅଗ୍ୟାନ ପାମର ତୁ ରେ ମୋତେ କଲୁ ଯା ନିରାଶ।୨୦୨।
କୋପେଣ ଶାପ୍ୟ ତାକୁ ହାଦେ ଦିଲାକ ଉର୍ବଶୀ
ଯାଅରେ ଅର୍ଜ୍ଜୁନତୁ ନପୁଂସକ ହୁଅସି।୨୦୩।"(ବନପର୍ବ,

ପ୍ରଥମ ଖଣ୍ଡ, ପୃଷ୍ଠା-୧୭୩)

ଇନ୍ଦ୍ର ଏ ସମସ୍ତ ବିବରଣୀ ଅବଗତ ହେବାପରେ ଅକାରଣେ ଶାପଦାନ ହେତୁ ଉର୍ବଶୀଙ୍କୁ ଭର୍ତ୍ସନା କରନ୍ତେ ଉର୍ବଶୀ ତାହା ପ୍ରକାଶ କରିଛନ୍ତି।–

"ଉର୍ବଶୀ ବୋଇଲା ତୁମ୍ଭେ ଶୁଣ ପୁରହୂତ

ଅଗ୍ୟାତ ବାସକୁ ଯେ ଶାପ୍ୟ ହୋଇବ କହିତ।୨୧୮।

ଅବଶ୍ୟ ପାଣ୍ଡବେ ଯେ ହୋଇବେ ଗୋପ୍ୟାନ

କୀଞ୍ଚକ ବଧ ନିମନ୍ତେ ଯେ ଦେବଙ୍କ ଭିଆଣ।୨୧୯।"(ବନପର୍ବ,ପ୍ର.ଖ,ପୃଷ୍ଠା-୧୭୪)

ଏ ସମସ୍ତ କାର୍ଯ୍ୟ ବା ଘଟଣା ଯେ ନିୟତି କୃତ। ନିୟତି ରଚିତ ନାଟରେ ସମସ୍ତେ ନଟବତ୍ ଅଭିନୟ କରୁଛନ୍ତି। ଦେବ-ମାନବେ କାହାରି କ୍ଷମତା ନାହିଁ ସେ ନିୟତିର ଲିଖନକୁ ପରିବର୍ତ୍ତିର କରିପାରିବାର। ଅଜ୍ଞାତବାସ କାଳରେ ଏହି ଅଭିଶାପ ହିତରେ ବିନିଯୁକ୍ତ ହେବ ଏହା ବିଧି ନିଧାର୍ଯ୍ୟ। ତେଣୁ ଅର୍ଜୁନ ଅଜ୍ଞାତବାସ କାଳରେ ଏକ ବର୍ଷ ନପୁଂସକ ହୋଇ ପୁଣି ଶାପ ଭୋଗ୍ୟ ହୁଅନ୍ତେ ପୁରୁଷତ୍ୱ ଲାଭ କରିଛନ୍ତି।

ରୂପାନ୍ତରଣର ଉଦ୍ଦେଶ୍ୟ-

ରୂପାନ୍ତରଣ ପଦ୍ଧତି ମୂଳରେ ସେପରି କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ନିହିତ ନଥିଲେ ମହାକବି ସାରଳା ଦାସ ଭୀଷ୍ମ ସମ ପୁରୁଷ ଯୋଗ୍ୟା ନାରୀ ଅମ୍ବାଙ୍କୁ ପରଜନ୍ମରେ ନପୁଂସକ କରିଥାନ୍ତେ ବା କହିଁକି ? କାହିଁକି କରିଥାନ୍ତେ ବିଶ୍ୱଜୟୀ କ୍ଷତ୍ରୀ , ତୃତୀୟ ପାଣ୍ଡବ ଅର୍ଜୁନଙ୍କୁ ନପୁଂସକ ନାରୀ ବୃହନ୍ନରୀ ? ଏହି ଉଦ୍ଦେଶ୍ୟ ଦୁଇ ପ୍ରକରର। ଗୋଟିଏ ହେଉଛି କାବ୍ୟିକ ଉଦ୍ଦେଶ୍ୟ ଓ ଅନ୍ୟଟି ଲେଖକୀୟ ଉଦ୍ଦେଶ୍ୟ।

କାବ୍ୟିକ ଉଦ୍ଦେଶ୍ୟ ଅନୁଯାୟୀ ସମସ୍ତ କର୍ମର ନିୟନ୍ତା ନିୟତି। ଯାହା ଘଟୁଛି ବା ଘଟିବ ତାହା ପୂର୍ବ ନିର୍ଦ୍ଧାରିତ। ତେଣୁ ମହାଭାରତ ଯୁଦ୍ଧରେ ଜୟୀ ହେବେ ପାଣ୍ଡବେ, ଏହା ନିଧାର୍ଯ୍ୟ। ମାତ୍ର ଭୀଷ୍ମ ମହାରଥୀଙ୍କୁ କେହି ରଣରେ ପରାଜିତ କରି ପାରିବେ ନାହିଁ। ମାତାଙ୍କ ଆର୍ଶୀବାଦରୁ ତାଙ୍କର ଇଚ୍ଛାମୃତ୍ୟୁ। ତେଣୁ ଭୀଷ୍ମ ଥିବା ପର୍ଯ୍ୟନ୍ତ ପାଣ୍ଡବଙ୍କ ବିଜୟ ଅସମ୍ଭବ। ତେଣୁ ପ୍ରଭୁଙ୍କର ଶ୍ରୀଖଣ୍ଡୀ ସର୍ଜନା। ଭୀଷ୍ମଙ୍କ ସହ ନବମ ଦିନ ପର୍ଯ୍ୟନ୍ତ ଯୁଦ୍ଧ କରି ପାଣ୍ଡବ ପକ୍ଷ ଦୁର୍ବଳ ହୋଇ ପଡ଼ିଥିବାରୁ କୃଷ୍ଣ ଚକ୍ରାନ୍ତ କରି ନବମ ଦିନ ରାତ୍ରିରେ ଭୀଷ୍ମଙ୍କଠାରୁ ପାଣ୍ଡବଙ୍କୁ ବିଜୟୀ ଆଶୀର୍ବାଦ ପ୍ରାପ୍ତ କରାଇଛନ୍ତି। ଦିବ୍ୟଦ୍ରଷ୍ଟା ଭୀଷ୍ମ କୃଷ୍ଣଙ୍କ ଛଳ ବୁଝିପାରି ତାଙ୍କ ମୃତ୍ୟୁ ଭେଦ କହିଦେଇଛନ୍ତି।-

"କଉରୋଦ ଭଚ୍ଛନ୍ତା ଅଟଇ ଦ୍ରୋପତୀ

ଶ୍ରୀଖଣ୍ଡୀ ରୂପେ ସେ ଅମ୍ବା କନ୍ୟା ସେହି ଅଗ୍ନିରୁ ଉତପତି।୨୨୭।

ଆହୋ ଅର୍ଜୁନ ଶ୍ରୀଖଣ୍ଡୀକି ଆଗକର ଆଜର ରଣେ

ତାହାକୁ ଦେଖିଲେ ଶହସ୍ର ଛାଡ଼ିବି ବଳବୀର୍ଯ୍ୟ ହୀନେ।୨୨୮।"(ଭୀଷ୍ମପର୍ବ,ପୃଷ୍ଠା-୩୦୯)

କାରଣ ଯୁଦ୍ଧରେ ନାରୀଙ୍କ ଗମନ ନିଷେଧ। ଜଣେ କ୍ଷତ୍ରୀ କେବେବି ନାରୀ ଉପରେ ଅସ୍ତ୍ର ଚାଳନା କରିପାରିବେ ନାହିଁ। ଏହା କ୍ଷତ୍ରୀ ନିୟମ ଅନ୍ତର୍ଭୂକ୍ତ। ତେଣୁ ଦୁଇଟା ନିୟମର ଏକମାତ୍ର ସମାଧାନ ଶ୍ରୀଖଣ୍ଡୀ। କାରଣ ସେ ନାରୀ ନୁହେଁ, ତେଣୁ ଯୁଦ୍ଧକୁ ଯାଇପାରିବ ଓ ପୁରୁଷ ନୁହେଁ, ତେଣୁ ଭୀଷ୍ମ ଅସ୍ତ୍ର ପ୍ରୟୋଗ କରିପାରିବେ ନାହିଁ। ଶ୍ରୀଖଣ୍ଡୀର ଶରାଘାତରେ ହିଁ ଭୀଷ୍ମ ଟଳି ପଡ଼ିଛନ୍ତି। କବିଙ୍କ ଭାଷାରେ –

"ତ୍ରିକଣ୍ଟକ ଶର ହାଦେ ଭୀଷ୍ମଂକୁ ବିନ୍ଧିଲା ଶ୍ରୀଖଣ୍ଡୀ

ମଦନ ଆରତେ ଭୀଷ୍ମଂକ ସେ ଶରୀର ତ୍ରିପଣ୍ଡି।୧୦୨।

ମଦନେ ଘାରି ହୋଇଲା ଯେ ଭୀଷ୍ମଂର ବପୁ

ଅମ୍ବା ସୁନ୍ଦରୀ ତହିଂକି ଯେ ରିପୁ।୧୦୩।"(ଭୀଷ୍ମ ପର୍ବ, ପୃଷ୍ଠା-୩୨୦)

ସେହିପରି ବୃହନ୍ନଳା ଚରିତ୍ରର ପରିକଳ୍ପନା ପାଣ୍ଡବଙ୍କୁ ଅଜ୍ଞାତବାସ କାଳରେ କୌରବଙ୍କ ନିକଟରୁ ରକ୍ଷା କରିବା ନିମନ୍ତେ କୃଷ୍ଣଙ୍କର ସର୍ଜନା। ଅଜ୍ଞାତ ବାସ କାଳରେ ଚିହ୍ନା ପଡ଼ିଲେ ପୁନଃଶ୍ଚ ବାରବର୍ଷ ବନବାସ ଦଣ୍ଡ। ତେଣୁ ଅଜ୍ଞାତବାସରେ କୌରବେ ଶତଚେଷ୍ଟା କରି ମଧ ପାଣ୍ଡବଙ୍କୁ ଠାବ କରିପାରି ନାହାନ୍ତି। ସ୍ୱୟଂ କୃଷ୍ଣ ଯାହାଙ୍କର ସଖା, ଯିଏ ପାଣ୍ଡବଙ୍କ ଉପରେ ସର୍ବଦା ଘଣ୍ଟ ଘୋଡ଼ାଇ ରଖିଛନ୍ତି। ତାଙ୍କୁବା କୌରବେ କିପରି ଠାବ କରିପାରି ଥାନ୍ତେ। ସତ୍ୟ, ଧର୍ମ ଓ ନ୍ୟାୟର ରକ୍ଷା ଏବଂ ପାପିଙ୍କୁ ତାରିବା ନିମନ୍ତେ ଭଗବାନଙ୍କର ଏସମସ୍ତ ଭିଆଣ।

ପ୍ରତ୍ୟେକ ରଚନା ଅନ୍ତରାଳରେ ନିହିତ ଲେଖକୀୟ ଉଦ୍ଦେଶ୍ୟର ବେଶ୍ ଗୁରୁତ୍ୱ ରହିଛି। ଏଥିରେ ଲେଖକର ସମାଜ ପ୍ରତି ଥିବା ପ୍ରତିବଦ୍ଧତା ପ୍ରକାଶ ପାଇଥାଏ। ଆଦି କବି ସାରଳା ଦାସ ମଧ ଏହି ପ୍ରସଂଗ ମାଧମରେ ତତ୍କାଳୀନ ସମାଜରେ ପ୍ରଚଳିତ ନପୁଂସକଙ୍କ ପ୍ରତି ପ୍ରତିପାଳିତ ହୀନମନ୍ୟତାକୁ ପ୍ରକାରାନ୍ତରେ ବିରୋଧ କରିଛନ୍ତି। ସେ ନାରୀ, ପୁରୁଷ, ନପୁଂସକ ଆଦି ଭେଦାଭେଦକୁ ପରିହାର କରି ମଣିଷକୁ ଗୁରୁତ୍ୱ ଦେଇଛନ୍ତି। ତେଣୁ ସମାଜରେ ପ୍ରଚଳିତ ହୀନ ଭାବନା ଯେ- ଯାତ୍ରାରମ୍ଭେ ନପୁଂସକ ଦର୍ଶନ କାଳେ ଅଶୁଭ ଫଳ ପ୍ରାପ୍ତି ହେବ, ତାହାକୁ ପରିବର୍ତ୍ତନ କରିବାର ଚେଷ୍ଟା କରିଛନ୍ତି। ତେଣୁ କବି ତ୍ରୈଲୋକ୍ୟ ମୋହିନୀ, ସୁନ୍ଦରୀ, ଭୀଷ୍ମଯୋଗ୍ୟା ରମଣୀ ଅମ୍ବାକୁ ରୂପାନ୍ତରିତ କରିଛନ୍ତି ଶ୍ରୀଖଣ୍ଡୀ ନାମକ ନପୁଂସକ ଚରିତ୍ରରେ। ଯାହା ଯୋଗୁଁ ପାଣ୍ଡବେ ଜିତି ପାରିଛନ୍ତି ମହାଭାରତ ଯୁଦ୍ଧ। ଶ୍ରୀଖଣ୍ଡୀଦ୍ୱାରା ମାହାରଥୀ ଭୀଷ୍ମ ନାଶ ଯାଇଛନ୍ତି। ସେହିପରି ବୃହନ୍ନଳା ପ୍ରସଙ୍ଗରେ କବି ଶ୍ରେଷ୍ଠ ଧନୁର୍ଦ୍ଧାରୀ, କ୍ଷତ୍ରୀ, ଯୋଦ୍ଧା ଅର୍ଜୁନଙ୍କ ହାତରେ ପିନ୍ଧାଇ ଦେଇଛନ୍ତି ସୁବର୍ଣ୍ଣର ଚୁଡ଼ି, ଶାଢ଼ୀ, ଅବୟବରେ ଅଳଙ୍କାର। ପୁରୁଷ ଶ୍ରେଷ୍ଠଙ୍କୁ କରିଦେଇଛନ୍ତି କିନ୍ନ, ନପୁଂସକ। ସମାଜରେ କ୍ଳୀବଲିଙ୍ଗୀମାନଙ୍କର ଗୁରୁତ୍ୱ ଆଉ ମର୍ଯ୍ୟାଦା ନାରୀ-ପୁରୁଷ ସମକକ୍ଷ

କରାଇବାର ଏହାଠାରୁ ସଫଳ ଚେଷ୍ଟା ଆଉ ବା କ'ଣ ହୋଇପାରନ୍ତା। ସ୍ୱୟଂ ଧର୍ମରାଜ ଯୁଧିଷ୍ଠିର ଯୁଦ୍ଧର ଦଶମ ଦିନରେ ଶ୍ରୀଖଣ୍ଡୀ ମୁଣ୍ଡରେ ନେତ ବାନ୍ଧି ସେନାପତି ବରଣ କରିଥିଲେ। ଗୋଟେ କିନ୍ନରକୁ ଏପରି ସମ୍ମାନର ଅଧିକାରୀ କରାଇଥିବା କୌଣସି ଶାସ୍ତ୍ରରେ ନଜିର ହୁଏ ନାହିଁ। ସେ ମହାଭାରତରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ପ୍ରାଣୀର ଗୁରୁତ୍ୱ ଆରୋପ କରିଛନ୍ତି।

ମୋଡ଼ ପରିବର୍ତ୍ତକ–

ପ୍ରତ୍ୟେକ ରୂପାନ୍ତରଣର ପଛରେ ଜଣେ ମୋଡ଼ ପରିବର୍ତ୍ତକ ନିଶ୍ଚିତ ରହିଥାନ୍ତି। ଏହି ମୋଡ଼ ପରିବର୍ତ୍ତକ ଲୋକବିଦ୍ୟାର ମୋଟିଫ ପରି କାର୍ଯ୍ୟ ପରିଥାନ୍ତି। ଯେପରି ଅମ୍ବା ପ୍ରସଙ୍ଗରେ ପ୍ରଭୁ ପର୍ଶୁରାମ ହେଉଛନ୍ତି ମୋଡ଼ ପରିବର୍ତ୍ତକ। ତାଙ୍କୁ ସାକ୍ଷୀ ରଖି ଅମ୍ବା ପ୍ରୟାଗରେ ଝାସ ଦେଇ ଶ୍ରୀଖଣ୍ଡୀ ଭାବରେ ଜନ୍ମଲାଭ କଲା। ଶ୍ରୀଖଣ୍ଡୀର ଜୀବନ ରେଖାରେ ପୁନଶ୍ଚ ମୋଡ଼ ସୃଷ୍ଟି ହୁଏ ପୁରୁଷତ୍ୱ ପ୍ରାପ୍ତିରେ। ଏଠାରେ ଅଭିଶପ୍ତ ଗନ୍ଧର୍ବ ତୁଳାକର୍ଣ୍ଣ ହେଉଛି ମୋଡ଼ ପରିବର୍ତ୍ତକ। ତୁଳାକର୍ଣ୍ଣର ସ୍ୱଲିଙ୍ଗ ଛେଦନ କରି ଶ୍ରୀଖଣ୍ଡୀରେ ରୋପଣ କରିବାଦ୍ୱାରା କାହାଣୀର ଗତିପଥ ଭିନ୍ନ ମୋଡ଼ ନେଇଛି। ଠିକ୍ ସେହିପରି ଉର୍ବଶୀ ଅପ୍ସରୀ ହେତୁ ଅର୍ଜ୍ଜୁନଙ୍କ ଜୀବନମାର୍ଗରେ ଦେଖା ଦେଇଛି ପରିବର୍ତ୍ତନ। ଯୋଦ୍ଧା, ପରାକ୍ରମୀ ଅର୍ଜ୍ଜୁନ ନପୁଂସକରେ ରୂପାନ୍ତରିତ ହୋଇ ପୁଣି ଶାପ ଅବଧି ପୂର୍ଣ୍ଣ ହୁଅନ୍ତେ ବୀର ରୂପ ପ୍ରକାଶ ପାଇଛି।

ଏହି ମୋଡ଼ ପରିବର୍ତ୍ତକମାନଙ୍କର ଭୂମିକା ଗୌଣ ହେଲେ ହେଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସମ୍ପୂର୍ଣ୍ଣ ଶ୍ରୀଖଣ୍ଡୀ ପ୍ରସଙ୍ଗ ପାଇଁ ମୋଡ଼ ପରିବର୍ତ୍ତକ ନିହାତି ଆବଶ୍ୟକ। ମୋଡ଼ ପରିବର୍ତ୍ତକଙ୍କ କ୍ଷୀଣ ଭୂମିକାକୁ ବାଦ୍ ଦେଲେ କିନ୍ତୁ ପ୍ରସଙ୍ଗ ସର୍ଜନାରେ ବ୍ୟାଘାତ ସୃଷ୍ଟି ହେବ। ସେହିପରି ଉର୍ବଶୀଙ୍କ ଅଭିଶାପକୁ ବାଦ ଦେଲେ ବୃହନ୍ନଳା ପ୍ରସଙ୍ଗ ହିଁ ଅପ୍ରାସଙ୍ଗିକ ମନେହେବ। ତେଣୁ କାହାଣୀର ଗତିପଥରେ ଏହି ମୋଡ଼ ପରିବର୍ତ୍ତକମାନେ ମାଇଲଖୁଣ୍ଟ ଓ ମାର୍ଗନିର୍ଦ୍ଦେଶକର ଗୁରୁ ଭୂମିକା ନିର୍ବାହ କରିଥାନ୍ତି।

ଉପସଂହାର–

ସାରଳା ଦାସଙ୍କ ଅମାପ ଜ୍ଞାନ ଓ ଅକଳନ୍ତି କଳ୍ପନାଶକ୍ତି ବଳରେ ସେ ନାନା ପ୍ରସଙ୍ଗକୁ ନାନା ଭାବରେ ପରସ୍ପର ସହ ସଂଯୋଜିତ କରି ସମ୍ପୂର୍ଣ୍ଣ ମହାଭାରତର ସୁବିସ୍ତୃତ କଥାବସ୍ତୁ ମଧ୍ୟରେ ସ୍ଥାନିତ ଘଟଣାକ୍ରମର ଏକ ଯୋଗସୂତ୍ର ନିର୍ମାଣ କରିଛନ୍ତି। ଯାହା ପାଇଁ ସମ୍ପୂର୍ଣ୍ଣ ମହାଭାରତର କଥାବସ୍ତୁ ଏକ ବୋଲି ମନେ ହୁଏ। କାର୍ଯ୍ୟ, କାରଣ ଭାବ ଯୋଡ଼ି ମହାଭାରତର ପ୍ରତ୍ୟେକ ଆଖ୍ୟାନର ଯଥାର୍ଥତା ଓ ଗୁରୁତ୍ୱ ସୃଷ୍ଟି କରିବାରେ ସେ ହୋଇଛନ୍ତି ସମର୍ଥ। ଏଥି ପାଇଁ ତାଙ୍କୁ ପୂର୍ବଜନ୍ମ, ପରଜନ୍ମ, ଅଭିଶାପ, ଆର୍ଶୀବାଦ ପରି ଉପାଦାନକୁ ଗ୍ରହଣ କରିବାକୁ ପଡ଼ିଛି। ସେହିପରି କଥାବସ୍ତୁରେ ଯୋଗସୂତ୍ର ସ୍ଥାପନ ତଥା ଲେଖକୀୟ ଉଦ୍ଦେଶ୍ୟ ପରିପୂର୍ତ୍ତି ନିମନ୍ତେ ସାରଳା ମହାଭାରତରେ ରୂପାନ୍ତରଣ ପଦ୍ଧତିର ପରିକଳ୍ପନା କରିଛନ୍ତି ସ୍ରଷ୍ଟା।

❖❖❖

# କବି ପ୍ରତିଭା ଶତପଥୀଙ୍କ କାବ୍ୟ ଚେତନାରେ ନିଃସଙ୍ଗତାବୋଧ

ISSN-2583-6978
Volume-4
Issue-12
DECEMBER-2024

ଡକ୍ଟର ଅମରେଶ ସେନାପତି

ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୁର୍ଜା
ଲକ୍ଷ୍ମୀପୁର, କୋରାପୁଟ
ମୋ- ୭୯୭୮୩୨୫୬୦୦

ଓଡ଼ିଆ କବିତା ଜଗତର ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବରେ ଚିର ଜାଜ୍ଜ୍ୱଲ୍ୟମାନ ଓ ଦୀପ୍ତିମାନ ହେଉଥିବା ସ୍ୱର୍ଦ୍ଧା ଓ ବିନୟର କବି ପ୍ରତିଭା ଶତପଥୀଙ୍କ ନାମ ସର୍ବାଗ୍ରେ ବିଦ୍ୟମାନ। କବି ପ୍ରତିଭା ଶତପଥୀ ୧୯୪୫ ନିଭେମ୍ବର ୨୭ ତାରିଖ ପ୍ରଥମାଷ୍ଟମୀର ୪ଦିନ ପୂର୍ବରୁ କଟକ ନଗର ହସ୍ପିଟାଲର ପ୍ରସୂତୀ ଭବନରେ ଜନ୍ମଗ୍ରହଣ କରିଥିଲେ। ବାପା ଚକ୍ରଧର ଶତପଥୀ ଓ ମାଆ ଶ୍ରୀମତୀ ହରିପ୍ରିୟା ଦେବୀଙ୍କ ସେ ସୁଯୋଗ୍ୟା କନ୍ୟା। ବାପା ପ୍ରାୟ କୋରାପୁଟ ମାଳଅଞ୍ଚଳରେ କାର୍ଯ୍ୟରତ ଥିଲେ। ଜନ୍ମସ୍ଥାନ ବୋଲି ଯାହାକୁ କୁହାଯାଏ ତାହା ହେଉଛି କଟକ ଜିଲ୍ଲା ସତ୍ୟଭାମାପୁର ଗ୍ରାମ। ଏହି ଗ୍ରାମରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ବିଶିଷ୍ଟ ସମାଜ ସେବିକା ରମାଦେବୀ ଜନ୍ମଗ୍ରହଣ କରିଥିଲେ ଓ ସେମାନେ ମାଟିକୁ ଏ ଜାତିର ପୂଣ୍ୟ ତୀର୍ଥରେ ପରିଣତ କରିଥିଲେ। ଗୋଟିଏ ପୁରୁଷ ପଛକୁ ଫେରିଲେ କବିଙ୍କର ବାପାଙ୍କର ଜନ୍ମସ୍ଥାନ କଟକ ଜିଲ୍ଲାର ସିଦ୍ଧେଶ୍ୱରପୁର ଗ୍ରାମ ଓ ଭାଷା କୋଣାର୍କର ନିର୍ମାତା ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜଙ୍କର ସାନଭାଇଙ୍କର ସେ ପୁତ୍ର ଥିଲେ। ଡକ୍ଟର ଚକ୍ରଧର ଶତପଥୀ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ। କବି ପ୍ରତିଭା ଶତପଥୀ ବିବେକାନନ୍ଦ ବିଦ୍ୟାପୀଠରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା କଲେଜରେ ପ୍ରାକ୍ ବିଶ୍ୱବିଦ୍ୟାଳୟ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଲେ। ବୃତ୍ତିଗତ ଜୀବନରେ ଅଧ୍ୟାପିକା ଭାବରେ ପୁରୀ ମହିଳା ମହାବିଦ୍ୟାଳୟରେ, ରେଭେନ୍ସା ମହାବିଦ୍ୟାଳୟରେ, ରମାଦେବୀ ମହିଳା ମହାବିଦ୍ୟାଳୟରେ ବି.ଜେ.ବି କଲେଜରେ ଓ ସରକାରୀ କାର୍ଯ୍ୟରେ ନିଜକୁ ନିଯୋଗ କରିଛନ୍ତି। ସାଂସାରିକ କ୍ଷେତ୍ରରେ ୧୯୬୨ ମସିହା ଜୁନ୍ ୨୪ ତାରିଖରେ ବିବାହ ସମ୍ପନ୍ନ ହୁଏ, ପ୍ରଖ୍ୟାତ ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀଙ୍କ ସହିତ। ଚାରୋଟି କନ୍ୟା ସନ୍ତାନକୁ ନେଇ ସଂସାର। ବଡ଼ଝିଅ ପାରମିତା (ଲେନି) ଶତପଥୀ ଭାରତୀୟ ରାଜସ୍ୱ ସେବାରେ ଯୋଗଦେଇ ବର୍ତ୍ତମାନ କମିସନର (ଆୟକର ବିଭାଗ) ଭାବେ କଟକରେ ଅବସ୍ଥିତ। ସେ ମଧ୍ୟ ଜଣେ ସୁପରିଚିତ ଲେଖିକା। କବି ପ୍ରତିଭା ଶତପଥୀଙ୍କର ଏକ ପ୍ରଥମ ସଂସାର, ସେ ହେଉଛି କବିର ସଂସାର। ଦ୍ୱିତୀୟ ସଂସାର ଅନ୍ତରାଳରେ ତାଙ୍କର ଅନ୍ୟ ଏକ ସଂସାର ବିଦ୍ୟମାନ। ତାହାକୁ କବି କାବ୍ୟିକ ସଂସାର କହନ୍ତି। ସାରସ୍ୱତ ସମ୍ମାନରେ ଓ ପୁରସ୍କାରରେ ପ୍ରତିଭା ଶତପଥୀ ବେଶ୍ ଆଗରେ। 'ଶବରୀ' ପୁସ୍ତକ ପାଇଁ ୧୯୯୨ ମସିହାରେ ଶାରଳା ପୁରସ୍କାର ଲାଭ, 'ତନ୍ମୟ ଧୂଳି' ପାଇଁ ୨୦୦୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ, 'ଅଧା ଅଧା ନକ୍ଷତ୍ର' ପାଇଁ ୨୦୦୧ ମସିହାରେ କର୍ଣ୍ଣାଟକର ଏନ୍.ଏନ୍. ଥିରୁମଲାମ୍ବା ଜାତୀୟ ପୁରସ୍କାର ଲାଭ କରିବା ସହିତ ଏସ୍.ବି.ଆଇ ପୁରସ୍କାର, SAIL କବିତା ପୁରସ୍କାର, J.K. Paper କବିତା ପୁରସ୍କାର, ସାହିତ୍ୟ ପୃଥିବୀ ପୁରସ୍କାର, ଉତ୍କଳ ସୂର୍ଯ୍ୟ ସମ୍ମାନ ଇତ୍ୟାଦି। ବିଭିନ୍ନ ବିଭାଗରେ ବୈଚିତ୍ର୍ୟ ହିଁ ତାଙ୍କର ସ୍ୱାତନ୍ତ୍ର୍ୟ। ଅନୁବାଦ କ୍ଷେତ୍ରରେ ନୋବେଲପ୍ରାପ୍ତ ପର୍ଲ ବକ୍‌ଙ୍କ ଉପନ୍ୟାସ (ଅରଣା ସ୍ୱପ୍ନର ରାତି), ନୋବେଲ ପ୍ରାପ୍ତ ଆଇଜାକ୍ ସିଂଗରଙ୍କ ଉପନ୍ୟାସ (କ୍ରୀତଦାସ) ତଥା ସମ୍ପାଦନା କ୍ଷେତ୍ରରେ ରୁଚିପୂର୍ଣ୍ଣ, ଅଭିନବ କବିତା ପତ୍ରିକା 'ଉଦ୍‌ଭାସ'ର ୨୦୦୩ଠାରୁ ନିୟମିତ ସମ୍ପାଦନ।

ନିବନ୍ଧ / ପ୍ରବନ୍ଧ / ରମ୍ୟଗଳ୍ପ / ଭ୍ରମଣ କାହାଣୀ / ଜୀବନୀ ତଥା ଆତ୍ମଜୀବନୀ ମଧ୍ୟରେ 'କଜ୍ଜଳର ଅଭିଷେକ' (୧୯୮୦, ୧୯୯୮), ସ୍ପନ୍ଦନର ଭୂମି (୧୯୯୩), ପ୍ରତିଫଳନ (୧୯୯୩), ଭାରତ ମାତାର ଲୁହ (୨୦୦୨), ବର୍ଣ୍ଣିଳ ଭୋଗପୁର (୨୦୦୪)

ସ୍ୱର୍ଗତ ସରଳାଦେବୀଙ୍କ ଜୀବନୀ (୨୦୦୮) ଓ ଶୈଶବରୁ ସଂସାର (ଆତ୍ମକଥା) (୨୦୦୮)। କାବ୍ୟ କବିତା ମଧ୍ୟରେ ପ୍ରଥମ କବିତା ଗ୍ରନ୍ଥ ମଧ୍ୟରେ 'ଆମ କବିତା' (୧୯୬୨), ଶେଷଜହ୍ନ (୧୯୬୨), ଅସ୍ତ ଜହ୍ନର ଏଲିଜି (୧୯୬୯), ଗ୍ରସ୍ତ ସମୟ (୧୯୭୪), ସାହାଡ଼ା ସୁନ୍ଦରୀ (୧୯୭୮), ନିୟତ ବସୁଧା (୧୯୮୦), ନିମିଷେ ଅକ୍ଷର (୧୯୮୫) ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ, ମହାମେଘ (୧୯୮୮), ଶବରୀ (୧୯୯୧), ତନ୍ମୟ ଧୂଳି (୧୯୯୬), ଅଧା ଅଧା ନକ୍ଷତ୍ର (୨୦୦୧), କହି ନହେଲେ (୨୦୦୬), ତୁମ ପାଇଁ ଥରେ, ସବୁଥର (୨୦୧୧)।

ବିଚାରର ବିଦଗ୍ଧତାରେ, ନିଶ୍ୱାସର ନିର୍ଜନତାରେ, ମୋହରୁ ମୋକ୍ଷ ଓ ଜୀବନରୁ ଜିଜ୍ଞାସାବୋଧ ହେଉଛି ନିଃସଙ୍ଗତାବୋଧ। ତାରା ଗଣୁ ଗଣୁ ତାରା ହୋଇଯିବା ହେଉଛି କବି ପ୍ରତିଭା ଶତପଥୀଙ୍କ କାବ୍ୟ କବିତାର ଅନ୍ତସ୍ୱର। ସେଇ ଅନ୍ତସ୍ୱରରୁ ଗୋଟିଏ ସ୍ୱର ହେଉଛି ନିଃସଙ୍ଗତାବୋଧ।

ନିଃସଙ୍ଗତାବୋଧ ଏକ ମାନସିକ ଅବସ୍ଥା ଓ ଅନୁଭବର କଥା। ମଣିଷ ଯେତେବେଳେ ଜୀବନ ଯୁଦ୍ଧରେ ହାରିଯାଏ, ନିରାଶା ତା'ର ମନ ଓ ପ୍ରାଣକୁ କବଳିତ କରେ। ଚିନ୍ତା ଚେତନାରୁ ସ୍ୱାଧୀନତାବୋଧ ଶୂନ୍ୟ ହୋଇ ସେ ପାରଜିତ ମନରୁ ଧୀରେ ଧୀରେ ଆସକ୍ତି କମି କମି ଯାଏ। ସେତେବେଳେ ସେ ହୋଇଯାଏ ନିଃସଙ୍ଗ। ମନକଥା ଖୋଲି କହିବାକୁ ସାଥିଟିଏ ପାଏନି। ଏହି ନିଃସଙ୍ଗତା, ବନ୍ଧୁହୀନ ଜୀବନର କାରୁଣ୍ୟବୋଧ ତାକୁ ନିରନ୍ତର ବ୍ୟଥିତ କରେ। ଫଳରେ ତାହା ମାନସିକ ବ୍ୟାଧିର ରୂପ ନିଏ। ମଣିଷ ଏକ ସାମାଜିକ ପ୍ରାଣୀ। ସମାଜର ହସ, ଖୁସି, ହାନିଲାଭ, ଅନୁପୂରକଣରେ ତା'ର ସମଷ୍ଟିଗତ ଜୀବନ ସତ୍ତା ତା' ପାଇଁ ପରିପୂରକ ହୋଇପାରେନା। ଏହି ନିଃସଙ୍ଗତା ମନଜ। ଏହାର ପ୍ରଭାବ ଶରୀର ଅପେକ୍ଷା ମନ ଉପରେ ଅଧିକ। ନିଃସଙ୍ଗତାବୋଧର ସ୍ଥିତୀଭୂତ ରୂପ ମଣିଷକୁ ଅନ୍ତଃସାରଶୂନ୍ୟ କରି ପତନମୁଖୀ କରାଏ। ଏ ଧାରାରେ ବିଶ୍ୱଯୁଦ୍ଧ ପରେ ପରେ ମଣିଷ ମନରେ ନାନାବିଧ ସଂଘାତ, ଦୁଶ୍ଚିନ୍ତା, ଦୁର୍ଭାବନା, ଦୁରାକ୍ରାନ୍ତ ଅସ୍ଥିରତା ମଣିଷକୁ ବିଷାଦଗ୍ରସ୍ତ କଲା। କ୍ରମେ କ୍ରମେ ସେ ପଙ୍ଗୁ ହେବାକୁ ଲାଗିଲା। ଯାହାକୁ Paralised or Invalid ବୋଲି କୁହାଯାଇପାରେ। ତା'ର କୌମାର୍ଯ୍ୟ ଅକାଳ ବାର୍ଦ୍ଧକ୍ୟରେ ରୂପାନ୍ତରିତ ହେଲା। ଚତୁର୍ଦ୍ଦିଗ ଧୂମାଳମୟ ହେଲା ଓ ସେ ଦିଗହଜା ହୋଇ ଅନିଶ୍ଚିତତାର ଶିକାର ହେଲା। ଘନୀଭୂତ ଅନ୍ଧକାରର ନିବିଡ଼ତାରେ ସେ ହେଲା ଅନ୍ଧ। ତା' ଆଖି ଆଗରେ ଅବାଞ୍ଛିତ ମୃତ୍ୟୁର ପଟୁଆର। ଅହେତୁକ କ୍ରମହ୍ରାସିତ ମୂଲ୍ୟବୋଧର ଶିକାର ହେଲା ମଣିଷ। ଏହାର ବାହ୍ୟ ଓ ଅନ୍ତଃପ୍ରଭାବରେ ମଣିଷ ହେଲା ନିଃସଙ୍ଗ। ଏହି ନିଃସଙ୍ଗତା କେବଳ ପ୍ରଣୟ ବିଧୁର ବିଚ୍ଛେଦରେ ନୁହେଁ, ତା'ର ସମସ୍ତ ଅଭିଳାଷର ଅସ୍ତଗାମୀ ବିଭଙ୍ଗତାରେ ତାକୁ ଅଧିକ ମ୍ରିୟମାଣ କଲା। ତେଣୁ ଯୁଦ୍ଧୋତ୍ତର ପୃଥିବୀରେ ନିଃସଙ୍ଗତା ସଂକ୍ରମଣ ପ୍ରାୟତଃ ସମସ୍ତଙ୍କର ମୁଣ୍ଡବ୍ୟଥାର କାରଣ ହେଲା। ସବୁ ଥାଇ ମଧ୍ୟ ନାହିଁ ନାହିଁର ଭାବ ଏବଂ ବାହାରର ଚାକଚକ୍ୟ କଳେବର ଭିତରେ ଯେତେ ମୋଟା ବାଉଁଶର ସେତେ ମୋଟା ପୋଲ ସଦୃଶ ଶୂନ୍ୟତାବୋଧର ଶିକାର ହେଲା ଏହି ମଣିଷ। ଯାହାକୁ Hallucination ବୋଲି କୁହାଯାଏ। ନିଃସଙ୍ଗତାବୋଧ ଓଡ଼ିଆ କବିତା, ଗଳ୍ପ, ନାଟକ, ଯାତ୍ରାଧାରାରେ ରୂପପାଇ ମଣିଷ ମନକୁ ଛୁଇଁଲା। ନିଃସଙ୍ଗତାବୋଧର ଅଧିକ ପ୍ରଭାବ କାବ୍ୟ କବିତାରେ ବେଶି ପରିଲକ୍ଷିତ ହେଲା। ପାଶ୍ଚାତ୍ୟ ଇଂରାଜୀ ସାହିତ୍ୟରେ ମାତ୍ରାଧିକ ସୃଷ୍ଟି ତା'ର ପ୍ରକୃଷ୍ଟ ପ୍ରମାଣ ରୂପେ କୁହାଯାଇପାରେ। ବିଶ୍ୱାସରେ ସେତୁ ଯେତେବେଳେ ଭାଙ୍ଗିପଡ଼ିଲା, ସେତେବେଳେ ମନୁଷ୍ୟ ମନରେ ସୃଷ୍ଟି ହେଲା ପର୍ଯ୍ୟାପ୍ତ କାରୁଣ୍ୟ। ସେ ହୋଇପଡ଼ିଲା ଏକାନ୍ତ ନିଃସଙ୍ଗ। ଓଡ଼ିଆ କବିତାରେ ଏହି ନିଃସଙ୍ଗତାର ଚିତ୍ର ଅଧିକ ମାର୍ମିକ ବୋଧ ହେଲା।

ସ୍ୱାଧୀନତା ପରବର୍ତ୍ତୀ କବିତାର ଭିତ୍ତିଭୂମିରେ ନିଃସଙ୍ଗତାବୋଧର ସ୍ୱର ଅଧିକ ମର୍ମସ୍ପର୍ଶୀ ହେଲା। ମଣିଷର ସାମାଜିକତା ଓ ତତ୍ ପରିବେଷ୍ଟିତ ସକଳ ସମ୍ପଦ ନିଃସଙ୍ଗତାରେ ଭରିଗଲା। ଆଧୁନିକ ତଥା ଉତ୍ତର ଆଧୁନିକ କବିତାର କର୍ଣ୍ଣଧାର କବି ପ୍ରତିଭା ଶତପଥୀ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଦୀପକ ମିଶ୍ର, ଗୁରୁପ୍ରସାଦ ମହାନ୍ତି ଆଦି କବିମାନଙ୍କ ସୃଷ୍ଟିରେ ନିଃସଙ୍ଗତାବୋଧର ନିଖୁଣ ଚିତ୍ର ଦେଖିବାକୁ ମିଳେ। ଏହି ନିଃସଙ୍ଗ ଭାବନା ବାମାବାଦୀ ଆନ୍ଦୋଳନର ସୂତ୍ରପାତ କଲା। ନିଃସଙ୍ଗ ଭାବନା ଓ ନିଃସଙ୍ଗତାବୋଧର ଅନୁରଣନ କବି ପ୍ରତିଭା ଶତପଥୀଙ୍କ କାବ୍ୟ ଯାତ୍ରାରେ ସ୍ୱତନ୍ତ୍ର ବାରିହୋଇ ପଡ଼ିଲା। ପୁରୁଷକର୍ତ୍ତୃକ ଓ ପୁରୁଷପ୍ରଧାନ ସମାଜରେ ନାରୀ ନିଜକୁ ଅସୁରକ୍ଷିତ ମନେକଲା। ପଞ୍ଜୁରି ଭିତରେ ଛଟପଟ ପକ୍ଷୀଟି ପରି ନାରୀ ମନର ସ୍ରଷ୍ଟା ମାନସ ଛଟପଟ ହେଲା, ମୁକ୍ତିକାମୀ ବାମାଆନ୍ଦୋଳନର ଅଙ୍ଗନରେ। ତେଣୁ ପ୍ରତିଭାଙ୍କ ସ୍ୱରରେ ତାହା ବାରି ହୋଇ ପଡ଼ିଲା ସମୟ ଚକ୍ରରେ। ନାରୀର ସ୍ୱାଧିକାର ସେହି ପଞ୍ଜୁରୀର ବଳୟ ଭିତରେ ବନ୍ଧାଥାଇ ମୁକ୍ତିର ଆଶାରେ ପ୍ରତୀକ୍ଷା କଲା ଓ ଭରସାର ବାଣୀ ସୃଷ୍ଟି କଲା। ଆଶାରେ, ବିଶ୍ୱାସରେ, ହତାଶରେ, ନିରାଶାରେ ନାରୀ ମନ ବ୍ୟଥିତ ହେଲା। ବିଦୀର୍ଣ୍ଣ ହେଲା ଓ ପରେ ପରେ ଇଶ୍ୱରାନୁବର୍ତ୍ତୀ ହୋଇ କବିତାରେ ଉତ୍ତରଣ ପର୍ବର ଆରମ୍ଭ ହେଲା। ଅବସାଦ କବିତାର ପ୍ରମୁଖ ଆବେଦନ ଥିଲାବେଳେ ଶବରୀର ପ୍ରତୀକ୍ଷା ତାଙ୍କୁ ଶ୍ରୀରାମଙ୍କ ଦର୍ଶନାଭିମୁଖୀ କରାଇପାରିଲା। କବି ପ୍ରତିଭା ଶତପଥୀଙ୍କର 'କହି ନ ହେଲେ' କବିତା ଗ୍ରନ୍ଥ ଐଶ୍ୱରୀୟ ଚେତନାବୋଧର ଏକ ଉତ୍ତରଣ ପର୍ବ କହିଲେ ଯଥାର୍ଥ ହେବ।

ସ୍ୱାମୀର ବିରହରେ ନିଃସଙ୍ଗ, ପ୍ରେମିକର ହତାଦରରେ ନିଃସଙ୍ଗ, ପ୍ରଣୟୀର ପ୍ରତିବାଦିତାରେ ନିଃସଙ୍ଗ, ଉପେକ୍ଷିତ ସ୍ୱାଭିମାନରେ ନିଃସଙ୍ଗ,

କବି ପ୍ରତିଭା ଶତପଥୀଙ୍କର କାବ୍ୟଜଗତରେ ଏକ ସୁପରିପ୍ରକାଶ ଲାଭ କରିଛି । କବିଙ୍କର ସୂକ୍ଷ୍ମତମ ପର୍ଯ୍ୟବେକ୍ଷଣ ତାଙ୍କୁ ମଣିଷ ମନର ଗହନ ଗାଥାକୁ ଖୋଜି  ଖୋଳି ତାଡ଼ି ପ୍ରକାଶ କରିବାରେ ସଫଳ କରାଇଛି । ସେ ମଣିଷର ମନର କାରୁଣ୍ୟ, ଅବସାଦ, ବିଷାଦ, ଅବସୋଷ ଓ ବୁଭୁକ୍ଷାକୁ ସଠିକ୍ ଭାବରେ ଆକଳନ କରି କଥା ଶିଳ୍ପର ପାହାଡ଼ ସୃଷ୍ଟି କରିଛନ୍ତି କବିତାର ମଧୁର ପଂକ୍ତିରେ । ଏହା ହିଁ କବିଙ୍କର ପରମସିଦ୍ଧି । କବି ପ୍ରତିଭାଙ୍କର କବିତାରେ ଏହି ନିଃସଙ୍ଗତା ଏକାନ୍ତ ବ୍ୟକ୍ତିନିଷ୍ଠ ଓ ଏକଲାପଣର ଅସହାୟତାର କରୁଣ ମୂର୍ଚ୍ଛନା । ଏହି ନିଃସଙ୍ଗତାକୁ ନିଖୁଣ ଭାବରେ ଉପସ୍ଥାପନ କରିଛନ୍ତି କବି ମାର୍ମିକ ବାଦ ସ୍ପର୍ଶରେ ।

ବାର୍ଦ୍ଧକ୍ୟର ସ୍ଥାଣୁତ୍ୱ ତାଙ୍କୁ ସ୍ପର୍ଶ କରିପାରିନି । କାରଣ ଦେଶ୍ୱରୀୟ ଚେତନାବୋଧ ଜୀବନକୁ ନୂତନ ରାହା ଦେଖାଇଛି । କବି ସମାଜର ପ୍ରତ୍ୟେକଟି ଚରିତ୍ର ଭିତରେ ନିଜେ ସମାହିତ ହୋଇ ସେମାନଙ୍କର ମନର ବେଦନାକୁ ରୂପ ଦେଇପାରିଛନ୍ତି ।

'ସାହାଡ଼ା ସୁନ୍ଦରୀ'ରେ ସ୍ଥାନିତ ଆଉ ଏକ କବିତା 'ଅନ୍ତରଙ୍ଗ ମୂର୍ତ୍ତି ତୋର' ଆକଳନ କଲେ ନିଃସଙ୍ଗତାବୋଧର ସ୍ୱଷ୍ଟ ଚିତ୍ର ମିଳିଥାଏ ।। 'ଡାକିବୁ ଆକାଶକୁ / ଆ- ଛିଡ଼ିପଡ଼ ମୋ ମୁଣ୍ଡ ଉପରେ । ତୋ ବଜ୍ରର ହତିଆରକୁ ମୁଁ ଦୁବଘାସ / ମାଟି ତୁ ଫାଟିଯାଆ ମୋ ପାଦତଳେ / ନ ହେଲେ ପବନ ଦି'ଭାଗ ହୋଇ ଶୂନ୍ୟ ହୋଇଯାଆ ମୋ ରାସ୍ତାରେ ।" ଜାଣେ, କାନ୍ଦିବୁ । କାହାରି ଲୁହକୁ ପୋଛିପାରିବୁ ନାହିଁ ତୁ, ପଙ୍କରୁ ଉଠିବା କଷ୍ଟକର । ହେଲେ ସୁନ୍ଦର ଆକାଶ' । (ଅନ୍ତରଙ୍ଗ ମୂର୍ତ୍ତି ତୋର - ସାହାଡ଼ ସୁନ୍ଦରୀ, ପୃ-୫୧)

'ନିୟତ ବସୁଧାର ପିଲାଲୋକ', କବିତାରେ କବି କହନ୍ତି- ତେଲ ଲୁଣ ଜାଉ କରୁ କରୁ / ତେଲ ଗୁଣି ପୋକପରି ହାଉ ଯାଉ / ଜଞ୍ଜାଳ ଯେତେକ ଏଠି ଛୋଟ ଓ କୁତ୍ସିତା ଛାତିକୁ ଚଢ଼ି ଆସିବେ ଦେଖୁ ଦେଖୁ / ତା' ଭିତରେ ଝୁଣ୍ଟିପଡ଼ି / ପଡ଼ି ଉଠି ହଲାପଟା ହୋଇ' (ପିଲାଲୋକ- ପୃ-୮୭ ନିୟତ ବସୁଧା, ନିୟତ ବସୁଧାର ଶ୍ରମଣା କବିତାରେ ପୁନଶ୍ଚ କବି କହନ୍ତି-

"ଦୁଃଖ ଗ୍ଲାନି, ଭ୍ରାନ୍ତି ଆଉ ଅବଶୋଷ ଆଶା ଅଭିଳାଷ / ସବୁ ମିଶାମିଶି ହୋଇ ଠୋପାଏ ଦହନ ତେଳ / ତା'ଭିତରେ ଶୀର୍ଣ୍ଣ ସଳିତାଟେ / ମୁଁ ଏମିତି ଜଳୁଥାଏଁ ।

(ନିୟତ ବସୁଧା - ଶ୍ରମଣା ପୃ-୬୫)

'ସବା ସାନପୁଅ' କବିତାରେ କବି କହିଛନ୍ତି-

"ଝଙ୍କାଳିଆ ଆମ୍ବଗଛ ଡାକୁ / ଅନ୍ଧକାର ଝୁଲୁଥିବ ମଲା ମଇଁଷିଟେ ପରି / ପାଦ ଆଡୁ ବେଢ଼ି ଆସୁଥିବ ଘମାଘୋଟ ହେମାଳ ପବନ ।" (ସବା ସାନପୁଅ ପୃ-୩୬, ନିୟତ ବସୁଧା)

'ନିମିଷେ ଅକ୍ଷର' କବିତା ଗ୍ରନ୍ଥରେ ଅଧିକାଂଶ କବିତା ତା'ର ସୃଜନପଣରେ ନିଆରା, ବୃହତ୍ତର ସମୟ ଖଣ୍ଡ ମଧରେ ନିମିଷେ ଅଥବା ମୁହୂର୍ତ୍ତଟିଏ ହିଁ ମହାର୍ଘ । ସିନ୍ଧୁ ଭିତରେ ବିନ୍ଦୁର ଗୁରୁତ୍ୱକୁ ଉପଲବ୍ଧ କରି ନିମିଷେ ସମୟର ମହତପଣକୁ ପ୍ରାଧାନ୍ୟ ଦିଅନ୍ତି କବି । ସେହି ନିମିଷେ ସମୟ ଭିତରେ ଜୀବନର ନିଃସଙ୍ଗତାବୋଧର ଚିତ୍ରଟିଏ ଆଙ୍କିପାରନ୍ତି କବି ଯାହା ଅନନ୍ୟ ।

ପାଳଭୂତ କବିତାରେ କବି କହନ୍ତି-

"ନିଜକୁ ମୁଁ ଆବିଷ୍କାର କରିଲି ହଠାତ୍ / ସଳିତା ଗୋଟିଏ ଯାର ଦୁଇ ପାଖ / ଜଳି ଲାଗିଥିଲା / ବୟସ ଓ ସନ୍ତାପ ନିଆଁରେ ।" (ପାଳଭୂତ - ଅବବୋଧ - ପୃ-୯୪ ନିମିଷେ ...... )

❖❖❖

# କବି ଶତ୍ରୁଘ୍ନ ପାଣ୍ଡବଙ୍କ କବିତାରେ ଦଳିତର ଚିତ୍ର : ଏକ ମାର୍ମିକ ସ୍ୱାକ୍ଷର

ISSN-2583-6978
Volume-4
Issue-12
NOVEMBER-2024

**ଅନନ୍ୟା ବେହେରା**

**କଳାବାରିଧି ଗବେଷିକା**
**ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ,ସମ୍ବଲପୁର**

ପ୍ରତ୍ୟେକ ସମାଜରେ ଦୁଇଟି ବିରୋଧୀ ଗୋଷ୍ଠୀ ଥାଆନ୍ତି,ଯାହାଙ୍କ ମଧ୍ୟରେ ସବୁବେଳେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଅବିଶ୍ରାମ ସଂଘର୍ଷ ଚାଲିଥାଏ । ସେ ହୋଇପାରେ ଶୋଷକ-ଶୋଷିତ, ପ୍ରଭୁ-ଭୃତ୍ୟ, ଉଚ୍ଚ-ନୀଚ, ଧନୀ-ଗରିବ ମଧ୍ୟରେ । ଗୋଟିଏ ପକ୍ଷରେ ଧର୍ମ, ଅର୍ଥ, କ୍ଷମତା, ଜାତିବାଦର ଦ୍ୱାହି ଦେଇ ମାଲିକାନା ଜାହିର କରୁଥିବା ଗୋଷ୍ଠୀ ନିଜକୁ ଉଚ୍ଚ ଆସନରେ ବସାଇବାକୁ ତତ୍ପର ଥିବାବେଳେ ଅନ୍ୟପଟେ ନିଜର ଅସ୍ତିତ୍ୱ, ଅଧିକାର,ସମ୍ମାନକୁ ରକ୍ଷା କରିବା ପାଇଁ, ସ୍ୱାଭିମାନର ସହ ଜୀବନ ବଞ୍ଚିବା ପାଇଁ ସଂଘର୍ଷରତ ଦଳିତ ମଣିଷ। ଏହି ଉଭୟ ବିରୋଧୀ ଗୋଷ୍ଠୀ ମଧ୍ୟରେ ଥିବା ଦୂରତାକୁ ଦୂରକରି ସାମ୍ୟବାଦର ପ୍ରତିଷ୍ଠା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି ଏହି ଦଳିତ ଗୋଷ୍ଠୀ ।ଯେଉଁ ସାହିତ୍ୟ ସମାଜର କଥା କହେ,ଦଳିତ ନିଷ୍ପେସିତ ମଣିଷର ସଂଘର୍ଷର କଥା କହେ ;ସେହି ସାହିତ୍ୟ ହେଉଛି ଦଳିତ ସାହିତ୍ୟ ।ସମାଜରେ ଜାତି,ଧର୍ମ,ବର୍ଣ୍ଣ,ଅର୍ଥ,କ୍ଷମତା ଆଧାରରେ ଚାଲିଥିବା ଶୋଷଣ ,ଅତ୍ୟାଚାର ବିରୋଧରେ ଦଳିତ ସାହିତ୍ୟ ସ୍ୱର ଉତ୍ତୋଳନ କରିଛି ।ପ୍ରାଚୀନ କାଳରୁ ସମାଜରେ ଶୋଷଣ,ଉତ୍ପୀଡ଼ନ ,ବିଷମତା,ଅସଙ୍ଗତିର ଘୃଣ୍ୟ ସମାଜ ବ୍ୟବସ୍ଥା ମଧ୍ୟରେ ତଳିତଳାନ୍ତ ହେଉଥିବା ଦଳିତ ମଣିଷ ମନରେ ନିଜ ଅଧିକାର ପ୍ରତି ସଚେତନତାର ଖୋରାକ ଯୋଗାଇଛି ଏହି ଦଳିତ ସାହିତ୍ୟ ।

ଦଳିତ ସାହିତ୍ୟ ହେଉଛି ସମାନତା,ନ୍ୟାୟ,ଅସ୍ମିତା ଓ ସ୍ୱାଭିମାନର ସଂଘର୍ଷର ସ୍ୱର । ବିଷମତା,ଅନ୍ୟାୟ,ଅତ୍ୟାଚାରର ଏକ ପ୍ରତିବାଦ । ମାନବୀୟ ଅସ୍ମିତା ଓ ଅସ୍ତିତ୍ୱର ପ୍ରତିଷ୍ଠା ହେଉଛି ଏହାର ମୁଖ୍ୟ ଆଭିମୁଖ୍ୟ ।ଜଣେ ବିଶିଷ୍ଟ ଭାରତୀୟ ସମାଲୋଚକ ଓମ୍ ପ୍ରକାଶ ବାଲ୍ମୀକି ଏ ବିଷୟରେ କହନ୍ତି - "ଦଳିତ ସାହିତ୍ୟ କି ସୌନ୍ଦର୍ଯ୍ୟଶାସ୍ତ୍ର ମେ ଜୋ ପ୍ରମୁଖ ତତ୍ତ୍ୱ ହୈ ,ଜୋ ସମୁଚେ ରଚନା କର୍ମ କୋ ସଞ୍ଚାଳିତ କରତା ହୈ, ଓ୍ୱହ ଦଳିତ ଚେତନା କି ବୈଚାରିକ ଅଭିବ୍ୟକ୍ତି, ଜିସକା ସିଧା ସମ୍ବନ୍ଧ ଡ଼.ଆମ୍ବେଦକର ଦର୍ଶନ ଏବଂ ଚିନ୍ତନ ସେ ହୈ । ପ୍ରତିବଦ୍ଧତା ହିଁ ଦଳିତ ସାହିତ୍ୟ କା ସୌନ୍ଦର୍ଯ୍ୟବିଧାନ ହୈ। ଦଳିତ ସାହିତ୍ୟ ଲିଖନ ଦଳିତ ଅସ୍ମିତା କି ତଲାସ ହୈ ,ୟହ ସାମାଜିକ ପରୀକ୍ଷଣ ବଉଙ୍କି ଛାନଭିନ କରଦେନେ କି ଏକ ଅନବୃଷ୍ଟି ପ୍ରୟାସ ହୈ । ବର୍ଣ୍ଣବ୍ୟବସ୍ଥା ସେ ଓପଜି ଅମାନବିକ ତ୍ରାସଦୀ ସେ ମୁକ୍ତି କି ଛଟପଟାହଟ ହିଁ ଦଳିତ ସାହିତ୍ୟ କା ମୂଳ ସ୍ୱର ହୈ। ଜାତିବିହୀନ, ବର୍ଣ୍ଣବିହୀନ ସମାଜ କି ସଂରଚନ ହିଁ ଇସକା ମୂଳ ପ୍ରତିପାଧ ହୈ ।" (ଦଳିତ ସାହିତ୍ୟ କା ସୌନ୍ଦର୍ଯ୍ୟ ଶାସ୍ତ୍ର - ପୃ.୫୪ -୨୦୦୧ )

ସମ୍ପ୍ରତି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉଭୟ ପ୍ରବୀଣ ଓ ତରୁଣ ସାହିତ୍ୟିକଙ୍କ ସୃଷ୍ଟିରେ ଏହି ଦଳିତ ଚେତନାର ସ୍ୱର ପ୍ରତିଫଳିତ ହୋଇଛି । ଏହି ଦଳିତ ମଣିଷମାନଙ୍କର ସ୍ୱର ପାଲଟିଥିବା କବିମାନେ ହେଉଛନ୍ତି - ଜୟନ୍ତ ମହାପାତ୍ର, ପ୍ରସନ୍ନ ମିଶ୍ର, ପ୍ରସନ୍ନ ପାଟଶାଣୀ , କୁମାର ହସନ , ଆଶୁତୋଷ ପରିଡ଼ା , ବାସୁଦେବ ସୁନାନୀ,ଜୟଦ୍ରଥ ସୁନା ପ୍ରମୁଖ ଏହି ଚେତନାକୁ ଆତ୍ମସ୍ଥ କରି ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ଚଳନ୍ତି ସମୟର ଜଣେ ଦରଦୀ କବି ହେଉଛନ୍ତି କବି ଶତ୍ରୁଘ୍ନ ପାଣ୍ଡବ । କବି ଭାବେ ଉଭା ହୋଇ ସେ ଦଳିତ,ଶୋଷିତ ଜନତାର ସ୍ୱର ପାଲଟିଛନ୍ତି ।ଜଣେ ଗଭୀର ଅନ୍ତଃଦୃଷ୍ଟିସମ୍ପନ୍ନ ଜୀବନବାଦୀ କବି ଭାବରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି

ତାଙ୍କର କାଳଜୟୀ ,ରସସିକ୍ତ କବିତା ମାଧ୍ୟମରେ ।ଏକବିଂଶ ଶତାବ୍ଦୀର ମଣିଷ ପାଇଁ ପୁଞ୍ଜିବାଦୀ ରାକ୍ଷସ ଯେଉଁ ବିଭୀଷିକା ସୃଷ୍ଟି କରିଛି ନିଷ୍ଠୁରତା, ଶୋଷଣ,ଅତ୍ୟାଚାର ମଧ୍ୟରେ ଦଳିତ ମଣିଷର ଜୀବନ ବଞ୍ଚିବା କ୍ରମେ କଷ୍ଟକର ହୋଇଯାଇଛି ।ତେଣୁ କବିଙ୍କ ଶବ୍ଦ ମାଟିର କଥା କହେ,ମାଟିର ମଣିଷର ଜୀବନଯନ୍ତ୍ରଣାର କଥା କହେ ।ତାଙ୍କର ପ୍ରକାଶିତ ସଂକଳନ ମଧ୍ୟରୁ ସାବରମତି, ମିଶ୍ରଧ୍ରୁପଦ,ପାଣି ଓ ଅନ୍ୟାନ୍ୟ କବିତା, ସୁନୟନା ଓ ଅନ୍ୟାନ୍ୟ କବିତା ସଙ୍କଳନରେ ଆମେ ଦଳିତ ମଣିଷର ଚିତ୍ର ସ୍ପଷ୍ଟ ଲକ୍ଷ୍ୟ କରିପାରିବା ।

କବି ଶ୍ରୀଯୁକ୍ତ ପାଣ୍ଡବ ତାଙ୍କର ଲେଖନୀ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମାଜର ଏହି କଳଙ୍କିତ ଅଧ୍ୟାୟକୁ ଚିତ୍ରିତ କରିବା ସହ ଜଣେ ସଚେତନ ନାଗରିକ ଭାବେ ଦଳିତ,ନିଷ୍ପେସିତ ବର୍ଗର ରୁଦ୍ଧ କଣ୍ଠସ୍ୱରର ପୁନରୁଦ୍ଧାର ଏବଂ ଦଳିତ ମଣିଷର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି ।କବିଙ୍କର ସୂକ୍ଷ୍ମ ଚେତନା /ଅନ୍ତର୍ଦୃଷ୍ଟି ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିବା ହେଉଛି କବିଙ୍କ ସାହିତ୍ୟ ସର୍ଜନାର ମୁଖ୍ୟ ଲକ୍ଷ୍ୟ ଓ ଆଭିମୁଖ୍ୟ ।କବିଙ୍କ ବିଚାରରେ ଦଳିତ କୌଣସି ଜାତି ନୁହେଁ ବରଂ ଶୋଷିତ ,ନିର୍ଯ୍ୟାତିତ ମଣିଷ, ଶ୍ରମଜୀବୀ, ଭୂମିହୀନ ତଥା ଗରିବ ଚାଷୀ ,ନିର୍ଯ୍ୟାତିତା ନାରୀ ଏବଂ ଜାତି, ଧର୍ମ, ବର୍ଣ୍ଣ ଓ ଆର୍ଥିକ ଦୃଷ୍ଟିରୁ ଶୋଷିତ ଓ ନିର୍ଯ୍ୟାତିତ ହେଉଥିବା ସମସ୍ତ ମଣିଷ ଦଳିତ ଗୋଷ୍ଠୀର ଅନ୍ତର୍ଭୁକ୍ତ ।

କବି ଶତ୍ରୁଘ୍ନ ପାଣ୍ଡବ ଦଳିତ ମଣିଷର ଆଶା,ଆକାଂକ୍ଷା,ସମସ୍ୟାକୁ ତାଙ୍କ କବିତାରେ ଖୁବ ଜୀବନ୍ତ ଭାବରେ ରୂପ ପ୍ରଦାନ କରିଛନ୍ତି ।ତାଙ୍କର ସର୍ଜନାରେ ପ୍ରକାଶ ପାଇଛି ସର୍ବହରା ଦଳିତ ,ନିଷ୍ପେସିତ ମଣିଷର କରୁଁ ଜୀବନ କାହାଣୀ ,ଜୀବନଜୀବିକା ପାଇଁ ସେ କରୁଥିବା ସଂଘର୍ଷର କାହାଣୀ , ଥିଲାବାଲା ମାନଙ୍କର ତା'ପ୍ରତି ଅମଣବିକ ବ୍ୟବହାର ,ଦାଦନ ଦୁଃଖ , ମହାମାରୀ,ଅନାହାରଜନିତ ଅକାଳ ମୃତ୍ୟୁର କାହାଣୀ । କବି ଏମାନଙ୍କର ଜୀବନଯନ୍ତ୍ରଣାକୁ ଅନୁଭବ କରି ଉତାରିଛନ୍ତି ତାଙ୍କ କଲମ ମୁନରେ । ଅନ୍ୟପକ୍ଷରେ ଏହି ପୁରୁଷପ୍ରଧାନ ସମାଜରେ ସମ୍ପ୍ରତି ନାରୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାରକୁ କବି ଅଣଦେଖା କରିନାହାନ୍ତି । ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ନାରୀର ସ୍ୱାଧୀନତା ଉପରେ ରହିଛି ପ୍ରଶ୍ନବାଚୀ। ପ୍ରଚଳିତ ବିଭିନ୍ନ ରୀତିନୀତି ,କଥାକଥିତ ସମାଜ ବ୍ୟବସ୍ଥାର ଶିକୁଳିରେ ଆଜି ମଧ୍ୟ ବନ୍ଧା ପଡିଛି ନାରୀ ।ସେହି ନିର୍ଯ୍ୟାତିତା , ଅସହାୟ ନାରୀ ମଧ୍ୟ ସ୍ଥାନ ପାଇଛି କବିଙ୍କ ଦଳିତ ମଣିଷ ମଧ୍ୟରେ । କବିଙ୍କର ସାବରମତିର 'ସ୍ତ୍ରୀଲୋକ :୧' କବିତାକୁ ଦେଖିପାରିବା । ବର୍ତ୍ତମାନ ମଧ୍ୟ ସମାଜରେ ଜଣେ ନାରୀର ମୁଖ୍ୟ ପରିଚୟ ହେଉଛି ସୁଗୃହିଣୀଟିଏ ହୋଇ ଘର,ପରିବାରର ରକ୍ଷଣାବେକ୍ଷଣା କରିବା ,ସମସ୍ତଙ୍କର ଯତ୍ନ ନେବା । ମାତ୍ର ନିଜସ୍ୱ ମତ ବା ଇଚ୍ଛା ପ୍ରକାଶ କରିବାର ଅନୁମତି ତାକୁ ନାହିଁ । ସମ୍ପ୍ରତି ମଧ୍ୟ କିଛି ଉଚ୍ଚଶିକ୍ଷିତ ମୁଖାପିନ୍ଧା କଦର୍ଯ୍ୟ ମାନସିକତା ବହନ କରୁଥିବା ମଣିଷ ଏ ସମାଜରେ ସମ୍ମାନର ସହ ଜୀବନଯାପନ କରୁଛନ୍ତି । ସେହିପରି 'ସ୍ତ୍ରୀଲୋକ:୨' କବିତାରେ କବି ନାରୀକୁ ବର୍ଣ୍ଣନା କରି କହିଛନ୍ତି - ଏ ସମାଜ ନାରୀର ସ୍ୱାଧୀନତା ରୂପକ ଡେଣାକୁ କାଟିଦେଇ କିପରି ଘରର ସାଜସଜ୍ଜା ପାଇଁ କଣ୍ଢେଇ ପରି ନିର୍ଜୀବ ବସ୍ତୁରେ ପରିଣତ କରିଦେଇଛି -

' ହଲୁଥାଏ ସେ କଣ୍ଢେଇ ପରି
କି ଚମତ୍କାର -
କାଠ ଦେହ
କାଚ ଆଖି
ଜରିଲଗା ଫ୍ରକ
ଅସ୍ଥି ମାଂସର ଫ୍ରେମରେ ? '(ସ୍ତ୍ରୀଲୋକ:୨-ସାବରମତି)

ସେହିପରି 'ପାଣି ଓ ଅନ୍ୟାନ୍ୟ କବିତା' ସଙ୍କଳନରେ ମଧ୍ୟ 'ସ୍ତ୍ରୀଲୋକ' କବିତାଗୁଚ୍ଛରେ କବି ମନେପକାଇଛନ୍ତି ଅଳକା ସାନ୍ୟାଲ ଓ ପ୍ରତିମା ନାୟକଙ୍କୁ ,ପୁଣି ବିବାହିତା ନାରୀଟିଏ ପ୍ରତି ହେଉଥିବା ନିର୍ଯ୍ୟାତନାର କଥା କହିଛନ୍ତି କବି ।ପ୍ରତି ପାଦରେ ଉପେକ୍ଷିତା ନାରୀ କିନ୍ତୁ ଆଜି ବି ଚେଷ୍ଟାରତ ନିଜ ଅସ୍ତିତ୍ୱର ପ୍ରତିଷ୍ଠା ପାଇଁ -'ଦିନେ ଘରକୋଣରୁ ସେ ବାହାରିପଡେ ତଡ଼ବଡ଼ /ତା' ଚାହାଣି ନା ନାକପୁଡ଼ାରୁ ବାହାରୁଥାଏ ନିଆଁ /ନିଆଁ ଚରିଯାଏ ତା' ଦିହମନ/ ଭାବେ ଜାଳିପୋଡ଼ି ଦେବ ଘରଦ୍ୱାର ସ୍ୱାମୀ ସଂସାର /ତା' ଚାହାଣି ଭିତରେ ହୁଅନ୍ତି ଉଭା /ଖଣ୍ଡା ଖର୍ପରଧାରିଣୀ ଦଶଭୁଜା ।'(ସ୍ତ୍ରୀଲୋକ :୪- ପାଣି ଓ ଅନ୍ୟାନ୍ୟ କବିତା )ସେହିପରି କବି ପାଣ୍ଡବଙ୍କର 'ମିଶ୍ର ଧ୍ରୁପଦ' ସଂକଳନରେ ସ୍ଥାନିତ 'ଲକ୍ଷ୍ମୀପୁରାଣ' କବିତାକୁ ନେଇପାରିବା । ଶ୍ରୀୟା ଚଣ୍ଡାଲୁଣୀ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦରୁ ଧନବାନ ହେଲାପରେ ମଧ୍ୟ ସମାଜ ତାକୁ ଗ୍ରହଣ କରିଛି ଅସ୍ପୃଶ୍ୟ , ଦଳିତ ଭାବରେ । ଆଜୀବନ ସେ ଅସ୍ପୃଶ୍ୟତାର ଶିକାର ହୋଇଛି , କାରଣ ସେ ନାରୀ । କବି କହିଛନ୍ତି -'ଜାତିଗୋତ୍ର ବଡ଼ସାନ ପାଇଁ ମୁଁ ଭାରି ହାନିମାନ /ଗାଁ ଗୋହିରି ବାହାରେ ସେ ଲାଗି ଆମ ପାଇଁ ଥାନ ।' ଏହିପରି ଧାର୍ମିକ ପୃଷ୍ଠଭୂମିରେ କବି ଦଳିତ ମଣିଷ ପ୍ରତି ସହାନୁଭୂତି ଦେଖାଇଛନ୍ତି ତାଙ୍କ 'କର୍ଣ୍ଣ କଥା ' କବିତାରେ ।ଏଠି କର୍ଣ୍ଣ ଦଳିତ ମଣିଷର ପ୍ରତୀକ ହୋଇ ଠିଆ ହୋଇଛନ୍ତି ।

କବି ଶତ୍ରୁଘ୍ନ ପାଣ୍ଡବ ଅଣଦଳିତ ହୋଇଥିଲେ ମଧ୍ୟ ବ୍ରାହ୍ମଣବାଦ, ସାମ୍ରାଜ୍ୟବାଦ ଓ ଜାତିଗତ ବୈଷମ୍ୟତା ବିରୁଦ୍ଧରେ ଯେଉଁ ସ୍ୱର ଉତ୍ତୋଳନ କରି ତାଙ୍କ କବିତାରେ ମାନବବାଦର କଥା କହିଛନ୍ତି , ତାହା ହିଁ ସବୁଠାରୁ ବଡ଼କଥା । କବି ଦଳିତ, ନିଷ୍ପେସିତମାନଙ୍କ ଦୁଃଖ ,ଯନ୍ତ୍ରଣାକୁ ଖୁବ ଅନ୍ତରଙ୍ଗ ଭାବେ ଅନୁଭବ କରିଛନ୍ତି , ଯାହା ତାଙ୍କ କବିତାରେ ସ୍ପଷ୍ଟ ବାରି ହୋଇପଡେ । ଜଗତିକରଣର ପ୍ରଭାବରେ କ୍ରମେ କ୍ଷୁଦ୍ର ଓ କୁଟୀରଶିଳ୍ପ ଖୁବ ପ୍ରଭାବିତ ହୋଇଥିଲା।

ଯାହା ଫଳରେ ଶ୍ରମିକ ଗୋଷ୍ଠୀ ,ଦରିଦ୍ର କୃଷକମାନଙ୍କର ଜୀବନଯନ୍ତ୍ରଣାର କଥା କହିଛନ୍ତି କବି ତାଙ୍କ କବିତାରେ । ତାଙ୍କର 'ଚାଷୀମାନେ ଆତ୍ମହତ୍ୟା କଲାବେଳେ' , 'ପେଟ ', 'ଗୋପବନ୍ଧୁ ଦାସ:୨ ', 'ଝାଳ ', 'ନଇଁ ପଡିଥିବା ମଣିଷ ' ଆଦି କବିତାରେ କବି ଦାଦନର କଥା, ଅନାହାର ମୃତ୍ୟୁ,ଦଳିତ ନିଷ୍ପେସିତ ମଣିଷର ଜୀବନ ଯନ୍ତ୍ରଣାକୁ ବର୍ଣ୍ଣନା କରିଛନ୍ତି । 'ସାବରମତି ' ସଙ୍କଳନରେ 'କାଉ କଥା' କବିତାରେ କବି ସର୍ବହରା ଦଳିତ ମଣିଷର କଥା କହିଛନ୍ତି ।ସମାଜରେ ତାଙ୍କ ପ୍ରତି ହେଉଥିବା ଅମାନବୀୟ ବ୍ୟବହାର,ଅତ୍ୟାଚାରର କଥା କାଉକୁ ପ୍ରତୀକ ଭାବେ ଗ୍ରହଣ କରି କବି କହିଛନ୍ତି ।ସେହିପରି ତାଙ୍କ ଅସହାୟତାର ଲାଭ ନେଉଥିବା ଶୋଷକ ଗୋଷ୍ଠୀ ପ୍ରତି ଶକ୍ତ ଚାପୁଡ଼ା ହେଉଛି 'ମେଣ୍ଢା ' କବିତା ।ପ୍ରତୀକାତ୍ମକ ଭାବେ ସେହି ଦଳିତ ଶ୍ରେଣୀର ଅସହାୟତା ପ୍ରକାଶ କରିଛନ୍ତି । 'ନଇଁ ପଡିଥିବା ମଣିଷ ' କବିତାରେ କବି ପାଣ୍ଡବ ସେହି ଅସହାୟ ମଣିଷର ସ୍ୱର ପାଲଟିଛନ୍ତି ।ନିଜ ଅଧିକାର ପ୍ରତି ଅନଭିଜ୍ଞ ମଣିଷ କିପରି ଶୋଷକ ଗୋଷ୍ଠୀର ଖେଳନା ହୋଇ ଜୀବନ ବିତେଇ ଦିଏ ଅସହାୟ ,ଉପେକ୍ଷିତ ମଣିଷ ଭାବରେ ।

ଏହିପରି ଅନେକ କବିତାରେ ଆମେ ଏହି ଦଳିତ ଚେତନାକୁ ଲକ୍ଷ୍ୟ କରିପାରିବା । କବି ଶତ୍ରୁଘ୍ନ ପାଣ୍ଡବ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସ୍ୱର ଉତ୍ତୋଳନ କରିଛନ୍ତି ସମାଜର ଏହି କଳଙ୍କିତ ବ୍ୟବସ୍ଥା ବିରୁଦ୍ଧରେ । ମାତ୍ର ଅନ୍ୟ କବିମାନଙ୍କ ତୁଳନାରେ କବିଙ୍କ ଶୈଳୀ ଖୁବ ନିଆରା ।ଏହି ନୂତନ ଶୈଳୀ କବିଙ୍କୁ ପାଠକର ନିକଟତର କରେ ।ଖୁବ ସହଜ ,ସରଳ ଭାବେ କବି ନିଜ ଭାବନାକୁ ପ୍ରତିଫଳିତ କରିପାରନ୍ତି କବିତାରେ ।କବିଙ୍କ ସୃଷ୍ଟି ସର୍ଜନାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କେବଳ ଆତ୍ମିକ ନୁହେଁ ବରଂ ଆଙ୍ଗିକ ଶୈଳୀ ମଧ୍ୟ ଖୁବ ଚମତ୍କାର ପରିବେଷଣ କରିଥାନ୍ତି ଶ୍ରୀଯୁକ୍ତ ପାଣ୍ଡବ । ତାଙ୍କର ଶତ୍ରୁଘନୀୟ ଶୈଳୀର ମୁଖ୍ୟ ଉପାଦାନ ହେଉଛି - ମିଥ,ପ୍ରତୀକ, ଚିତ୍ରକଳ୍ପ ଓ ସରଳ ଭାଷାର ପ୍ରୟୋଗ ।ଯାହା ପାଠକକୁ ଆକର୍ଷିତ କରେ , ହୃଦୟସ୍ପର୍ଶୀ ହୋଇଉଠେ ।ନିମ୍ନରେ ଏହି କାବ୍ୟିକ ଉପାଦାନକୁ ଆଲୋଚନା କରାଯାଇପାରେ ।ଯଥା -

୧ . ମିଥ୍ - ମିଥିକ ପୃଷ୍ଠଭୂମିକୁ ଗ୍ରହଣ କରି ବର୍ତ୍ତମାନ ପରିପ୍ରେକ୍ଷୀରେ ଗୁନ୍ଥିବାର ବିଶେଷ ଦକ୍ଷତା ରହିଛି କବି ଶତ୍ରୁଘ୍ନ ପାଣ୍ଡବଙ୍କର । ପୁରାଣ ଓ ଇତିହାସରୁ ଚରିତ୍ର ,ଘଟଣାକୁ ନେଇ ସାମ୍ପ୍ରତିକ ସମାଜର ଚିତ୍ରଣ କରିବାରେ ମାହିର ହେଉଛନ୍ତି କବି । ମିଥ,ଇତିହାସପ୍ରବଣତା ,କବିତାର ନୂତନ ଦିଗ ଉନ୍ମୋଚନରେ ଅନେକାଂଶରେ ସହାୟକ ହୋଇଥାଏ । କବିଙ୍କ ମନର ଭାବନାକୁ ଶବ୍ଦରେ ପ୍ରକାଶ କରିବା ପାଇଁ ମିଥ୍ ର ପ୍ରୟୋଗ ଅନେକ ସମୟରେ କବିଙ୍କୁ ସାହାଯ୍ୟ କରେ ନିଜ ଭାବନାକୁ ପାଠକ ନିକଟରେ ପହଞ୍ଚାଇବା ପାଇଁ । ଉଦାହରଣ ଭାବେ ଆମେ ନେଇପାରିବା ତାଙ୍କର 'କର୍ଣ୍ଣ କଥା ' କବିତାକୁ ।'ମୁଁ ସାହାପକ୍ଷ ହୋଇନଥିଲେ /ବହିଥାନ୍ତା କି ରକ୍ତ ନଦୀଟିଏ /କୁରୁକ୍ଷେତ୍ରରେ ଯେ ତଟଭୂମିରେ -/ହସ୍ତିନାପୁର କି କରିଥାନ୍ତା ରକ୍ତସ୍ନାନ /ଜ୍ଞାତି କୁଟୁମ୍ବଙ୍କ ଉଷୁମ ରକ୍ତରେ ?/କେବେ ନୁହେଁ ।' ଏଠାରେ କବି ମହାଭାରତ ପୃଷ୍ଠଭୂମିରୁ ମିଥ୍ ସଂଗ୍ରହ କରି ଅସହାୟ ମଣିଷର କଥା କହିଛନ୍ତି ।

୨. ପ୍ରତୀକ - କବି ଶତ୍ରୁଘ୍ନ ପାଣ୍ଡବଙ୍କୁ ଅନେକ ପ୍ରତୀକବାଦୀ କବିର ଆଖ୍ୟା ପ୍ରଦାନ କରିଥାନ୍ତି ।କାରଣ କବିଙ୍କ ପ୍ରାୟତଃ କବିତା ପ୍ରତୀକାତ୍ମକ ।ପ୍ରତୀକ ପ୍ରୟୋଗ ଦ୍ୱାରା କବି ଗଭୀର,ଗୁଢ ତତ୍ତ୍ୱକୁ ଖୁବ ସହଜରେ ପାଠକ ନିକଟରେ ପହଞ୍ଚାଇ ପାରନ୍ତି ତାଙ୍କ କବିତା ମାଧ୍ୟମରେ । ଆଲୋଚ୍ୟ ବିଷୟରେ ମଧ୍ୟ ଆମେ ପୂର୍ବରୁ ଅନେକ ପ୍ରତୀକାତ୍ମକ କବିତାର ଆଲୋଚନା କରାଯାଇଛି ।ଯଥା - କର୍ଣ୍ଣ କଥା , 'କାଉ କଥା' ମେଣ୍ଢା ଇତ୍ୟାଦି । 'କର୍ଣ୍ଣକଥା' କବିତାରେ କର୍ଣ୍ଣ ହେଉଛନ୍ତି ସମାଜର ଅସହାୟ ବ୍ୟକ୍ତିର ପ୍ରତୀକ ,ଯିଏ ଜୀବନର ବିଭିନ୍ନ ପରିସ୍ଥିତିରେ ନିଜକୁ ଅସହାୟ ମନେ କରେ ।ସେହିପରି 'କାଉକଥା' ଓ 'ମେଣ୍ଢା' ମଧ୍ୟ ସେହି ସର୍ବହରା ,ଦଳିତ,ନିଷ୍ପେସିତ ମଣିଷର ପ୍ରତୀକ ,ଯିଏ ନିଜ ଅଧିକାର ପ୍ରତି ଅନଭିଜ୍ଞ ବା ସ୍ୱର ଉତ୍ତୋଳନ କରିପାରେ ନାହିଁ ।

୩. ଚିତ୍ରକଳ୍ପ - ମିଥ ପରି ଚିତ୍ରକଳ୍ପ ମଧ୍ୟ ହେଉଛି କବିଙ୍କ କାବ୍ୟଶୈଳୀର ଅନ୍ୟ ଏକ ବୈଶିଷ୍ଟ୍ୟ । କବି ନିଜ ଭାବନାକୁ ଚିତ୍ରକଳ୍ପ ମାଧ୍ୟମରେ ଆହୁରି ସ୍ପଷ୍ଟ କରି ପରିବେଷଣ କରିଛନ୍ତି ନିଜ ପାଠକ ନିକଟରେ । କବି ତାଙ୍କ 'ଭୋକ କଥା' କବିତାରେ ଚମତ୍କାର ଚିତ୍ରକଳ୍ପର ପ୍ରୟୋଗ କରିଛନ୍ତି । କବି କହିଛନ୍ତି - 'ସବୁ କୂରେଇଫୁଲ ଅଳସୀଫୁଲର /କେଶରର ପୋକ ହୋଇ ପଶିଯାଏ ଏ ଭୋକ/ ଏବଂ ତା'ର ଦଂଶନରେ ଚରିଯାଏ ନୀଳ ବିଷ ।'କେତେ ଚମତ୍କାର ସତେ କବିଙ୍କ କଳ୍ପନା । ଏକ ଭୟାଭୟ ପରିସ୍ଥିତିକୁ ଖୁବ ସହଜ ଓ ସରଳ ଭାବରେ ବର୍ଣ୍ଣନା କରିଛନ୍ତି ଚିତ୍ରକଳ୍ପ ମାଧ୍ୟମରେ ।

୪.ଭାଷା - ଆଧୁନିକ କବିତାର ଏକ ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ସରଳ ଭାଷା ।ଯାହା ଦ୍ୱାରା କବିତାକୁ ପାଠକ ଅନୁଭବ କରିପାରିବ ବିନା ଦ୍ୱିଧାରେ ,କବିତା ହୋଇପାରିବ ହୃଦୟସ୍ପର୍ଶୀ ।ଉଦାହରଣ ଭବେ ଆମେ ନେଇପାରିବା ତାଙ୍କର 'ଝାଳ' କବିତାକୁ ।' "ଯେଉଁମାନେ ନିଗାଡ଼ନ୍ତି ଝାଳ /ଯେଉଁମାନେ ବାରି ପାରନ୍ତି ଝାଳର ବାସ୍ନା /ଇନ୍ଦ୍ରଧନୁ ଯେଉଁ ଲାଗି ଦିଶେ ଏଡ଼େ ତୋରା /କୁଆଡେ ସେମାନଙ୍କର ନୁହେଁ ଏ ବସୁନ୍ଧରା ।' ଖୁବ ସହଜ ,ସରଳ ଭାବରେ କବି ବ୍ୟକ୍ତ କରିପାରେ ତା'ମନର ଭାବନାକୁ ନିଜର ପାଠକମାନଙ୍କ ସମ୍ମୁଖରେ । ଆଧୁନିକ ସାହିତ୍ୟର ଏହି କେତୋଟି ଆଙ୍ଗିକ ଉପାଦାନ ତାକୁ ଗଢ଼ି ତୋଳିଛି ଏବଂ ପାଠକ ନିକଟରେ ଆଦୃତି ଲାଭ କରିଛି।

୫.ଶୈଳୀ - ଶୈଳୀ ହେଉଛି ପ୍ରତ୍ୟେକ ସ୍ରଷ୍ଟାର ପରିଚୟ । ସମକାଳୀନ କବିମାନଙ୍କ ମଧ୍ୟରୁ କବି ଶତ୍ରୁଘ୍ନ ପାଣ୍ଡବଙ୍କ ଶୈଳୀ

ନିଆରା ।ଜୀବନକୁ ଚିହ୍ନିବାର ଜିଜ୍ଞାସା ପ୍ରକାଶ ପାଏ ତାଙ୍କର ନିଆରା ବାକ୍ୟ ସଂଯୋଜନାରେ ।ପ୍ରଶ୍ନରେ ତାଙ୍କର ଉତ୍ତର ପହଞ୍ଚିଯାଏ ପାଠକ ନିକଟରେ -ଏହି ଶବ୍ଦ ସଂଯୋଜନା ତାଙ୍କୁ କରିଦିଏ ସମସ୍ତଙ୍କ ଠାରୁ ଭିନ୍ନ । କବି ତାଙ୍କର ନୂତନ ଶୈଳୀ ନିର୍ମାଣ କରିଛନ୍ତି ବର୍ଣ୍ଣନାତ୍ମକ ଓ ଅଭିବ୍ୟଞ୍ଜନାତ୍ମକ ଶୈଳୀର ମିଶ୍ରରୂପକୁ ପରଷି ଦେଇଛନ୍ତି ପାଠକ ମାନଙ୍କ ନିକଟରେ ।ଯାହା ତାଙ୍କର କବିତାକୁ ବୋଧଗମ୍ୟ କରିବାରେ ସାହାଯ୍ୟ କରିଥାଏ ।ନୂତନ ଶବ୍ଦ,ନୂତନ ଶୈଳୀ ପ୍ରୟୋଗ କରି କବି ଓଡ଼ିଆ କବିତା ସମୃଦ୍ଧ କରିବା ସହ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି ।ତାଙ୍କର ଶୈଳୀ ପାଠକ ମହଲରେ ଶତ୍ରୁଘନୀୟ ଶୈଳୀ ଭାବେ ପରିଚିତ ।ତାଙ୍କର ଚମତ୍କାର କଥନ ଶୈଳୀ ପାଠକମାନଙ୍କ ମଧ୍ୟରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।' କହିପାରିବ ଯେ ବଂଶବୃକ୍ଷର ସବୁଜ ପତ୍ରର ଶିରାପ୍ରଶିରାରେ /ବହୁଥିବା ରକ୍ତ ପବିତ୍ର ଓ ଶୁଦ୍ଧ ବୋଲି ?ପବିତ୍ରତା ଓ /ଶୁଦ୍ଧତାର ଧାରା କ'ଣ ରକ୍ତରେ ଇ ବହୁଥାଏ ଖାଲି ?'

୬.ମୁକ୍ତଛନ୍ଦର ପ୍ରୟୋଗ - ଦେଖିବାକୁ ଗଲେ କବି ଶତ୍ରୁଘ୍ନ ପାଣ୍ଡବଙ୍କର ସମସାମୟିକ କବିମାନଙ୍କ ମଧ୍ୟରେ ମୁକ୍ତଛନ୍ଦର ପ୍ରୟୋଗ ଖୁବ୍ କ୍ୱଚିତ ଦେଖାଯାଏ । ମାତ୍ର କବିଙ୍କ କାବ୍ୟିକ ଉପାଦାନ ମଧ୍ୟରେ ଏହି ମୁକ୍ତଛନ୍ଦର ପ୍ରୟୋଗ ଅନ୍ୟତମ । ଏହା ଫଳରେ ଭାବନାର ଶାବ୍ଦିକ ପ୍ରକାଶରେ କବିଙ୍କ ସ୍ୱତନ୍ତ୍ରତା ସର୍ବତ୍ର ଲକ୍ଷ୍ୟ କରାଯାଇପାରେ। ଆଗାମୀ ସମୟରେ ଏହି କାବ୍ୟିକ ଉପାଦାନଗୁଡିକର ବିସ୍ତୃତ ଆଲୋଚନା କରାଯାଇପାରେ ।

ଆଲୋଚ୍ୟ ବିଷୟ ଦଳିତ ଚେତନା ବର୍ତ୍ତମାନ ସମୟର ଏକ ଚର୍ଚ୍ଚିତ ବିଷୟ । କାରଣ ସମୟକ୍ରମେ ଆଧୁନିକ ଓଡ଼ିଆ ସାହିତ୍ୟିକଙ୍କ ମଧ୍ୟରୁ କେଇଜଣ ଏହି ଦଳିତ ମଣିଷର ସ୍ୱର ହୋଇ ସମାଜରୁ ଏହି ଘୃଣ୍ୟ ବ୍ୟବସ୍ଥାର ମୂଳପୋଛ କରିବା ଦିଗରେ ଆଗେଇ ଯାଇଥିଲେ। ଏହି କବିମାନଙ୍କ ମଧ୍ୟରେ କବି ଶତ୍ରୁଘ୍ନ ପାଣ୍ଡବ ନିଜ ସର୍ଜନାରେ ଯେଉଁ ଦଳିତ ଚେତନାର ସ୍ୱାକ୍ଷର ବହନ କରିଛନ୍ତି ,ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ।ଅନ୍ୟ ଦଳିତ ସାହିତ୍ୟିକଙ୍କ ଭଳି ପ୍ରତ୍ୟକ୍ଷ ଭାବରେ ନହେଲେ ମଧ୍ୟ ପରୋକ୍ଷ ଭାବରେ ଏହାକୁ ବିରୋଧ କରିଛନ୍ତି ଏବଂ ସମାଜକୁ ସଚେତନ କରିବାର ସୁପ୍ରୟାସ କରିଛନ୍ତି। ତେବେ ସାହିତ୍ୟଦ୍ୱାରା ଏହାର ମୂଳୋତ୍ପାଟନ ସମ୍ଭବ ନୁହେଁ। ଯେପର୍ଯ୍ୟନ୍ତ ଆମ ସମାଜର ଦଳିତ ଗୋଷ୍ଠୀ ନିଜ ଅଧିକାର ପାଇଁ ସ୍ୱରଉତ୍ତୋଳନ କରିବେ ନାହିଁ ,ନିଜ ଅସହାୟତାକୁ ଭାଗ୍ୟ ଆଦରି ଯନ୍ତ୍ରଣା ଭୋଗ କରୁଥିବେ ;ସେପର୍ଯ୍ୟନ୍ତ ଏହାର ସମାଧାନ ଅସମ୍ଭବ। ସାହିତ୍ୟ ନିଶ୍ଚିତ ଭାବରେ ସମାଜକୁ ସଚେତନ କରିଛି ,ସଂସ୍କାରିତ କରିଛି । ଯାହା ଫଳରେ ସମୟକ୍ରମେ ଏହି ଶ୍ରେଣୀ ସଂଘର୍ଷ କ୍ରମେ ହ୍ରାସ ପାଇଛି ସତ,କିନ୍ତୁ ଆଗକୁ ମଧ୍ୟ ଆମକୁ ପ୍ରୟାସ ଜାରି ରଖିବାକୁ ପଡିବ । ତରୁଣ ଗୋଷ୍ଠୀ ଏଥିପ୍ରତି ସଚେତନ ହେଲେ ନିଶ୍ଚୟ ଖୁବ ଶୀଘ୍ର ଆମେ ଆମ ସମାଜରେ ସମତା ପ୍ରତିଷ୍ଠା କରିପାରିବା ।ଶ୍ରେଣୀ ସଂଘର୍ଷ,ଭେଦଭାବକୁ ଦୂରେଇଏକ ଆଦର୍ଶ ସମାଜ ଗଠନ ହୋଇପାରିବ । ଯେଉଁଦିନ ଶୋଷକ-ଶୋଷିତ ,ପ୍ରଭୁ-ଭୃତ୍ୟ ,ଧନୀ-ଗରିବ,ଉଚ୍ଚ-ନୀଚର ଭେଦଭାବ ନଥିବ ।ପ୍ରତ୍ୟେକ ମଣିଷ ପରସ୍ପର ସହ ସମ୍ମାନ,ଆଦରର ସମ୍ପର୍କ ସ୍ଥାପିତ ହେବ ଏବଂ ଏହି ଅଭିନବ ପ୍ରୟାସରେ ଆଧୁନିକ ଓଡ଼ିଆ କବିତାର ଭୂମିକା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ । ଏହି ସାହିତ୍ୟ ଚେତନା ଆମ ସମାଜକୁ ଆଦର୍ଶ ସମାଜ ନିର୍ମାଣରେ ନିଶ୍ଚୟ ମାର୍ଗଦର୍ଶନ ଦେବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

❖❖❖

# ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ଭାବ ପ୍ରସଙ୍ଗ



ISSN-2583-6978
Volume-4
Issue-12
NOVEMBER-2024

**ତୃପ୍ତି ରଞ୍ଜନ ରାଉତ**

**ସହକାରୀ ପ୍ରଫେସର**
**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ**
**ଅମୃତବିହାର, ସମ୍ବଲପୁର**

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ପୂର୍ବ ମହାକାବ୍ୟିକ ପରମ୍ପରାର ଏକ ଉନ୍ନତ, ଓଜନିଆ ସୁନ୍ଦର ବଗିଚା ମାତ୍ର,ଯାହା କିଛି ପରମ୍ପରା ପ୍ରଚୁର ଆଧୁନିକତାର ମିଳନରେ ସୃଷ୍ଟି ହୋଇଛି ଓ ତାକୁ ଯିଏ ଯେତେବେଳେ ଯେମିତି ସଜେଇ ପାରିଛି ସେ ଠିକ ସେମିତି ଦୃଶ୍ୟମାନ ହୋଇଛି ଓ ସାରଳା ଦାସଙ୍କ ମହାଭାରତ ଠାରୁ ଆରମ୍ଭ କରି ଉତ୍ତର ଆଧୁନିକତାର ଧାରାରୁ ଏକବିଂଶ ଶତାବ୍ଦୀର କବିତା ଶିଖିଛି ବେଶୀ,ଗ୍ରହଣ କରିଛି କମ୍ ।

ଏକବିଂଶ କବିତାକୁ ଦୃଷ୍ଟିଦେଲେ ତାହା ହରାଇଛି ବହୁତ,ପାଇଛି ତା ଠାରୁ ବେଶୀ ଓ ଉକ୍ତ ଶତାବ୍ଦୀର ଜନ୍ମଲଗ୍ନରୁ ଘଟିଥିବା ମହାବାତ୍ୟା ସାମାଜିକ ସ୍ଥିତାବସ୍ଥାକୁ ଦୋହଲାଇ ଦେଇଛି। ମହାବାତ୍ୟାର ଆଁ ଭିତରେ କେତେ ମଣିଷ,ପଶୁପକ୍ଷୀଙ୍କ ଜୀବନ ଯାଇଛି। କେତେଲୋକ ବେସାହାରା ହୋଇଛନ୍ତି, କାହାର ଘର ଭାଙ୍ଗି ଯାଇଛି ତ ଆଉ କାହାର ଛପର ଉଡିଯାଇଛି। କ୍ଷେତରୁ ଫସଲ ନଷ୍ଟ ହୋଇଛି, ଘରେଥିବା ବର୍ଷକର ଆହାରରେ ପାଣି ପଶିଛି,କାନ୍ଥ ପଡିଛି ସବୁ ନଷ୍ଟ ହୋଇଯାଇଛି ଓ ସତେଯେମିତି ଲୋକମାନଙ୍କ ଜୀବନରେ ଅମାବାସ୍ୟାର ଅନ୍ଧକାର ମାଡିଆସିଛି। ଗାଁ ଧିରେ ଧିରେ ସାହାରାଭିମୁଖୀ ହୋଇଛି ବା ସହରର ଅଦାବ କାଇଦାରେ ଗାଁ ବଞ୍ଚିବାକୁ ଲାଗିଛି। ଯାହାଦ୍ୱାରା ଗାଁର ଜୀବନ ଶୈଳୀରେ ପରିବର୍ତ୍ତନ ଘଟିଛି ଓ ଗାଁର ବାପା ମା ଡାକ ଡାଡି ମମିରେ ପରିଣତ ହୋଇଛି,ଗାଁର ରାସ୍ତା ସହରକୁ ବାଟ ଫିଟାଇଛି, ଖାଦ୍ୟପେୟ ପୋଷାକ ପରିଛନ୍ନରେ ଆଧୁନିକତା ଭରିଯାଇଛି ଓ ସଂସ୍କୃତି ଅପସଂସ୍କୃତିରେ ପରିଣତ ହୋଇଛି। ଅଳ୍ପ କେତେଜଣଙ୍କୁ ଛାଡିଦେଲେ ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ମଣିଷ ପୂଜା କମ କରିଛି ଓ ପ୍ରଚାର ବେଶୀ କରିଛି ଓ ଅର୍ଥନୀତିର ସ୍ୱଳ୍ପ ବୃଦ୍ଧି ସତ୍ତ୍ୱେ ଏକବିଂଶ ଶତାବ୍ଦୀ ତାର ପ୍ରଥମ ପାହାଚ ଏହିଭଳି ଭାବେ ଗତି କରିଛି ।

ଅନ୍ୟ ପକ୍ଷରେ ନଗରର ଜୀବନ ଫୋପାଡ଼ି ଅନେକ ଗାଁ ମୁହାଁ ହୋଇଛନ୍ତି । ସହରରେ ଘର ଥାଇମଧ ଗାଁରେ ଘର ତିଆର କରି ପୁନେଇ ପରବରେ ଗାଁ ସହ ଯୋଡି ହୋଇଛନ୍ତି ଓ ଯୁବବର୍ଗଙ୍କୁ ଆଗ ଅପେକ୍ଷା ସହଜରେ ରୋଜଗାର ମିଳିପାରିଛି, ଚାଷକାର୍ଯ୍ୟଠାରୁ ଆରମ୍ଭ କରି ବ୍ୟବସାୟ ପର୍ଯ୍ୟନ୍ତ ଜଗତୀକରଣ ପ୍ରଭାବରେ ସହଜ ସୁଗମ ହୋଇଛି। ଶିକ୍ଷା କ୍ଷେତ୍ରରେ ମଧ ଉନ୍ନତି ଘଟିଛି,ବିଜ୍ଞାନ। ପ୍ରଯୁକ୍ତିବିଦ୍ୟାର ଉନ୍ନତି ଦ୍ୱାରା ଆମ ହାତ ପାଆନ୍ତାରେ ଖାଦ୍ୟ ଠାରୁ ଆରମ୍ଭକରି ପ୍ରସାଧନ ସାମଗ୍ରୀ ସହଜରେ ମିଳିପାରିଛି। ଏକବିଂଶ ଶତାବ୍ଦୀର କବିତା ମୃତ୍ୟୁର ଯୁପକାଠରୁ ଦୌଡ଼ି ଦୌଡ଼ି ଆସି ପହଞ୍ଚିଛି ସାଗୁଆ ଧାନ କ୍ଷେତର ଗହଳ ସ୍ୱପ୍ନ ଭିତରେ। ଜଗତୀକରଣର ଖୋଳପାରୁ ବାହାରି କବିତା ମାଟି ମନସ୍କ ହୋଇଛି, ଏକତା ସୂତ୍ରରେ ସମସ୍ତଙ୍କୁ ବାନ୍ଧିରଖିବାର ପ୍ରୟାସ କରିଛି ଓ ପାଚିଲା ଧାନକ୍ଷେତର ବାସ୍ନା, ଗାଁ ଶେଷମୁଣ୍ଡରେ ଉକୁଟି ଉଠୁଥିବା ଇନ୍ଦ୍ରଧନୁ, ଅଶିଣ ମାସରେ ଫୁଟିଥିବା କାଶତଣ୍ଡୀ ଫୁଲ, ଗୋଠରୁ ଭାସି ଆସୁଥିବା ବହଳ ଧୂଆଁର ଗନ୍ଧ, ଛାମୁଆ ପାଟରେ କୁହୁଡିର ମୋଟା ଆସ୍ତରଣ ଅବା ବାଲିଦଣ୍ଡାର କିଆବୁଦାରୁ ବିଲୁଆର ହୁକେ ହୁ ଡାକକୁ କବିତା ଜାବୁଡିଧରି ପ୍ରକାଶ କରିବାକୁ ଲାଗିଲା।

ଯଦିଓ ପୂର୍ବସୂରୀମାନଙ୍କ ପରି ଛୋଟମୋର ଗାଁ'ଟି,ଗ୍ରାମ୍ୟ ଶ୍ମଶାନ,ଗ୍ରାମପଥ,ଡାମରା କାଉ ଆଦି ପରି କବିତା ରୂପ ପାଇପାରିନାହିଁ। କିନ୍ତୁ ପରବର୍ତ୍ତୀତ ଗାଁର ରୂପ ଶୋଭା, ଗ୍ରାମ୍ୟ ଜୀବନଶୈଳୀ, ପ୍ରକୃତିର ରୂପଶୋଭା, ବିଶ୍ୱାସ। ମାନସିକତାକୁ କବି ଖୁବ ସୁନ୍ଦର ଭାବେ ପ୍ରକାଶ କରିପାରିଲା। ତାରି ଭିତରେ ପିଲାବେଳରେ ଘଟିଯାଇଥିବା ଘଟଣା, ସ୍ମୃତି,ସ୍ୱପ୍ନ ଆଦି ପ୍ରକାଶ କରିବା

ସହ ସଂପ୍ରତି ଘଟିଥିବା ବଧୂହତ୍ୟା,ନାରୀ ଦୁଷ୍କର୍ମ ଓ ହତ୍ୟା କନ୍ୟାଭ୍ରୂଣ ହତ୍ୟା, ଦାଦନ ସମସ୍ୟା, ଶିଶୁ ଶ୍ରମିକ, ବେକାର ସମସ୍ୟା, ନାରୀ ସ୍ୱାଧୀନତା, ଛାଡପତ୍ର, ଦଳିତ ସମସ୍ୟା, ପୁତ୍ର-କନ୍ୟା ପିତା ମାତାଙ୍କ ପ୍ରତି ଅବହେଳା ଯାହାଦ୍ୱାରା ବୃଦ୍ଧାଶ୍ରମର ଜନ୍ମ ଆଦି ପ୍ରସଙ୍ଗକୁ ନେଇ ଏକବିଂଶ ଶତାବ୍ଦୀର କବିତା ଆଞ୍ଜୁଳା ଆଞ୍ଜୁଳା ଭରି ତୋଳି ଧରିଛି ଆମମାନଙ୍କ ସାମ୍ନାରେ।

ଅତଏବ ଏକବିଂଶ ଶତାବ୍ଦୀରେ ଯେଉଁ କବିମାନେ କବିତା ଲେଖିଛନ୍ତି ସେମାନେଯେ ଆଗରୁ ଲେଖିନାହାନ୍ତି ତାହା ନୁହେଁ, ସେମାନେ ପୂର୍ବରୁ କବିତାରେ ପରିଚିତି ପାଇଛନ୍ତି। ସମକାଳୀନ ପାଣିପାଗ ସହ ଯୋଡିହୋଇ କବିତା ଲେଖିପାରିଛନ୍ତି। ତା ସତ୍ତ୍ୱେ କିଛି ନୂଆ ପିଢ଼ିର ଲେଖକ ସୃଷ୍ଟିହୋଇ ପୁରୁଣା ସଂସ୍କୃତି ଭାଙ୍ଗି ନୂଆ ଜୀବନଧାରା ନିର୍ମାଣରେ ଏମାନେ ସିଦ୍ଧହସ୍ତ ହୋଇ ପାରିଛନ୍ତି। ଆସନ୍ତୁ ସେ ସମ୍ପର୍କରେ ବିଚାର ବିମର୍ଶ କରିବା।

କତିପୟ କବିଙ୍କ ବିଚାରରେ କବିତା

କବି ରମାକାନ୍ତ ରଥଙ୍କୁ ଏ ଦିଗରେ ଗ୍ରହଣ କରାଯାଇପାରେ। ଜୀବନ ଜଞ୍ଜାଳ ଭିତରେ ଘୁରିବୁଲୁଥିବା କବି ବେଳେବେଳେ ବିଭୋର ହୋଇଯାଇଛି ପ୍ରକୃତିର ସୌନ୍ଦର୍ଯ୍ୟକୁ ନେଇ। ଭାବଜଗତରେ ଯେଉଁ ରୂପଚିତ୍ରକୁ ଭେଟନ୍ତି, ସେମାନଙ୍କୁ ପୁଣିଥରେ ଖୋଜି ବସନ୍ତି ବ୍ୟସ୍ତ ଜଗତରେ ଅବା କେଉଁ ଏକ ଖିଆଲି ସ୍ୱପ୍ନ ଭିତରେ। ଜୀବନ ହୋଇଯାଏ ସରଳ ହୃଦ ଗଣିତରେ ପରିଣତ କବି କାନ୍ଦକାନ୍ଦ ହୋଇ ଗାଇପାରନ୍ତି ସେସବୁକୁ, ଯେମିତି :-

" ଟିକିଏ ରହ ପବନ ଶେଷଥର ପାଇଁ
ଆଉଁଶିଦିଏ ତୋ ଭଲ ପାଇବାକୁ
ଦେଖୁନୁ, ସେ ଦିନର ଜହ୍ନ ଉଇଁଲାଣି
ଉଜ୍ଜ୍ୱଳ ରହିବା ପାଇଁ ଆମ ଦି ଜଣକୁ ।"

ଶେଷ ମିଳନ - ସରଳ ହୃଦ ଗଣିତ - ରମାକାନ୍ତ ରଥ

ଚିରକାଳ ନିଜ ଜୀବନ ଯୁଦ୍ଧରେ କ୍ଷତ ବିକ୍ଷତ ମଣିଷ ଶେଷ ସମୟ ବେଳକୁ ସେ ମନେପକାଏ ଛାଡିଯାଇଥିବା ରଙ୍ଗଣୀ ଫୁଲର ସୌନ୍ଦର୍ଯ୍ୟକୁ । ଏହି ଜୀବନ କାଳ ଭିତରେ ସେ କେତେ ପାଇବାର ନୁହେଁ ବଂର କିଛି ହରେଇବାର ଦୁଃଖରେ ମୁହ୍ୟମାନ ହୋଇପଡେ। ଆଜୀବନ ତାର ଜୀବନ ପତ୍ର ଭର୍ତ୍ତି ହୋଇ ପାରେନା କିନ୍ତୁ ତାର ଅଭିଯୋଗ ବାରମ୍ବାର ସେହି ପରମ ପ୍ରିୟ ପୁରୁଷ ପାଖରେ।

ବିଂଶରୁ ଏକବିଂଶ ଶତାବ୍ଦୀର କାବ୍ୟ ଯାତ୍ରାରେ କବି ସୀତାକାନ୍ତ ମହାପାତ୍ର ବ୍ୟକ୍ତିଗତ ବିଷାଦକୁ ଫୋପାଡ଼ି ସମାଜର ମୌଳିକ ସୁବିଧା ଗଭୀର ଦୁଃଖଭରା ପ୍ରାଣର କଥା ଗାଇ ଉଠିଛନ୍ତି ଓ ତାରି ଭିତରେ ଗ୍ରାମ୍ୟ ସଂସ୍କୃତିର ଯେଉଁ ଭଗବତୀୟ ଐଶ୍ୱର୍ଯ୍ୟ ଥିଲା ତାହା ଆଜି ଅପସରି ଯାଇ ଏପରି ଅବକ୍ଷୟ ପର୍ଯ୍ୟାୟରେ ପହଞ୍ଚିଛି ଯେ କେଉଁଠି ମନ୍ଦିର ପୂଜକ ଦୁଷ୍କର୍ମ ପାଇଁ ସଜବାଜ ହେଉଛି ତ ଆଉ କେଉଁଠି ମା କନ୍ୟା ସନ୍ତାନଟିକୁ ରାସ୍ତା କଡରେ ଛାଡି ଖୁସିମନରେ ଚାଲିଯାଉଛି। ଏ କଣ ସେହି ଭାରତ ବର୍ଷ ଯେଉଁ ଭାରତରେ ସୂର୍ଯ୍ୟଙ୍କୁ ଜଳଟେକି ବେଦମନ୍ତ୍ରରେ ଜନ ମନାସାକୁ ମୁଖରିତ କରୁଥିଲା। ଯେଉଁ ନଚିକେତା ଦିନେ ଜନ୍ମ ମୃତ୍ୟୁର ରହସ୍ୟ ଜାଣିବା ପାଇଁ ଦେବତାଙ୍କୁ ପ୍ରଶ୍ନ ପଚାରିଥିଲା, ଆଜି ଏକବିଂଶ ଶତାବ୍ଦୀର ନଚିକେତା ଖାଇବା ପାଇଁ ସଂଗ୍ରାମ କରେ ଜଠର ଯନ୍ତ୍ରଣାରେ। ଏକବିଂଶ ଶତାବ୍ଦୀରେ ବେକାର,ଦାରିଦ୍ର୍ୟ ଯେଉଁ ପରି ଯୁବବର୍ଗଙ୍କୁ ଆକ୍ରାନ୍ତ କରୁଛି ସୀତାକାନ୍ତ ମହାପାତ୍ର ଏସବୁର ଚିତ୍ର ଭାରତବର୍ଷ କବିତା ସଙ୍କଳନରେ ପ୍ରକାଶ କରିଛନ୍ତି -

" ପୁନରପି ନଚିକେତା ଭୋକିଲା ପେଟରେ
ପଞ୍ଚତାରକା ହୋଟେଲ ପଛପଟେ ଆବର୍ଜନା ବାଣ୍ଟୁଥାଏ
ଛିଣ୍ଡା ପଲିଥିନ, ଅଇଁଠା ପଲାଉ
କୁକୁଡ଼ାଙ୍କ ଅଧାଚୋବା ବେକ ଆଉ ଗୋଡ "

ଭାରତବର୍ଷ : ଛାତି ତଳ ଫଗୁଆରେ କୁନି ସ୍ୱପ୍ନଟିଏ - ସୀତାକାନ୍ତ ମହାପାତ୍ର

ଏକବିଂଶ ଶତାବ୍ଦୀର କାବ୍ୟ ଧାରାରେ କୌଣସି ନଗଦ ସ୍ପର୍ଶକାତର ଘଟଣାକୁ ନେଇ ପ୍ରତିବାଦୀ ଧର୍ମୀ କବିତା ରଚନା କରିବାର ସାହସ ରଖୁଥିବା କବି ଭଗବାନ ଜୟସିଂହ ଓ ସାଂପ୍ରତିକ ସମାଜର ପ୍ରଗତି ପଥରେ ମୂଳରୁ ଚୁଳ ପର୍ଯ୍ୟନ୍ତ ଖାଲି ଭେଜାଲ ହିଁ ଭେଜାଲ ଭରି ଯାଇଛି। ଯିଏ ଯେତେ ପ୍ରଚାର କରିପାରିଲା, ଯିଏ ଯେତେ ବାହାସ୍ଫୋଟ ମାରିପାରିଲା ସେ ସେତେ ପାରିବ ପଣିଆରେ ଗଣାହେଲା। ମୁଖାପିନ୍ଧା ସଭ୍ୟତା ଆଜି ସମାଜର ମୂଳ ବୁନିଆଦିକୁ ନଷ୍ଟ କରିବାରେ ବ୍ୟସ୍ତ ଓ ସାଧାରଣ ମଣିଷ ତ୍ରାହି ତ୍ରାହି ଡାକୁଛନ୍ତି, ହେଲେ ତାହାର ନିନାଦ କାହାରି ପାଖରେ ନାହିଁ । ସମକାଳୀନ ସମାଜରେ ଆଧାତ୍ମିକ ଶଠତା କିପରି ପ୍ରବେଶ କରିଛି ତାହା ଏଠାରେ ଅନୁମାନ କରାଯାଇପାରେ ଯେମିତି :

" କାଲି ଗଂଜାମର ସନ୍ତୋଷ ରାଉଳ
ଆଜି ସାଥିହୀନ ସାରଥୀ ବାବା
କଲି ଯିଏ ଫେରୁଥିଲେ ସିଂହକୁ
ବିବଶ କରି ମୃଗୟାରୁ
ଆଜି ନାରୀ ନାମକ ନର୍କରେ
ପାର ହେଉଛନ୍ତି ନଦୀ
ବାହୁ ରଖି ପୁଅର କାନ୍ଧରେ"

କାଲି ଯେ ରାଜେନ୍ଦ୍ରାସନେ: ଲାଲ ଡ଼ଙ୍ଗା - ଭଗବାନ ଜୟସିଂହ

ସମାଜରେ ପରିଚାଳିତ ଏପରି ମିଥ୍ୟା ଆଧାତ୍ମିକରେ ଯେଉଁମାନେ ସମାଧାନ କରିପାରିବେ, ଯେଉଁ ମାନଙ୍କ ପାଖରେ ସେ କ୍ଷମତା ବା ଅଧିକାର ଅଛି ତଥା ସମାଜର ଉଚ୍ଚତର ଲୋକ ହିଁ ଏମାନଙ୍କର ଦାସ ହୋଇଯାଆନ୍ତି । ଏମେନେ ଯାହା ଯେମିତି ଇଙ୍ଗିତ

କରନ୍ତି ତାଙ୍କ ସୁରକ୍ଷାରେ ଥିବା ନେତା ଅଫିସରମାନେ ସଖୀ କଣ୍ଢେଇ ହୋଇ ନୃତ୍ୟ କରନ୍ତି।

ଏହି ସମୟରେ କବି ଆଶୁତୋଷ ପରିଡାଙ୍କ କବିତାକୁ ଆଲୋଚନା କରାଯାଇପାରେ। ତାଙ୍କର ଅଙ୍ଗାର ଗାର,ଅନ୍ତରାଳ, କାଳଧ୍ୱନି, ଆକ୍ରାନ୍ତ ଅକ୍ଷରରେ ସମାଜରେ ଘଟୁଥିବା ବାସ୍ତବ ଜୀବନର କଥାହିଁ ପ୍ରକାଶ କରିଛନ୍ତି ଓ ସୁଦୃଶ୍ୟ ପୋଷାକ ବେଶଭୂଷା ଅନ୍ତରାଳରେ ଛଳ କପଟକୁ ଚିହ୍ନିବା ମୁସ୍କିଲ ଓ ନିଃଶବ୍ଦ, ଦିବାଲୋକ ଗହଳ ଚହଳ ମଧ୍ୟରେ ଧର୍ମକୁ ସାକ୍ଷୀରଖି ମୁହଁରେ ମିଠା ଶବ୍ଦ କହୁଥିବା ବେଳେ ମନଭିତରେ କୁତ୍ସିତ ପିପାସା ଭଦ୍ର ମଣିଷ ନିକଟରେ ଭରପୂର। ଅପହରଣର ଅପ କୌଶଳ ଓ ହାୟ ହାୟ କରିବାର ଛଳନା ପୂର୍ଣ୍ଣ ଶବ୍ଦ ଏକତ୍ର ଉଚ୍ଚାରିତ –

" ତମେ ଜାଣିବା ଆଗରୁ
ମୁଁ ଖୋଲି ନେଇପାରେ ପିଞ୍ଜରାରୁ ହାଡ଼
କାଢି ନେଇପାରେ ମୂଳଦୁଆରୁ ପଥର
ମୁଁ ଚୋରାଇ ନେଇପାରେ
ବହିରୁ ଅକ୍ଷର, ହୃଦୟରୁ ବିଶ୍ୱାସ
ମା' ସ୍ତନରୁ କ୍ଷୀର"

କାଳଧ୍ୱନି – ଆଶୁତୋଷ ପରିଡା

ବାସ୍ତବିକ ଶୋଷିତ ଶୋଷକ ଦୁନିଆରେ ଶୋଷକ ସବୁ ସମୟରେ ଧୂର୍ତ୍ତ ଚାଲାକ ହୋଇ ସବୁକିଛି ଗ୍ରହଣ କରେ। ଜନସାଧାରଣଙ୍କ ଆଶା ବିଶ୍ୱାସ ଓ ଭରସାକୁ ପାଦରେ ଦଳି ମଣିଷକୁ ହେୟ ମଣନ୍ତି। ବାସ୍ତବରେ ଦେଶରେ ଶୋଷଣ ପ୍ରତାରଣା ଭିଆଉଥିବା ଚରିତ୍ର ଭରି ରହିଛନ୍ତି।

ଏହି ଧାରାରେ କବିତା ଲେଖି ପରିଚୟ ଲାଭ କରିଥିବା କବି ହୃଷୀକେଶ ମଲ୍ଲିକ ଓ ମାଟି ମନସ୍କତା ଆଧୁନିକ ସମାଜରେ ସାଧାରଣ ଜୀବନ ଶୈଳୀର କଥାକୁ ସେ ବେଶ ଦୃଷ୍ଟି ଦେଇଛନ୍ତି ଓ ସାଖୀ ଚନ୍ଦ୍ର ସୂର୍ଯ୍ୟ, ବସୁକ୍ଷେଣ,ଜେଜେ ଦେଖିନଥିବା ଭାରତ, ରେବତୀ ଆଦି କବିତା ଗ୍ରନ୍ଥରେ ପୁରୁଷ ପ୍ରଧାନ ସମାଜରେ ନାରୀର ମୂଲ୍ୟ, ପୌରାଣିକ କାହାଣୀରେ ଥିବା ଚରିତ୍ରର ଦୁଃଖ, ପିଢ଼ି ପରେ ପିଢ଼ିର ବ୍ୟବଧାନକୁ ସେ ଦେଖେଇ ଦେଇଛନ୍ତି।

ଜଣେ ବିସ୍ଥାପିତର ଜୀବନ କାହାଣୀକୁ ରୂପ ଦେଇଛନ୍ତି ବକି ତାଙ୍କ କବିତାରେ ଓ ସଭ୍ୟତା ଯେତେ ଉଚ୍ଚତାକୁ ଗତି କରୁଛି ସାଧାରଣ ମଣିଷର ଜୀବନ ଶୈଳୀ ସେତେ ପ୍ରଭାବିତ ହେଉଛି। ସେମିତି ଘଟିଛି ଘୁଷୁରିଆ ଜୀବନରେ, ସେ କେବଳ ବିସ୍ଥାପିତ ହୋଇନାହିଁ ତା ସାଥେ ସାଥେ ପତ୍ନୀ ଓ ନାବାଳିକା କନ୍ୟା ଦୁଷ୍କର୍ମର ଶରବ୍ୟ ହୋଇଛନ୍ତି, ଘୁଷୁରିଙ୍କର କେବଳ ଲାଞ୍ଜ ହିଁ ପଡି ରହିଛି ଓ ଶିଳ୍ପ ସଭ୍ୟତାର ଆଗମନ ବାସ୍ତୁହରା ମଣିଷକୁ ଥଇଥାନ ନକରି ନିଶ୍ଚିହ୍ନ କରିଦେଇଛି। ଏହାହିଁ ଉଦାରୀ କରଣ ବ୍ୟବସ୍ଥାର କ୍ରୂର ଦୃଶ୍ୟ। ଅତ୍ୟନ୍ତ କଳାତ୍ମକ ଭାବରେ ଅତି ଦରିଦ୍ର ମଣିଷର କରୁଣ ବ୍ୟଥାକୁ କବି ପାଠକ ସାମ୍ନାରେ ପହଁଚାଇଛନ୍ତି –

" ଘରେ ସ୍ତ୍ରୀ ନାହିଁ, ପଡିଛି ଖାଲି
ତା' ପାଲଟା ଶାଢ଼ୀ
ଘରେ ଝିଅ ନାହିଁ, ଝୁଲୁଛି ତାରରେ
ତା ବୋତାମ ଛିଣ୍ଡା ଫ୍ରକ"

ଘୁଷୁରିଆ – ହୃଷୀକେଶ ମଲ୍ଲିକ

ଦଳିତ ଜନତାଙ୍କ ପ୍ରତି ଅନୁରାଗ,ସ୍ନେହ, ଓଦା ଓଦା ହୃଦୟରେ ତାଙ୍କପାଇଁ, ତାଙ୍କ ଜୀବନର କଥା ଆଦିକୁ ପ୍ରକାଶ କରିପାରିଥିବା କବି ବାସୁଦେବ ସୁନାନୀ ଓ ଅସ୍ପୃଶ୍ୟ, କରଡ଼ି ହାଟ, ଛି , କାଳିଆ ଉବାଚ, ବୋଧହୁଏ ଭଲ ପାଇବା ମୋତେ ଜଣାନାହିଁ ଆଦି କବିତା ଗ୍ରନ୍ଥରେ ଅଧୁନା ବଞ୍ଚୁଥିବା ମଣିଷର ଦୁଃଖବିଷାଦ ଘେରା ଜୀବନର କାହାଣୀକୁ ପ୍ରକାଶ କରିଛନ୍ତି ଓ ସଂସାରରେ ସବୁ ଅଗ୍ରଗତି ହେଉଥିବା ବେଳେ ଜାତି କ୍ଷେତ୍ରରେ ସବୁ ନିରବି ଯାଆନ୍ତି। ଛୁଆଁ ଅଛୁଆଁ ଭେଦଭାବ ବହୁ ସମୟରେ ମଣିଷର ବିଚାରଶୀଳତା ଉପରେ ପ୍ରଶ୍ନ ଠିଆ କରିଥାଏ। ମଣିଷ ବହୁ ସମୟରେ ପ୍ରଚାର କରିଥାଏ ସେ ଆଧୁନିକ, ତାର ଖାଦ୍ୟ ଠାରୁ କଥା ପର୍ଯ୍ୟନ୍ତ ସବୁଠି ଆଧୁନିକ ଜୟଗାନ। କିନ୍ତୁ ଯେତେବେଳେ ପୂଜାର କଥା ଆସେ ଜାତିର କଥା ଆସେ ସେତବେଳେ ଆମର ସବୁ ଆଧୁନିକ ପାଣି ଫାଟୋକା ପାଇଁ ମିଳେଇ ଯାଏ।

ଅସ୍ପୃଶ୍ୟତା ଜର୍ଜରିତ ସମାଜର ବ୍ୟବସ୍ଥା ଭାଙ୍ଗିବାକୁ ଯାଇ କବି ସମଗ୍ର ସମାଜକୁ ସଂଭାବନାମୟ ଭବିଷ୍ୟତର ସୂଚନା ଦେଇଛନ୍ତି। ସମୟ ପରିବର୍ତ୍ତନଶୀଳ, ସେହି ପରିବର୍ତ୍ତନ ସ୍ରୋତରେ ସବୁକିଛି ଓଲଟ ପାଲଟ ହୋଇଯାଇପାରେ। ଅଭାବ ଅସୁବିଧାରେ ମଣିଷ ଜୀବନ କାଟୁଛି ତୁହାକୁ ତୁହା ଓ ଏଠି ଅସ୍ପୃଶ୍ୟତାର ଅନ୍ତର ବେଦନା କଥା ବୁଝିବାକୁ କେହି ନାହାନ୍ତି –

" ଦୁଃଖ ଏଠି ଯେ
ନିଜ ମାଟିରେ ପରିବେଶରେ
ନିଜ ସମାଜରେ ନିଜ ଗାଁରେ
ମୁଁ ନିଯେଇ ଅସ୍ପୃଶ୍ୟ
ନିଯେଇ ଅସ୍ପୃଶ୍ୟ"

ଅସ୍ପୃଶ୍ୟ – ବାସୁଦେବ ସୁନାନୀ

ନାରୀ ଜୀବନକୁ କବିତାରେ ରୂପ ଦେଇଥିବା କବି, ନାରୀ ମୁକ୍ତିର କଥା କହିଥିବା କବି ସୁଚେତା ମିଶ୍ର। ତାଙ୍କର ଖୁଉବ ପାଖରେ, ନିଜ ନିଜ କୁରୁକ୍ଷେତ୍ର, ଅଜନ୍ମା ଆଦି ଗ୍ରନ୍ଥରେ ନାରୀ ଜୀବନ ଜଞ୍ଜାଳର କଥାକୁ ପ୍ରକାଶ କରିଛନ୍ତି। ଖୁବ ରୋକ ଠୋକ ଭାବରେ ତାଙ୍କର ଭାବନାକୁ ବ୍ୟକ୍ତ କରିଛନ୍ତି। ସେ ଭାବନା ହୋଇଛି ନିର୍ଭୀକ ନିଶଙ୍କ ଓ ପାଶ୍ଚାତ୍ୟ ନାରୀ ମୁକ୍ତି ଆନ୍ଦୋଳନର ରୂପରେଖ । ପରିଣତି

ଅଲଗା ଓ ନାରୀ ପୁରୁଷ ସହଭାଗିତାର ଆଧାର ଉପରେ ପର୍ଯ୍ୟବେସିତ ହେଉଛି ତାଙ୍କ ନାରୀ ମୁକ୍ତିର ମର୍ମ। ମାତୃଗର୍ଭରୁ ମଶାଣି ପର୍ଯ୍ୟନ୍ତ ନାରୀ ଜୀବନକୁ ଉଭୟ ସୂକ୍ଷ୍ମ ଓ ସ୍ଥୁଳ ଦୃଷ୍ଟିରେ ନିରୀକ୍ଷଣ କରିଛନ୍ତି।

ଝିଅ ଜନ୍ମ ହେବ କଥା ଶୁଣିଲେ ସମସ୍ତଙ୍କ ମନରେ ଛାନିଆ ପସିଯାଏ, ତାର ଭାଗ୍ୟ ଲେଖିବାକୁ ସବୁ ଯୋଗାଡ କରିବସନ୍ତି,ହେଲେ ଯେତେବେଳେ ସେ ବଡ ହୋଇଯାଏ ସେତେବେଳେ ସମସ୍ତେ କଟୁ କଥାରେ ତା ଚାରି ପାଖ ପୂର୍ଣ୍ଣ କରିଦେଇଥାନ୍ତି। ବହୁ ସମୟରେ ସମାଜ ନିଜ ଦୃଷ୍ଟିରେ ଦେଖନ୍ତି,ପୁରୁଷ ସମାଜ ତାକୁ ଲୋଭାତୁର ଆଖିରେ ଦେଖିଥାଏ। ଅନୁରୂପ ଭାବରେ ଏକ ଦରିଦ୍ର ଋଣଗ୍ରସ୍ତ ଶାରୀରିକ ଶ୍ରମଜୀବୀ ପରିବାରର ଝିଅ ପଣ୍ୟଭଳି ଦର କଷାକଷି ହୋଇ ବିକ୍ରି ହୋଇଯାଇଛି ଓ ଯେମିତି :

" ମୁଁ ବିକି ଦେଲି ଝିଅକୁ
ଅବଶ୍ୟ ଭାରି ଶସ୍ତାରେ
ପୈତୃକ ଜମିଖଣ୍ଡକ
ମୁକୁଳେଇ ହେବ ଯେତିକିର
ବାସ ସେତିକି ଦାମରେ " ମୂଳଚାଲ - ଅଜନ୍ମା - ସୁଚେତା ମିଶ୍ର

ମାଟି ମଣିଷର କଥା କହୁଥିବା କବି ଶତ୍ରୁଘ୍ନ ପାଣ୍ଡବ ସମକାଳୀନ ମାଟି, ପାଣି। ମଣିଷକୁ କବିତାରେ ମୁଖ୍ୟ ପ୍ରସଙ୍ଗ ରୂପେ ଗ୍ରହଣ କରିଛନ୍ତି ଓ ଜଗତୀକରଣ ପରବର୍ତ୍ତୀ ଓଡିଶା। ଭାରତ କିପରି ଉପଭୋକ୍ତା ବାଦର ଯନ୍ତ୍ରଣାକ୍ତ ଜତୁଗୃହରେ ଜଳିବାକୁ ଯାଉଛି ତାହା ତାଙ୍କ ଦୃଶ୍ୟବୋଧ, ଶ୍ରାବସ୍ତି ଶ୍ରାବସ୍ତି, ପାଣି ଓ ଅନ୍ୟାନ୍ୟ କବିତା, ମିଶ୍ର ଧ୍ରୁପଦ ଆଦି କବିତା ସଙ୍କଳନରେ ଦେଖାଇଦେଇଛନ୍ତି।

ମଣିଷ ତାର କ୍ରିୟା କଳାପ ଦ୍ୱାରା ପ୍ରକୃତି ଉପରେ ତାହାର ପ୍ରଭାବ ପଡୁଛି, ଯାହାଦ୍ୱାରା ମଣିଷ ବହୁସମୟ ଅସୁବିଧାର ସାମ୍ନା କରୁଛି । ବିଶ୍ୱାୟନ ଓ ବିଶ୍ୱତାପନ କ୍ରିୟାର ମାନବ ସଭ୍ୟତା କିପରି ପ୍ରାକୃତିକ କଷ୍ଟ ଭୋଗିବାକୁ ଯାଉଛି ପାଣି ଓ ଅନ୍ୟାନ୍ୟ କବିତା ତାହାର ଏକ ସାର୍ଥକ ଉଦାହରଣ। ଏହି ସଙ୍କଳନର କବିତାଗୁଡିକ ପାଣି,ପବନ,ନିଆଁ,ପାହାଡ,ମେଘ, ଘାସ। ବସୁନ୍ଧରାକୁ ନେଇ ସୃଷ୍ଟି ହୋଇଛି। ମଣିଷ ଭଗବାନଙ୍କ ବରଦାନକୁ କିପରି ନଷ୍ଟ କରୁଛି ଆଉ ଭବିଷ୍ୟତ ପାଇଁ ଏକ ଭୟଙ୍କର ବିପ୍ଳତକୁ ଡାକୁଛି ତାହା ତାଙ୍କ କବିତାରେ ସ୍ପଷ୍ଟ ସୂଚନା ମିଳେ -

" ବର୍ଷ ବର୍ଷ ଧରି ଶୋଷ ପଛରେ ମରୀଚିକା ପଛରେ
ଧାଇଁ କ୍ଲାନ୍ତ ନୟାନ୍ତ ଯେଉଁମାନେ
ଗଛକଟାରେ ଜଙ୍ଗଲ ପୋଡିଲେ
ବ୍ୟସ୍ତ ପ୍ରମତ୍ତ ଯେଉଁମାନେ - ଆଶ୍ଚର୍ଯ୍ୟ
ସେମାନେ ପଚାରି ଲାଗନ୍ତି ପାଣି କଥା
ମେଘକଥା ଫସଲ କଥା ପତ୍ରଙ୍କ ମର୍ମର କଥା
ହେଲେ କାହିଁ ପାଣି ? "
ପାଣି : ପାଣି ଓ ଅନ୍ୟାନ୍ୟ କବିତା - ଶତ୍ରୁଘ୍ନ ପାଣ୍ଡବ

ଏହି ଧାରାରେ ଆଲୋଚନା କଲେ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ସମାଜରେ ସୃଷ୍ଟି ହେଉଥିବା ସୁବିଧା ସମସ୍ୟା, ପରିବର୍ତ୍ତିତ ଜୀବନକୁ ଗ୍ରହଣ କରାଯାଇପାରେ। ଏହି ସମୟରେ କବିତା ରଚନା ମାଧ୍ୟମରେ, ଓଡ଼ିଆ କବିତା ଜଗତକୁ ପରିଚିତ କରିଥିବା କବିମାନଙ୍କ ଭିତରେ ପ୍ରସନ୍ନ କୁମାର ମହାନ୍ତି,ଅପର୍ଣ୍ଣା ମହାନ୍ତି,ରୁନୁ ମହାନ୍ତି, ହୃଦାନନ୍ଦ ପାଣିଗ୍ରାହୀ, ରଂଜିତା ନାୟକ, ରକ୍ଷକ ନାୟକ , ପିତାମ୍ବର ତରାଇ ଆଦିଙ୍କ ନାମ ନେଇପାରିବା।

ଅତଏବ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ଆଙ୍ଗିକ ପରିବର୍ତ୍ତନରେ ଯେତିକି ପାଠକ ଦୃଷ୍ଟିକୁ ପ୍ରଲୁବ୍ଧ କରେ ନାହିଁ ଆତ୍ମିକ ଦୃଷ୍ଟିକୋଣରୁ ସେତିକି ଭାବଜଗତର ପରାକାଷ୍ଠା ପ୍ରତିପାଦନ ସହ କାବ୍ୟିକ-ସୌନ୍ଦର୍ଯ୍ୟ ପରିବୃଦ୍ଧିରେ ସମର୍ଥ ହୋଇପାରିଛି। ଆଧୁନିକ ଓଡ଼ିଆ କବିତାର ଭାବମଣ୍ଡଳ ଭିନ୍ନ ସାମାଜିକ ଜୀବନଧର୍ମୀ ଉପାଦାନକୁ ନେଇ ଚେତନାର ଚୌହଦୀ ବେଶ ବିଭୋର ହୋଇପଡିଛି । ତେଣୁ କବିତାର ଦିଗବଳୟ ଭିତରେ ପାଠକ ମଧ୍ୟ ଆଧୁନିକ ଚେତନା ଭିତରେ ବେଶ କିଛି ମୁହୂର୍ତ୍ତ ଆପଣାଛାଏଁ ଆତ୍ମସ୍ଥ ହୋଇଯାଏ । ଏହାହିଁ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାର ଭାବ-ବିଭବ।

❖❖❖

# ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପରେ ଜଗତୀକରଣ ଓ ଉପନିବେଶବାଦର ପ୍ରଭାବ

ISSN-2583-6978
Volume-4
Issue-12
DECEMBER -2024

**ରାଜୀବ ଲୋଚନ ସାହୁ**

**ପିଏଚ୍.ଡି ଗବେଷକ**
**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ .**
**ଅମୃତ ବିହାର . ସମ୍ବଲପୁର -୭୬୮୦୦୪**
**ମୋ . ୯୯୩୮୮୩୫୬୫୭**

ଏକବିଂଶ ଶତାବ୍ଦୀରେ ଜଗତୀକରଣ ଓ ଆର୍ଥିକ ଉଦାରୀକରଣ ଦ୍ୱାରା ଓଡ଼ିଶା ତଥା ଭାରତୀୟ ସାମାଜିକ ଜୀବନରେ ବହୁ ସମ୍ଭାବନା ସୃଷ୍ଟି ହୋଇଛି । ଏହାଦ୍ୱାରା ପାରମ୍ପରିକ ଜୀବନଯାପନ ପଦ୍ଧତି ଓ ଜୀବନ ପ୍ରତି ଥିବା ମୂଲ୍ୟବୋଧ ଭିତ୍ତିକ ଦୃଷ୍ଟିକୋଣରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଏହି ସାମାଜିକ ପୃଷ୍ଠଭୂମି ଉପରେ ରଚିତ ପ୍ରତିଭା ରାୟଙ୍କ 'ପ୍ରାପ୍ୟ' ଓ ରାମଚନ୍ଦ୍ର ବେହେରାଙ୍କ 'ଚତୁର୍ଥ ପିଢ଼ି' ଗଳ୍ପ ଦୁଇଟି, ଦୁଇଟି ଦିଗ ନକରାତ୍ମକ ଓ ସକରାତ୍ମକ ପ୍ରତି ଦୃଷ୍ଟି ଆକର୍ଷିତ କରିଥାନ୍ତି । ପ୍ରାପ୍ୟ ଗଳ୍ପରେ ପ୍ରତିଭା ରାୟ ଜଣେ ବିଚକ୍ଷଣ ଓଡ଼ିଆ ବୈଜ୍ଞାନିକ ସମ୍ଭାବନା ଓ ଏହାର କରୁଣ ପରିଣତି ଦର୍ଶାଇଥିବା ସମୟରେ ରାମଚନ୍ଦ୍ର ବେହେରା ଏକ ଗ୍ରାମୀଣ ପରିବେଶରେ ନୂତନ ବସ୍ତୁବାଦୀ ପ୍ରଗତିର ଭବିଷ୍ୟତ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ଗଳ୍ପ ଦୁଇଟିକୁ ଗଭୀର ଭାବରେ ଅନୁଶୀଳନ କଲେ ପ୍ରତିଭା ରାୟ ଓ ରାମଚନ୍ଦ୍ର ବେହେରା, କଥାକାର ଦୁଇଜଣ ନବ ଉପନିବେଶବାଦୀ ଲେଖକ ଭାବେ ସ୍ପଷ୍ଟ ଦୃଶ୍ୟମାନ । ରାମଚନ୍ଦ୍ରଙ୍କ ମୁଖ୍ୟ ଚରିତ୍ର ଜଣେ ବୈଜ୍ଞାନିକ, ଉଭୟ ଉଚ୍ଚଶିକ୍ଷିତ ଓ ଏକବିଂଶ ଶତାବ୍ଦୀର ଦାୟଦ । ପ୍ରତିଭା ରାୟଙ୍କ ଗଳ୍ପରେ ସତ୍ୟେନ୍ଦ୍ର ନିଜ ସ୍ତ୍ରୀ ଓ କନ୍ୟାକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରେ । ରାମଚନ୍ଦ୍ରଙ୍କ ଗଳ୍ପରେ ଗଳ୍ପନାୟକ କାହାକୁ ନ ଜଣାଇ ଗୃହତ୍ୟାଗ କରେ ଏବଂ ତିରିଶ ବର୍ଷ ପରେ ଫେରିଆସି, ଅଣନାତିକୁ ନେଇ ଜୀବନ ବଞ୍ଚିବାର ସ୍ୱପ୍ନ ଦେଖେ ।

ବିଭୂତି ପଟ୍ଟନାୟକଙ୍କ 'ସନ୍ଧିକ୍ଷଣ' ଓ ସତ୍ୟ ମିଶ୍ରଙ୍କ 'କ୍ଷମ' ଗଳ୍ପର ପୃଷ୍ଠଭୂମି ସହର ହୋଇଥିବା ସମୟରେ ଇଟାଭାଟିର ଶିଳ୍ପୀ ଗଳ୍ପରେ ଓ 'ଦାଦନ' ଗଳ୍ପରେ ସମାଜ ଓ ଅପସାରିତ ସମାଜର ଚିତ୍ର ଦେଖାଯାଏ । ଏକବିଂଶ ଶତାବ୍ଦୀର ଗ୍ରାମୀଣ ଜୀବନର ବାସ୍ତବ ଚିତ୍ର ପ୍ରଦାନ କରିବାରେ ଗଳ୍ପଦୁଇଟି ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଓଡ଼ିଶାର ପଶ୍ଚିମାଞ୍ଚଳର ଜ୍ୱଳନ୍ତ ସମସ୍ୟା ଦାଦନ ସମ୍ପର୍କରେ ଗଳ୍ପ ଦୁଇଟିରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଗାଳ୍ପିକ କ୍ଷେତ୍ରବାସୀ ଏହି ଆର୍ଥନୀତିକ ସାମ୍ରାଜ୍ୟବାଦର କରାଳ ରୂପ ବର୍ଣ୍ଣନା କରନ୍ତି ତାଙ୍କ ଚର୍ଚ୍ଚିତ ଓ ପୁରସ୍କୃତ ଗଳ୍ପ ସଂକଳନ 'ଦାଦନ'ରେ । ଧନମଣିର ବହି ବସ୍ତାନିରେ ବସା ବାନ୍ଧିଥିଲା ଦାରିଦ୍ର୍ୟ, ଯାତନା । ମାଟ୍ରିକ ପାସ ପରେ ତା ଜୀବନର ମୋଡ଼ ବଦଳିଗଲା । ଗାଁ'ରୁ ଶହ ଶହ ବେକାର, ଅର୍ଦ୍ଧବେକାର, ପ୍ରଚ୍ଛନ୍ନ ବେକାର, ଶିକ୍ଷିତ, ଅର୍ଦ୍ଧଶିକ୍ଷିତମାନେ ଲମ୍ବାଲାଇନ ଲାଗି ଯାଇଛନ୍ତି ସହର ଗୁଜୁରାଟ, ହରିଆନା, ଉତ୍ତରପ୍ରଦେଶ, ରାଜସ୍ଥାନ ତଥା କାଠମାଣ୍ଡୁ । ଘିଅଖାଇ ଗୋରୀର ମୁହଁ ପୋଛୁଥିବା ଦେଶରେ ପତର ପାଲଟି ଯାଉଥିଲେ ଶୁଷ୍କାଞ୍ଚଳର ସ୍ୱପ୍ନଭୁକ୍ ଶ୍ରମିକମାନେ । ନବ୍ୟ ଉପନିବେଶବାଦ କିପରି ଏକ ଗାରିମାମୟ ଐଶ୍ୱର୍ଯ୍ୟକୁ କ୍ରୟ କରିନେଇ ସାଂସ୍କୃତିକ ସାମ୍ରାଜ୍ୟବାଦ ପ୍ରତିଷ୍ଠା କରେ ତାହାର ଚିତ୍ର ପ୍ରଦାନ କରିଛନ୍ତି କ୍ଷେତ୍ରବାସୀ, ସେତେବେଳେ ମମତା ଶିଳ୍ପାୟନକୁ ଯନ୍ତ୍ର ରାକ୍ଷସ ଭାବରେ ଉପସ୍ଥାପିତ କରନ୍ତି 'ଭୋକର ରଙ୍ଗଶାଳା' ଗଳ୍ପରେ । ଫୁଲବାଣୀର ଦଙ୍ଗାରେ ଗେଣ୍ଡାଝୋଳ ଖାଇବା ସହ ଅତର ଫାକ୍ଟ୍ରି କିପରି ଯନ୍ତ୍ର ସାଜେ ।

ଗାଳ୍ପିକ ନାରାୟଣ ପଣ୍ଡାଙ୍କ ଗଳ୍ପ 'କେନାଲୀକରଣ'ରେ ଉଦାରୀକରଣ, ବଜାରୀକରଣ, ଜଗତୀକରଣ ପରି କେନାଲିକରଣ ଶବ୍ଦଟି ରାଜ୍ୟର ପ୍ରଜାମାନେ ଅଙ୍ଗେ ନିଭେଇଛନ୍ତି । ରାଜ୍ୟବାସୀଙ୍କୁ

ବନ୍ୟାର ପ୍ରକୋପରୁ ରକ୍ଷା କରିବାକୁ ରାଜାଙ୍କ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଏବଂ ଉଦ୍ୟମ ବିଫଳନ ହେବାପରେ, ବଦେଶରୁ ନୂତନ ଇଞ୍ଜିନିୟରମାନଙ୍କୁ ଡକାଇ ସେମାନଙ୍କୁ ସ୍ୱତନ୍ତ ଭାବେ ଅତିଥିଚର୍ଚ୍ଚା କରିଛନ୍ତି । ସେମାନଙ୍କ ପରାମର୍ଶ କ୍ରମେ ରଜ୍ୟର ସମସ୍ତ ଛୋଟବଡ଼ ନଦୀମାନଙ୍କୁ କେନାଲରେ ପରିଣତ କରିବାକୁ ଘୋଷଣା କରାଯାଇଛି । ଆବଶ୍ୟକ ହେଉଥିବା ଅର୍ଥ ଋଣସୂତ୍ରରେ ପ୍ରଜାମାନଙ୍କଠାରୁ ସମସ୍ତ ସୁନା ଅଳଙ୍କାର ନିଆଯାଇଛି । କିନ୍ତୁ ପ୍ରଜାମାନଙ୍କର ବହୁ ପ୍ରତୀକ୍ଷିତ କେନାଲ ତିଆରି ହୋଇପାରିନାହିଁ । କାରଣ ଇଞ୍ଜିନିୟରମାନେ ହେଲେ ବିଦେଶରେ ପରିପାଳିତ ତାଙ୍କର ଅବୈଧ ସନ୍ତାନଗଣ । ସମସାମୟିକ ସମାଜର ଏକ ନିଚ୍ଛକ ବାସ୍ତବତାକୁ କେନାଲୀକରଣ ଗଳ୍ପରୁ ଅନୁଭବ କରିହେବ ।

ଗାଳ୍ପିକା ଯଶୋଧରା ମିଶ୍ରଙ୍କ ଗଳ୍ପ 'କିଏ ସେ ତମେ' ଗଳ୍ପର ନାୟକ ହିମାଂଶୁ ଭାରତବର୍ଷର ଜଣେ ବିଖ୍ୟାତ ଅର୍ଥନୀତିଜ୍ଞ । ସ୍ତ୍ରୀ ଯାମିନୀ ଅଧ୍ୟାପିକା ଅବସର ପରେ ରହିବା ନିମିତ୍ତ ନୈନିତାଲରେ ଏକ କଟେଜ କିଣାଯାଇଛି । ହିମାଂଶୁଙ୍କ ଜୀବନରେ ସ୍ତ୍ରୀ ବ୍ୟତୀତ ଆଉ ଜଣେ ମହିଳା ଓ ତାଙ୍କ ସନ୍ତାନ ଅଛନ୍ତି, ଯାହା ଯାମିନୀ ଓ ତାଙ୍କ କନ୍ୟା ଜାଣନ୍ତ ନାହିଁ । ବୈବାହିକ ଦାମ୍ପତ୍ୟ ଜୀବନ ପରିସର ବାହାରେ ପ୍ରଣୟ ଓ ତାହାର ପ୍ରତିକ୍ରିୟା ଗଳ୍ପଟିକୁ ଆକର୍ଷଣୀୟ କରିଛି । ସଂପୂର୍ଣ୍ଣ ଗଳ୍ପଟି ମୋବାଇଲର ଅନ୍‌ଲାଇନ୍ ଫ୍ଲର୍ଟିଂରେ ଓ ପ୍ରାତଃ ଭ୍ରମଣ ମଧ୍ୟରେ ଉପସ୍ଥାପନ କରାଯାଇଛି । ନବ ଉପନିବେଶିକ ଭାରତୀୟ ସମାଜରେ ଚଳଣିଗତ ପରିବର୍ତ୍ତନ ସହ ପାରମ୍ପରିକ ନାରୀମାନଙ୍କ ଜୀବନଚର୍ଯ୍ୟାରେ ଆସିଥାଏ । ପରିବର୍ତ୍ତନକୁ ଅତି ସକରାତ୍ମକ ଦୃଷ୍ଟିକୋଣରେ ଦେଖିଛନ୍ତି ଗାଳ୍ପିକ ।

ମନୋରଂଜନ ଇଣ୍ଡଷ୍ଟ୍ରି ଓ ଟେଲିଭିଜନର ମାତ୍ରାଧିକ ପ୍ରସାର କିପରି ନୂତନ ଜୀବନଯାପନ ପ୍ରଣାଳୀ ସହ ଶିଳ୍ପଦ୍ୟୋଗୀ ସୃଷ୍ଟି କରି ବଜାରରେ ପ୍ରବେଶ କରିଛନ୍ତି ଏବଂ ତାହା ଆମର ଦୈନନ୍ଦିନ ଜୀବନ ପ୍ରଣାଳୀ ସହ ମୂଲ୍ୟବୋଧକୁ ପ୍ରଭାବିତ କରିଛନ୍ତି, ତାହା ଗୌରହରି ଦାସଙ୍କ 'ସୁଦାମ ଜେନା ଗଲା କୁଆଡ଼େ' ଗଳ୍ପରୁ ସ୍ପଷ୍ଟ ଜଣାଯାଏ । ଏହି ଚେତନାକୁ ନେଇ ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ 'ଘର' ଗଳ୍ପରେ ରବି ଚରିତ୍ର ମାଧ୍ୟମରେ ପୁଞ୍ଜିପତି କିପରି ଅଧିକ ଅର୍ଥଲୋଭ ଓ କ୍ଷମତାର ବଶବର୍ତ୍ତୀ ହୋଇ ଉତ୍ତରୋତ୍ତର ବିକାଶ ପାଇଁ ଚେଷ୍ଟିତ ଓ ଅପେକ୍ଷାକୃତ ତଳ ଶ୍ରେଣୀରେ ଥିବା ଲୋକମାନେ ଶୋଷଣର ଶିକାର ହୋଇ ନିଜର ସ୍ଥିତି ସମ୍ପର୍କରେ ସଦାନନ୍ଦ ହୋଇପଡ଼ିଛନ୍ତି, ତାହା ତପନ ଚରିତ୍ର ମାଧ୍ୟମରେ ପ୍ରତିପାଦିତ । ଜଗଦୀଶ ମହାନ୍ତିଙ୍କ 'ଡଲ ଡେଡ୍ ସାଇବର ଡଟ୍ କମ୍' ଗଳ୍ପରେ ମଣିଷର ଜୀବନର ମୂଲ୍ୟବୋଧ ଓ ପ୍ରେମ ସମ୍ପର୍କକୁ କିପରି ଛକାପଞ୍ଝା ଭାବରେ ନିଜର ସ୍ୱାର୍ଥ ସାଧନ ପାଇଁ କିଣାବିକା ହେଉଛି ତାହା ଗାଳ୍ପିକ ଆଦିତ୍ୟ ଓ ବିନୋଦିନୀ ଚରିତ୍ର ମାଧ୍ୟମରେ ପ୍ରକାଶ କରିଛନ୍ତି । ଜଗତୀକରଣ ଯୋଗୁ ବିଦେଶର ଅର୍ଥହାୱା ଭାରତୀୟ ଗତାନୁଗତିକ ପରମ୍ପରା ସଂସ୍କୃତି ଉପରେ କୁଠାରଘାତ କରିଛି ତାହା ସ୍ପଷ୍ଟ ଅନୁମିତ । ଅନୁରୂପ ଭାବେ ତରୁଣକାନ୍ତି ମିଶ୍ରଙ୍କ 'ତୁମେ ଯାହା ଦେଖିନାହଁ' ଗଳ୍ପରେ ପାରିବାରିକ ବନ୍ଧନର ଏକ ଆଦର୍ଶ ଜୀବନଯାପନ ଶୈଳୀ କିପରି ଜଗତୀକରଣ ହୋଇଛି ତାହା ଦର୍ଶାଇଛନ୍ତି । ରୋଗ ଶଯ୍ୟାରେ ଯନ୍ତ୍ରଣାରେ ଜୀବନଯାପନ କରୁଥିବା ଝିଅଟି ପ୍ରତି ପିତାମାତାଙ୍କର ଅନୁଶୋଚନା ନାହିଁ, ଅଧିକନ୍ତୁ ସେ ଦୁହେଁ ପରସ୍ପରକୁ ଛାଡ଼ପତ୍ର ଦେବା ଓ ଜୀବନ ସଂଗ୍ରାମରେ କିପରି ଅଣନିଶ୍ୱାସୀ ହୋଇପଡ଼ିଛନ୍ତି ତାହା ପ୍ରଦତ୍ତ ଗଳ୍ପରେ ।

ସେହିପରି ଗାଳ୍ପିକ ହୃଷିକେଶ ପଣ୍ଡାଙ୍କ 'ଚଞ୍ଚାଣ' ଗଳ୍ପରେ ଜଗତୀକରଣ ଯୋଗୁଁ ବିଦେଶୀ ପୁଞ୍ଜି ନିବେଶକାରୀ କମ୍ପାନୀଗୁଡ଼ିକ ଆଦିବାସୀ ଅଧୁଷିତ ଅଞ୍ଚଳରେ ଅନୁପ୍ରବେଶ କରି କଳକାରଖାନା ପ୍ରତିଷ୍ଠା କରିବା ଆଳରେ ସେମାନଙ୍କର ମୌଳିକ ପୁଞ୍ଜି ମକା, ମାଣ୍ଡିଅ କ୍ଷେତକୁ କିପରି ଧ୍ୱସ୍ତବିଧ୍ୱସ୍ତ କରିବାକୁ ପଛାଇନାହାନ୍ତି ତାହା ଦର୍ଶାଇଛନ୍ତି । ଗାଳ୍ପିକା ସରୋଜିନୀ ସାହୁଙ୍କ ଗଳ୍ପ 'ମାୟା'ରେ ଦର୍ଶାଇଛନ୍ତି ଯେ, ବସ୍ତୁବାଦୀ ମଣିଷର ଭାବନାକୁ ନେଇ ଜୀବନଯାପନ କରୁଥିବାରୁ ତାହା ସଂଘର୍ଷମୟ ଓ ଯନ୍ତ୍ରଣାଦାୟ ହୋଇପଡ଼ିଛି । ରତିକାନ୍ତ ଓ ହେନା ଚରିତ୍ର ମାଧ୍ୟମରେ ଏହା ପ୍ରକଟିତ । ରଜନୀକାନ୍ତ ମହାନ୍ତିଙ୍କ 'ଆଦିମାତା' ଗଳ୍ପରେ ଆଧୁନିକ ମଣିଷ କିପରି ଯନ୍ତ୍ରଚଳିତ ଜୀବନ କଟାଉଛି ଓ ପାରିବାରିକ ସଂସ୍ଥିତି ବିପର୍ଯ୍ୟସ୍ତ ହେଉଛି, ତାହା ପ୍ରକାଶ କରଛନ୍ତି । ସେହିପରି ଚିନ୍ତାମଣି ସାହୁଙ୍କ 'ସଂଜ' ଗଳ୍ପରେ ଜଗତୀକରଣର ବିଦେଶୀ ପ୍ରବାହ ସମ୍ପର୍କରେ ଏକ ସୂକ୍ଷ୍ମ ମନ୍ତବ୍ୟ ଦେଇଛନ୍ତି । ବିଦେଶରୁ ଆସୁଥିବା ଟମାଟୋ ବିହନ ଭାରତ ମାଟିରେ ଫଳ ଫଳିବ, କିନ୍ତୁ ପରବର୍ତ୍ତୀ ସମୟରେ ସେଥିରୁ ବିହନ ପ୍ରସ୍ତୁତ ହୋଇପାରବ ନାହିଁ । ଏହା ଜଗତୀକରଣ ମାଧ୍ୟମରେ ଭାରତୀୟ ଜନଜୀବନ କିପରି ପ୍ରଚଣ୍ଡ ଅବବୋଧ ଓ ପ୍ରତାରଣାର ଶିକାର ହେଉଛି ତାହା ଗାଳ୍ପିକ ଦର୍ଶାଇଛନ୍ତି ।

ସେହିପରି ପବିତ୍ର ପାଣିଗ୍ରାହୀଙ୍କ 'ସ୍ୱର୍ଗ ସ୍ୱପ୍ନ' ଗଳ୍ପରେ ବହୁଦେଶୀୟ କମ୍ପାନୀମାନେ ସର୍ବତ୍ର କିପରି ବ୍ୟବସାୟିକ ଇନ୍ଦ୍ରଜାଲ ବିଛାଇ ପ୍ରଲୋଭନ ମାଧ୍ୟମରେ ଶିକ୍ଷିତ ବେକାର ଯୁବକମାନଙ୍କୁ କିପରି ଆକୃଷ୍ଟ କରୁଛନ୍ତି ତାହା ଦର୍ଶାଇଛନ୍ତି । ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ପରିଣତି ମଣିଷ ଜୀବନରେ ଯେଉଁ ଭୟାତୁର ଭାବନା ସୃଷ୍ଟି ହେଲା ତା'ର ପରବର୍ତ୍ତୀ ସମୟରେ ବିଶ୍ୱମାନବ ପରସ୍ପର ପ୍ରତି ବିଭିନ୍ନ ଦୃଷ୍ଟିକୋଣରୁ ନିକଟବର୍ତ୍ତୀ ହୋଇ ସୁସ୍ଥ ଜୀବନଯାପନ କରିବାପାଇଁ ପ୍ରୟାସ କଲା । ଏହି ଗଭୀର ଚିନ୍ତନଶକ୍ତିରେ ଜଗତୀକରଣ ବା ଗ୍ଲୋବାଲାଇଜେସନ ପରିଭାଷାର ସୃଷ୍ଟି । ଏହା ସାର୍ବଜନୀନ ଶବ୍ଦର ପରିଭାଷା ରୂପେ ପରିଗଣିତ ହେବା ଫଳରେ ବିଶ୍ୱବ୍ୟାପୀ ଜନଜୀବନ ମଧ୍ୟରେ ଯେଉଁ ସମ୍ପର୍କର ସୂତ୍ର ଛନ୍ଦି ହୋଇଗଲା । ତାହା ମାନବୀୟ ଭାବନାର ଶୀର୍ଷରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କଲା ।

ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଜ୍ଞାନ,ସାହିତ୍ୟ ଆଜିର ମଣିଷର ଅତ୍ୟାବଶ୍ୟକୀୟ ଉପାଦାନର ଆଦାନପ୍ରଦାନର ମାଧ୍ୟମ ରୂପେ ଯେଉଁ ବ୍ୟବସାୟିକ ସମ୍ପର୍କ ଓ ପରସ୍ପରର ପରିପୂରକ ହେବାର ଲକ୍ଷ୍ୟ ରହିଲା ତାହା ଜଗତୀକରଣ ପ୍ରକ୍ରିୟାର ମୂଳ ଉତ୍ସ । କୃଷ୍ଣଚନ୍ଦ୍ର ମିଶ୍ରଙ୍କ 'ସ୍ୱଭାବେ ନାରୀ ଜନ୍ମ ପାଇଁ', ପ୍ରତ୍ୟାବର୍ତ୍ତନ ଗଣତନ୍ତ୍ର, ବନୋଦବାବୁ ବିଷାଦ, ବିସ୍ଫୋରଣ, ସୁପ୍ରିୟା ପଣ୍ଡାଙ୍କ 'ନିର୍ବାଣ', ଦେବବ୍ରତ ମଦନରାୟଙ୍କ 'ଦସ୍ୟୁ', ଜୟନ୍ତୀ ରଥଙ୍କ 'ଇଏ କ'ଣ', ଅନୀଲ କୁମାର ପାଢ଼ୀଙ୍କ 'ଝଟିପିଟି', ଜ୍ଞାନରଂଜନ ନାୟକଙ୍କ 'ହେମକାରିଣୀ' ଓ ସରୋଜ ବଳଙ୍କ 'ମିଛର ଇମେଜ' ଆଦି ଗଳ୍ପରେ ଏହି ଚିନ୍ତାଧାରା ଦେଖିବାକୁ ମିଳେ । ସେହିପରି କଥାକାର ରାମଚନ୍ଦ୍ର ବେହେରା, ଦେବ୍ରାଜ ଲେଙ୍କା, ପରେଶ ପଟ୍ଟନାୟକ, ଗୌରହରି ଦାସ, ପାରମିତା ଶତପଥୀ, ଭୀମ ପୃଷ୍ଟି ଆଦିଙ୍କ ଗଳ୍ପରେ ଜଗତୀକରଣର ସ୍ୱର ଝଙ୍କୃତ ।

**ସାହାୟକ ଗ୍ରନ୍ଥସୂଚୀ**


୧. ପରିଡ଼ା, ପ୍ରକାଶ କୁମାର: ଗଳ୍ପ ବିଚାର ବିମର୍ଶ, ବିଶ୍ୱବୁକ୍ସ, ବାଲୁବଜାର, କଟକ-୨, ପ୍ରଥମ ପ୍ରକାଶ, ୨୦୦୪

୨. ଗାହାଣ, କପିଳେଶ୍ୱର: ସୀମାବଦ୍ଧତା ଓ ମୁକ୍ତିର ସୂକ୍ଷ୍ମ (ଓଡ଼ିଆ କ୍ଷୁଦ୍ରଗଳ୍ପ), ଅଗ୍ରଦୂତ, ବାଙ୍କାବଜାର, କଟକ-୨, ୧୯୯୪

୩. ବାରିକ, ଶ୍ରୀକାନ୍ତ କୁମାର: ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ ସୃଷ୍ଟି ଓ ସମ୍ଭାବନା, ସତ୍ୟନାରାୟଣ ବୁକ୍‌ଷ୍ଟୋର, ବିନୋଦବିହାରୀ, କଟକ-୨, ୨୦୧୯

୪. ବେହେରା, କ୍ଷୀରୋଦ ଚନ୍ଦ୍ର: ଏକବିଂଶ ଶତାବ୍ଦୀରେ ଓଡ଼ିଆ ଗଳ୍ପ: ପ୍ରତିଶ୍ରୁତି ଓ ସମ୍ଭାବନା, ପ୍ରକାଶକ ସୁଶୀଳାବତୀ ମହିଳା ମହାବିଦ୍ୟାଳୟ, ସେକ୍ଟର-୨, ରାଉରକେଲା, ୨୦୦୩


❖❖❖

# ପାରିବେଶିକ ଗଳ୍ପରେ ସଂସ୍କୃତି ଓ ଧର୍ମୀୟ ପରମ୍ପରାର ଚିତ୍ର

ISSN-2583-6978
Volume-4
Issue-12
DECEMBER-2024

**ହୀରାବତି ବିଶ୍ୱାଳ**

**ଗବେଷିକା , ଓଡ଼ିଆ ବିଭାଗ**
**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ମୋ : ୭୬୦୬୦୩୩୦୯୩**

ସାହିତ୍ୟରେ ସଂସ୍କୃତି ଓ ଧର୍ମୀୟ ପରମ୍ପରାର ଚିତ୍ର ପ୍ରତିଫଳିତ ହେବା ଏକ ସ୍ୱଭାବିକ ପ୍ରକ୍ରିୟା ।ଯେଉଠି ଜୀବନ ଓ ଜଗତର ଛାପ ସାହିତ୍ୟରେ ପରିଲକ୍ଷିତ,ସେଠି ଅବଶ୍ୟ ମାନବୀୟ ସଂସ୍କୃତି,ଧର୍ମ ଓ ପରମ୍ପରାବୋଧ ଆତ୍ମପ୍ରକାଶ କରିଥାଏ। ଏହା ମନୁଷ୍ୟକୁ ସୁସ୍ଥ ଜୀବନ ନିର୍ବାହ କରିବା ସହିତ ଇଶ୍ୱରାନୁରାଗୀ ହେବା ପାଇ ପ୍ରେରଣା ଯୋଗାଇଥାଏ । ଇଶ୍ୱର ଜଗତର ସୃଷ୍ଟିକର୍ତ୍ତା,ଧର୍ମ ମାଧ୍ୟମରେ ଆମେ ଇଶ୍ୱରଙ୍କଅନୁବର୍ତ୍ତୀ ହେବାକୁ ପ୍ରୟାସ କରିଥାଉ,ତେବେ ପାରିବବେଶିକ ଦୃଷ୍ଟିକୋଣରୁ ଆମର ଧର୍ମ ଓ ଆଧାତ୍ମିକ ଚିନ୍ତନ କିପରି ହେବା ଆବଶ୍ୟକ ତାହା ଆମ ଗଳ୍ପକାରମାନେ ଉପଲବ୍ଧି କରିଛନ୍ତି ।ବିଶେଷତଃ ଓଡିଆ ଗଳ୍ପରେ ଏହାର ଚିତ୍ର କିପରି ପ୍ରତିଫଳିତ ହୋଇଛି ତାକୁ ଆକଳନ କରିବାଏକାନ୍ତ ଆବଶ୍ୟକଯାହା ନିମ୍ନମତେ ଆଲୋଚନା କରାଯାଇଅଛି ।

ହିନ୍ଦୁଧର୍ମରେ ପ୍ରକୃତିକୁ ଭଗବାନର ଶରୀର ଭାବରେ ବିବେଚନା କରାଯାଇଛି,ବେଦରେ ପରିବେଶ ସୁରକ୍ଷା ପ୍ରତି ଅନେକ ବିଷୟ ବର୍ଣ୍ଣନା କରାଯାଇଛି ।ରୁକ୍ ବେଦରେ ଉଲ୍ଲେଖ କରାଯାଇଛି ଯେ ବ୍ରହ୍ମାଣ୍ଡ,ପୃଥିବୀ,ଜଳ,ବାୟୁ,ଅଗ୍ନି ଏବଂ ମହାକାଶରେ ପାଞ୍ଚଟି ମୌଳିକ ଉପାଦାନକୁ ନେଇ ଗଠିତ । ଏହି ପାଞ୍ଚଟିଉପାଦାନ ଜୀବନ ବଞ୍ଚିବାରଆଧାର ପ୍ରଦାନ କରେ ଏବଂ ମଣିଷ ସେମାନଙ୍କୁ କରିବା ପାଇ ନିଯୁକ୍ତ ।ଯଜୁବେଦରେ ପୃଥିବୀରସମସ୍ତ ଉପାଦାନର ଆଦର ଏବଂ ଶାନ୍ତି ବିଷୟରେକୁହାଯାଇଛି ।ଅଥର୍ବବେଦରେ ପୃଥିବୀକୁ ମାତା ବୋଲି ବିବେଚନା କରେ ଏବଂ ସୃଷ୍ଟିଗୁଡିକ ହେଉଛି ତାଙ୍କରସନ୍ତାନ,ମାତ୍ର ପୃଥିବୀର ଉତ୍ସଗୁଡିକୁ କ୍ଷତି ନ କରିବାକୁ ଆଦେଶ ଅଛି ।ଏସବୁ ଦୃଷ୍ଟିକୁ ଅନୁମାନ କଲେ ବେଦ ଲୋକ ମାନଙ୍କୁ ପରିବେଶକୁ ସମସ୍ତ ଅଶୁଦ୍ଧତାରୁ ମୁକ୍ତ ରଖିବା ପାଇ ଶିକ୍ଷା ଦେଇଥାଏ।

ପରିବେଶ ସୁରକ୍ଷା ପ୍ରତି ଲୋକଙ୍କୁ ସଚେତନ କରିବା ପାଇଁ ଅନେକ ପୁରାଣରେ ମଧ ବିଭିନ୍ନ ବାର୍ତ୍ତା ରହିଛି ।ନରସିଂହ ପୁରାଣରେ ଗଛଗୁଡ଼ିକୁ ଭଗବାନ ଭାବରେ ଅବିହିତ କରାଯାଇଛି । ବରାହ ପୁରାଣରେ,ନିୟମିତ ବୃକ୍ଷ ରୋପଣକୁ ସ୍ୱର୍ଗାଲାଭର ଏକ ମାଧ୍ୟମ ବୋଲି ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣରେ କୁହାଯାଇଛି ଯିଏ ଅନ୍ୟ ପ୍ରାଣୀ କିମ୍ବା ପଶୁମାନଙ୍କର କ୍ଷତିସାଧନା କରନ୍ତି ନାହିଁ ଈଶ୍ୱର ସେହି ବ୍ୟକ୍ତି ଉପରେ ସନ୍ତୁଷ୍ଟ ହୁଅନ୍ତି । ପଦ୍ମ ପୁରାଣ ଏବଂ କାମ ପୁରାଣରେ ପିପଳ,ବେଲ,ନିମ୍ବ ପ୍ରଭୃତି ଗଛଗୁଡ଼ିକରେ ଭଗବାନଙ୍କର ବାସସ୍ଥାନ ଥାଏ ବୋଲି ସେଗୁଡିକୁ କାଟିବା ପାପକାର୍ଯ୍ୟ ବୋଲି ବର୍ଣ୍ଣନା କରାଯାଇଛି । ଦୁର୍ଗାସପ୍ତସତୀ ଅନୁସାରେ ଯେତେଦିନ ପର୍ଯ୍ୟନ୍ତ ପୃଥିବୀରେ ପର୍ବତ,ଜଙ୍ଗଲ,ବୃକ୍ଷ ପ୍ରଭୃତିରହିଛି ସେତେଦିନ ଯାଏ ମାନବ ଜାତି ବଞ୍ଚିରହିବ । ଚାଣକ୍ୟ ସଂହିତା ଅନୁସାରେ ଶଷ୍ୟନାନୀର କ୍ଷତିସାଧନ କାରଣରୁ ମରୁଡି ସୃଷ୍ଟି ହୋଇଥାଏ । ଗୀତା ପ୍ରକୃତିକୁ ମାନବ ସଂସ୍କୃତିର ମୂଳ ରୂପେ୍ୱିଚନା କରେ । ସେହିପରି ବୌଦ୍ଧ ଧର୍ମ ହେଉଛି ପ୍ରେମର ଏକ ବାର୍ତ୍ତାବହ ,ଏହା ଅହିଂସା ମାର୍ଗରେ ପରିଚାଳିତ ହେବା ପାଇଁ ଶିକ୍ଷା ଦେଇଥାଏ । ତେଣୁ ଜୀବଜନ୍ତୁ ତଥା ପ୍ରକୃତିର ଅନିଷ୍ଟ ସାଧନ କରିବା ଦୋଷାବହ ଅପରାଧ ବୋଲି ଉଲ୍ଲେଖ ଅଛି ।ଜୈନଧର୍ମରେ ପରିବେଶ ଚିନ୍ତନକୁ ଦର୍ଶାଇବାକୁଯାଇ କୁହାଯାଇଛି ଅହିଂସା ହେଉଛି ଜୀବନଧାରାର ମୌଳିକ ନିୟମ ତେଣୁ ଅନ୍ୟ ଉପରେ ହିଂସାତ୍ମକ କାଣ୍ଡ ନ କରି ସ୍ନେହ ପୂର୍ଣ୍ଣ ବାତାବରଣରେ ନିଜକୁ ପ୍ରେରିତ ହେବ ପାଇଁ ଏହା ଶିକ୍ଷା ଦିଏ । ଏହି ଧର୍ମରେ ତିନୋଟି ଆଦେଶ ପାଳନ କରିବାର ବିଧି ରହିଛି- ସତ ବିଶ୍ୱାସ,ସତଜ୍ଞାନ,ସତଆଚରଣ। ସେହିପରି ଶିଖଧର୍ମାବଲମ୍ବିମାନେ ବିଶ୍ୱାସ କରନ୍ତି ଯେ ବ୍ରହ୍ମାଣ୍ଡ ସର୍ବ ଶକ୍ତିମାନ

ଈଶ୍ୱରଦ୍ୱାରା ସୃଷ୍ଟି ହୋଇଛି ।

ତେଣୁ ଏହାର ସୁରକ୍ଷା ପାଇଁ ପ୍ରକୃତିର ସମସ୍ତ ଉପାଦାନ ମଧ୍ୟରେ ସନ୍ତୁଳନ ଆବଶ୍ୟକ । ଶିଖ ଗୁରୁମାନଙ୍କର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ପ୍ରାଣୀଜଗତ ଏବଂ ପ୍ରକୃତି ପ୍ରତି ରହିଥିବା କାହାଣୀର ଅନେକ ଦୃଷ୍ଟାନ୍ତ । ଇସଲାମ ଧର୍ମ ବର୍ଣ୍ଣନାଅଛି ପରିବେଶ କେବଳ ବର୍ତ୍ତମାନ ପିଢ଼ିର ସେବାରେ ବଞ୍ଚିନାହିଁ। ବରଂ ଏହା ସମସ୍ତ ଅତୀତ,ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ପାଇଁ ଈଶ୍ୱରଙ୍କ ଏକ ଅମୂଲ୍ୟଦାନ। ଖ୍ରୀଷ୍ଟିୟାନ ଧର୍ମ କହେ ଈଶ୍ୱର,ମାନବ ଏବଂ ପ୍ରକୃତିର ତ୍ରୀକୋଣୀୟ ସମ୍ପର୍କରେ ଗଠିତ ଯଦି ମାନବ,ପ୍ରକୃତିର କ୍ଷତି ସାଧନ କରେ ତେବେ ସେହି ତ୍ରିକୋଣୀୟଶକ୍ତି ବିଚ୍ଛିନ୍ନ ହୋଇଯିବ ।

ଓଡ଼ିଆ ଗଳ୍ପରେ ପରିବେଶବାଦୀ ଧର୍ମୀୟ ଚିନ୍ତାଧାରାରେ ଅନେକ ପରିବେଶବାଦୀ ଗଳ୍ପ ରଚିତ ହୋଇଛି । ଧର୍ମୀୟ ଭାବଧାରା ଏବଂ ପରିବେଶ ସମ୍ୱଳିତକାହାଣୀ,ଘଟଣା ଦୁର୍ଘଟଣାକୁ ଅବଲମ୍ବନ କରିଆଜିର ଗଳ୍ପକାରମାନେ ତାଙ୍କର ଲେଖନୀକୁ ଅଧିକ ସଶକ୍ତ କରିଛନ୍ତି । ଏହିଧରଣର ଗଳ୍ପ ପରିବେଶ ସଚେତନତା ପ୍ରତି ଯେତିକି ସଜାକ ହୋଇଥାଏ ନିଜର ଧର୍ମ,ସଂସ୍କୃତି ପରମ୍ପରାର ଗୁରୁତ୍ୱକୁ ଲୋକଲୋଚନକୁ ଆଣିଥାଏ । ଏହି ଦୃଷ୍ଟିରୁ ଅନେକ ଗଳ୍ପ ଆଜି ପାଠକ ମହଲରେ ପ୍ରସାର ଲାଭ କରୁଆଛି ଏହା ନିମ୍ନମତେ ଆଲୋଚନା କରାଯାଇପାରେ । ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ବାମନ ବୃକ୍ଷ' ଧର୍ମୀୟ ପରମ୍ପରାକୁ ଆଧାର କରି ରଚିତ ଏକ ଭିନ୍ନ ସ୍ୱାଦର ଗଳ୍ପ । ଏହାର ଗଳ୍ପ ନାୟକ ବାମନବୃକ୍ଷକୁ ଆଣି ଘରେ ରଖୁଥିବା ସମୟରେ ତାଙ୍କ ବୋଉ ମନା କରିଛନ୍ତି, କାରଣ ବରଗଛ ଘରେ ରହିଲେ ଶୁଭ ନୁହେଁ ବୋଲି ମନ୍ତବ୍ୟ ଦେଇଛନ୍ତି । ଗଳ୍ପନାୟକ ଘରେ ରଖିବା ପାଇଁ ବାଧ କରିବାରୁ ସେ ଆଉ କିଛି କହିନାହାନ୍ତି ।ପରଦିନ ବୋଉ ସେହି ବାମନ ବୃକ୍ଷ ମୂଳେ ପାଣି ଢାଳୁଛନ୍ତି । ଗାଳ୍ପିକ ମନା କରିବାରୁ ସେ କହିଛନ୍ତି ''ବର କିମ୍ବା ଅଶ୍ୱତ୍ଥ ଗଛ ଘର ଭିତରେ ରହିଲେ ବି ତାକୁ ଗାଧୋଇସାରି ଜଳଦାନ କରିବା ବିଧି ।' ଏଠାରୁ ଆମେ ଅନୁମେୟ କରିପାରିବା ବୃକ୍ଷକୁ ଲୋକେ କିପରି ଦେବତା ରୂପେ ପୂଜା କରୁଥିଲେ । ଲୋକେ ଗାଧୋଇ ସାରି ପ୍ରତିଦିନ ଜଳଦାନ କରୁଥିଲେ ଯାହାଦ୍ୱାରା ଗଛଟି ଉପଯୁକ୍ତ ଭାବରେ ବଢି ପାରୁଥିଲା ଏବଂ ଲୋକଙ୍କ ଉପକାରରେ ଆସୁଥିଲା ଲୋକେ ପ୍ରକୃତିକୁ ଯେପରି ଭଲପାଉଥିଲେ,ପ୍ରକୃତି ମଧ୍ୟ ପ୍ରତିବଦଳରେ ଅନେକ ରୂପେ ସାହାଯ୍ୟ କରୁଥିଲା। ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ଏଠି ଗୋଟେ ପାହାଡ ଥିଲା' ଗଳ୍ପରେ ଗାଳ୍ପିକ ସହରୀ ସଭ୍ୟତାରେ ଲୋକେ ପ୍ରକୃତିକୁ ନଷ୍ଟ କଲାବେଳେ ଆଦିବାସୀ ଲୋକେ ତାକୁ ଦେବତା ରୂପେ ପୂଜା କରୁଛନ୍ତି । ଜଙ୍ଗଲ ସଫାକରି କଳକାରଖାନା ସ୍ଥାପନ,ଜନବସତିରେ ବ୍ୟାପକ ବିସ୍ତାର,ଖଣିଜ ପଦାର୍ଥ ଉତ୍ତୋଳନ କରି ସେମାନେ ଜଳ,ବାୟୁ ଓ ମୃତ୍ତିକାକୁ ବିଷାକ୍ତ କରି ସାରିଲେଣି । ଅନ୍ୟପଟେ ନିୟମଗିରିରେ ବସବାସ କରୁଥିବା ସରଳ,ନିରୀହ ଆଦିବାସୀ ମଣିଷ ପ୍ରକୃତିକୁ ନିଜର ଆରାଧ୍ୟ ଦେବତା ବୋଲି ଗ୍ରହଣ କରିଥାଏ ।ସେ ଜଳ,ମାଟି, ପବନ,ଆକାଶ,ସୂର୍ଯ୍ୟ, ଚନ୍ଦ୍ର,ବୃକ୍ଷକୁ ପୂଜାକରି ସେମାଙ୍କର ରକ୍ଷାରେ ସବୁବେଳେ ନିୟୋଜିତ କରେ । ସେମାନଙ୍କର ଅବଦାନ ଆଗରେ ସେ ନତମସ୍ତକ ହୋଇ ଚିରଋଣୀ ହୋଇ ରହିଥାଏ । ଅନ୍ୟପଟେ ଶିକ୍ଷିତ ସହରୀ ମଣିଷ ନିଜର ଚାକଚକ୍ୟ ଭରା ଜୀବନରେ ମସଗୁଲ ହୋଇ ପରିବେଶକୁ ଅଧିକ ପ୍ରଦୂଷିତ କରି ଚାଲିଛନ୍ତି,ଯାହାକୁ ଗାଳ୍ପିକ ମହାପାତ୍ର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଦର୍ଶାଇବା ପରି ମଣିଷ ଜାତିର ପରିବେଶ ପାର୍ଟି ଅନୁକୂଳ ଓ ପ୍ରତିକୂଳ ମନୋଭାବକୁ ବେଶ ସ୍ୱଚ୍ଛଳ ଭାବେ ଚିତ୍ରିତ କରିଛନ୍ତି । ସମସ୍ତେ ଯଦି ପରିବେଶ ପ୍ରତି ସଚେତନତା ଅବଲମ୍ବନ କଲେ ମନୁଷ୍ୟ ପୁନଃ ଏକ ମୁକ୍ତ ବାତାବରଣରେ ଅବତୀର୍ଣ୍ଣ ହୋଇପାରିବା । ସେ ମୁକ୍ତ ଆକାଶର ପକ୍ଷୀ ପରି ଦିଗନ୍ତ ବିସ୍ତାରୀ ପରିବେଶର ସବୁଜିମାକୁ ଉପଭୋଗ କରି ଜୀବନ ଯାତ୍ରାରେ ଆଗେଇ ଯିବା,ଏଥିରେ ତିଳେମାତ୍ର ଅବକାଶ ନାହିଁ । ଡିଲେଶ୍ୱର ରଣାଙ୍କ 'ଦାଶରୁ ମାଝୀ' ଓ 'ଗୋଟେ ଖଣିଜ ଭର୍ତ୍ତି ଡଙ୍ଗରର କାହାଣୀ'ପ୍ରକୃତି ପ୍ରତି ଆଦିବାସୀ ଲୋକଙ୍କ ଭଲପାଇବାକୁ ଦର୍ଶାଇ ଗାଳ୍ପିକ ଏକ ସୁନ୍ଦର କାହାଣୀ ମଧ୍ୟମରେ ଶିକ୍ଷାର ଗନ୍ତାଘର ଖୋଲି ଦଦେଇଛନ୍ତି।'ଦାଶରୁମାଝୀ' ପରି ଅନେକ ଆଦିବାସୀ ଏହି ଜଙ୍ଗଲ ଘେରରେ ଜୀବନ ଅତିବାହିତ କରନ୍ତି,ସେମାନେ ଆଡ଼ମ୍ବରପୂର୍ଣ୍ଣ ଜୀବନ ନ ବଞ୍ଚି ସରଳ ଭାବେ ପେଟର ଜ୍ୱାଳାକୁ ମେଣ୍ଟାଇ ଶାନ୍ତିରେ ରହନ୍ତି ପ୍ରକୃତିର କମନୀୟ କୋଳରେ,ମାତ୍ର ପୁଞ୍ଜିପତି ସହରୀ ଲୋକେ ସେଠାକୁ ଯାଇ ଅର୍ଥନୈତିକ କ୍ଷମତାକୁ ସୁଦୃଢ କରିବା ପାଇଁ ବିଭିନ୍ନ ଖଣି ଉତ୍ତୋଳନ କରି ଜଙ୍ଗଲ ନଷ୍ଟ କରି ଚାଲିଛନ୍ତି,ଯାହାଦ୍ୱାରା ଆଦିବାସୀ ଲୋକେ ବିସ୍ଥାପିତ ହୋଇ ହୀନଚକ୍ରାନ୍ତ ହେଉଛନ୍ତି। ଏଠି ଗାଳ୍ପିକ ପ୍ରକୃତି ପ୍ରତି ଆଧ୍ୟାତ୍ମିକ ଚିନ୍ତନ ଦର୍ଶାଇବାକୁ ଯାଇ ଲେଖିଛନ୍ତି –"ଯେଉଁଠି ଦାଶରୁ ଓ କାଡମୀର ପ୍ରଥମ ଦେଖା ହୋଇଥିଲା,ପରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସେହି ଝରଣାର ପାଣି କେବେ ଶୁଖି ନ ଥାଏତେଣୁ ଦାଶରୁ ଭାବେ ପାଣିକୁ ପୂଜା କରୁଥିବାରୁ ଏମିତି ହେଉଛି।" ଏଠାରୁ ଅନୁମିତ ହୋଇପାରିବା ଜଳ ତଥା ପ୍ରକୃତି ପ୍ରତି ତାଙ୍କର କେମିତି ଦେବତ୍ୱ ମନୋଭାବ ରହିଛି,ତେଣୁ ସେମାନେ ଜୀବନ ଥିବା ପର୍ଯ୍ୟନ୍ତ ନିଜର ପାରୁ ପର୍ଯ୍ୟନ୍ତେ ପ୍ରତିରୋଧ କରି ଜଙ୍ଗଲ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଥାନ୍ତି।

ସାଂସ୍କୃତିକ ପରିବେଶ ଲୋକଙ୍କ ଚାଲିଚଳଣୀ,ଈଶ୍ୱର ବିଶ୍ୱାସ ଏବଂ ପରିବେଶ ମଧ୍ୟରେ ଥିବା ସମ୍ବନ୍ଧକୁ ସୂଚାଇଥାଏ । ଏହା ମଣିଷର ସଂସ୍କୃତି,ଧର୍ମ,ଆଞ୍ଚଳିକତା,ଭାଷା ପ୍ରଭୃତି ଉପରେ ଆଧାରକରି ସମାଜର ଏକ ରୀତିନୀତି ଏବଂ ସାମାଜିକ ବୋଧକୁ ବୁଝିବାରେ ସହଯ୍ୟ କରେ । ଗୋଟିଏ ଗୋଷ୍ଠୀର ଚଳଣି ଏବଂ ସେମାଙ୍କର

ଆଚରଣ ଆମକୁ ଏକ ସାଂସ୍କୃତିକ ପରିବେଶ ବିଷୟରେ ଜ୍ଞାତ କରେ । ସାଂସ୍କୃତିକ ଭାବଧାରାକୁ ଆଲୋଚନା କଲାବେଳେତା'ର ଅନେକ ଉପାଦାନ ଆମର ଦୃଷ୍ଟିଗୋଚର ହୋଇଥାଏ। ଭାଷା,ବାସସ୍ଥଳୀ,ପୋଷାକ, ଧର୍ମ,ଶିକ୍ଷା,ଜଳବାୟୁ,ସରକାରୀ ନିୟମକାନୁନ,ମନୋରଂଜନଧର୍ମୀ କାର୍ଯ୍ୟକଳାପ ଇତ୍ୟାଦି ଗୋଟିଏ ସ୍ଥାନର ସଂସ୍କୃତିକୁ ସୂଚାଇଦିଏ । ଏହି ସଂସ୍କୃତି ଦ୍ୱାରା ପରିବେଶ ଯେତେବେଳେ ପ୍ରଦୂଷିତ ହୁଏ, ସେହି ସଂସ୍କୃତି ମାଧ୍ୟମରେ ପରିବେଶ ଜାଗୃତି ମନୋଭାବର ଆବିର୍ଭାବ ହୁଏ । ସାଂସ୍କୃତିକ ଚିନ୍ତାଧାରାରେ ଅନେକ ଗୁଣାତ୍ମକ ଦିଗ ମଧ୍ୟ ରହିଛି,ଯେପରି ସଂସ୍କୃତି ସର୍ବଦା ମାନବର ଆଚରଣର ଫଳାଫଳ ଦର୍ଶାଇଥାଏ, ଶିକ୍ଷା ମାଧ୍ୟମରେ ପ୍ରସାରିତ ହୁଏ , ମଣିଷର ଆବଶ୍ୟକତାକୁ ପୂର୍ଣ୍ଣ କରିବାରେ ଚେଷ୍ଟା କରେ । ସଂସ୍କୃତି ମଣିଷ ସମାଜ ଦ୍ୱାରା ସୃଷ୍ଟ ଓ ପ୍ରସାରିତ, ମଣିଷ ନ ଥିଲେ ସଂସ୍କୃତିର ଅସ୍ତିତ୍ୱ ନ ଥାନ୍ତା ।

ପାରିବେଶିକ ସଂସ୍କୃତି ଓ ପରମ୍ପରାକୁ ନେଇ ଆଜିର ଗାଳ୍ପିକମାନେ ଅନେକ ଗଳ୍ପ ରଚନା କରିଛନ୍ତି । ତନ୍ମଧ୍ୟରୁ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ଏଠି ଗୋଟେ ପାହାଡ ଥିଲା' ଗଳ୍ପ ଏକ ସାଂସ୍କୃତିକ ଧାରା ଆଧାରିତ ଗଳ୍ପ । ଏଥିରେ ନିରୀହ,ନିଷ୍କପଟ,ସରଳ ଆଦିବାସୀ ମଣିଷମାନେ ନିଜର ସଂସ୍କୃତି ଓ ପରମ୍ପରାକୁ ଜାବୁଡ଼ି ଧରି ପ୍ରକୃତି ପ୍ରତି ଯେଉଁ ଉଦାସୀନ ମନୋଭାବ ପୋଷଣ କରିଛନ୍ତି,ତାହା ସ୍ୱାଗତଯୋଗ୍ୟ । ଆଧୁନିକ ମଣିଷ ବୈଜ୍ଞାନିକରୀତିରେ ଯାନ୍ତ୍ରିକ ସଭ୍ୟତାରେ ବଞ୍ଚୁଥିଲେ ମଧ୍ୟ,ସେ ପରିବେଶ ପ୍ରତି ସେତେ ସଚେତନଶୀଳ ନୁହେଁ, ଯେତେ ଚେଷ୍ଟାକଲେ ମଧ୍ୟ ଅମ୍ଳଜାନକୁ ସେ ଆବିଷ୍କାର କି ଉଦ୍ଭାବନ କରି ପାରିବ ନାହିଁ,ସେଥିପାଇଁ ଦରକାର ଗଛର ଜୀବନ ।ଆଦିବାସୀ ନିରୀହ ଜନତା ଗଛ,ମାଟି,ପାଣି,ପବନକୁ ନିଜର ଦେବତା ରୂପେ ମାନି ଆସୁଛନ୍ତି,ସେମାନଙ୍କଠୁ ସେମାନେ ଫଳମୂଳ ପାଉଛନ୍ତି ବୋଲି ସେମାନେ ଚିରଋଣୀ ହୋଇ ସେମାନଙ୍କ ସୁରକ୍ଷା ଦିଗରେ ନିଜକୁ ନିଛାବର କରିଦିଅନ୍ତି । କିନ୍ତୁ ସହରୀ ସଭ୍ୟତାରେ ବସବାସ କରୁଥିବା ଆଧୁନିକ ମଣିଷ ଜଙ୍ଗଲ ନଷ୍ଟ କରି କୋଠାଘର ନିର୍ମାଣ,ଖଣିଜ ପଦାର୍ଥ ଉତ୍ତୋଳନ, କଳକାରଖାନା ସ୍ଥାପନ କରି ଜଳ,ବାୟୁ,ମାଟିକୁ ବିଲୁପ୍ତ କରିବାର କାରଣ ସାଜିଛି । ଆଦିବାସୀ ଲୋକେ ନିଜର ସଂସ୍କୃତିକୁ ବଞ୍ଚାଇ ରଖି ଗଛକୁ ପୂଜା କରନ୍ତି,ସେମାନଙ୍କୁ ଭୋଗ ଲଗାନ୍ତି,ନିଜର ମନୋବାଞ୍ଛା ପୂରଣ ପାଇଁ ମନାସ କରିଥାନ୍ତି । ପ୍ରାଚୀନ କାଳରୁ କେତେକ ଗଛକୁ ଦେବତାଙ୍କ ବାସସ୍ଥାନ ବୋଲି ପ୍ରବାଦ ଚାଲି ଆସୁଛି, ଯେପରି ପିପଲ ଗଛରେ ଶନିଙ୍କ,ଅଶ୍ୱତ୍ଥ ଗଛତଳେ ତ୍ରିନାଥ(ବ୍ରହ୍ମା,ବିଷ୍ଣୁ,ମହେଶ୍ୱର) ପ୍ରଭୃତି ବର୍ଣ୍ଣିତ ଥିବା ବେଳେ ତୁଳସୀ,କରମା,ଅଁଳା,ବେଲଗଛ ଭଳି ଅନେକ ଗଛକୁ ପୂଜା କରାଯାଇଥାଏ ନିଜର ମନୋବାଞ୍ଛା ପୂରଣ ନିମନ୍ତେ । ସେହିପରି ଜଳଦେବତା ଏବଂ ଗଙ୍ଗାନଦୀକୁ ପବିତ୍ରତା ମନେକରି ଲୋକେ ପୁଜନ୍ତି,ପବନ ଦେବତାଙ୍କୁ ମଧ୍ୟ ଆରାଧନା କରାଯାଏ,ପ୍ରାଚୀନ ପୁରାଣ ଗ୍ରନ୍ଥ ମାନଙ୍କରେ ଏହାର ଅନେକ ଉଦାହରଣ ରହିଛି,ଯାହା ଆଧୁନିକ ମଣିଷ ମାନଙ୍କ ପାଇଁ କେବଳ କାହାଣୀର ରୂପ ନେଇଛି । ସେମାନେ ଆଧୁନିକ ଜୀବନଶୈଳୀରେ ଏତେ ମସଗୁଲ ଯେ ପରିବେଶ ପ୍ରଦୂଷଣ ପ୍ରତି ଯତ୍ନଶୀଳ ହେଉନାହିଁନ୍ତି କିନ୍ତୁ ଆଦିବାସୀ ଲୋକେ ନିଜର ପରିବେଶକୁ ନିଜର ପରିବାରର ସଦସ୍ୟପରି ମନେ କରନ୍ତି ଏବଂ ତା'ର ସୁରକ୍ଷା ଦିଗରେ ସଜାଗ ରହନ୍ତି ।

ସଂସ୍କୃତି ଓ ପରମ୍ପରା ମାନବ ସମାଜ ପାଇଁ ଯେତେ ଆନନ୍ଦର ପର୍ବ ସାଜିଥାଏ,ସେତେ ବିପଦଗାମୀ ମଧ୍ୟ ହୋଇଥାଏ । ପରିବେଶକୁ ଦୃଷ୍ଟିରେ ରଖି ନିଜର ସଂସ୍କୃତି,ଧର୍ମ ଓ ପରମ୍ପରାର ସୁରକ୍ଷା ଦିଗରେ ଅଗ୍ରସର ହେଲେ ମନୁଷ୍ୟ ଅନେକ ବିଷୟରେ ଅବଗତ ହୋଇପାରିବ । ସଂସ୍କୃତି ଓଧର୍ମୀୟପରମ୍ପରା କେବଳ ମନୋରଞ୍ଜନଧର୍ମୀ ହୋଇ ନ ଥାଏ,ଏହା ମଣିଷ ଜାତିକୁ ଅନେକ ଶିକ୍ଷା ମଧ୍ୟ ଦେଇଥାଏ । ପରିବେଶ ପ୍ରତି ଅନୁକୂଳ ମନୋଭାବ ରଖି ନିଜର ପରମ୍ପରାକୁ ସମ୍ମାନ ଦେଲେ ଅନେକ ବିପଦରୁ ମୁକ୍ତ ହୋଇପାରିବା । ସଂସ୍କୃତି ଓଧର୍ମୀୟ ପରମ୍ପରା ନାଁରେ ପରିବେଶର କ୍ଷୟକ୍ଷତି ଯେପରି ନ ହେଉ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ,ନଚେତ ପରିବେଶ ତା'ର ତାଣ୍ଡବଲୀଳା ରଚି ସବୁକୁ ସାଉଁଟି ନେଇଯିବ ।

**ସହାୟକ ଗ୍ରନ୍ଥସୂଚୀ -**

**ପୁସ୍ତକ -**

୧) ମହାପାତ୍ର,ରାଜ୍ୟବର୍ଦ୍ଧନ ଧଳ : ବାମନ ବୃକ୍ଷ,ବିଦ୍ୟାପୁରୀ,ବାଲୁବଜାର,କଟକ,ପ୍ରଥମ ପ୍ରକାଶନ - ୨୦୨୧

୨) ରଣା,ଡିଲେଶ୍ୱର : ସେରରା,ଟାଇମ ପାସ,ଭୁବନେଶ୍ୱର,ପ୍ରଥମ ସଂସ୍କରଣ-୨୦୨୧

୩) ମିଶ୍ର,ଡ.ଚିତ୍ତରଞ୍ଜନ : ସାମ୍ପ୍ରତିକ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ,ଗ୍ରନ୍ଥ ମନ୍ଦିର,କଟକ,ଦ୍ୱିତୀୟ ମୁଦ୍ରଣ-୨୦୧୩

୪) Pater,Berry : Begining Thery,Viva Books Pvt.Ltd. , First Indian Edition -2018

ପତ୍ରିକା-

ଶୋଭନା,ଅକ୍ଟୋବର-୨୦୧୩

ଇଣ୍ଟେରନେଟ -

https://youtube.be/32aNQaDWNG8?si=XQ07XlacioD867kw (Role of the various relegion and cultural Practice in Environmental Conservation)

# ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ

ISSN-2583-6978
Volume-4
Issue-12
NOVEMBER-2024

**ଲିଜାରାଣୀ ପାଇଟାଳ**

**ସହାୟକ ଗବେଷିକା,ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

ସାହିତ୍ୟ ଜଗତର ପ୍ରଣମ୍ୟ ପୁରୁଷ ଆଦିକବି ସାରଳା ଦାସ। ଏ ମାଟିର ସାହିତ୍ୟ ପୃଷ୍ଠାକୁ ଋଦ୍ଧିମନ୍ତ କରି ମହାଭାରତରୁ ଆରମ୍ଭ କରି ଲକ୍ଷ୍ମୀନାରାୟଣ ବଚନିକା ପର୍ଯ୍ୟନ୍ତ ଯାହାଙ୍କ ଲେଖନୀରୁ ଝରି ଆସିଥିଲା ରାଶି ରାଶି କାବ୍ୟ ସାହିତ୍ୟ। ସେ ମା' ଶାରଳାଙ୍କ ପାଦତଳେ ନିବେଦିତ ପୂଜାଫୁଲ। ସେ ଶକ୍ତି ଉପାସକ ହେଲେହେଁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଥିଲା ଅସାଧାରଣ ଭକ୍ତିଭାବ। ସେ ଶ୍ରୀଜଗନ୍ନାଥଙ୍କୁ ଇଷ୍ଟ , ପିତା , ବନ୍ଧୁ ଭାବରେ ଓ ତାଙ୍କୁ ଅନାଦିନାଥ, ପରଂବ୍ରହ୍ମ , ପୁରୁଷୋତ୍ତମ, ଜଗତର ଅଧିପତି ଭାବରେ ବିଚାର କରିବା ସହିତ ସତ୍ତ୍ୱ , ରଜ , ତମ ଗୁଣ ଭାବରେ ଗ୍ରହଣ କରିଛନ୍ତି। ଶ୍ରୀଜଗନ୍ନାଥ ତମ ଗୁଣର ପ୍ରତୀକ, ସୁଭଦ୍ରା ରଜ ଗୁଣର ଓ ବଳରାମ ଙ୍କୁ ସତ୍ତ୍ୱ ଗୁଣର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି। ତାଙ୍କର ସାରଳା ମହାଭାରତ ଓ ଚଣ୍ଡୀପୁରାଣ ଇତ୍ୟାଦିରେ ସେ ମହାପ୍ରଭୁଙ୍କ ମାହିମା ଗାନ କରିଛନ୍ତି । ମହାକାବ୍ୟ ମହାଭାରତରେ ଶୂଦ୍ରମୁନି ଅନେକ ସ୍ଥଳରେ ଶ୍ରୀଜଗନ୍ନାଥଙ୍କୁ ଦାରୁଦେବତା ଭାବରେ ଉଲ୍ଲେଖ କରିଛନ୍ତି। ମହାଭାରତର ମୁଖ୍ୟ ନାୟକ ଶ୍ରୀକୃଷ୍ଣଙ୍କ ସ୍ଥାନରେ ସେ ମହାପ୍ରଭୁ ଜଗନ୍ନାଥଙ୍କର ବନ୍ଦନା , ଆରାଧନା , ପ୍ରାର୍ଥନା କରିଛନ୍ତି। ମହାଭାରତର ଭୀଷ୍ମପର୍ବରେ ପ୍ରହଲ୍ଲାଦ ଚରିତ୍ର ମାଧମରେ ବର୍ଣ୍ଣନା କରି କହିଛନ୍ତି –

ଆରେ ଜଳ ଅନଳୁ ତରିଲୁ ଜଗନ୍ନାଥଙ୍କୁ ଧ୍ୟାୟି
ମତେ ଦେଖାଅ କିନା ତୋର ନାରାୟଣ ଅଛି କାହିଁ (୧୧୮)
ବୋଲଇ ପ୍ରହଲ୍ଲାଦ ଶୁଣ ଦେବ ଜାତ
ଜଗନ୍ନାଥ ନାମଗୋଟି ଜଗତେ ବିଖ୍ୟାତ (୧୧୯)

X X X X X X X X X

ତୁହି ହରି ମୁହିଁ ହରି ସକଳ ବର୍ଣ୍ଣେ ହରି
ଯେହି ଖମ୍ବ ଗୋଟାକରେ ନାରାୟଣ ଅଛନ୍ତି ବିଜେକରି (୧୩୨)

X X X X X X X X X

ରେ ରେ କାର କରିଣ ଉଠିଲା ବୀର ହାଦେ
ସେ ଥମ୍ଭେଣ ପ୍ରହାରିଲା ନେଇଣ ବାମପଦେ(୧୩୫)

X X X X X X X X X

ହିରଣ୍ୟ ବିଦାରଣ ଅଛନ୍ତି ଜଗନ୍ନାଥ
ପ୍ରହଲ୍ଲାଦ କଇ ଚିରାୟୁତ ଦିଅନ୍ତା ନାଥ (୧୯୮)

ଭକ୍ତ ପ୍ରହଲ୍ଲାଦର ଦାରୁଣ ଦୁଃଖକୁ ଦୂରକରିବା ପାଇଁ ଦାରୁଖୁମ୍ବରୁ ଦାରୁବ୍ରହ୍ମ ଆତ୍ମପ୍ରକାଶ କରିବା କଥା ବର୍ଣ୍ଣନା କରିଛନ୍ତି। ମହାଭାରତର ଛତ୍ରେ ଛତ୍ରେ ଶ୍ରୀକୃଷ୍ଣଙ୍କର ବର୍ଣ୍ଣନା ଥିଲେ ମଧ ଜଗନ୍ନାଥଙ୍କୁ ଆରାଧ ବୋଲି ବିଚାର କରି 'ଦାରୁବ୍ରହ୍ମ ' ଶବ୍ଦଟିକୁ ବାଖ୍ୟା କରିଛନ୍ତି ଶୁଦ୍ରମୁନି କ୍ଷଶ୍ରୀକୃଷ୍ଣ ଦ୍ୱାପର ଯୁଗର ଅବତାରୀ ପୁରୁଷ। ଶ୍ରୀଚୈତନ୍ୟଙ୍କ ପ୍ରବର୍ତ୍ତିତ ଗୌଡ଼ୀୟ ବୈଷ୍ଣବ ଧର୍ମରେ ଶ୍ରୀକୃଷ୍ଣଙ୍କୁ ଅବତାରୀ ଭାବରେ ଗ୍ରହଣ କରାଯାଇଛି। ପଞ୍ଚଦଶ ଶତାବ୍ଦୀ ବେଳକୁ ଜଗନ୍ନାଥ ଯେ ଶବର ଦେବତା, ଏ ଧାରଣା ଜନମାନସରେ ବଦ୍ଧମୂଳ ହୋଇ ରହିଛି ଓ ମହାଭାରତର ବହୁ ସ୍ଥଳରେ ଶ୍ରୀ ଜଗନ୍ନାଥନଙ୍କର ପୂର୍ବରୂପ ଶବରୀ ନାରାୟଣ ପୂଜାର ସମ୍ୟକ୍ ପରିଚୟ ମଧ ପ୍ରଦାନ କରିଛନ୍ତି ।'' ସାରଳା ଦାସ ସର୍ବପ୍ରଥମେ ହିଁ ଏହି ତତ୍ତ୍ୱ ବ୍ୟାଖ୍ୟାନ କରିଛନ୍ତି ଯେ , ହିନ୍ଦୁ ରାଜା ଇନ୍ଦ୍ରଦ୍ୟୁମ୍ନ ହିନ୍ଦୁ ବସୁ ବ୍ରହ୍ମଣର ବଂଶଧରମାନଙ୍କୁ ପୂଜା କରିବାର ଅଧିକାର ଦେଇଥିଲେ।ସେହିପରି ଶବରୀ ନାରାୟଣଙ୍କ ଇଚ୍ଛାରେ ହିଁ ଶବର ଜାତି ତାଙ୍କର ପୂଜା କରି ଆସୁଥିଲେ ଓ ଏବେ ବି ଦଇତା ଭାବରେ ପୂଜା କରି ଆସୁଛନ୍ତି। 'ମୂଷଳୀପର୍ବ'ରେ ନୀଳୋତ୍ପଳ ତନୁ ରକ୍ତ କୁମୁଦ ନେତ୍ର ଠାକୁର ନିଜେ ନିଜର ପରିଚୟ ଦେଲାବେଳେ ନିଜ ନାମ ଶବରୀ ନାରାୟଣ ବୋଲି ପ୍ରକାଶ କରିଛନ୍ତି।

"କିରାତେଶ୍ୱର ଶୁଣ

ମୁହିଁ ଅନାଦି ନାଥ ଯେ ଶବରୀ ନାରାୟଣ
କଳିକାଳ ଜାଣି ମୁଁ ହୋଇଲଇଁ ଗୋପ୍ୟ
ଏହିଠାରେ ଥିବି ମୁହିଁ ପାଷାଣ ସ୍ୱରୂପ
ତୁ ମୋତେ ପାଣି ପତ୍ର ଦେଇ କରୁଥିବୁ ପୂଜା
ନ ଜାଣିମେଟି କୁଟୁମ୍ବ ତୋର ପୁତ୍ର କି ଭାରିଜା
ଯଦି ତୁ ଏ କଥା ଆନକୁ କହିବୁ
ବଂଶ ନାଶ ଯିବ ତୋର ସଂପୋଢ଼େ ନାଶଯିବୁ।''(୨୦୪)(୧)

ମହାଭାରତରେ ଅନେକ ସ୍ଥାନରେ କୃଷ୍ଣଙ୍କ ବଦଳରେ ଜଗନ୍ନାଥ ଶବ୍ଦର ପ୍ରୟୋଗ କରିଛନ୍ତି ।ଯଥା -

"ଜଗନ୍ନାଥେ ବୋଇଲେ ବ୍ୟାସେ ତୁମ୍ଭେ ଦ୍ରୋପଦର ଦେଶକୁ ଯିବ,
ବ୍ୟାସକୂଟ କରି ଲାଖେକ ପାତିବ। ''(୧୮୭)
ଅର୍ଜ୍ଜୁନର ଆତ୍ମା ଯେ ଅଟନ୍ତି ଜଗନ୍ନାଥ
କୋଳେ ଧରି ଦୂତୀକୃଷ୍ଣ ନାମ ଦିଲେକ ଅଚ୍ୟୁତ।" (୧୮୮)(୨)

ଉଦଯୋଗପର୍ବ ରେ ଦେବନାଶନ ବଟର ବର୍ଣ୍ଣନା ପ୍ରସଙ୍ଗରେ କବି ବର୍ଣ୍ଣନା କରିଛନ୍ତି ଯେ ଶ୍ରୀଜଗନ୍ନାଥ ଦଶ ଅବତାରର ସ୍ରଷ୍ଟା ଅଣାକାର ବିଷ୍ଣୁ ରୂପେ ଦେବନାଶନ ବଟ ମୂଳରେ ବିରାଜିତ ହୋଇଛନ୍ତି -

'' ଅଣାକାର ବିଷ୍ଣୁ ବିଜୟେ ସେହି ସ୍ଥାନେ
ତହୁଂ ସେ ଦଶଅବତାର ବସଇ ବିଷ୍ଣୁନାମେ
ମୁଛ କୂର୍ମ ବରେହା ନରସିଂହ ବାମନ
ପଶୁଧର ଶ୍ରୀରାମ କାହ୍ନୁ ସଂକ୍ରିଷେଣ
ବଉଧ କଳଂକୀ ଯେ ଦଶ ଅବତାର
ସେ ସ୍ୱାମୀର ଶରୀରୁଂ ଯେ ହୋଅନ୍ତି ବାହାର। ''(୨୦୧)

କିନ୍ତୁ ଅନ୍ୟ ପକ୍ଷରେ କାଇଁଷିକା ପର୍ବରେ "ଶ୍ରୀକୃଷ୍ଣଙ୍କ ଦ୍ୱାରା ପରୀକ୍ଷିତଙ୍କ ଜୀବଦାନ'' ଅଧ୍ୟାୟରେ ଶ୍ରୀକୃଷ୍ଣ ମୃତ ପରୀକ୍ଷିତଙ୍କ ପିଣ୍ଡକୁ କୋଳରେ ଧରି ନିଜର ସ୍ୱରୂପର ମାହାତ୍ମ୍ୟ ବର୍ଣ୍ଣନା କଲାବେଳେ ନିଜକୁ ଦଶ ଅବତାରର ସ୍ରଷ୍ଟା ବୋଲି ଉଲ୍ଲେଖ କରିଛନ୍ତି –

ମୁଁ ଯେବେ ଉତପତ୍ତି ଭାରା ନିବାରଣେ
ଜନ୍ମେ ଜନ୍ମେ ଜାତ ହୋଇ ନର ନାରାୟଣେ
ଯେବେ ମୁହିଁ ମୁଛ କୂର୍ମ ବରେହା ଅବତାର
ନୃସିଂଘ ବାମନ ପ୍ରଶୁରାମ ଆବର କୋଦଣ୍ଡଧର
ଯେବେ ମୁଂ ଅବତାର ଅବନୀର ଚଳେ
ଯେବେ ମୋ ଦଶ ଅବତାର ସର୍ବକାଳେ
ମମ ଆଷ୍ୟ ଘେନି କରି ବ୍ରତୁ ଏ ବାଳୁତ । ''(୨୦୨) (୩)

କବି ସାରଳା ଦାସ ମହାଭାରତରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଓଡ଼ିଶାର ଜାତୀୟ ବିଗ୍ରହରୂପ ଚିତ୍ରଣ କରି ମଙ୍ଗଳାଚରଣ ପ୍ରଭୃତି ବହୁ ସ୍ଥାନରେ ଚକାଡ଼ୋଳା , ଅନ୍ୟାନ୍ୟ ସ୍ଥଳରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭେଦ କଳ୍ପନା କରିଛନ୍ତି। ଏତଦ୍‌ବ୍ୟତୀତ ବୁଦ୍ଧରୂପୀ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ବିଷ୍ଣୁରୂପେ ମଧ୍ୟ ବର୍ଣ୍ଣନା କରିଛନ୍ତି ।ନିର୍ଗୁଣ ପରଂବ୍ରହ୍ମଙ୍କର ଅର୍ଚ୍ଚାବତାର ଭାବରେ ସାକାର ବିଷ୍ଣୁରୂପୀ ଶ୍ରୀଜଗନ୍ନାଥଙ୍କର ରୂପ, ଲୀଳା ଓ ମହିମାଗାନ ମଧ୍ୟ ମହାଭାରତରେ ସାରଳା ଦାସ ବର୍ଣ୍ଣନା କରିଛନ୍ତି। ଭକ୍ତି ଆନ୍ଦୋଳନ ପରମ୍ପରାରେ ସାରଳା ଦାସଙ୍କ ମହାଭାରତରେ ଶ୍ରୀଜଗନ୍ନାଥ ସଗୁଣ ଓ ନିର୍ଗୁଣ ପରଂବ୍ରହ୍ମ ଭାବରେ ବର୍ଣ୍ଣିତ ହୋଇଛନ୍ତି । ସାରଳା ଦାସଙ୍କ ପରବର୍ତ୍ତୀ ସମୟ ବା ପଞ୍ଚସଖା ଯୁଗରେ ଭକ୍ତି ଭାବନାର ଚରମୋତ୍କର୍ଷ ପ୍ରତିପାଦିତ ହୋଇଥିଲା। ସେଥିପାଇଁ ଏ ଯୁଗକୁ ବହୁ ଆଲୋଚକ 'ଭକ୍ତିଯୁଗ' ବା ସନ୍ଥ ସାହିତ୍ୟର ଯୁଗ ଭାବରେ ଆଲୋଚନା କରିଥାନ୍ତି।

**ପାଦଟିକା**

ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା - ପ୍ର. ବାସୁଦେବ ସାହୁ - ପୃ - ୧୩୪(୧)
ତତ୍ରୈବ – ୧୩୦(୨)
ତତ୍ରୈବ - ୧୩୩(୩)

❖❖❖

# ପ୍ରତିଭା ରାୟଙ୍କ ଗଳ୍ପରେ ଓଡ଼ିଆ ଅସ୍ମିତାର ପଦଧ୍ୱନି : ଏକ ଦୃଷ୍ଟିପାତ

ISSN-2583-6978
Volume-4
Issue-12
DECEMBER-2024

**ପ୍ରିୟବ୍ରତ ସାହୁ**
**ଗବେଷକ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**
**ଡ. ରମେଶ ଚନ୍ଦ୍ର ବେହେରା**
**ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ**

ବର୍ତ୍ତମାନ ସମୟରେ ଓଡ଼ିଆ ଅସ୍ମିତାକୁ ନେଇ ଓଡ଼ିଶାର ରାଜନୀତି ତଥା ବୌଦ୍ଧିକ ଓ ସାମାଜିକ ଗଣମାଧ୍ୟମରେ ଅନେକ ତର୍କ ବିତର୍କ ଆରମ୍ଭ ହୋଇଯାଇଛି। ପୂର୍ବ ଅପେକ୍ଷା ଏବେ ଏହି ଅସ୍ମିତା ଶବ୍ଦଟି ବହୁଳ ମାତ୍ରାରେ ଓଡ଼ିଶାର ଜନସାଧାରଣ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି । ଅସ୍ମିତା ଶବ୍ଦଟି ମୂଳ ସଂସ୍କୃତ ଶବ୍ଦ ‘ଅସ୍ମନ୍’ରୁ ଆସିଛି। ‘ଅସ୍ମି’ ଅର୍ଥ ‘ମୁଁ’, ‘ତା’ ଅର୍ଥ ହେଉଛି ‘ଅଛି’ । ଅର୍ଥାତ ଅସ୍ମିତା ଶବ୍ଦର ଅର୍ଥ ହେଉଛି ‘ମୁଁ ଅଛି’। ଓଡ଼ିଆ ଭାଷାର ସର୍ବ ବୃହତ୍ ଓଡ଼ିଆ ଅଭିଧାନ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ‘ଅସ୍ମିତା’ ଶବ୍ଦର ଅର୍ଥ ହେଉଛି- ସଂ. ବି. (ସଂ. ଅସ୍ମି=ମୁଁ ଅଛି+ଭାବ. ତା)ଅହଙ୍କାର; ଅହଂଜ୍ଞାନ- Self-conecit; egotism,‘ମୁଁ ଅଛି’ ଏହି ଜ୍ଞାନର- Self-consciousness । ଏହାକୁ ନକାରାତ୍ମକ ଅର୍ଥରେ କେତେକ ଅହଙ୍କାର ବା ଅହଂଜ୍ଞାନ ବୋଲି ବିଚାର କରୁଥିବା ବେଳେ; ମାତ୍ର ସକାରାତ୍ମକ ଦୃଷ୍ଟିରେ ଦେଖିଲେ ମୁଁ ଅଛି ବା ନିଜସ୍ୱ ଭାବ ପ୍ରତିଷ୍ଠା ଓ ଅସ୍ତିତ୍ୱ ସଂପର୍କରେ ଏକ ଅବଧାରଣା । ଅର୍ଥାତ୍ ଅସ୍ମିତା କହିଲେ ସାଧାରଣତଃ ଆମେ ବୁଝିବା ଯେ ଆମର ପରିଚୟ ବା ଆତ୍ମସତ୍ତା ସଂପର୍କରେ ଅବଗତ ହେବା । ସମାଜରେ ଯେକୌଣସି ବ୍ୟକ୍ତି ହେଉ ବା ଗୋଷ୍ଠୀ ସମ୍ପ୍ରଦାୟ ନିଜର ସ୍ୱତନ୍ତ୍ର ପରିଚୟ ଏକ ନିରାପଦ ଏବଂ ସମ୍ମାନଜନକ ଭାବରେ ବଜାୟ ରଖିବା ପାଇଁ ଯେଉଁ ମୂଲ୍ୟବୋଧଭିତ୍ତିକ ବିଚାରଧାରାକୁ ଗୁରୁତ୍ୱ ଦେଇ ଜୀବନ ଯାପନ କରିଥାଏ, ତାହା ହିଁ ତାକୁ ଅନ୍ୟମାନଙ୍କ ଠାରୁ ପୃଥକ ବୋଲି ଚିହ୍ନାଇ ଦିଏ । ଏହି ସ୍ୱତନ୍ତ୍ରତା ହିଁ ହେଉଛି ତାହାର ପରିଚୟ ବା ଆତ୍ମସତ୍ତା । ଏହି ଦୃଷ୍ଟିରୁ ଦେଖିଲେ ନିଜର ଅସ୍ତିତ୍ୱର ମହତ୍ତ୍ୱକୁ ଆତ୍ମପୋଲବ୍ଧି କରିବା ହିଁ ହେଉଛି ଅସ୍ମିତା । ଏ ସଂପର୍କରେ ସାତକଡ଼ି ହୋତା କହନ୍ତି – “ନିର୍ଦ୍ଦିଷ୍ଟ ଦେଶର ଅଧିବାସୀମାନେ ପରସ୍ପର ମଧ୍ୟରେ ଭାଷା, ସଂସ୍କୃତି ଓ ଧର୍ମ ମାଧ୍ୟମରେ ଏକତ୍ର ହେବାରୁ ସେହି ଅଞ୍ଚଳରେ ଲୋକମାନଙ୍କର ଧର୍ମ, ଭାଷା, ପୂଜା ପ୍ରାର୍ଥନା ବିଶ୍ୱାସ ଓ ସଂସ୍କୃତିକୁ ନେଇ ଯେଉଁ ରୁଚି ଓ ଜୀବନଧାରା ଗଢ଼ିଉଠେ ତାହା ସେହି ଦେଶର ଲୋକଙ୍କ ଅସ୍ମିତାରେ ପରିଣତହୁଏ।“(ହୋତା, ସତକୋଡ଼ି – ଓଡ଼ିଆ ଜାତୀୟତାର ଉତ୍ସ, ପୃଷ୍ଠା –୧୨) ଅର୍ଥାତ୍ ଗୋଟିଏ ଦେଶର ଅଧିବାସୀ, ଜାତି,ବା ଗୋଷ୍ଠୀ ସମ୍ପ୍ରଦାୟର ଭାଷା, ସାହିତ୍ୟ, ଧର୍ମ, ବିଶ୍ୱାସ ଓ ସଂସ୍କୃତିକୁ ନେଇ ଯେଉଁ ବିଶିଷ୍ଟ ଐତିହ୍ୟ ପରମ୍ପରା ଗଢ଼ି ଉଠିଥାଏ ତାହା ଯେତେବେଳ ଅନ୍ୟମାନଙ୍କ ଠାରୁ ଭିନ୍ନ ବୋଲି ଆତ୍ମଜ୍ଞାନ ବା ଆତ୍ମଗର୍ବ କରିଥାଏ, ସେତେବେଳ ଏହା ସେହି ଦେଶର ଲୋକମାନଙ୍କର ଅସ୍ମିତା ବା ଆତ୍ମସତ୍ତା ଭାବରେ ବିଚାର କରାଯାଏ । ଗୋଟିଏ ଜାତି ବା ଗୋଷ୍ଠୀ ସମ୍ପ୍ରଦାୟ ପାଇଁ ଯେତେବେଳ ପ୍ରାଦେଶିକ ବା ବାହ୍ୟ ଶକ୍ତି ଦ୍ୱାରା ତା’ର ଭାଷା, ଧର୍ମ, ଐତିହ୍ୟ ଓ ସଂସ୍କୃତି ପ୍ରତି ବିପଦ ବୋଲି ଆଶଙ୍କା କରିଥାଏ, ସେତେବେଳେ ଏହି ଅସ୍ମିତା ଶବ୍ଦଟି ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୋଇଥାଏ । କାରଣ ପରମ୍ପରା କ୍ରମେ ଦୀର୍ଘ ଜୀବନାନୁଭୂତି ଦ୍ୱାରା ଗଢ଼ିଉଠିଥିବା ନିଜର ଆତ୍ମପରିଚୟ ବା ଆତ୍ମ ଗୌରବର ସତ୍ତା ହରାଇବାର ଭୟ ରହିଥାଏ ।ତେଣୁ ଅସ୍ମିତା ହେଉଛି ଏପରି ଏକ ଭାବାର୍ଥମୂଳକ ଶବ୍ଦ ଯେଉଁଥିରେ ଗୋଟିଏ ଜାତି,ଗୋଷ୍ଠୀ ସମ୍ପ୍ରଦାୟ ବା ଦେଶର ଆତ୍ମସମ୍ମାନ, ଆତ୍ମବୋଧ, ଆତ୍ମସ୍ୱାଭିମାନ ଓ ଆତ୍ମଗୌରବବୋଧକୁ ରକ୍ଷା କରିବା ପାଇଁ ହେଉ ବା ମହତ୍ତ୍ୱ ବୃଦ୍ଧି କରିବା ପାଇଁ ହେଉ ତା’ର ଭାଷା,ସାହିତ୍ୟ, ସଂସ୍କୃତି,ଇଷ୍ଟ ଦେବତା, ଐତିହ୍ୟ ଏବଂ ଭୌଗୋଳିକ ସମ୍ବଳ ପ୍ରତି ଅହେତୁକ ଅନୁକମ୍ପା ବା ସମ୍ବେଦନଶୀଳତା ସୃଷ୍ଟି କରିବା ।ଏହି ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ଅସ୍ମିତା ହେଉଛି ଏକ ଜାତୀୟ ଚେତନା ମୂଳକ ଭାବନା । ଓଡ଼ିଶାର

ଭୂଖଣ୍ଡରେ ବସବାସ କରୁଥିବା ଓଡ଼ିଆ କହୁଥିବା ସମସ୍ତ ଅଧିବାସୀ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ଧର୍ମୀୟ ପରମ୍ପରା, ସାମାଜିକ ଚଳଣି ଓ ଚାହାଣୀ ଠାରୁ ଆରମ୍ଭ କରି ଭାଷା ସାହିତ୍ୟ ଆଦି ପ୍ରତ୍ୟେକଟି କ୍ଷେତ୍ରରେ ବହୁ ଘାତ ପ୍ରତିଘାତ ସତ୍ତ୍ୱେ ନିଜକୁ ସାମିଲ କରି ଯେଉଁ ଆତ୍ମ ପରିଚୟ ବା ଆତ୍ମଗୌରବବୋଧ ଲାଭ କରିଥାଏ,ତାହା ହିଁ ହେଉଛି ଓଡ଼ିଆ ଅସ୍ମିତା ।

ଆଜିର ଆଧୁନିକ ଓଡ଼ିଶା ପ୍ରଦେଶର ଜଳ, ବାୟୁ, ମାଟି ପାଣି, ପବନ, ଅନ୍ନ ନେଇ ବସବାସ କରୁଥିବା ଓଡ଼ିଆ କହୁଥିବା ଓ ବୁଝୁଥିବା ସମସ୍ତ ଜନସାଧାରଣ ହେଉଛନ୍ତି ଓଡ଼ିଆ । ଓଡ଼ିଶା ଓ ଓଡ଼ିଆ ଜାତିର ଇତିହାସ ହେଉଛି ଅତି ପ୍ରାଚୀନ। ପ୍ରାଗୈତିହାସିକ ଯୁଗରୁ ଓଡ଼ିଶାର ଅୟମାରମ୍ଭ ହୋଇ ହଜାର ହଜାର ବର୍ଷର କ୍ରମ-ବିବର୍ତ୍ତନ ମଧ୍ୟରେ ଓଡ଼ିଆ ଜାତି ବିଭିନ୍ନ ଉତ୍ଥାନପତନ ମଧ୍ୟରେ ଯେପରି ବିକଶିତ ହୋଇଛି ତା'ର ଏକ ପ୍ରାଚୀନ ପରମ୍ପରା ଓ ସ୍ୱାଭିମାନ ରହିଛି । ଭାରତର ପ୍ରାଚୀନ ପୁରାଣ, ଶାସ୍ତ୍ର, ଗ୍ରନ୍ଥମାନଙ୍କରେ ଓଡ଼ିଶାର ଜାତିଗତ ଓ ଭୌଗୋଳିକ ଅବସ୍ଥିତିକୁ ନେଇ ଯେଉଁ ସୂଚନା ରହିଛି ତାହାକୁ ଅନୁଶୀଳନ କଲେ ଜଣାଯାଏ ଯେ, ଓଡ଼ିଆ ଜାତି ଆର୍ଯ୍ୟ ଜାତିର ଏକ ଶାଖା ଭାବରେ ପୂର୍ବ ମହୋଦଧି ତଟରେ ବିଶାଳ ଓଡ଼ିଆ ସାମ୍ରାଜ୍ୟ ଗଠନ କରି ଜାତୀୟତାର ସ୍ୱାଭିମାନରେ ଓଡ଼ିଶାର ଭାସ୍କର୍ଯ୍ୟ, କଳା, ସ୍ଥାପତ୍ୟର ବିକାଶ ଘଟାଇବା ସହିତ ନୌବାଣିଜ୍ୟ ଏବଂ ସମର କଳାରେ ନିପୁଣ ଥିବା ଓଡ଼ିଆ ଜାତି ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଏମାନଙ୍କର ଭାଷା ଓ ସାହିତ୍ୟ ଥିଲା ପ୍ରଜ୍ଞାର ଯଥାର୍ଥ ପରିଚୟ । ତେଣୁ ଓଡ଼ିଆ କହୁଥିବା ଓ ଓଡ଼ିଶା ଭୂଖଣ୍ଡରେ ବସବାସ କରୁଥିବା ସେମାନଙ୍କର ସାମାଜିକ ଜୀବନର ରୀତିନୀତି, ବିଶ୍ୱାସ, ପ୍ରଥା,ପରମ୍ପରା, କଳା, ସ୍ଥାପତ୍ୟ,ନୃତ୍ୟ, ଗୀତ ,ଜୀବନଯାପନ ପ୍ରଣାଳୀ ହିଁ ହେଉଛି ଓଡ଼ିଆ ସଂସ୍କୃତି ।ଏହି ସଂସ୍କୃତି ଓଡ଼ିଆ ଜାତିର ଶିକ୍ଷା, ସଭ୍ୟତା,ସାହିତ୍ୟ,ଆଚାର, ବ୍ୟବହାର ଓ ଧର୍ମୀୟ ଚେତନା ସହିତ ପରସ୍ପର ପରିପୂରକ ଓ ଜଡ଼ିତ । ଏହାକୁ ନେଇ ଓଡ଼ିଆ ଜାତି ନିଜକୁ ଗୌରବାନ୍ୱିତ ମନେ କରିଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସାମ୍ୟ ଦୃଷ୍ଟିରେ ବିଚାର କରି ଏକତାର ସୂତ୍ରରେ ବାନ୍ଧି ରଖିବାର ବାର୍ତ୍ତା ଏହି ଜାତିର ଇଷ୍ଟଦେବ ତଥା ପ୍ରାଣପରିଚୟ ଶ୍ରୀଜଗନ୍ନାଥଙ୍କ ମାଧ୍ୟମରେ ସାରା ବିଶ୍ୱକୁ ଦେଇଥାଏ । ସର୍ବଧର୍ମ ସମନ୍ୱୟର କଥା କହିଥାଏ ଜଗନ୍ନାଥ ସଂସ୍କୃତି । ଓଡ଼ିଆମାନଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ହୋଇଥିଲେ ହେଁ ସାରା ବିଶ୍ୱରେ ବ୍ରହ୍ମାଣ୍ଡ ଠାକୁର ଭାବରେ ସମଗ୍ର ପୃଥିବୀରେ ପୂଜିତ । ଆଧ୍ୟାତ୍ମିକ ସମନ୍ୱୟ ମାଧ୍ୟମରେ ସମଗ୍ର ବିଶ୍ୱରେ ଏକତ୍ୱଭାବ ସୃଷ୍ଟି କରିବା ଅନ୍ୟ କୌଣସି ଧର୍ମରେ ବିରଳ । ନମନୀୟତା ମଧ୍ୟରେ ମହନୀୟତା ସୃଷ୍ଟିକରିବା କରିବା ହେଉଛି ଏହି ଜାତିର ସର୍ବଶ୍ରେଷ୍ଠ ଭୂଷଣ । ଓଡ଼ିଆ ଜନଜୀବନ ସହିତ ଜଡ଼ିତ ଏହି ସମଗ୍ର ଭାବସତ୍ତା ହେଉଛି ଓଡ଼ିଆ ଅସ୍ମିତା । ଓଡ଼ିଆ ଲୋକମାନଙ୍କ ମନରେ ଏହି ଅସ୍ମିତାବୋଧ ସୃଷ୍ଟି କରିବା ପାଇଁ ଓଡ଼ିଆ ଜନଜୀବନ ସହିତ ସଂପୃକ୍ତ ବିବିଧ ଭାବ ଚେତନାକୁ ନେଇ ଓଡ଼ିଆ ସାହିତ୍ୟ ଯେଭଳି ସୁସମୃଦ୍ଧ ସେହିପରି ପାରମ୍ପରିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ସମାଜ ଉପଯୋଗିତା ସୃଷ୍ଟି କରିବାରେ ମଧ୍ୟ ସମର୍ଥ ।ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାଗ ମଧ୍ୟରେ ଆଧୁନିକ କ୍ଷୁଦ୍ରଗଳ୍ପ ମଣିଷ ଜୀବନର ସକଳ ଭାବ- ଚେତନାକୁ ଚମତ୍କାର ଭାବରେ ପରିସ୍ଫୁଟ କରିବାରେ ବେଶ୍ ଧୂରିଣ । ମଣିଷର ହର୍ଷ-ବିଷାଦ, ଆନନ୍ଦ- ନିରାନନ୍ଦ, ପ୍ରାପ୍ତି-ଅପ୍ରାପ୍ତି, ସ୍ନେହ-ପ୍ରେମ,ଦୟା, କ୍ଷମା,ତ୍ୟାଗ, ତିତିକ୍ଷା ଆଦିକୁ ଆନ୍ତରିକ ଭାବରେ ଗଳ୍ପରେ ଚିତ୍ରଣ କରିଥାଏ। ଆଧୁନିକ କ୍ଷୁଦ୍ରଗଳ୍ପ ସମ୍ପର୍କରେ କବିତା ବାରିକ କହନ୍ତି -"ଆଧୁନିକ ଗଳ୍ପର କୌଣସି ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ । ଅଭିଜାତ ଶ୍ରେଣୀ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ନିମ୍ନ ମଧ୍ୟବିତ୍ତ ଚରିତ୍ର ପର୍ଯ୍ୟନ୍ତ ଏହାର ବ୍ୟାପ୍ତି ।ଯେମିତି ଅଫିସର, ମନ୍ତ୍ରୀ, କିରାଣୀ,ଶ୍ରମିକ, ରୂପଜୀବୀ ନାରୀ, ବେକାର ଶିକ୍ଷିତ ପର୍ଯ୍ୟନ୍ତ ଏହାର ଚରିତ୍ରର ଚିତ୍ରଶାଳା ଲମ୍ୱିଯାଇଛି ।କେଉଁଠି ଗଳ୍ପ ଆଭାସଧର୍ମୀ ହୋଇଛି ତ କେଉଁଠି ଆଧ୍ୟାତ୍ମିକ ଚେତନାରେ ସମୃଦ୍ଧ ହୋଇଛି ।କେବଳ ସେତିକି ନୁହେଁ କୁକୁର,କଇଁଛ, କପୋତ, ପିମ୍ପୁଡ଼ି, ବିଲେଇ, ଗାଈ, ବଳଦ, ଛାରପୋକ, ପାରା, ଓଟ ପ୍ରଭୃତିକୁ ପ୍ରତୀକ କରି ମଧ୍ୟ ଅନେକ ଗଳ୍ପ ଲେଖାଯାଇଛି ।ଏସବୁ ଦେଖି ମନେହୁଏ ଆଧୁନିକ ଗଳ୍ପ ପ୍ରକୃତରେ ବିଶାଳ ଜୀବନଧାରାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ।"(ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ: ଏକ ତାତ୍ତ୍ୱିକ ବିଶ୍ଳେଷଣ – ପୃଷ୍ଠା- ୫୬) । ପାଠକର ହୃଦୟକୁ ମାନବ ଜୀବନ ସହିତ ଅଧିକ ଅନ୍ତରଙ୍ଗ କରିବା ପାଇଁ ଗଳ୍ପସ୍ରଷ୍ଟା ସ୍ୱକୀୟ ଅନ୍ତର୍ନିହିତ ଭାବସତ୍ତା ଦ୍ୱାରା ଓଡ଼ିଆ ଜନଜୀବନରେ ଦୈନନ୍ଦିନ ଘଟିଯାଇଥିବା ଘଟଣାଗୁଡ଼ିକ ପ୍ରକାଶ କରିଥାଏ। ଓଡ଼ିଶାର ଭୂଖଣ୍ଡରେ ବସବାସ କରୁଥିବା ଜନଜାତି ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତ ଲୋକଙ୍କର କେବଳ ସାମାଜିକ, ରାଜନୀତିକ, ଅର୍ଥନୈତିକ ଅଭାବ ଅସୁବିଧା କି ପ୍ରାକୃତିକ ବିପର୍ଯ୍ୟୟ ଓ ନାରୀ ସମସ୍ୟା କଥା ଆଧୁନିକ ଗଳ୍ପ କହି ନଥାଏ, ଓଡ଼ିଆ ଜନଜୀବନ ପରମ୍ପରାରେ ପୁରୁଷାନୁକ୍ରମେ ପ୍ରଚଳିତ ହୋଇ ଆସୁଥିବା ବିଭିନ୍ନ ସାମାଜିକ ରୀତିନୀତି,ଆଚାର,ବ୍ୟବହାର, ଦେବାଦେବୀ ପୂଜା,ପର୍ବପର୍ବାଣୀ, ନାଚଗୀତ, ବେଶ ପୋଷାକ, ଖାଦ୍ୟ ପାନୀୟ, ଲୋକବିଶ୍ୱାସ, ଧର୍ମୀୟ ଭାବନା ଆଦିକୁ ନେଇ ଯେଉଁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ ତାହାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଗଳ୍ପସ୍ରଷ୍ଟା ଆନ୍ତରିକତାର ସହ କହିଥାଏ । ଫକୀର ମୋହନଙ୍କ ଠାରୁ ଆରମ୍ଭ କରି ସାଂପ୍ରତିକ କାଳ ପର୍ଯ୍ୟନ୍ତ ଗଳ୍ପ ଲେଖୁଥିବା ଅନେକ ଗଳ୍ପକାର ପରିବର୍ତ୍ତିତ ସାମାଜିକ ଜୀବନଧାରାରେ ଓଡ଼ିଆ ଅସ୍ମିତା ଓ ସାମାଜିକ ପରମ୍ପରାର ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଗଳ୍ପରେ

ଅନ୍ତରଙ୍ଗ ଭାବରେ ସ୍ଥାନ ଦେଇଥାନ୍ତି ।ଏହି ପରିପ୍ରେକ୍ଷୀରେ ସତୁରୀ ପରବର୍ତ୍ତୀ କାଳର କଥା ବିଜୟିନୀ ପ୍ରତିଭା ରାୟଙ୍କ ଗଳ୍ପଗୁଡ଼ିକ ଏଠାରେ ଆଲୋଚନା କରାଯାଇଛି ।

ସାମ୍ପ୍ରତିକ ସମୟରେ ଓଡ଼ିଆ କଥା ସାହିତ୍ୟକୁ ଉଚ୍ଚତର ସୋପାନରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜ୍ଞାନପୀଠ ବିଜୟିନୀ ପ୍ରତିଭା ରାୟ ସର୍ବଭାରତୀୟ ସ୍ତରରେ ବେଶ୍ ପରିଚିତ ।ସେ କେବଳ ଓଡ଼ିଆ କଥା ସାହିତ୍ୟରେ ଲେଖନୀ ଚାଳନା କରି ଖ୍ୟାତି ଅର୍ଜନ କରିଛନ୍ତି ତାହା ନୁହେଁ ସେ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ପ୍ରବନ୍ଧ,ଆତ୍ମଜୀବନୀ ଭ୍ରମଣକାହାଣୀ,ଫିଚର,ସ୍ତମ୍ଭ ଆଦି ବିଭିନ୍ନ ଦିଗରେ ଲେଖନୀ ଚାଳନା କରି ଯେପରି ବୌଦ୍ଧିକ ସ୍ତରରେ ଆଲୋଡ଼ନ ସୃଷ୍ଟି କରିପାରନ୍ତି; ସେହିପରି ସାଧାରଣ ପାଠକ ମନରେ ଗଭୀର ପ୍ରଭାବ ବିସ୍ତାର କରିବାରେ ସକ୍ଷମ ମଧ୍ୟ ହୋଇଥାନ୍ତି। ଓଡ଼ିଶାର ଜନଜୀବନ, ଐତିହ୍ୟ, ପରମ୍ପରା, ସଂସ୍କୃତି କୀର୍ତ୍ତିରାଜିକୁ ନେଇ ଗୌରବ ପ୍ରତିଷ୍ଠା କରିବା ସହିତ ଜୀବନର ମାନବିକ ମୂଲ୍ୟବୋଧକୁ ପ୍ରଚାର ପ୍ରସାର କରିବାରେ ତାଙ୍କର ଗଳ୍ପଗୁଡ଼ିକ ଯେପରି ସମର୍ଥ ସେହିପରି ଲୋକପ୍ରିୟ ଓ ବୌଦ୍ଧିକ । ତାଙ୍କର ଗଳ୍ପ ସାହିତ୍ୟକୁ ନେଇ କୃଷ୍ଣଚନ୍ଦ୍ର ପ୍ରଧାନ କହନ୍ତି –"ଓଡ଼ିଆ ଗଳ୍ପରେ ତାଙ୍କପରି ଏତେ ସୁନ୍ଦର କାହାଣୀ କ୍ୱଚିତ୍ କଥାଶିଳ୍ପୀ ଦେଇଛନ୍ତି। ସରଳ ପଲ୍ଲୀରୁ ଜଟିଳ ସହର ପର୍ଯ୍ୟନ୍ତ ତାଙ୍କର ଗଳ୍ପଭୂମି ବିସ୍ତାରିତ । ପାଦଚଲା ଭିକାରିଠୁ ବ୍ୟୋମଯାନରେ ଉଡୁଥିବା ଅଭିଜାତ ବ୍ୟକ୍ତି ପର୍ଯ୍ୟନ୍ତ– ସମସ୍ତେ ତାଙ୍କ ଗଳ୍ପର କଥାଭୂମିରେ ଆତଯାତ । ଓଡ଼ିଆ ଗଳ୍ପକୁ ବିସ୍ତାର, ପ୍ରସାର ଓ ବିନ୍ୟାସ ଦେବାରେ ପ୍ରତିଭାଙ୍କ ଅବଦାନର ତୁଳନା ନାହିଁ । ପୁଣି ଓଡ଼ିଆ ଗଳ୍ପକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ୱୀକୃତି ଦେବାରେ ତାଙ୍କ ଗଳ୍ପଗୁଡ଼ିକର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସରଳ ଭାବ, ସହଜ ଭାଷା ମଧ୍ୟରେ ମଣିଷ ଚରିତ୍ରର ବିଭିନ୍ନ ଦିଗକୁ ଚମତ୍କାର ରୂପଦାନ କରିବାରେ ସେ ଦକ୍ଷା ସମର୍ଥା । ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦିଗରୁ ଓଡ଼ିଆ ଗଳ୍ପ ତାଙ୍କ ଦ୍ୱାରା ସମୃଦ୍ଧ" ।(ଓଡ଼ିଆ କଥା କଳ୍ପନାର ଦିଗ ଓ ଦିଗନ୍ତ – ପୃଷ୍ଠା -୫୧) ମଣିଷ ଜୀବନର ସୁଖ-ଦୁଃଖ,ହସ-କାନ୍ଦ,ଲୁହ-ଲହୁରେ ଜର୍ଜରିତ, ଅବହେଳିତ ପାରିବାରିକ ଜୀବନ ଯେପରି ଫୁଟିଉଠିଛି ସେହିପରି ଓଡ଼ିଶାର ମାଟି,ପାଣି,ପବନ,ପଲ୍ଲୀ ଜୀବନ, ଆଦିବାସୀ ସଂସ୍କୃତି ପରମ୍ପରାକୁ ନେଇ ତାଙ୍କ ଗଳ୍ପ ଜଗତର ପରିଧି ପରିବ୍ୟାପ୍ତ । ତାଙ୍କର ଗଳ୍ପ ପୁସ୍ତକଗୁଡ଼ିକ ମଧ୍ୟରେ ସାମାନ୍ୟ କଥନ (୧୯୭୮), ଗଙ୍ଗଶିଉଳି (୧୯୭୯), ଅସମାପ୍ତ (୧୯୮୦), ଐକ୍ୟତାନ (୧୯୮୧), ଅନାବନା (୧୯୮୩), ହାତବାକ୍ସ (୧୯୮୩),ଘାସ ଓ ଆକାଶ(୧୯୮୪), ଚନ୍ଦ୍ରକଳା ଓ ଚନ୍ଦ୍ରଭାଗା (୧୯୮୪), ଅବ୍ୟକ୍ତ (୧୯୮୬), ଇତିବୃତକ (୧୯୮୭), ହରିତ୍ ପତ୍ର(୧୯୮୭), ପୃଥକ୍ ଇଶ୍ୱର (୧୯୯୧), ଭଗବାଁର ଦେଶ (୧୯୯୧), ମନୁଷ୍ୟର ସ୍ୱର(୧୯୯୨), ଷଷ୍ଠସତୀ (୧୯୯୬), ଉଲଘଂନ (୧୯୯୮), ନିବେଦନମିଦମ୍ (୨୦୦୦), ଗାନ୍ଧିଜୀଙ୍କ ଗାଁ (୨୦୦୨), ଝୋଟିପକା କାନ୍ଥ (୨୦୦୬), ସୈଳଶାୟିନୀ (୨୦୦୯), ରାଧାର ବଂଶୀ(୨୦୧୩), କାୟା(୨୦୧୬), ହସ୍ତାକ୍ଷର ଖାତାରେ ପ୍ରେମ (୨୦୧୯)ଇତ୍ୟାଦି । ତାଙ୍କର ଏହି ସବୁ ଗଳ୍ପଗୁଡ଼ିକୁ ଆଧାର କରି ଆଲୋଚନା କରିବାର ପରିକଳ୍ପନା କରାଯାଇଥିଲେ ହେଁ ବିଶେଷ କରି ଏକବିଂଶ ଶତାବ୍ଦୀରେ ପ୍ରକାଶିତ ହୋଇଥିବା ଗଳ୍ପଗୁଡ଼ିକ ଅଧିକ ଆଲୋଚନାର ପରିସରଭୁକ୍ତ କରାଯାଇଛି ।

ପରମ୍ପରାରୁ ସୃଷ୍ଟି ହୋଇଥିବା ବିଭିନ୍ନ ଉପାଦାନ ଯୁଗାନୁକ୍ରମେ ସମାଜ ଓ ସଭ୍ୟତାକୁ ପ୍ରଭାବିତ କରିଥାଏ ।ସେହି ସବୁ ଭାବାଦର୍ଶକୁ ପାଥେୟ କରି ଉତ୍ତର ପୀଢ଼ି ତାର ଅସ୍ମିତାକୁ ଆବିଷ୍କାର କରିଥାଏ। ନିଜର ଅସ୍ମିତା ଓ ମୁଁ ପଣଟିକୁ ଖୋଜିବା ପାଇଁ ସଂସ୍କୃତି, ପରମ୍ପରା ଓ ଇତିହାସର ବହୁ ଗୌରବୋଜ୍ଜ୍ୱଳ ଅଧ୍ୟାୟକୁ ଆହରଣ କରିଥାଏ ।ପ୍ରତିଭା ରାୟଙ୍କ ବିଂଶ ଶତାବ୍ଦୀରେ ପ୍ରକାଶିତ ହୋଇଥିବା ଅନେକ ଗଳ୍ପ ଓଡ଼ିଆ ଅସ୍ତିତ୍ୱମୂଳକ ଭାବ ସତ୍ତାକୁ ନେଇ ରଚିତ । ତାଙ୍କର 'ପଥଶ୍ରାନ୍ତି' ଗଳ୍ପରେ ଓଡ଼ିଆ ପରମ୍ପରା ଅନୁସାରେ ପିଣ୍ଡଦାନ ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି ।ପ୍ରତିବର୍ଷ ଓଡ଼ିଆ ଘରେ ଯେପରି ପୂର୍ବପୁରୁଷଙ୍କୁ ଶାନ୍ତି ପ୍ରଦାନ ନିମନ୍ତେ ପିଣ୍ଡଦାନ କରାଯାଇଥାଏ, ସେହିପରି ଗଳ୍ପ ନାୟିକା କମଳା ତାର ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ପିଣ୍ଡଦାନ କରିଛି । ଘରର ବହୁବିଧ ଅସୁବିଧା ସତ୍ତ୍ୱେ ଓଡ଼ିଆ ସଂସ୍କୃତିକୁ ଉଦଜୀବିତ ରଖିବାରେ ବିଚ୍ୟୁତ ହୋଇନାହିଁ। ସେହିପରି ତାଙ୍କର "ହରିତ ପତ୍ର" ଗଳ୍ପ ସଙ୍କଳନର 'କାକତାଳି' ଗଳ୍ପରେ ମୃତ ଅମର ଆତ୍ମା ଶାନ୍ତି ପାଇବା ପାଇଁ ଜଣେ ନାରୀ ତାର ଶାଶୁ ଶ୍ୱଶୁରଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରୁଥିବାର ଚିତ୍ର ଦେଖିବାକୁ ମିଳେ । ପ୍ରତିଭା ରାୟ ତାଙ୍କର ଅନେକ ଗଳ୍ପରେ ପରିବାର ମଧ୍ୟରେ ପାରମ୍ପରିକ ମୂଲ୍ୟବୋଧକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। 'ଉଲଘଂନ' ଗଳ୍ପରେ ମଞ୍ଜୁ ଆଧୁନିକ ନାରୀ ହୋଇ ମଧ୍ୟ ଦ୍ୱିଧାହୀନ ଓ ନିଃସର୍ତ୍ତ ଭାବେ ଶ୍ୱଶୁର ଭବନାଥର ମନପ୍ରାଣ ଦେଇ ସେବା କରିଛି ।ପ୍ରାଚୀନ ଓଡ଼ିଆ ପରମ୍ପରା ଅନୁସାରେ ନାରୀ ପାଇଁ ପରିବାର ହେଉଛି ମୁଖ୍ୟ । ପରିବାରର ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଓ ସେବାଯତ୍ନ ନ କଲେ ନର୍କବାସ ହେବ ବୋଲି ଲୋକ ବିଶ୍ୱାସ ରହିଛି ।ମଞ୍ଜୁ ତାର ସ୍ୱାମୀ କଥାରେ ଗାଁରେ ରହି ଶ୍ୱଶୁରର ସେବା କରିବାକୁ ନିଜର କର୍ତ୍ତବ୍ୟ ବୋଲି ମନେ କରିଛି ।ଗାଳ୍ପିକାଙ୍କ ଭାଷାରେ –"ଭବନାଥଙ୍କ ଭଳି ନିଃସ୍ୱାର୍ଥ,ଦେବତୁଲ୍ୟ ଶ୍ୱଶୁରର ସେବାଯତ୍ନ ଊଣା କଲେ ନର୍କ ବାସ ହେବ ବୋଲି ବନ୍ଧୁ-କୁଟୁମ୍ବ, ଗଲା-ଆଇଲା ସମସ୍ତେ ମଞ୍ଜୁର କାନରେ ନିତିପ୍ରତି ଭାଗବତ ପଢ଼ିଛନ୍ତି। ଶ୍ୱଶୁର କିଏ,ବାପ କିଏ ? ଘରେ ଆଉ କିଏ ଅଛି ଯେ ବୁଢ଼ାର ହେପାଜତ କରିବ ।(ଶ୍ରେଷ୍ଠ ଗଳ୍ପ – ପୃଷ୍ଠା -

୧୦୯)ପିତାମାତାଙ୍କୁ ବୃଦ୍ଧ ବୟସରେ ଉପଯୁକ୍ତ ସେବା ପ୍ରଦାନ କରିବା ନାରୀମାନଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ଓଡ଼ିଆ ପରିବାରରେ ମାନିଥାନ୍ତି । "ଅସମାପ୍ତ" ଗଳ୍ପ ସଙ୍କଳନର 'ପାହାଚ' ଗଳ୍ପରେ ଗଳ୍ପ ନାୟିକା ବୃଦ୍ଧ ପିତାମାତାଙ୍କ ସେବା କରୁଥିବାର ଦୃଶ୍ୟ ସାମ୍ପ୍ରତିକ ସମାଜ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା । ଓଡ଼ିଆ ପରମ୍ପରାରେ ଘରକୁ ଆସିଥିବା କୁଣିଆ,ବନ୍ଧୁ-ବାନ୍ଧବ ବା ଅତିଥିମାନଙ୍କୁ ପରିବାରର ସଦସ୍ୟଙ୍କ ଠାରୁ ଅଧିକ ତାଙ୍କର ସେବା, ଆଦର, ସମ୍ମାନ ଓ ଅଭ୍ୟର୍ଥନା କରାଯାଇଥାଏ । ସେଥିପାଇଁ ଓଡ଼ିଆରେ କୁହାଯାଇଥାଏ "ଅତିଥିଦେବଭବଃ" ଅର୍ଥାତ୍ ଅତିଥିମାନଙ୍କୁ ଦେବତାମାନଙ୍କ ପରି ଗ୍ରହଣ କରାଯାଇଥାଏ । ପ୍ରତିଭା ରାୟଙ୍କ 'ଅମୃତ ମଣୋହି' ଗଳ୍ପରେ ବୋଉର କୁଣିଆ ସତ୍କାର ଓ ସେମାନଙ୍କର ସେବା ଆଦର କରିବାର ଚିତ୍ର; ଓଡ଼ିଆ ଗୃହିଣୀର ମାନବିକ ମୂଲ୍ୟବୋଧକୁ ପ୍ରତିଫଳିତ କରିଥାଏ। ପ୍ରତିଭା ରାୟଙ୍କ "ଗଙ୍ଗଶିଉଳି" ଗଳ୍ପ ସଙ୍କଳନର ପ୍ରାୟ ସମସ୍ତ ଗଳ୍ପରେ ଓଡ଼ିଆ ଜନଜୀବନର ସଂସ୍କୃତି ପରିଲକ୍ଷିତ ।'ଆମ୍ବ କଷିକୁ ଚିତାଉ' ଗଳ୍ପରେ ଓଡ଼ିଆ ପରମ୍ପରାରେ ଦୁଇ ପ୍ରିୟ ସାଙ୍ଗ ପରସ୍ପରକୁ ଆମ୍ବକଷି ଦେଇ ବିଧିବିଧାନ ପୂର୍ବକ ସଙ୍ଗାତ ବସିଥାନ୍ତି,ଯାହାକୁ 'ଆମ୍ବ କଷି' ସଙ୍ଗାତ କୁହାଯାଏ। ଏହି ଗଳ୍ପରେ ସୁକୁରୀ ଓ ସେବତୀ ଦୁଇ ସାଙ୍ଗ ଆମ୍ବ କଷି ଦେଇ ସଙ୍ଗାତ ବସିବା ଓଡ଼ିଶାର ଅନେକ ଗାଁ ଗହଳିରେ ଆଜିବି ଏହି ପ୍ରଥା ଦେଖିବାକୁ ମିଳିଥାଏ । ସମାଜରେ ପ୍ରଚଳିତ ଥିବା ଅନେକ ପୂଜା, ପର୍ବପର୍ବାଣୀ, ଲୋକବିଶ୍ୱାସ ଲୋପ ହୋଇଯାଉଥିବା ବେଳେ ପ୍ରତିଭା ରାୟଙ୍କ 'ଫୁଲବଉଳବେଣୀ' ଗଳ୍ପରେ ଗଳ୍ପ ନାୟିକା ମାଳବିକା ଶିକ୍ଷିତ ହୋଇ ମଧ୍ୟ ଓଡ଼ିଆ ଘରର ପରମ୍ପରା ଅନୁସାରେ କୁମାର ପୂର୍ଣ୍ଣିମାରେ ଦୋଳି ଖେଳିବା , ଚାନ୍ଦପୂଜା କରିବା, ସୂର୍ଯ୍ୟ ଦେବତାଙ୍କୁ ଆଞ୍ଜୁଳି ଟେକିବା ଏବଂ ଫୁଲବଉଳବେଣୀ ଗୀତ ଗାନ କରିବା ଆଦି ଆମର ପାରମ୍ପରିକ ମୂଲ୍ୟବୋଧ ରକ୍ଷା କରିବାରେ ତିଳେ ମାତ୍ର ଅବହେଳା କରିନାହାନ୍ତି। ସେହିପରି ତାଙ୍କର 'କସ୍ତୁରୀ ମୃଗ', 'ଫଗୁଣର ଲୁହ' ଗଳ୍ପରେ ଓଡ଼ିଆ ପରମ୍ପରା ରକ୍ଷା କରିବାରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଗଳ୍ପ ମାଧ୍ୟମରେ ଦର୍ଶାଇଛନ୍ତି । ଓଡ଼ିଆ ସଂସ୍କୃତି ଅନୁସାରେ ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ । ଓଡ଼ିଆ ଘରର ପ୍ରତ୍ୟେକ ନାରୀ ବିଭିନ୍ନ ଓଷା,ବ୍ରତ, ପର୍ବପର୍ବାଣୀରେ ବିଭିନ୍ନ ପ୍ରକାର ପିଠାପଣା କରି ପାଳନ କରିଥାନ୍ତି । 'ପୂର୍ଣ୍ଣ ଶୂନ୍ୟସ୍ଥାନ' ଗଳ୍ପରେ ସରୋଜିନୀ ଶିକ୍ଷିତ ହୋଇ ମଧ୍ୟ ପୂର୍ବ ଭଳି ଏହି ସବୁ ପ୍ରାଚୀନ ପରମ୍ପରାକୁ ଖୁବ୍ ଆନନ୍ଦର ସହିତ ପାଳନ କରୁଥିବାର ଚିତ୍ର ଅତ୍ୟନ୍ତ ଯୁଗୋପଯୋଗୀ ମନେ ହୋଇଥାଏ । ସେହିପରି 'ପୂଜାଘର' ଗଳ୍ପରେ ପରିବାରର ଶୁଭ ମନାସିବା ପାଇଁ ପ୍ରତ୍ୟେକ ଦିନ ଘରେ ପୂଜା କରିବା ଏକ ଦୈନନ୍ଦିନ କାର୍ଯ୍ୟ ବୋଲି ସତ୍ୟଭାମା ଚରିତ୍ରରେ ଦେଖିବା ମିଳେ ।ପ୍ରତ୍ୟେକ ଓଡ଼ିଆ ଘରେ ଏହି ପ୍ରକାର ପୂଜା କରି ମାନସିକ ଶାନ୍ତି ଓ ପରିବାର ମଙ୍ଗଳ କାମନା କରିବାର ପ୍ରଥା ରହିଛି ।ବୋଉର କୋଳ ଆଉ ବୋଉର ପୂଜାଘର ଏକା ପରି ନିର୍ଭୟ ଲାଗେ ।ବୋଉକୁ ଚାହିଁ ଦେଲେ ଆଉ ପୂଜା ଘରେ ପଶି ଗଲେ ମନଟା ପବିତ୍ର ଓ ନିର୍ମଳ ହୋଇଯାଏ । ପ୍ରତ୍ୟେକ ଦିନ ଘରେ ପୂଜା କରିବା ଓ ନିଜର ଇଷ୍ଟଦେବଙ୍କୁ ଆରାଧନା କରିବା ଦ୍ୱାରା ମନରେ ଆଧ୍ୟାତ୍ମିକ ଭାବନା ଓ ପବିତ୍ରତା ଆସିଥାଏ ।ଓଡ଼ିଆ ଘରର ପୂଜାବିଧି ପରମ୍ପରାକୁ ବଜାୟ ରଖିବାକୁ ସତ୍ୟଭାମା ପରି ନାରୀ ଚରିତ୍ରମାନଙ୍କର ଭୂମିକା ଯେ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଏଥିରୁ ଅନୁମେୟ ହୁଏ । ପ୍ରତିଭା ରାୟଙ୍କ 'ପ୍ରାପ୍ୟ' ଗଳ୍ପରେ ଓଡ଼ିଆ ପରମ୍ପରା ଅନୁସାରେ ସବୁଦିନ ସକାଳ ଓ ସନ୍ଧ୍ୟାରେ ତୁଳସୀ ଚଉରା ମୂଳେ ଧୂପ ଓ ଦୀପ ମାଧ୍ୟମରେ ପୂଜା କରି ମା' ବୃନ୍ଦାବତୀଙ୍କ ନିକଟରେ ଶୁଭ ମନାସିବାର ଚିତ୍ର ଓଡ଼ିଆ ଅସ୍ମିତାର ପ୍ରକୃତ ପରିଚୟ ପ୍ରଦାନ କରିଥାଏ । ଓଡ଼ିଆ ଘରର ପ୍ରାଚୀନ ପରମ୍ପରା ଅନୁଯାୟୀ ଝିଅର ହାତ ଖର୍ଚ୍ଚ ପାଇଁ ବିବାହ ସମୟରେ ଗୋଟିଏ ହାତବାକ୍ସ ତା ସହିତ ଦିଆଯାଇଥାଏ, ଯାହା ଝିଅମାନଙ୍କର ଏକାନ୍ତ ନିଜସ୍ୱ ବ୍ୟକ୍ତିଗତ ଜିନିଷ ଏଥିରେ ରହିଥାଏ । ଆଜି ବି ଝିଅ ବାହାଘରରେ ଯଦିଓ ହାତ ବାକ୍ସ ଦିଆଯାଉନାହିଁ କିନ୍ତୁ ଝିଅର ବ୍ୟକ୍ତିଗତ ସାମଗ୍ରୀ ରଖିବା ପାଇଁ ଅନେକ ପ୍ରକାର ଆଧୁନିକ ଯନ୍ତ୍ରପାତି ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟଗୁଡ଼ିକ ଉପହାର ଦିଆଯାଉଛି ।'ହାତବାକ୍ସ' ଗଳ୍ପରେ ତିଳୋତ୍ତମା ଘରର ଭଲ-ମନ୍ଦ ଓ ସୁବିଧା-ଅସୁବିଧାରେ ସବୁ ଖର୍ଚ୍ଚ ହାତବାକ୍ସ ମାଧ୍ୟମରେ ତୁଲାଇଥିବା ଜୀବନର ଶେଷ ପର୍ଯ୍ୟନ୍ତ ପରମ୍ପରାକ୍ରମେ ପାଇଥିବା ହାତବାକ୍ସକୁ ନିଜ ପାଖରୁ ଦୂରେଇ ପାରିନାହାନ୍ତି । ଜୀବନର ଅକୁହା ସ୍ମୃତିକୁ ଏହି 'ହାତବାକ୍ସ'ରେ ସାଇତି ରଖିଛନ୍ତି ।ମୋକ୍ଷ' ଗଳ୍ପରେ ସମସ୍ତ ପୂଜା ପ୍ରଥାକୁ ନିତିଯୁକ୍ତ କରିବା ଓ ପ୍ରାଚୀନ ପରମ୍ପରା ଅନୁସାରେ ପାଦରେ ଚିତା କୁଟେଇବାର ଚିତ୍ର, 'ବିଭୋର ବିରହ' ଗଳ୍ପରେ ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ଘରର ପୁତ୍ରବଧୂ ମୁଣ୍ଡରେ ଓଢଣା ଦେବା, 'ଉତ୍ତର ପର୍ବ' ଗଳ୍ପରେ ସ୍ୱାମୀଙ୍କ ପ୍ରତି ସ୍ତ୍ରୀ ଧର୍ମ ପାଳନ କରିବା ଓ ଘରର ବୃଦ୍ଧ ଲୋକମାନଙ୍କୁ ଯଥୋଚିତ ବ୍ୟବହାର ଦେଖାଇବା ଆଦି ଜନଜୀବନ ପରମ୍ପରାରେ ଦେଖାଦେଇଥିବା ଅନେକ ଘଟଣା କଥାକାର ଚମତ୍କାର ଭାବରେ ଉପସ୍ଥାପନା କରିଛନ୍ତି ।

ଏକବିଂଶ ଶତାବ୍ଦୀରେ ପ୍ରକାଶ ପାଇଥିବା ପ୍ରତିଭା ରାୟଙ୍କ ଅନେକ ଗଳ୍ପରେ ଓଡ଼ିଶାର ଅତୀତ ଇତିହାସର ବହୁବିଧ ଘଟଣା, ପାରିବାରିକ ଜୀବନଚର୍ଯ୍ୟାରେ ଓଡ଼ିଆ ଘରର ଚଳଣି, ସାଂସ୍କୃତିକ ପରମ୍ପରାର ନିଛକ ଚିତ୍ର ପ୍ରକାଶ ପାଇଛି । ଓଡ଼ିଶାର ଜନଜୀବନ ସହିତ ଜଡ଼ିତ ବହୁବିଧ ଘଟଣା ପ୍ରବାହ ମାଧ୍ୟମରେ ଓଡ଼ିଆ ଅସ୍ମିତାର ପଦଧ୍ୱନି ତାଙ୍କ ଗଳ୍ପରେ ଦେଖିବାକୁ ମିଳେ ।ତାଙ୍କର "ଝୋଟିପକା କାନ୍ଥ" ଗଳ୍ପରେ ଗ୍ରାମରେ ନାରୀମାନଙ୍କ ଦ୍ୱାରା ମଗୁଶିର ମାସ ଗୁରୁବାର ପୂଜାରେ ଶଙ୍ଖ ଫୁଙ୍କିବା ଓ ଲକ୍ଷ୍ମୀ ଠାକୁରାଣୀଙ୍କୁ ଆମନ୍ତ୍ରଣ ପାଇଁ କାନ୍ଥରେ

ଧଳା ପିଠୋଉରେ ଝୋଟି ପକାଇବାର ଚିତ୍ର ଏକ ନାରୀ କାରିଗରୀ କଳା ବୋଲି ଗାଳ୍ପିକା ଉଲ୍ଲେଖ କରି କହିଛନ୍ତି –"ଅକ୍ଷର ଲେଖି ପାରୁନଥିବା ବୋଉ, ଖୁଡ଼ୀ,ଦେଠେଇମାନେ,କେମିତି କେଜାଣି,ଖଡ଼ି,କଲମ,ପେନ୍, ପେନସିଲ ବିନା,ଆଙ୍ଗୁଠିରେ ନିଖୁଣ କରି ଲେଖି ଦେଉଥିଲେ ଗଛବୃଛ, ଫୁଲକଡ଼,ପଦ୍ମ, କଇଁ,ଦେଉଳ, ପତାକା, ମା'ଲକ୍ଷ୍ମୀଙ୍କର ପୁରିଲା ପାଦ, ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ଓ ଆହୁରି କେତେ କଣ ବୁଝା ଅବୁଝା ଚିତ୍ର । ଆଙ୍ଗୁଠି ତ ନୁହେଁ, ଯେମିତି ବିଦ୍ଧାଣି ବିଶ୍ୱକର୍ମାଙ୍କ ହାତର ତୂଳୀ ।(ଝୋଟିପକା କାନ୍ଥ – ପୃଷ୍ଠା -୨୧୮)।ଲେଖିକାଙ୍କ ବର୍ଣ୍ଣନାରେ କେବଳ ନାରୀ କାରିଗରୀ କଳାର କଥା କୁହାଯାଏ ନାହିଁ, ବରଂ ଓଡ଼ିଆ ସଂସ୍କୃତିର ମହାନ୍ ଦିଗକୁ ଉଲ୍ଲେଖ କରିଛନ୍ତି ଏହି ଗଳ୍ପ ମାଧ୍ୟମରେ । ଝୋଟିପକା କାନ୍ଥ ଚିତ୍ରକୁ ବନ୍ୟା ଧୋଇ ନେଇପାରିବାର କ୍ଷମତା ରଖେ ସତ; କିନ୍ତୁ ନାରୀ ଭିତରେ ସମାହିତ ହୋଇସାରିଥିବା ଏହି କାରିଗରିପଣିଆକୁ ନଷ୍ଟ କରିପାରିନାହିଁ । ଏହି ଗଳ୍ପରେ ଓଡ଼ିଆ ଗ୍ରାମ୍ୟ ଜୀବନର ପରିବେଶ ଗାଳ୍ପିକାଙ୍କ ବର୍ଣ୍ଣନାରେ ଜୀବନ୍ତ ହୋଇଉଠିଛି । ଗାଁ'ର ଚାଳ ଘରରେ ଉପରେ ଲଟେଇ ହୋଇଥିବା ଲାଉ ଡଙ୍କ,କଖାରୁ କଷି,ଘର ଚାରିକତି ବାଡ଼ରେ ଲଟେଇ ହୋଇଥିବା ପୋଇ ଲତାରେ ପେନ୍ଥି ପେନ୍ଥି ହୋଇଥିବା ଜାମୁକୋଳିଆ ପୋଇଫଳ, ପାଚିଲା ଧାନ କ୍ଷେତ, ଗାଁ ମଶାଣି ଦାଡ଼ରେ ତାଳବଣ, ହଂସୁଆ ନଈରେ ଭାସି ଯାଉଥିବା ହୋଲି ଡଙ୍ଗା, ଗାଁ ଭାଗବତ ଗାଦି, ସଦାବିହାରୀ ଫୁଲରେ ବାରମାସୀ ମଉଛବ ପାଳୁଥିବା ଚାଳ ଛପର ଗୋବର ଲିପା ପବିତ୍ର ନି.ପ୍ରା ସ୍କୁଲ୍ ଆଦିର ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ଅବିସ୍ମରଣୀୟ । 'କାୟା' ଗଳ୍ପ ସଂକଳନରେ ସ୍ଥାନିତ 'ପ୍ରାପ୍ୟ' ଗଳ୍ପରେ ଓଡ଼ିଆ ସଂସ୍କୃତିର ଚିତ୍ର ପରିଲକ୍ଷିତ ହୋଇଥାଏ । ଓଡ଼ିଆ ପରମ୍ପରାର ଅନୁସାରେ ସବୁଦିନ ସକାଳ ଏବଂ ସନ୍ଧ୍ୟାରେ ତୁଳସୀ ଚଉରା ମୂଳରେ ଦୀପ, ଧୂପ ଦିଆଯାଏ । ସ୍ତ୍ରୀ ଲୋକଙ୍କ ଦ୍ୱାରା ମାଆ ବୃନ୍ଦାବତୀଙ୍କୁ ସବୁଦିନ ଉପାସନା କରି ନିଜ ପରିବାରର ଶୁଭ ମନାସା ଯାଏ । ଗଳ୍ପରେ ସତ୍ୟଭାମା ଚରିତ୍ର ଦ୍ୱାରା ଓଡ଼ିଆ ପରମ୍ପରାର ବାସ୍ତବ ଚିତ୍ରକୁ ଉଜ୍ଜୀବିତ କରିବାରେ ଗାଳ୍ପିକା ସକ୍ଷମ ହୋଇପାରିଛନ୍ତି । "କାୟା" ଗଳ୍ପ ସଙ୍କଳନସ୍ଥ 'ଆଉ କେବେ ଦେଖା ହେବ ନାହିଁ' ଗଳ୍ପରେ ସଧବା ସ୍ତ୍ରୀ'ର ସିନ୍ଦୂର ବିନ୍ଦୁ ହେଉଛି ନାରୀର ପ୍ରକୃତ ପରିଚୟ ବୋଲି ଗଳ୍ପନାୟିକା ମାଧ୍ୟମରେ ଉଲ୍ଲେଖ କରିଛନ୍ତି । ସ୍ୱାମୀର ଜୀବନ ରକ୍ଷା ହେଉଛି ତା'ର ପରମ କର୍ତ୍ତବ୍ୟ ବୋଲି ଭାବିଥାଏ ।ଏହି ଗଳ୍ପ ମାଧ୍ୟମରେ ଓଡ଼ିଆ ଘରର ପତିବ୍ରତା ନାରୀ ସଂପର୍କରେ ଉଲ୍ଲେଖ କରିଛନ୍ତି । ପାରମ୍ପରିକ ମୂଲ୍ୟବୋଧର ଅନ୍ୟ ଏକ ଦିଗ 'ହସ୍ତାକ୍ଷର ଖାତାରେ ପ୍ରେମ' ସଂକଳନସ୍ଥିତ 'ଉତ୍ତରପର୍ବ' ଗଳ୍ପରେ ଦେଖିବାକୁ ମିଳେ । ସାଧାରଣତଃ କୌଣସି ଲୋକକୁ ବୃଦ୍ଧାବସ୍ଥାରେ ବୃଦ୍ଧାଶ୍ରମ ପଠାଇବା ଆମ ଓଡ଼ିଆ ପରମ୍ପରାର ବିପରୀତ । ବୃଦ୍ଧାଶ୍ରମରେ କମଳ ବାବୁଙ୍କ ଅବସ୍ଥାନ ପୂର୍ଣ୍ଣିମାଙ୍କ ଶାନ୍ତି ଛିନ୍ନ କରିଛି । ସ୍ୱାମୀଙ୍କ ଅନୁପସ୍ଥିତିରେ ଘର ତାଙ୍କୁ କେବଳ ଇଟା ସିମେଣ୍ଟର ପାଚେରୀ ସଦୃଶ୍ୟ ମନେ ହୋଇଛି । ସେଇଠି ପରିବାରର ଅନୁଭବ ମୃତ । ନିଜ ଘରେ ସେ ବାର୍ଦ୍ଧକ୍ୟ ଆଶ୍ରମ ଖୋଲି ନିଜ ସ୍ୱାମୀଙ୍କ ସହ ତାଙ୍କର କିଛି ବୃଦ୍ଧସାଙ୍ଗଙ୍କୁ ମଧ୍ୟ ନିଜ ଘରେ ରହିବାର ବ୍ୟବସ୍ଥା କରିପାରିଛନ୍ତି। ସେମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇ ନିଜକୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ଉକ୍ତ ଗଳ୍ପରେ ସ୍ୱାମୀଙ୍କ ପ୍ରତି ସ୍ତ୍ରୀ ଧର୍ମ ପାଳନ କରିବା ସହ ଅନ୍ୟ ବୃଦ୍ଧମାନଙ୍କ ପାଇଁ ଯଥୋଚିତ କର୍ତ୍ତବ୍ୟ ପାଳନ କରିବାରେ ଗଳ୍ପ ନାୟିକା ନିଜର ମହନୀୟତାକୁ ପ୍ରକାଶ କରିଛନ୍ତି । ପରିବାରକୁ ଏକତ୍ର ସଜାଡ଼ି ରଖିବାରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତାଙ୍କର 'ଅଖଣ୍ଡ ଦୀପ' ଗଳ୍ପରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପରିବାରରେ ମା'ର ବିଭିନ୍ନ କାର୍ଯ୍ୟକଳାପ ମଧ୍ୟରେ ଓଡ଼ିଆ ଘରର ପରମ୍ପରା ସମ୍ପର୍କରେ କୁହାଯାଇଛି । ପିଲାମାନେ ସାନରୁ ବଡ଼ ହେବା ଯାଏଁ ମା' ହିଁ ସବୁ ଦାୟିତ୍ୱ ବହନ କରିଥାଏ । ମା' ର ସମ୍ପର୍କ ପିଲାମାନଙ୍କ ସହିତ କେବେ ହେଲେ ବଦଳି ନଥାଏ । ପିଲାମାନେ ଘର ସଂସାର ବାନ୍ଧି ନିଜ ଗୋଡ଼ରେ ଛିଡ଼ା ହେବା ପର୍ଯ୍ୟନ୍ତ ମା' ର ଆଖିକୁ ନିଦ ନଥାଏ । ସାନ ଥିବାବେଳେ ମା' ଯେମିତି ଘରର କାମ ସବୁ କରୁଥାଏ ପିଲାଏ ବଡ଼ ହେବା ପରେ ବି ମା' ସେମିତି ଘରର ସବୁ କାମ କରିଥାଏ । ଗାଳ୍ପିକାଙ୍କ ଭାଷାରେ –"ବିରିଚାଉଳ ବଟା, ପିଲାଙ୍କ ଜାମା ପ୍ୟାଣ୍ଟରେ ବୋତାମ ଲଗା, ଚିରା ଶାଢ଼ି, କନ୍ଥା ଚଦର ସିଲାଇ, ଆଚାର, ବଡ଼ି, ମୁଆଁ, ଆରିଷା ତିଆରି, ଚାଉଳ, ଗହମ ବାଛି ଧୁଆଧୋଇ କରି ଅଟା ପେଷିବା – ସବୁ କାମ ପୂର୍ବବତ୍ ଚାଲିଥାଏ । କାମର ପ୍ରକାର କେବଳ ନୁହେଁ, ଆକାର ବି ବଢ଼ିଥାଏ । ମା'ର ସେଥିପାଇଁ ଅଭିଯୋଗ ନଥାଏ ।"(ଝୋଟିପକା କାନ୍ଥ /ଅଖଣ୍ଡଦୀପ – ପୃଷ୍ଠା -୭)ଏଥିରୁ ଓଡ଼ିଆ ମଧ୍ୟବିତ୍ତ ପରିବାରରେ ଗୋଟିଏ ନାରୀର ଦୈନନ୍ଦିନ ଜୀବନର ଚିତ୍ର ଯେତିକି ସ୍ପଷ୍ଟ ସେତିକି ଓଡ଼ିଆ ଘରର ଖାଦ୍ୟ ପେୟ ଓ ଜୀବନଚର୍ଯ୍ୟା ମଧ୍ୟ ପ୍ରତିଭାତ । ଘରର ଏତେ ସବୁ କାର୍ଯ୍ୟ କରିବା ସତ୍ତ୍ୱେ ମା'ର କୌଣସି ଆପତ୍ତି ନଥାଏ କି ରାଗ, ଦ୍ୱେଷ,ଦୁଃଖ, ହତାଶା ମଧ୍ୟ ନଥାଏ । ବରଂ ମା' ପିଲାଙ୍କ ସପକ୍ଷରେ ବାହାରି କହେ ମା"ର ପିଲାଙ୍କ ସହ ସମ୍ପର୍କଟା ତ ହେଉଛି ଗୋଟାଏ ଅଲିଭା ଦୀପ । ମା' ମରି ପାଉଁଶ ହେବା ପରେ ବି ଏ ଦୀପ ଲିଭେ ନାହିଁ । ଓଡ଼ିଆ ପରିବାରରେ ମା'ର କର୍ତ୍ତବ୍ୟ ଓ ତ୍ୟାଗ ଅଖଣ୍ଡ ଦୀପ ପରି ସବୁବେଳେ ଶୀର୍ଷ ସ୍ଥାନରେ ରହି ଆସିଥାଏ ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ ।

ଜ୍ଞାନ, ବିଜ୍ଞାନ,ଧନ,କ୍ଷମତାରେ ମଣିଷ ଯେତେ ଉପରକୁ ଉଠିଲେ ମଧ୍ୟ ନିଜ ଦେଶ ତଥା ଜନ୍ମମାଟିକୁ କେବେ ହେଲେ ଭୁଲି ପାରିନଥାଏ । ତାର ମନ, ଚୈତନ୍ୟ, ଶରୀର, ରକ୍ତମାଂସ ଅସ୍ଥିମଜ୍ଜାରେ ସବୁଠି ଦେଶ ଭେଦି ଯାଇ ଗଢ଼ା ହେଇଛି । ଦେଶକୁ ଯଦିଓ ମଣିଷ

ଛାଡ଼ିଦିଏ ହେଲେ ଦେଶ ମଣିଷକୁ ଛାଡ଼ିପାରେ ନାହିଁ । ପ୍ରତିଭା ରାୟଙ୍କ 'ଚଟିଘର' ଗଳ୍ପରେ ଗଳ୍ପ ନାୟକ କୃଷ୍ଣମୋହନ ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯାଇ ଆଉ ଘରକୁ ନ ଫେରି ଆମେରିକାରେ ଘରଦ୍ୱାର କିଣି ସ୍ଥାୟୀ ବାସିନ୍ଦା ହୋଇଯାଇଛନ୍ତି । ହେଲେ ଦେଶର ମାଟି, ପାଣି,ପବନ, ଗଛ,ପତ୍ର, ବାପା – ମା', ଶିକ୍ଷକ, ବନ୍ଧୁ, କୁଟୁମ୍ବ,ଗାଈ,ଗୋରୁ, ପୁରୋହିତ, ଠାକୁର,ପୂଜକ ସମସ୍ତେ ତାଙ୍କର ବୟସ ବଢିବା ସହିତ ସେତେ ଅଧିକ ମନେ ପଡ଼ନ୍ତି । ଗାଳ୍ପିକାଙ୍କ ଭାଷାରେ –"କାରଣ ଦେଶଟା ଏମିତି ଏକ ବିଚିତ୍ର ଅନୁଭବ ଯେ ବାପା, ବୋଉ, ଶିକ୍ଷକ, ଭାଇ ପିଲାଦିନର ସାଙ୍ଗସାଥୀ, ଗଛଲତା, ଠାକୁରବାଡ଼ି, ଗାଁ ଗଣ୍ଡାର ସେଇ ନିର୍ମଳ ଛବି ହଜି ଯାଇଥିଲେ ବି ଦେଶଟା ମନ ଭିତରୁ ଆଦୌ ହଜିପାରୁ ନଥିଲା । ଯହୁଁ ଯହୁଁ ବୟସ ବଢୁଥିଲା, ଦେଶ ସେତିକି ଟାଣୁଥିଲା । ବାଲ୍ୟକାଳରେ ସବୁ ସ୍ମୃତି ବାରମ୍ବାର ନିଜ ଭିତରେ ଉଦ୍‌ଭାସିତ ହେଉଥିଲା । ବାପା-ବୋଉ, ସ୍କୁଲ୍ ଶିକ୍ଷକ ଏବଂ ସେ କାଳର ପର୍ବପର୍ବାଣି, ଯାନିଯାତ୍ରା କିଛି ବି ଅତୀତ ହୋଇଯାଇ ନଥିଲା । ସାତ ସମୁଦ୍ର, ତେର ନଈ ପାରି ହୋଇ ଜନ୍ମ ମାଟିଠୁଁ ଅପହଞ୍ଚ ଦୂରତାରେ ଚାଳିଶ ବର୍ଷ ରହିବା ପରେ ବି ଦେଶ କେବେହେଲେ ବିଦେଶ ହୋଇପାରେ ନାହିଁ, ବିଦେଶ କେବେହେଲେ ଦେଶ ହୋଇପାରେ ନାହିଁ, ନାଗରିକ ହେବା ପରେ ମଧ୍ୟ ଦେଶ ଦେଶ ହୋଇ ରହେ- ବିଦେଶ ଦ୍ୱିତୀୟ ଦେଶ ହୋଇପାରେ 'ମୋ ଦେଶ' ହୋଇପାରେ ନାହିଁ ଓ"(ଝୋଟିପକା କାନ୍ଥ /ଚଟିଘର– ପୃଷ୍ଠା -୨୫) ବାସ୍ତବିକ୍ ନିଜର ଜନ୍ମମାଟି ପ୍ରତି ଭଲପାଇବାର ଚିତ୍ର ଆଉ ବାର୍ଦ୍ଧକ୍ୟ ସମୟରେ ନିଃସଙ୍ଗ ଜୀବନର ଦାରୁଣ ଦୁଃଖ ଗଳ୍ପଟିକୁ ଅଧିକ ରସସିକ୍ତ କରିଛି । ସେହିପରି 'ମୀନାର ଧୂଳିଘର' ଗଳ୍ପରେ ଓଡ଼ିଶାର ଗ୍ରାମ୍ୟ ଜୀବନ,ଗ୍ରାମ୍ୟ ପରିବେଶ ଓ ବାଲ୍ୟ ଜୀବନ ଚିତ୍ର ମାନସପଟରେ ସ୍ମୃତି ରୋମନ୍ଥନ କରିଥାଏ । ସାତ ବର୍ଷର ମୀନା ସାନ ସାନ ଖପରେଇ ଧରି ଧୂଳିମାଟିର ଭାତ-ଡାଲି- ତରକାରି, ଆମ୍ବିଳ, ପୁରି, ଖିରି, ମାଉଁସ ତରକାରୀ, ମାଛ ଘାଣ୍ଟ,, ରସଗୋଲା, ଜିଲାପି,ଲଡୁ, ମଣ୍ଡା କାକରା, ଆରିଷା ଆଦି କେତେ କ'ଣ ଓଡ଼ିଆ ସୁଖାଦ୍ୟ ରାନ୍ଧି ପରଷି ଦେଉଥିବାର ଦୃଶ୍ୟ ସତେ ଯେପରି ଓଡ଼ିଆ ଘରଣୀଟିଏ ଧୂଳିମାଟିର ଘରସଂସାର ଭିତରେ ଓଡ଼ିଆତ୍ୱ ଭାବନାକୁ ଉଜ୍ଜୀବିତ କରିଥାଏ । ସହରର ଚାକଚକ୍ୟ ମଧ୍ୟରେ ଗାଁ'ର ଜୀବନଶୈଳୀ ଆଉ ଦେଖିବାକୁ ମିଳୁନାହିଁ । ଆଧୁନିକତାର ବଶବର୍ତ୍ତୀ ହୋଇ ସହରୀ ସଭ୍ୟତା ମଧ୍ୟରେ ବିଦେଶୀ ସଂସ୍କୃତି ଲୋକେ ଗ୍ରହଣ କରି ଓଡ଼ିଆ ସଂସ୍କୃତିକୁ ଭୁଲି ଗଲେଣି । ଓଡ଼ିଶାର ଖାଦ୍ୟ ପାନୀୟ, ବେଶ ପୋଷାକ, ପରମ୍ପରା ଓ ଜୀବନଚର୍ଯ୍ୟାରେ ବହୁଳ ପରିବର୍ତ୍ତନ ଘଟିଛି । ପ୍ରତିଭା ରାୟଙ୍କ "ଝୋଟିପକା କାନ୍ଥ" ସଙ୍କଳନସ୍ଥ 'କ୍ରେଡିଟ୍ କାର୍ଡ଼' ଗଳ୍ପରେ ତିନି ପୀଢ଼ି ମାଧ୍ୟମରେ ଓଡ଼ିଆ ଭାଷା, ଖାଦ୍ୟ, ପରମ୍ପରା ଠାରୁ ଦୂରେଇ ଯାଇ ଏକ ନୂଆଁ ସଂସ୍କୃତିକୁ ଆପଣେଇ ନେବାର ଚିତ୍ର ପ୍ରତିଫଳିତ । ନିଜର ଝିଅ, ଜୋଇଁ, ନାତିନାତୁଣୀମାନଙ୍କ ପାଇଁ ଯେତେବେଳେ ଆଈ ମା' ଅତି ଆନନ୍ଦରେ ଖିରୀ, ପୁରି, ଭାତ, ଡାଲି, ତରକାରି, ମାଛ ଝୋଳ, ମାଂସ ତରକାରୀ, ରସଗୋଲା,ଲଡୁ, ମାଲପୁଆ, ମଣ୍ଡା ପିଠା, ବୁଢ଼ା ଚକୁଳି,ଆରିଷା କାକରା, ରସାବଳି ଏଣ୍ଡୁରି, ଛୁଞ୍ଚିପତର ପିଠା ଖାଣ୍ଟି ଗୁଆଘିଅରେ ରୋଷେଇ କରି ନିଅନ୍ତି, ସେତେବେଳେ ଝିଅ, ଜୋଇଁ ସ୍ୱାସ୍ଥ୍ୟ ସଚେତନ ହୋଇ କହନ୍ତି ଡାକ୍ତର ମନା କରିଛନ୍ତି ଆମେ ଏସବୁ ଆଉ ଖାଉନୁ । କାରଣ ଆମ ବଂଶରେ ବ୍ଲଡପ୍ରେସର୍ ଆଉ ଯା' ଙ୍କ ବଂଶରେ ଡାଇବେଟିସ ଯୋଗୁଁ ପିଲାମାନଙ୍କୁ ଏ ଖାଦ୍ୟ ସବୁ ମନା ହେଲାଣି । ନାତିନାତୁଣୀ ବି ଏହାକୁ ଦେଖି ନାକ ଟେକନ୍ତି କୁହନ୍ତି – 'ଇସ୍ ମାଛ ଝୋଳ୍! ମାଉଁସ ତରକାରି କି ଆଇଁଷିଆ' । ମାତ୍ର ଏହା ବଦଳରେ ଫ୍ରିଜ୍ ରେ ରଖା ହୋଇଥିବା ଚିକେନ୍ ଦିଆ ପିଜା, ବଟର, ଚିକେନ ପୋକୋଡା, ଚିକେନ କବାବ୍, ଡ୍ରମଷ୍ଟିକ୍ ଆଦି କେତେ କଣ ବିଦେଶୀ ଖାଦ୍ୟ ସବୁ ମାଇକ୍ରୋୱେଭ୍‌ରେ ଗରମ କରି ଖାଆନ୍ତି । ପରମ୍ପରା କ୍ରମେ ପ୍ରଚଳିତ ଓଡ଼ିଆ ଖାଦ୍ୟ ଠାରୁ ଦୂରେଇ ଯାଇ ବିଦେଶୀ ଖାଦ୍ୟକୁ ଆପଣେଇ ନେବା ଓଡ଼ିଆ ଖାଦ୍ୟ ପରମ୍ପରା ଅନଭିଜ୍ଞତାର ପରିଚୟ ମିଳେ । ଜୋଇଁ ମଲ୍ଟିନ୍ୟାସନାଲ କମ୍ପାନୀରେ ବଡ଼ ଚାକିରି ପାଇବାରୁ ପିଲାମାନଙ୍କୁ ଧରି ଫରେନ୍‌ରେ ରହୁଥିବା ବେଳେ ବୁଢ଼ୀ ଯେତେବେଳେ ଯାଇ ଦେଖେ ନାତି ନାତୁଣୀ ଆଉ ଓଡ଼ିଆରେ କଥା ହେଉନାହାନ୍ତି । ପାନ ଚୋବାଇଲା ପରି ପ୍ରତି କଥାରେ ଇଂରାଜୀ ଚବାଉଛନ୍ତି । ପିଲାମାନେ ବିଦେଶରେ ରହି ଦେଶର ସ୍ୱାଧୀନତା ଦିବସ ଭୁଲି ବିଦେଶୀ ସ୍ୱାଧିନତା ଦିବସ ପାଳନ କଲେଣି । ବୁଢ଼ୀ ସ୍ୱାଧିନତା ଦିବସରେ ଗାନ୍ଧିଙ୍କୁ ପୂଜା କରିବା ପାଇଁ ଫଟୋ ଖୋଜିଲା ବେଳେ ଘରେ ଗାନ୍ଧିଙ୍କ ଫଟୋ ନଥାଏ, ମାତ୍ର ଘରେ ଓଡ଼ିଆ ଜାତିର ଆରାଧ୍ୟ ଠାକୁର ଜଗନ୍ନାଥଙ୍କର ଫଟୋ ପାଇଁ ବୁଢ଼ୀ ଖୁସି ହୋଇଯାଇଛି । ଓଡ଼ିଆ ପରମ୍ପରା ଅନୁସାରେ ନିତିଦିନ ସଂଜବତୀ ଦେଇ ଠାକୁରଙ୍କ ପାଖରେ ଭଜନ ଜଣାଣ ଗାଇବା ଥିଲା ବୁଢ଼ୀର ଅଭ୍ୟାସ । ଏହାକୁ ଦେଖି ନାତିନାତୁଣୀ ଥଟ୍ଟା କରନ୍ତି, ଗାଳ୍ପିକାଙ୍କ ଭାଷାରେ – "ସଂଜବତୀ ଦେଇ ଭଜନଜଣାଣ ଗାଇବା ବୁଢ଼ୀଙ୍କର ଆବାଲ୍ୟ ଅଭ୍ୟାସ । ଏବେ ମଧ୍ୟ କଣ୍ଠରୁ ଲାଳିତ୍ୟ ସଂପୂର୍ଣ୍ଣ ହଜିନି । ଜଣାଣ ଗାଇବା ବେଳେ ବୁଢ଼ୀଙ୍କ ଆଖିରୁ ଲୁହ ବହିଯାଏ । ମୁଣ୍ଡିଆମାରି ଉଠିଲେ ଖଣ୍ଡିଆ ଖଣ୍ଡିଆ ଇଂରାଜୀମିଶା ଓଡ଼ିଆରେ ନାତିନାତୁଣୀ ପଚାରନ୍ତି ଠାକୁରଙ୍କୁ କାନ୍ଦି କାନ୍ଦି କ'ଣ କହୁଥିଲୁ ଆଈ ? ବୁଢ଼ୀ କହନ୍ତି- "ଦୁଃଖ ଜଣାଉଥିଲି- କେତେ କଥା ମାଗୁଣି କରୁଥିଲି । ଘୃଣାରେ ନାତି କହିଲା – "ଇଣ୍ଡିଆନମାନଙ୍କର ଏ ମାଗନ୍ତା ସ୍ୱଭାବଟା କେବେ ଯିବ ? ସମସ୍ତଙ୍କୁ ହାତ ପତାଇବା ଅଭ୍ୟାସ । ପର ଉପରେ ନିର୍ଭରଶୀଳତା ବଡ଼ ନ୍ୟାଷ୍ଟି ଇଣ୍ଡିଆନ୍ ହାବିଟ୍ ?ସ ।" (ଝୋଟିପକା

କାନ୍ଥ /କ୍ରେଡିଟ କାର୍ଡ – ପୃଷ୍ଠା -୧୬୭) ନାତିନାତୁଣୀଙ୍କର ଏପ୍ରକାର ଅମଙ୍ଗଳିଆ କଥାକୁ ବୁଢ଼ୀ ଆଉ ବରଦାସ୍ତ କରିପାରିନି ।ଏହାକୁ ନେଇ ଝିଅକୁ ବୁଢ଼ୀ ଗାଳି ଦିଏ ସିନା କିନ୍ତୁ ପିଲାମାନଙ୍କ ଏମିତି ଆଚରଣକୁ ପରିବର୍ତ୍ତନ କରିବାରେ ଆଉ ସକ୍ଷମ ନାହିଁ । ବୁଢ଼ୀଟିର ଦେଶପ୍ରେମ ତାଲିକାରେ ଯଦିଓ ନାମ ନାହିଁ କିନ୍ତୁ ନିଜ ଦେଶର ମାଟି,ପାଣି,ପବନକୁ ବହୁତ୍ ଭଲ ପାଏ ଏକଥା ଏଥିରୁ ଅନୁମେୟ କରିହୁଏ । ଆଜିର ଯୁବପିଢି ବିଦେଶୀ ସଂସ୍କୃତିଦ୍ୱାରା ପ୍ରଭାବିତ ହୋଇ କିପରି ଓଡ଼ିଆ ଅସ୍ମିତାକୁ ଭୁଲି ଗଲେଣି ତାର ବାସ୍ତବ ଚିତ୍ର ଏହି ଗଳ୍ପରେ ପ୍ରତିଫଳିତ ।

"ଝୋଟିପକା କାନ୍ଥ" ସଙ୍କଳନର 'ରକ୍ତ ନଦୀରେ ପ୍ରେମତରୀ' ଗଳ୍ପରେ ଓଡ଼ିଆ ଅସ୍ମିତାର ନିଛକ ଚିତ୍ର ସମ୍ରାଟ ଅଶୋକଙ୍କ ଦ୍ୱାରା କଳିଙ୍ଗ ଆକ୍ରମଣକୁ ନେଇ ରଚିତ । ସମ୍ରାଟ ଚଣ୍ଡାଶୋକ ସମଗ୍ର ଭାରତବର୍ଷର ପ୍ରବଳ ପରାକ୍ରମୀ ରାଜା ଥିଲେ ମଧ୍ୟ କଳିଙ୍ଗକୁ ଜୟ କରି ନପାରିବାର ଅବସୋସ ତାଙ୍କ ମନରେ ଥିଲା । ସେତେବେଳର କଳିଙ୍ଗ ସାମ୍ରାଜ୍ୟ ପୂର୍ବରେ ବୈତରଣୀ ନଦୀ ଏବଂ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିବା ସ୍ୱାଧୀନଚେତା, ମହାପରାକ୍ରମୀ ଜାତି । କଳିଙ୍ଗ ଥିଲା ଧନଧାନ୍ୟରେ ଭରା ଏକ ସମୃଦ୍ଧ ରାଜ୍ୟ । ଜାଭା, ସୁମାତ୍ରା, ମାଳୟ, ବର୍ମା ଆଦି ଦେଶ ସମୂହରେ ନୌବାଣିଜ୍ୟ କରି ଭାରତବର୍ଷରେ ନୌବାଣିଜ୍ୟରେ କଳିଙ୍ଗ ଅଗ୍ରଣୀ ରାଜ୍ୟ ଥିଲା । ତେଣୁ ମଗଧ ସୀମାରେ ଏହି ରାଜ୍ୟ ସର୍ବଦା ମୌର୍ଯ୍ୟ ସାମ୍ରାଜ୍ୟର ଅର୍ଥନୈତିକ ପ୍ରତିଦ୍ୱନ୍ଦୀ ଥିଲା ।ତେଣୁ କଳିଙ୍ଗକୁ ଜୟ କରିବା ଥିଲା ଅଶୋକଙ୍କ ପାଇଁ ଏକ ଆହ୍ୱାନ । ଗାଳ୍ପିକାଙ୍କ ବର୍ଣ୍ଣନାରେ –"କେବଳ ଅର୍ଥରେ କଳିଙ୍ଗ ସମୃଦ୍ଧ ନଥିଲା, କଳିଙ୍ଗ ଜାତି ମଧ୍ୟ ଥିଲା ସମର ନିପୁଣ ଓ ଦୁର୍ଦ୍ଧର୍ଷ । କଳିଙ୍ଗର ଥିଲା ୬୦ ହଜାର ପଦାତିକ ସୈନ୍ୟ, ଦର୍ଶହଜାର ଅଶ୍ୱାରୋହୀ ଏବଂ ସାତଶହ ଗଜାରୋହୀ । କହିବାକୁ ଗଲେ କଳିଙ୍ଗ ରାଜ୍ୟର ପ୍ରତ୍ୟେକ ପୁରୁଷ ଥିଲେ ଜଣେ ଜଣେ ଯୋଦ୍ଧା, ଯୁଦ୍ଧକାଳରେ ବୀରପାଇକ୍ ଏବଂ ଶାନ୍ତିକାଳରେ ଦକ୍ଷ କର୍ମଠ କୃଷକ ।" (ଝୋଟିପକା କାନ୍ଥ / ରକ୍ତନଦୀରେ ପ୍ରେମତରୀ– ପୃଷ୍ଠା -୧୭୨)ଓଡିଆମାନଙ୍କ ପୂର୍ବପୁରୁଷ ଯେ ଯୋଦ୍ଧା ଓ ସମରକଳାରେ ନିପୁଣ ଥିଲେ ଗାଳ୍ପିକାଙ୍କ ବର୍ଣ୍ଣନାରେ ସ୍ପଷ୍ଟ ଉଦଭାସିତ ହୁଏ । କଳିଙ୍ଗର ଯୁବରାଣୀ କାରୁବାକୀ ମଧ୍ୟ ଅପୂର୍ବ ରଣକୌଶଳରେ ଦକ୍ଷ ଥିଲେ । କଳିଙ୍ଗର ଯୁବରାଜଙ୍କୁ ଯୁଦ୍ଧରେ ଅଶୋକ ହତ୍ୟା କରିବା ପରେ ସମୃଦ୍ଧ ଓଡ଼ିଆ ଜାତିକୁ ରକ୍ଷା କରିବା ପାଇଁ ଯୁବରାଣୀ ବି ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇ ଆସିଥିଲେ। ଅଶୋକ ରଣକ୍ଷେତ୍ରରେ ଯଦିଓ ବିଜୟୀ ହୋଇଥିଲେ କିନ୍ତୁ କାରୁବାକୀଙ୍କ ହୃଦୟକୁ ଜୟ କରିପାରି ନଥିଲେ । ଅଶୋକଙ୍କ ପ୍ରେମକୁ କାରୁବାକୀ ପ୍ରତ୍ୟାଖ୍ୟାନ କରି କହିଥିଲେ ଏହା ତୁମର ପ୍ରେମ ନା ଦେହଲିପ୍ସା ? ଯଦି ଦେହଲିପ୍ସା ଥିଲା ତାହେଲେ ଏଇ କ୍ଷଣଭଙ୍ଗୁର ଦେହଟାକୁ ସମର୍ପି ଦେଇ ମୋର ଦେହ ବିନିମୟରେ ମୋ ଜାତିର ବୀରଗଣ ଓ ସ୍ୱାଧିନତା ରକ୍ଷା କରି ଧନ୍ୟ ମନେ କରିଥାନ୍ତି । ନିଜ ଜାତିର ଅସ୍ମିତାକୁ ରକ୍ଷା କରିବା ପାଇଁ ଆତ୍ମ ବଳିଦାନ ଦେବାରେ ଓଡ଼ିଆମାନେ ଯେ କୁଣ୍ଠାବୋଧ କରନ୍ତି ନାହିଁ ଏକଥା କାରୁବାକୀ ଚରିତ୍ର ମାଧ୍ୟମରେ ଗାଳ୍ପିକା ଜଣେଇ ଦେଉଛନ୍ତି। ଏହି ଗଳ୍ପରେ କାରୁବାକୀ ଚରିତ୍ର ମାଧ୍ୟମରେ ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବା ପାଇଁ ଯେଉଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ତା'ର ବର୍ଣ୍ଣନା ରହିଛି । ହିଂସାର ମାର୍ଗକୁ ପରିତ୍ୟାଗ କରି ପ୍ରେମମାର୍ଗକୁ ଗ୍ରହଣ କରିବାରେ ଗୋଟିଏ ନାରୀର ତ୍ୟାଗ,ସ୍ନେହ,ସୌହାର୍ଦ୍ଦ୍ୟ କିପରି ପ୍ରତିଫଳିତ ହୋଇଛି ଇତିହାସର କାହାଣୀ ମାଧ୍ୟମରେ ଉପସ୍ଥାପନା କରିଛନ୍ତି । ସମ୍ରାଟ ଅଶୋକ କାରୁବାକୀର ପରିବାର ବର୍ଗଙ୍କୁ ହତ୍ୟା କରିଥିଲେ ମଧ୍ୟ ପ୍ରତିଶୋଧ ପରାୟଣ ନ ହୋଇ ମାତୃ ସ୍ୱରୂପିଣୀ ଦେବୀ ଭାବରେ ଅଶୋକଙ୍କ ପ୍ରତି ଦୟା ଓ ସହନଶୀଳତା ଭାବ ଦେଖାଇ ସୁପୁତ୍ର ହେବା ପାଇଁ ଆଶୀର୍ବାଦ ଦେଇଛନ୍ତି । ଓଡ଼ିଆମାନେ ଯେ ସହନଶୀଳ ଓ ଦୟାଶୀଳ କାରୁବାକୀ ଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମେୟ। ସେହିପରି "ନିର୍ବସନା" ଗଳ୍ପ ସଙ୍କଳନର 'ମହାନାୟକ' ଗଳ୍ପରେ ମାଷ୍ଟ୍ରେ ଚରିତ୍ର ମାଧ୍ୟମରେ 'ଦେଶ ପ୍ରେମ' ଓ 'ଜାତୀୟ ସ୍ୱାଭିମାନ'ର କଥା ଉଲ୍ଲେଖ କରିଛନ୍ତି । ବର୍ଷ ବର୍ଷ ଧରି ପରାଧୀନତା ଭୋଗ କରୁଥିବା ଏକ ସ୍ୱାଧୀନଚେତା ଜାତିର ପ୍ରାଣରେ ମହାନ୍ ଭାରତୀୟ ସଂସ୍କୃତିର ମୂଲ୍ୟବୋଧ,ଜାତୀୟ ସ୍ୱାଭିମାନ,ସ୍ୱାଧିନତା ଓ ପରାଧୀନତାର ପାର୍ଥକ୍ୟ ଶିକ୍ଷା ମାଧ୍ୟମରେ ହିଁ ବୁଝାଇ ହେବ ବୋଲି ସ୍ୱାଧୀନ ମାଷ୍ଟ୍ରେ ଖଡ଼ିଧରି ରାଜ୍ୟସାରା ଜ୍ଞାନଯଜ୍ଞ କରୁଥିଲେ ।ସେ କେବଳ ଗଣିତ କି ସାହିତ୍ୟ ବା ଇଂରାଜୀ ପଢ଼ାଉ ନ ଥିଲେ ଉତ୍ତମ ଚରିତ୍ର ଗଠନ ପାଇଁ ସେ ଦେଶପ୍ରେମ, ଈଶ୍ୱରପ୍ରେମ, ମାନବପ୍ରେମ, ଜାତୀୟ ସ୍ୱାଭିମାନ, ଆତ୍ମବିଶ୍ୱାସ, ଆତ୍ମବିକାଶ, ଆତ୍ମସମ୍ମାନ, ଆତ୍ମସଂଯମ, ଅହିଂସା, କରୁଣା, ସେବା, ତ୍ୟାଗ, ପରିବେଶ ନିର୍ମଳତା ଓ କୃତଜ୍ଞତା ଜ୍ଞାପନ। ଏହିସବୁ ବିଷୟ ଶାସ୍ତ୍ର ପୁରାଣ, ଲୋକକଥାର କାହାଣୀ ମାଧ୍ୟମରେ ମାଷ୍ଟ୍ରେ ଚମତ୍କାର ଭାବରେ ପଢ଼ାଉଥିଲେ, ଯାହାଫଳରେ ଦେଶମାତୃକାର ସେବା ଓ ସୁରକ୍ଷା ପାଇଁ ଶହ ଶହ ସ୍ୱାଧୀନତା ସଂଗ୍ରାମୀ ସୃଷ୍ଟି କରିବାରେ ସଫଳ ହୋଇଥିଲେ । ସାଧାରଣ ଲୋକମାନଙ୍କ ମନରେ ଜାତୀୟ ଅସ୍ମିତା ଗଠନ କରିବାରେ ପ୍ରତିଭା ରାୟଙ୍କ ଏହି ଗଳ୍ପଟି ଏକ ସଫଳ ସୃଷ୍ଟି ବୋଲି କୁହାଯାଇପାରେ।

ଓଡ଼ିଶାର ଆଦିମ ଅଧିବାସୀ ହେଉଛନ୍ତି ଆଦିବାସୀମାନେ । ପ୍ରାୟ ୬୨ ପ୍ରକାର ଆଦିବାସୀ ଓଡ଼ିଶାରେ ବସବାସ କରନ୍ତି । ଓଡ଼ିଶାର ସମୁଦାୟ ଜନସଂଖ୍ୟାର ୨୨.୮୫ ପ୍ରତିଶତ ଆଦିବାସୀ ଲୋକ ବାସ କରନ୍ତି । ସେମାନଙ୍କର ବିଭିନ୍ନ ସମସ୍ୟା ଓ ସାଂସ୍କୃତିକ ବିଭବକୁ ନେଇ ପ୍ରତଭା ରାୟ ଅନେକ ଗଳ୍ପ ରଚନା କରିଛନ୍ତି । ଆଦିବାସୀ

ଶବରମାନଙ୍କର ଇଷ୍ଟଦେବ ନୀଳମାଧବ ଯେମିତି ଜଗନ୍ନାଥ ରୂପରେ ଓଡିଆମାନଙ୍କର ପ୍ରାଣର ଠାକୁର ଭାବରେ ସାରା ବିଶ୍ୱରେ ପରିଚିତ, ସେହିପରି ଆଦିବାସୀମାନଙ୍କର କଳା,ସାହିତ୍ୟ,ସଂସ୍କୃତି, ସଙ୍ଗୀତ,ନୃତ୍ୟ, ଧର୍ମୀୟ ପରମ୍ପରା ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ସ୍ୱୀକୃତ। ପ୍ରତିଭା ରାୟଙ୍କ 'ଅକର୍ମ ଶିଳା' ଗଳ୍ପରେ ଶବର ଆଦିବାସୀ ସଂପ୍ରଦାୟ ଠାରୁ ଓଡ଼ିଆ ଜାତିର ଉତ୍ପତ୍ତି ସମ୍ପର୍କରେ ମତ ଦେଇ କହିଛନ୍ତି-"ଜଂଗୁରୁ ଶବର ବିଶ୍ୱାବସୁ ଶବରର ବଂଶଧର । ଶବର ଜାତିଠୁ – ଓଡ଼ିଆ ଜାତି ଆରମ୍ଭ ! ଶବର ଲଂକାନ୍ (ମହାନ୍) ଉଚ୍ଚ ! ... ଜଗନ୍ନାଥଙ୍କ ଭକ୍ତ । ତାଙ୍କ ଜମି ଭୂମିକୁ ଯେଉଁମାନେ ଝିକିଲେ – ସେମାନଙ୍କ ବଣ ଜଙ୍ଗଲକୁ ଖେଦିଲେ – ତାଙ୍କ ମହାପ୍ରଭୁଙ୍କୁ ଚୋରେଇ ଜବରଦଖଲ କଲେ, ସେମାନେ ନିଜକୁ କହିଲେ ଆର୍ଯ୍ୟ । ଯେଉଁମାନଙ୍କ ଜମି, ଭୂମି, ବସତି, ଭଗବାଁ ବେଦଖଲ ହେଲା, ସେମାନଙ୍କୁ ଆର୍ଯ୍ୟମାନେ କହିଲେ 'ଅନାର୍ଯ୍ୟ' । ଶବରମାନଙ୍କ ବଂଶଧର 'ଦଇତା' । ଦଇତା ଜଗନ୍ନାଥର ଆତ୍ମାକୁ ଠାବ କରିଛି । ଆର୍ଯ୍ୟମାନେ ଦାରୁକୁ ଦଖଲ କଲେ – ବ୍ରହ୍ମକୁ ଠାବ କରିପାରିଲେନି ସେଥିପାଇଁ ନବକଳେବର ସମୟରେ ଦଇତା ନୂଆ କଳେବରରେ ଅନାଦି କାଳର ଅନନ୍ତ ବ୍ରହ୍ମକୁ ଥାପନା କରେ ।(ଭଗବାଁର ଦେଶ୍, ଅକର୍ମ ଶିଳା – ପୃଷ୍ଠା -୧୩୪)। ଓଡ଼ିଆ ଜାତିର ଆଦିମ ପରିଚୟ ପ୍ରଦାନ ପୂର୍ବକ ଜଗନ୍ନାଥଙ୍କ ସହିତ ସେମାନଙ୍କର ସମ୍ପର୍କକୁ ଉଲ୍ଲେଖ କରିଛନ୍ତି। ପ୍ରତିଭା ରାୟଙ୍କ "ଭଗବାଁର ଦେଶ୍" ଗଳ୍ପ ସଙ୍କଳନର ଅଧିକାଂଶ ଗଳ୍ପ ବଣ୍ଡା ଆଦିବାସୀମାନଙ୍କର ଜୀବନ ଜୀବିକା,ବାସଗୃହ,ବେଶ ପୋଷାକ, ଅଳଙ୍କାର, ପର୍ବପର୍ବାଣି ଓ ଧର୍ମବିଶ୍ୱାସକୁ ନେଇ ରଚିତ ।'ସନକି' ଗଳ୍ପରେ ବଣ୍ଡା ଆଦିବାସୀ ନାରୀ ଚାଷ କରି ଘର ସମ୍ଭାଳୁଥିବା କଥା ଦେଖିବାକୁ ମିଳେ । ଗାଳ୍ପିକାଙ୍କ ଭାଷାରେ –"ସନ୍‌କି ଚାଷ କରେ, ଜଙ୍ଗଲ ପୋଡ଼େ, ଟାଙ୍ଗିଆ ଧରି ଗଛ କାଟେ, କୁଡ୍‌କି (କୋଡ଼ି) ଧରି ମାଟି ହାଣେ, ଫସଲ ଆମଦାନୀ କରି ଘରକୁ ଆଣେ, ଘର ସମ୍ଭାଳେ, ଧାନ କୁଟେ, ରୋଷେଇ କରେ, ମଦ ରାନ୍ଧେ, ଜଙ୍ଗଲ ଭିତରୁ କେରଙ୍ଗ ଗଛର ବଲ୍କଳ ସଂଗ୍ରହ କରି ଘରୋଇ ତନ୍ତରେ ତା' ପାଇଁ ଆଉ ବୁଦା ପାଇଁ ରିଙ୍ଗା ଆଉ ଘୁଷି ବୁଣେ । ଘରେ ପୋଷିବା ଗୋରୁ, ଘୁଷୁରି, କୁକୁଡ଼ା, ଛେଳିଙ୍କର ଦାୟିତ୍ୱ ନିଏ, ବର୍ଷାଦିନ ପାଇଁ ଜଙ୍ଗଲରୁ ଶୁଖୁଲା କାଠ ଭାଙ୍ଗି ସାଇତି ରଖେ, ହାଟପାଳି ଦିନ ବୋଝ ମୁଣ୍ଡାଇ ହାଟକୁ ଯାଏ, ବିକା କିଣା କରେ ଆଉ ନିଜର ଚଗଲା ସ୍ୱାମୀକୁ ଆକଟ କରେ – ଖୋଇ ପେଇ ଭେଣ୍ଡା କରାଏ – ଯେତେ ପାରେ ଆରାମ ଦିଏ ।(ଭଗବାଁର ଦେଶ୍,/ସନକି– ପୃଷ୍ଠା -୩୫-୩୬)। ବଣ୍ଡା ଆଦିବାସୀ ନାରୀମାନେ ପରିବାର ପ୍ରତିପୋଷଣ କରିବା ପାଇଁ ଘରର ସମସ୍ତ କାର୍ଯ୍ୟ ନିଜେ କରୁଥିବା କଥା ଏହି ଗଳ୍ପରୁ ଜାଣିବାକୁ ମିଳେ । 'ଲଙ୍ଗିସ୍' ଗଳ୍ପରେ ବଣ୍ଡା ଆଦିବାସୀ ସ୍ୱାମୀ ଶୁକ୍ରା ଓ ସ୍ତ୍ରୀ ବୁଧେଇ ଜୀବନ ଧାରଣ ନିମନ୍ତେ ଧାନ, ମାଣ୍ଡିଆ, କୋଳଥ, ବିରି, କାନ୍ଦୁଲ, ସୂଆଁ ଆଦି ଚାଷ କରୁଥିବାର ଚିତ୍ର ଦେଖିବାକୁ ମିଳେ। 'ମୁ ସ୍ୱାଧୀନ' ଗଳ୍ପରେ ପରଜା ଆଦିବାସୀମାନେ ହୁଣ୍ଡି ଦେବତାଙ୍କୁ ପୂଜା କରୁଥିବାବେଳେ ବଣ୍ଡା ଜନଜାତିର ଲୋକମାନେ ମାଘପର୍ବ ପାଳନ ପାଇଁ ଗ୍ରାମର ବୁଢ଼ା ବରଗଛ କୋରଡ଼ରୁ ସିଙ୍ଗି (ସୂର୍ଯ୍ୟ) ଦେବତାକୁ ପୂଜା କରିବା ଲାଗି ଦିଶାରୀ ତଳକୁ ଆଣି ପାଟ ଖଣ୍ଡାରେ ମହପ୍ରୁ ସାମ୍ନାରେ ପୋଢ଼ କି ବୋଦା ବଳି ଦେଉଥିବା କଥା ଗାଳ୍ପିକା 'ୟଙ୍ଗ' ଗଳ୍ପରେ ପ୍ରକାଶ କରିଛନ୍ତି । ବଣ୍ଡା ପରିବାରରେ କିଛି ଅସୁବିଧା କି ରୋଗରେ ପୀଡିତ ହେଲେ ଗୃହ ଦେବତା ଡାଗୋଇଙ୍କ କୋପରୁ ହୋଇଛି ବୋଲି ବିଶ୍ୱାସ କରନ୍ତି ।ଦେବତାଙ୍କ କୋପରୁ ମୁକ୍ତି ପାଇବା ପାଇଁ ଦିଶାରୀ ନନା ପାଖକୁ ଯାଆନ୍ତି ।ସେ ବିରୁ ପୂଜା ବାରେଣୀ କରି ଚେରମୂଳି ଔଷଧ ଦେଇଥାଏ ଏବଂ ବେଳେ ବେଳେ ଦେବତାଙ୍କ କୋପରୁ ମୁକ୍ତି ପାଇବା ପାଇଁ ବଳି ଦେବା କଥା 'ଡାଗୋଇ' ଗଳ୍ପରେ ଉଲ୍ଲେଖ କରିଛନ୍ତି ।ସେହିପରି ତାଙ୍କର 'ମାଉଁସ' ଓ 'ରେମୋ' ଗଳ୍ପରେ ବଣ୍ଡା ନାରୀମାନେ ଲଜ୍ୟା ନିବାରଣ ତଥା ସୌନ୍ଦର୍ଯ୍ୟ ନିମନ୍ତେ ପ୍ରକୃତିରୁ ବିଭିନ୍ନ ପଦାର୍ଥ ସଂଗ୍ରହ କରି ପୋଷାକ ଓ ଅଳଙ୍କାର ପରିଧାନ କରିବାର ଚିତ୍ର ଗାଳ୍ପିକାଙ୍କ ବର୍ଣ୍ଣନାରେ ପ୍ରକାଶ ପାଇଛି ।ବଣ୍ଡା ଟୋକିମାନେ ଫୁଙ୍ଗୁଲା ବୁକୁରେ ନାଲି, ନେଳି, ହଳଦିଆ, ଶାଗୁଆ, ବାଇଗେଣୀ କେତେ ରଙ୍ଗର ପରସ୍ତ ପରସ୍ତ ପଟାଶ ସରି ଖଣ୍ଡେ ସରୁ ମାଳି ସାନରୁ ବଡ଼ ହୋଇ ଲମ୍ବିଥାଏ ଉଦର ଡେଇଁ କଟିତଳ ପର୍ଯ୍ୟନ୍ତ – ଆଣ୍ଠୁ ଉପରଯାଏ । କେହି କେହି ପଇସା, ଟଙ୍କାର ମାଳ ଗୋଟାଏ ଲେଖା ପକାଇଥାନ୍ତି ବେକରେ । ସାମ୍ନାରୁ ଦେଖିଲେ ଫୁଙ୍ଗୁଲା ଦେହ ବୋଲି ଜାଣିହୁଏ ନାହିଁ । ଯେମିତି ହରେକ୍ ରଙ୍ଗର ସରିଏ ସରିଏ ସୂତାରେ ବୁଣା ସାନ ପୋଷାକଟି ପିନ୍ଧିଛନ୍ତି ସେମାନେ । ଅଣ୍ଟାରେ ପେଟ ତଳକୁ ସରିଏ ରସର ଚେନ୍ । ଚେନ୍ ଦେହରେ ସିଧାକରି ସାମ୍ନାପଟୁ ଖୋସିଥାନ୍ତି ଅଣ୍ଟାକୁ ପାଇବା ଭଳି ଫୁଟେ ଓସାରର କେରଙ୍ଗ ସୂତାର ହାତ ତିଆରି ସୁନ୍ଦର 'ରିଙ୍ଗା' । ରିଙ୍ଗାର ଦୁଇମୁହଁ ଡାହାଣପାଖ ଜଙ୍ଘର ବାହାର କଡ଼କୁ ଏକାଠି ଚେନ୍‌ରେ ଖୋସା ହୋଇଥାଏ । ହାତରେ ରସର ଖଡୁ କହୁଣୀଠାରୁ କଚଟିଯାଏ ଚିପି ହୋଇ ରହିଥାଏ । ସତେକି ହାତ ମାପର ରସର ଖୋଳଟିଏ ଗଳେଇଛନ୍ତି ଦେଖିବାକୁ ସେମିତି ଲାଗେ ।ପ୍ରତିଭା ରାୟଙ୍କ 'ୟଙ୍ଗ' ଓ 'ଡାଗୋଇ' ଗଳ୍ପରେ ବଣ୍ଡା ଆଦିବାସୀ ଯୁବକ ଯୁବତୀମାନେ ପରବ ହେଲେ ବୃତ୍ତାକାରରେ ମହୁରୀ, ଟମକ ବାଜା ବଜାଇ ବିଭିନ୍ନ ଗୀତ ଗାଇ ନାଚ କରୁଥିବାର ଦୃଶ୍ୟ ଗାଳ୍ପିକାଙ୍କ ବର୍ଣ୍ଣନାରେ ଜୀବନ୍ତ ହୋଇଉଠିଛି। ସେହିପରି ତାଙ୍କର 'ପଶୁଜନ୍ମ', 'ଏକଲବ୍ୟର ଗୁରୁଦିକ୍ଷା','ମୁଣ୍ଡ ଜାମିନୀ', 'ଭଗବାଁର ଦେଶ୍', 'କାନ୍ଧ ଫେରାଇଦିଅ', 'ଉପତ୍ୟକାର ଦୁଃଖ', 'ଦୌଡାଳି',ଆଦି ଗଳ୍ପରେ ବର୍ତ୍ତମାନ ସଭ୍ୟ ସମାଜ ଠାରୁ ଦୂରରେ ଥିବା ସରଳ

ଆଦିବାସୀମାନଙ୍କର ଜୀବନ ଶୈଳୀ, ବିଭିନ୍ନ ସମସ୍ୟା ଓ ସଂସ୍କୃତି ପରମ୍ପରା ସମ୍ପର୍କରେ ଆଲୋକପାତ କରିଛନ୍ତି । ସହରର ଚାକଚକ୍ୟ ମଧ୍ୟରେ ଆଦିବାସୀ ଗ୍ରାମ୍ୟ ଜୀବନର ମହକ ନଥାଏ । ପ୍ରତିଭା ରାୟଙ୍କ 'ଦୌଡ଼ାଳି' ଗଳ୍ପରେ ଗାଁ ରୁ ରାଜଧାନୀ ସହରକୁ ଆଦିବାସୀ ମେଳାରେ ଭାଗ ନେବାକୁ ଆସିଥିବା ଗାଁ'ର ପେଜ୍ ଭାତ, କାନ୍ଦୁଲ ଡ଼ାଏଲ୍, ଶିକାର ପଶୁର ପୋଡ଼ା ମାଂସରେ, ଜନ୍ଦା ଚଟଣି, ବାରଜାତି ଛତୁ, ଆମ୍ବ, ପଣସ, ମହୁଲ ଫୁଲର ସୁଆଦ ସହରରେ ମିଳେ ନାହିଁ। ସହରର ମଟର, ସ୍କୁଟର,ଉଡାଜାହାଜ ଧୁଆଁ ଧୂଳିରେ ବଡ ଗୁଲୁଗୁଲିଆ ତାତି ସାଙ୍ଗକୁ ହୋ- ହୋ- ଘୋ- ଘୋ ଶବ୍ଦରେ ହଜିଯାଏ ଚଢ଼େଇ ମନର ଗୀତ। ନିଜ ଜାତିର କୃତ୍ରିମ ଘର ଆଗରେ ଆଦିବାସୀ ବେଶ ପୋଷାକରେ ଛିଡ଼ା ହୋଇଥିବା ଆଦିବାସୀମାନଙ୍କୁ, ଆଦିବାସୀ ତିଆରି ବିଭିନ୍ନ ଦ୍ରବ୍ୟ ଓ ଆଦିବାସୀ ନାଚ ଦେଖିବାକୁ ସହରର ଲୋକମାନେ ଠୁଳ ହୋଇଥାନ୍ତି ଚିଡ଼ିଆଖାନାର ଜନ୍ତୁ ଦେଖିବା ଭଳି । ଏକଥା କାସାକୁ ଭଲ ଲାଗେ ନାହିଁ, କାହିଁକି ନା ସବୁ ଲୋକଙ୍କର ପୂର୍ବ ପୁରୁଷ ଦିନେ ଏହି ବଣଜଙ୍ଗଲର ଆଦିବାସୀ ଥିଲେ ବି ସହରୀ ଲୋକମାନଙ୍କର ଏପରି ବ୍ୟବହାର ସେମାନଙ୍କୁ ତାଙ୍କର ସ୍ୱାଭିମାନ ଓ ଅସ୍ମିତା ପ୍ରତି ଉପହାସ ବୋଲି ମନେ ହୋଇଥାଏ ।

ଓଡ଼ିଆମାନଙ୍କର ଆରାଧ୍ୟ ଦେବତା ହେଉଛନ୍ତି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଆମାନେ କୌଣସି କାର୍ଯ୍ୟାରମ୍ଭ କରିବା ପୂର୍ବରୁ ପ୍ରଥମେ ଜଗନ୍ନାଥଙ୍କୁ ସ୍ମରଣ କରିଥାନ୍ତି ।ପ୍ରତିଭା ରାୟଙ୍କ 'ସର୍ବମଙ୍ଗଳ ଜଗନ୍ନାଥ' ଗଳ୍ପକୁ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ପ୍ରତିଭାତ ହୁଏ। ଗଳ୍ପ ନାୟିକା ଗାର୍ଗୀ ଈଶ୍ୱର ବିଶ୍ୱାସକୁ ଅନ୍ଧବିଶ୍ୱାସ ବୋଲି ଗ୍ରହଣ ନ କରି ଆତ୍ମବିଶ୍ୱାସ ବୋଲି ଭାବନ୍ତି।ସେ ସର୍ବମଙ୍ଗଳ ଜଗନ୍ନାଥରେ ବିଶ୍ୱାସୀ ।ସେ ଯେକୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ଜଗନ୍ନାଥଙ୍କୁ ସ୍ମରଣ କରେ ।କାରଣ ସେ ଜାଣନ୍ତି ଯେ ସମସ୍ତ ଘଟଣା ବିଧି ନିର୍ଦ୍ଦିଷ୍ଟ। ସମସ୍ତ କାର୍ଯ୍ୟର ପରମ କର୍ତ୍ତା ହେଉଛନ୍ତି ଜଗନ୍ନାଥ ।ସେହି ନ୍ୟାୟରେ ଜଗନ୍ନାଥଙ୍କ ନିର୍ଦ୍ଦେଶ କ୍ରମେ ଜଗନ୍ନାଥ ମନ୍ଦିରରୁ ଦୁଇଟି ପିଲାଙ୍କୁ ନିଜ ପିଲା ଭାବରେ ଗ୍ରହଣ କରିଛନ୍ତି ।ବାସ୍ତବରେ ଗାର୍ଗୀ ମନରେ ଥିବା ଜଗନ୍ନାଥଙ୍କ ପ୍ରତି ଭକ୍ତି ଅନୁରାଗରୁ ଜଣାପଡେ ଯେ ଓଡ଼ିଆମାନଙ୍କର ପ୍ରାଣର ଦେବତା ହେଉଛନ୍ତି ଜଗନ୍ନାଥ ଏବଂ ଓଡ଼ିଆମାନେ ସର୍ବମଙ୍ଗଳ ଜଗନ୍ନାଥରେ ହିଁ ବିଶ୍ୱାସ କରନ୍ତି । 'ଚନ୍ଦ୍ରଭାଗା ଓ ଚନ୍ଦ୍ରକଳା' ଗଳ୍ପରେ ଗଳ୍ପ ନାୟିକା ଚନ୍ଦ୍ରାର ଶରୀରର ପଙ୍ଗୁତା ପାଇଁ ଶଯ୍ୟାଶାୟୀ ହୋଇଥିବାରୁ ତାଙ୍କ ପିତା ଇଚ୍ଛାମୃତ୍ୟୁ କରିବାକୁ ପରାମର୍ଶ ଦିଅନ୍ତି । ମାତ୍ର ଚନ୍ଦ୍ରା ସମୟକ୍ରମେ ହୃଦବୋଧ କରିଛି ଯେ ଶରୀରର ପଙ୍ଗୁତା ପାଇଁ ଶରୀରକୁ କଷ୍ଟ ଦେବା ଅନୁଚିତ୍ ।ତାର ଜୀବନ ବ୍ୟର୍ଥ ନୁହେଁ ବୋଲି ଅନୁଭବ କରିଛି । ସେ ଜଗନ୍ନାଥଙ୍କ ଜଣେ ପରମ ଭକ୍ତ ଭାବରେ ତାଙ୍କ ଠାରୁ ବଞ୍ଚିବାର ପ୍ରେରଣା ପାଇଛି ।ଚନ୍ଦ୍ରା ଭାଷାରେ –" ମୁ ଭଲ ପାଏ ସେଇ ଖଣ୍ଡିତ ଶରୀର ବିକଳାଙ୍ଗ ପ୍ରଭୁ ଜଗନ୍ନାଥଙ୍କୁ। ମୋର ପ୍ରଭୁ ଯଦି ବିଖଣ୍ଡିତ ହୋଇ ବି ସ୍ୱୟଂ ସମ୍ପୂର୍ଣ୍ଣ, ଅର୍ଥବ ହୋଇ ବି ସର୍ବବ୍ୟାପୀ, ମୁ କାହିଁକି ଶରୀରର ଅପୂର୍ଣ୍ଣତା ପାଇଁ ଆତ୍ମାକୁ କଷ୍ଟ ଦେବି ? "(ଅବନ୍ତୀରୁ ନୀଳାଚଳ, ଚନ୍ଦ୍ରଭାଗା ଓ ଚନ୍ଦ୍ରକଳା-ପୃଷ୍ଠା -୨୦୦-୨୦୧)। ତାଙ୍କର 'ଦିବ୍ୟଦୃଷ୍ଟି' ଗଳ୍ପରେ ଭଗବାନଙ୍କ ଦିବ୍ୟଦର୍ଶନ କରିବାର ଭକ୍ତର ଭାବାବେଗକୁ ଅନ୍ଧାଲୋକଟି ମୁହଁରେ ବଖାଣିଛନ୍ତି "- ଅନ୍ଧଲୋକଟି ମୁହଁଟେକି ଦୁଇ ହାତ ତୋଳି ଭାବବିହ୍ୱଳ ହୋଇ ଠିଆହୋଇଛି।ଥରଥର କମ୍ପୁଛି ତା'ର ଶରୀର; ଆବେଗରେ।ଝର ଝର ଭକ୍ତିଜଳ ଝରିପଡୁଛି ଚକ୍ଷୁହୀନ ଦୁଇଟି ଅନ୍ଧାରି କୋଟରରୁ।ସେ ଅସ୍ପଷ୍ଟ ବାଷ୍ପାକୁଳ ସ୍ୱରରେ କହୁଛି – କାଳିଆ,ତୁ ଏତେ ସୁନ୍ଦର। ତତେ ଦେଖି ମୋର ନେତ୍ର ପବିତ୍ର ହେଲା ।ଧନ୍ୟ ହେଲା ମୋର ଜୀବନ।ଦୃଷ୍ଟିଶକ୍ତି ଫେରିପାଇବା ପାଇଁ ତୋ ଦରବାରକୁ ମାଗୁଣି କରିବାକୁ ଆସିଥିଲି ।ମାତ୍ର ଦୃଷ୍ଟିଶକ୍ତି ନଥାଇ ମୁଁ ଯଦି ତୋର ଦର୍ଶନ ପାଇଛି - ମୋର ଆଉ ଦୃଷ୍ଟିଶକ୍ତି କ'ଣ ହେବ ?(ଅବନ୍ତୀରୁ ନୀଳାଚଳ, ଦିବ୍ୟଦୃଷ୍ଟି-ପୃଷ୍ଠା -୧୬୫)।ଏହି ଗଳ୍ପରେ ଓଡ଼ିଆମାନଙ୍କର ଜଗନ୍ନାଥଙ୍କ ପ୍ରତି ଅଗାଢ ଭକ୍ତିଭାବ ଓ ଆତ୍ମବିଶ୍ୱାସକୁ ଉଲ୍ଲେଖ କରିବା ସହିତ ଜଗନ୍ନାଥଙ୍କ ଅପାର ମହିମାକୁ ବର୍ଣ୍ଣନା କରିଛନ୍ତି । ଜଗନ୍ନାଥ କେବଳ ଶ୍ରୀମନ୍ଦିରରେ ନାହାନ୍ତି,ସେ ରଥ ଉପରେ ନାହାନ୍ତି;ସେ ଅଛନ୍ତି ଦୁଃଖ, ଦୈନ୍ୟ ପ୍ରପୀଡ଼ିତ ଅସହାୟ ମଣିଷମାନଙ୍କ ହୃଦୟରେ ବୋଲି ଜଣାଇ ଦେଇଛନ୍ତି ।ସେହିପରି ତାଙ୍କର 'ବନ୍ଧୁ ଦର୍ଶନ' ଗଳ୍ପରେ ଜଗନ୍ନାଥ କେବଳ ଓଡ଼ିଆମାନଙ୍କ ବନ୍ଧୁ ନୁହଁନ୍ତି, ସେ ସମଗ୍ର ଜଗତର ନାଥ ବୋଲି ପ୍ରକାଶ କରିବା ସହିତ ନେପାଳରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବାର ଇତିହାସ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । 'ବଡ଼ଦାଣ୍ଡରେ ବାପା' ଗଳ୍ପରେ ବଡଦାଣ୍ଡର ମହିମା ବର୍ଣ୍ଣନାରେ ଓଡ଼ିଆ ଜନଜୀବନର ଚିତ୍ର ଓ ମହାପ୍ରଭୁ ଜଗନ୍ନାଥଙ୍କର ମହିମା ଗଳ୍ପିକାଙ୍କ ବର୍ଣ୍ଣନାରେ ମହନୀୟ ହୋଇଉଠିଛି – "ସମସ୍ତଙ୍କ ଜୀବନର ସୁଖଦୁଃଖ, ଶୁଭାଶୁଭ ଦେଖିଛି ଏ ବଡ଼ଦାଣ୍ଡ । ଏଠି ପୁଣି ମହାପ୍ରଭୁ ଦେବତା ନୁହନ୍ତି, ଲୋକନାୟକ – ତାଙ୍କର ଜନ୍ମ ମୃତ୍ୟୁ, ନବଯୌବନ ଦେଖିଛି ଏ ବଡ଼ଦାଣ୍ଡ । ଜଗତଜନଙ୍କୁ ଦର୍ଶନ ଦେବା ପାଇଁ ରତ୍ନସିଂହାସନରୁ ଓହ୍ଲାଇଆସି ବଡ଼ଦାଣ୍ଡରେ ଧୂଳିଧୂସରିତ ହେବାରେ ପ୍ରଭୁଙ୍କର କି ଆନନ୍ଦ ! ପଣ୍ଡା ପଢ଼ିଆରୀଙ୍କ ହାତରେ ସଶ୍ରଦ୍ଧ ଛେଚାକଚା ବି ତାଙ୍କୁ କାଟେ ନାହିଁ । ରଙ୍ଗା ଅଧରରେ ବଙ୍କିମହସ ମଉଳେ ନାହିଁ। ବଡ଼ ଗୁମର ବଡ଼ଦାଣ୍ଡର ପାରିବାପଣ । ମଣିଷର ଗର୍ବ ଖର୍ବ ହେବାର ମୂକସାକ୍ଷୀ, ନିରାଶା ଭିତରେ ଆଶାର ବୈକୁଣ୍ଠ ବି ବଡ଼ଦାଣ୍ଡ । ତିନି ଭାଇଭଉଣୀଙ୍କୁ ନେଇ ଯେତେ ଯାତ୍ରା ସବୁ ତ ଘଟେ ବଡ଼ଦାଣ୍ଡରେ । କର୍ମଭୂମିରୁ ଜନ୍ମଭୂମିକୁ ଯାତ୍ରା, ଜନ୍ମସ୍ଥାନରୁ କର୍ମଭୂମିକୁ ବାହୁଡ଼ା ଯାତ୍ରା, ଭାଇଭଉଣୀଙ୍କ ଆନନ୍ଦମୟ ପ୍ରମୋଦ ଭ୍ରମଣରେ ଭାଉଜ ରାଣୀ ଲକ୍ଷ୍ମୀସାଆନ୍ତାଣୀଙ୍କ ସ୍ୱାଭାବିକ

ଓଡ଼ିଆଣୀ ରୋଷ ଓ ଅଭିମାନ ପ୍ରତିବର୍ଷ ଦେଖୁଛି ଏ ବଡ଼ଦାଣ୍ଡ । ବଡ଼ଦାଣ୍ଡରେ ଠିଆହୋଇ ପ୍ରଭୁଙ୍କ ସଙ୍ଗେ ମା' ଲକ୍ଷ୍ମୀଙ୍କର ଘମାଘୋଟ କଳିକଜିଆ ତୃତୀୟପକ୍ଷର ମଧ୍ୟସ୍ଥିତାରେ ସମାଧାନ ହୁଏ । ଏତିକିରେ ଦାମ୍ପତ୍ୟଲୀଳା ସରେନି। ସୁବର୍ଣ୍ଣମଣ୍ଡଣି ହୋଇ ନିଜକୁ ଲକ୍ଷ୍ମୀବନ୍ତ ବୋଲାନ୍ତି ତିନି ଭାଇଭଉଣୀ ଶ୍ରୀଜିଉଙ୍କ ସହ ଲକ୍ଷ୍ମୀରାଣୀଙ୍କର କଳିକଜିଆର ଦୁର୍ନାମରୁ ସମ୍ଭବତଃ ରକ୍ଷା ପାଇବା ପାଇଁ । ତେବେ ବି ଘରଣୀଙ୍କ ଅଭିମାନ ଭାଙ୍ଗେ ନାହିଁ । ଶ୍ରୀଜିଉ ପ୍ରମୋଦ ଭ୍ରମଣ ସାରି ରତ୍ନସିଂହାସନକୁ ବିଜେକରିବା ଏଡ଼େ ସହଜକଥା ନୁହେଁ। ମା' ସାଆନ୍ତାଣୀ ଧଡ଼କରି ସିଂହଦ୍ୱାର ବନ୍ଦ କରିଦିଅନ୍ତି ସ୍ୱାମୀଙ୍କ ମୁହଁ ଉପରେ । ଏଇଟା ତ ପ୍ରତି ଓଡ଼ିଆ ଘରର ଦାମ୍ପତ୍ୟ ଜୀବନର ମାନ ଅଭିମାନର କଥା । ପୁଣି ଦାମ୍ପତ୍ୟ କଳହ ସମାପ୍ତ ହୁଏ ଖାସ୍ ଓଡ଼ିଆ ମିଠା ରସଗୋଲାରେ -"ଦାମ୍ପତ୍ୟ କଳହ ଶୈବ ମଧୁରେଣ ସମାପୟେତ।"(ଅବନ୍ତୀରୁ ନୀଳାଚଳ, ବଡଦାଣ୍ଡର ବାପା- ପୃଷ୍ଠା - ୨୩୮)ଜଗନ୍ନାଥ ସଂସ୍କୃତିରେ ନିଛକ ଓଡ଼ିଆ ଘରର ଦାମ୍ପତ୍ୟ ଜୀବନର ଚିତ୍ର ଓ ଆନନ୍ଦ ବଜାର ପରି ଗାଁ ଗହଳିରେ ପର୍ବପର୍ବାଣୀ ରେ ପିଠା, ମିଠା ଦିଆନିଆର ଆନନ୍ଦ ଜଗନ୍ନାଥଙ୍କ ପାଖରେ ଯେପରି ପ୍ରତିଫଳିତ; ଓଡ଼ିଆମାନଙ୍କ ଘରେ ଘରେ ଏପରି ଭାବ ଦେଖିବାକୁ ମିଳେ ।

ଏହି ସବୁ ଆଲୋଚନାରୁ ଜଣାଯାଏ ଯେ ପ୍ରତିଭା ରାୟଙ୍କ ଗଳ୍ପ ଜଗତ ବିବିଧ ଭାବ ଚେତନାକୁ ନେଇ ରଚିତ ହୋଇଥିଲେ ହେଁ ଅଧିକାଂଶ ଗଳ୍ପରେ ଓଡ଼ିଶାର ଜନଜୀବନର ଚିତ୍ର ପ୍ରତିଫଳିତ। ଓଡ଼ିଶାର ସାଂସ୍କୃତିକ ଜନଜୀବନରେ ପରିବର୍ତ୍ତିତ ସାମାଜିକ ଜୀବନ ଧାରାର ପ୍ରଭାବ ଏବଂ ଏହାର ନବମୂଲ୍ୟାୟନ କରିବା ସହିତ ପାରମ୍ପରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ତାଙ୍କର କଥା ସୃଷ୍ଟିରେ ପ୍ରଚେଷ୍ଟା କରିଥାନ୍ତି । ବିଶେଷ କରି ତାଙ୍କର ଅଧିକାଂଶ ଗଳ୍ପରେ ନାରୀ ଚରିତ୍ରଗୁଡ଼ିକ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ପାଇଁ ଅଧିକ ସଚେତନଶୀଳ ମନେ ହୁଅନ୍ତି ।ବାସ୍ତବିକ୍ ଓଡ଼ିଶାର ପାରିବାରିକ, ସାମାଜିକ,ସାଂସ୍କୃତିକ,ଓ ଧର୍ମୀୟ ଚେତନାରେ ପରମ୍ପରା କ୍ରମେ ପ୍ରଚଳିତ ଓଡ଼ିଆ ଜାତିର ଐତିହ୍ୟ ପରମ୍ପରା ଓ ଆତ୍ମଗୌରବବୋଧକୁ ତୋଳି ଧରିବାରେ ତାଙ୍କ ଗଳ୍ପଗୁଡ଼ିକ ଯେପରି ସମର୍ଥ ସେହିପରି ସିଦ୍ଧହସ୍ତ ବୋଲି ନିର୍ଦ୍ୱନ୍ଦରେ କୁହାଯାଇପାରେ ।

ସହାୟକ ଗ୍ରନ୍ଥସୂଚୀ :-

୧. ହୋତା, ସାତକୋଡ଼ି – ଓଡ଼ିଆ ଜାତୀୟତାର ଉତ୍ସ,/ଲାର୍କ ବୁକ୍ସ /ଭୁବନେଶ୍ୱର/୨୦୧୭ ।

୨. ବାରିକ,ଡଃ କବିତା - ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ: ଏକ ତାତ୍ତ୍ୱିକ ବିଶ୍ଳେଷଣ/ବିଦ୍ୟାପୁରୀ,କଟକ / ୨୦୧୭ ।

୩ . ପ୍ରଧାନ,ଡଃ କୃଷ୍ଣଚନ୍ଦ୍ର- ଓଡ଼ିଆ କଥା କଳ୍ପନାର ଦିଗ ଓ ଦିଗନ୍ତ /ସତ୍ୟନାରାୟଣ ବୁକ ଷ୍ଟୋର,କଟକ/୨୦୧୦ ।

୪ . ରାୟ,ପ୍ରତିଭା- ଶ୍ରେଷ୍ଠ ଗଳ୍ପ /ଟାଇମ ପାଶ, ଭୁବନେଶ୍ୱର/ ୨୦୧୭ ।

୫. ରାୟ, ପ୍ରତିଭା - ଝୋଟିପକା କାନ୍ଥ – ଆଦ୍ୟା ପ୍ରକାଶନୀ,କଟକ/୨୦୨୧ ।

୬ . ରାୟ,ପ୍ରତିଭା- ଭଗବାଁର ଦେଶ /ଆଦ୍ୟା ପ୍ରକାଶନୀ,କଟକ/ ୨୦୧୫ ।

୭. ରାୟ,ପ୍ରତିଭା- ଅବନ୍ତୀରୁ ନୀଳାଚଳ /ଆଦ୍ୟା ପ୍ରକାଶନୀ,କଟକ/୨୦୨୧ ।

❖❖❖

# ବୌଦ୍ଧଧର୍ମ ଆଧାରିତ ଗଳ୍ପରେ ସୁରେନ୍ଦ୍ର ମହାନ୍ତିଙ୍କ ଦୃଷ୍ଟି ଦର୍ଶନ

ISSN-2583-6978
Volume-4
Issue-12
DECEMBER-2024

**ଭାଗ୍ୟଶ୍ରୀ ଦାଶ**

**ସ୍ଥାନ: ବଳରାମପୁର, କୁଜଙ୍ଗ**
**ଯୋଗାଯୋଗ:୮୪୫୫୦୪୨୧୮୨**

ଗଳ୍ପ ଶବ୍ଦ ଶୁଭିଲା ମାତ୍ରେ ଲୋକ ପ୍ରାଣରେ ଉନ୍ମାଦନା ଓ ଉତ୍ସୁକତାର ଭାବଧାରା ବହି ଆସିଥାଏ। ଗଳ୍ପ କହିବା ଓ ଶୁଣିବାର ଏ ଯେଉଁ ଭାବଧାରା ଲୋକ ପରଂପରା ଅର୍ଥାତ୍ ଲୋକ କାହାଣୀ ରୁ ସୃଷ୍ଟି ହୋଇଛି, ସାଂପ୍ରତିକ ସମୟରେ ଶିକ୍ଷିତ ନାମଧାରୀ ବ୍ୟକ୍ତି ବିଶେଷ ଏହି ପରଂପରାରୁ ବିଚ୍ୟୁତ ହୋଇନାହାନ୍ତି। ବରଂ ସମୟ ସହିତ ତାଳଦେଇ କଥାକୁ ନୂଆରୂପ ଦେବାରେ ଏକ ଅଭିନବ ଭୂମିକା ନିର୍ବାହ କରିଆସିଛନ୍ତି। ଏହାର ପ୍ରମାଣ ମିଳିଥାଏ ସାଂପ୍ରତିକ ସମୟରେ ପ୍ରତିଷ୍ଠିତ ଗାଳ୍ପିକ ନିଜର ସ୍ୱକୀୟ ଶୈଳୀ, ଚିନ୍ତାଧାରା, ଭାବନାକୁ ସମୟାନୁଯାୟୀ ବା ଗତାନୁଗତିକ ସମାଜ ସହିତ ପାଦ ମିଳାଇ ଚାଲିଲା ବେଳେ ଗଳ୍ପର ଆଭିମୁଖ୍ୟ ଯେ ମନୋରଞ୍ଜନ, ତାହାକୁ ପାସୋରି ଦେଇନାହାନ୍ତି। ଓଡ଼ିଆ ଗଳ୍ପ ସାହିତ୍ୟ ହେଉ ବା ଯେକୌଣସି ଭାରତୀୟ ସାହିତ୍ୟ ହେଉ,ଏହା ପ୍ରଥମେ ନିଜ ଅଞ୍ଚଳର ପରିସୀମାବଦ୍ଧତାରୁ ଆରମ୍ଭ ହୋଇ ଧୀରେଧୀରେ ବିଶ୍ୱବ୍ୟାପୀ ହୋଇଥାଏ। ଓଡ଼ିଆ ଗଳ୍ପ ସାହିତ୍ୟରେ ମଧ୍ୟ ସେହିପରି ଏକ ପ୍ରାଚୀନ ପରଂପରା ରହିଛି। ଓଡ଼ିଆ ଗଳ୍ପ ସାହିତ୍ୟ ପୌରାଣିକ କଥାରୁ ନିଜର ଗଳ୍ପର ଚିନ୍ତାଶୀଳ ଭାବନା ଆରମ୍ଭ କରିଥିଲେ ହେଁ କାଳାନୁକ୍ରମିକ ମଣିଷର ଜୀବନଶୈଳୀ ସହିତ ଜଡିତ ହେବାରେ ଲାଗିଲା। ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କଲେ ଗଳ୍ପଗୁଡ଼ିକ ଯେପରି ମଣିଷର ଅନ୍ତର ତତ୍ତ୍ୱକଥାକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବାରେ ନିଜର ସାମର୍ଥ୍ୟ ପ୍ରଦର୍ଶନ କରୁଛି।

ସାଂପ୍ରତିକ ସମାଜର କଥା କହିଲା ବେଳେ ମନକୁ ପ୍ରଥମେ ଆସେ ଧରାବନ୍ଧା ଜୀବନରେ ଅସହ୍ୟ ଯନ୍ତ୍ରଣା। ଏହି ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇଁ ମଣିଷ ଖୋଜେ ଶାନ୍ତି,ଲୋକାଳୟରୁ ଚିର ବିଦାୟ। ଏ ଅନୀତି, ଅଧର୍ମ, ଅନ୍ୟାୟରୁ ନିଜକୁ ଏବଂ ନିଜ ଚିତ୍ତସତ୍ତାକୁ ମୁକ୍ତ ରଖିବା ନିମନ୍ତେ ଧର୍ମ ଦର୍ଶନକୁ ଗ୍ରହଣ କରିଛନ୍ତି।ଭାରତୀୟ ଧର୍ମ ଦର୍ଶନ, କିମ୍ବା ଓଡ଼ିଶାର ଧର୍ମ ଦର୍ଶନ ହେଉ ବିଶ୍ୱ ଦରବାରରେ ଏହା ପରିଚିତ। ସବୁ ଧର୍ମର ସମନ୍ୱୟ ଉତ୍କଳ। ଏହି ଧର୍ମମାନଙ୍କ ମଧ୍ୟରେ ଓଡ଼ିଶାର ଏକ ପ୍ରଭାବଶାଳୀ ଧର୍ମ ଭାବରେ ବୌଦ୍ଧଧର୍ମ ନିଜକୁ ପ୍ରତିଷ୍ଠା କରିପାରିଛି। ଏହି ଧର୍ମ ଓଡ଼ିଶା, ତଥା ଓଡ଼ିଶାର କଳା ସଂସ୍କୃତି ଉପରେ ପ୍ରଭାବ ପକାଇବା ସହିତ ଓଡିଆ ଭାଷା ଓ ସାହିତ୍ୟ ଉପରେ ସମାନ ଭାବରେ ପ୍ରଭାବ ପକାଇଛି। ଏହା ଓଡ଼ିଶାର ମାନଚିତ୍ରରେ ଏକ ଅଦ୍ୱିତୀୟ ସ୍ଥାନ ସୃଷ୍ଟି କରିଛି। ଅନ୍ୟ ଅର୍ଥରେ ଦେଖିଲେ ବୌଦ୍ଧଧର୍ମ ଯେ ଭାରତୀୟ ସଂସ୍କୃତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏହାର ପ୍ରମାଣ ଆମେ ବିଷ୍ଣୁଙ୍କ ଦଶାବତାର ମଧ୍ୟରୁ ନବମ ଅବତାର ରୂପେ ବୁଦ୍ଧଦେବଙ୍କୁ ଗ୍ରହଣ କରାଯାଇଛି।

**ବୌଦ୍ଧଧର୍ମ:-**

ବୁଦ୍ଧଦେବ ବୌଦ୍ଧଧର୍ମର ପ୍ରତିଷ୍ଠାତା ଓ ଧର୍ମ ସଂସ୍ଥାପକ ଥିଲେ। ବୌଦ୍ଧ ଧର୍ମାବଲମ୍ବୀମାନଙ୍କମଧ୍ୟରେ ବୁଦ୍ଧ ସର୍ବଶ୍ରେଷ୍ଠ। ବୁଦ୍ଧ ବା ବୁଧ ଶବ୍ଦର ଅର୍ଥ ପାଲି ଭାଷାରେ ଉଠିଥିବା ବା ଆଲୋକିତ ଅର୍ଥକୁ ବୁଝାଇଥାଏ। ବୌଦ୍ଧଧର୍ମ ଏକ ଧର୍ମଦର୍ଶନ, ଯାହା ପାଲି ଭାଷାରେ ବୋଧଧର୍ମ ନାମରେ ଲିଖିତ ? ଏଥିରେ ଅନେକ ଧରଣର ପରଂପରା,ବିଶ୍ୱାସ ଓ ଆଚରଣ ରହିଛି। ଏହି ଧର୍ମ ଗୌତମ ବୁଦ୍ଧଙ୍କ ଶିକ୍ଷାକୁ ନେଇ ଗଠିତ। ବୌଦ୍ଧଧର୍ମର ଧର୍ମତତ୍ତ୍ୱ କହେ ସାଂସାରିକ ମୋହମାୟା ଅବିଦ୍ୟା । ଏହି ଅବିଦ୍ୟା ବିନାଶ କରି ନିର୍ବାଣ ବା ମୋକ୍ଷ ବା ବୁଦ୍ଧତ୍ୱ ପ୍ରାପ୍ତ କରିବା ଜୀବନର ଆଦର୍ଶ ହେବା ବାଞ୍ଛନୀୟ।

ସୁରେନ୍ଦ୍ର ମହାନ୍ତି ଓ ତାଙ୍କ ଗଳ୍ପର ଭାବଧାରା:-

ଗଦ୍ୟଶିଳ୍ପୀ ସୁରେନ୍ଦ୍ର ମହାନ୍ତି ଓଡିଆ ଗଦ୍ୟ ସାହିତ୍ୟର ବିଭିନ୍ନ ବିଭାଗକୁ ସ୍ୱକୀୟ ସାଧନାରେ ସମୃଦ୍ଧ କରିଥିଲେ ସୁଦ୍ଧା ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ତାଙ୍କ ପ୍ରଜ୍ଞାଦୀପ୍ତ ପ୍ରତିଭା ପାଠକଙ୍କୁ ଅଭିଭୂତ କରେ। ପରିସଂଖ୍ୟାନ ଦୃଷ୍ଟିରୁ ସେ ଗଳ୍ପ ସଂକଳନ ଅପେକ୍ଷା ଅଧିକ ଉପନ୍ୟାସର

ରଚୟିତା, କିନ୍ତୁ ଗଳ୍ପ ସାହିତ୍ୟରେ ଶ୍ରୀ ମହାନ୍ତିଙ୍କ ବ୍ୟକ୍ତିସତ୍ତା ବହୁଳ ମାତ୍ରାରେ ପରିଦୃଶ୍ୟମାନ ହୁଏ। ସ୍ୱୟଂ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ସ୍ୱକୀୟ ଗଳ୍ପ ସୃଷ୍ଟିର ଦ୍ୱିବିଧ ଲକ୍ଷଣକୁ ଉପଲବ୍ଧି କରି ବ୍ୟକ୍ତ କରି କହନ୍ତି - ଆଦ୍ୟ ଜୀବନରେ ତାଙ୍କର ଭାବ ଭୋଳା ଶିଳ୍ପୀର ପରିଚୟ ଉତ୍ତରକାଳକୁ ଦୃଶ୍ୟ ହୁଏନାହିଁ, ବରଂ ବେଦନା ବିଦଗ୍ଧ ସ୍ପର୍ଶୀତୁରତା ଓ ବେପରୁଆ ଦୃଷ୍ଟିଭଙ୍ଗୀ ଆଡମ୍ବରର ଔଜଲ୍ୟ ମଧ୍ୟରେ ହଜିଯାଇଛି।ତାଙ୍କ ଗଳ୍ପର ଆଭିମୁଖ୍ୟ ଅନୁଯାୟୀ ଏହାକୁ ଦୁଇଟି ପର୍ଯ୍ୟାୟରେ ପର୍ଯାୟଭୁକ୍ତ କରାଯାଇପାରେ:-

ଆତ୍ମବିହ୍ୱଳ ଭାବସମୃଦ୍ଧ ଗଳ୍ପ

ଆତ୍ମଚେତନା ଭାବସମୃଦ୍ଧ ଗଳ୍ପ

ଅପରପକ୍ଷରେ ଆଲୋଚନାର ସୌକର୍ଯ୍ୟ ଦୃଷ୍ଟିରୁ ତାଙ୍କ ରଚିତ ବାରଗୋଟି ଗଳ୍ପ ସଂକଳନରେ ଥିବା ଗଳ୍ପକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି:-

ପୌରାଣିକ ଆଖ୍ୟାନବସ୍ତୁ ଆଧାରିତ

ବୌଦ୍ଧଯୁଗୀୟ କଥାବସ୍ତୁ ଆଧାରିତ

ଐତିହାସିକ ପଟ୍ଟଭୂମି ଆଧାରିତ

କ୍ଷୟିଷ୍ଣୁ ସାମନ୍ତବାଦୀ ମାନସିକତା ଆଧାରିତ

ସମକାଳୀନ ସମସ୍ୟା ସମ୍ବଳିତ

ତାଙ୍କ ଦ୍ୱାରା ରଚିତ ବାରଗୋଟି ଗଳ୍ପ ସଂକଳନ ନିମ୍ନରେ ପ୍ରଦତ୍ତ କରାଯାଇଛି:-

ମହାନଗରୀର ରାତ୍ରି (୧୯୫୦)

କୃଷ୍ଣଚୂଡ଼ା (୧୯୫୧)

ରୁଟି ଓ ଚନ୍ଦ୍ର (୧୯୫୪)

ଶେଷ କବିତା (୧୯୫୫)

ସବୁଜ ପତ୍ର ଓ ଧୂସର ଗୋଲାପ (୧୯୫୮)

ମରାଳର ମୃତ୍ୟୁ (୧୯୬୨)

ଦୁଇ ସୀମାନ୍ତ (୧୯୬୩)

ଓଃ କାଲାକାଟା (୧୯୭୩)

କବି ଓ ନର୍ତ୍ତକୀ(୧୯୭୫)

ମାଂସର କୋଣାର୍କ (୧୯୮୧)

ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ (୧୯୮୫)

ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ( ୧୯୮୬)

ଗାଳ୍ପିକ ସୁରେନ୍ଦ୍ର ମହାନ୍ତିଙ୍କ ଦୃଷ୍ଟିରେ ବୌଦ୍ଧଧର୍ମଦର୍ଶନ:-

ଶ୍ରୀଯୁକ୍ତ ମହାନ୍ତି ଗଭୀର ଜୀବନ ଜିଜ୍ଞାସା ଉପଲବ୍ଧି କରି ବ୍ୟକ୍ତ କରିଛନ୍ତି:-"ଜୀବନ ପବିତ୍ର ଓ ଅନାବିଳ। ଜ୍ୟୋତ୍ସ୍ନାର ପ୍ରତିଫଳନ ଶିଶିର ବିନ୍ଦୁରେ ଯେତିକି ଲୋଭନୀୟ, ନର୍ଦ୍ଦମାରେ ସୁଦ୍ଧା ସେତିକି ପୁଣ୍ୟ ମଧ୍ୟରେ ଜୀବନ ଯେପରି ଶୁଭ୍ର ଓ ସୁନ୍ଦର,ପାପ ମଧ୍ୟରେ ବି ଜୀବନ ସେହିପରି ସ୍ୱଚ୍ଛ ଓ ରମଣୀୟ । ଦେହର ଜାନ୍ତବ କ୍ଷୁଧା ମଧ୍ୟରେ ମଧ୍ୟ ଜୀବନର ପୂଣ୍ୟମୟ ଉପଲବ୍ଧି ଅଛି।"

ବିଶେଷତଃ ସାଧନା ଓ ସଂଯମ ମଣ୍ଡିତ ତୁଚ୍ଛ ଅନୁଶାସନବଦ୍ଧ ବୌଦ୍ଧ ଭିକ୍ଷୁ ଓ ବୌଦ୍ଧଧର୍ମର ନିପୀଡନ ପ୍ରତି ଆକ୍ଷେପ କରି ବୌଦ୍ଧ ଯୁଗୀୟ ଚରିତ୍ର ଓ କାହାଣୀ ଗୁଡ଼ିକକୁ ସେ ଅତ୍ୟନ୍ତ ଜୀବନଧର୍ମୀ କରି ତୋଳିଛନ୍ତି। ନିର୍ବାଣ ପାଇଁ ଯେ ସାଂସାରିକ ବାସନା ତ୍ୟାଗ କରିବାକୁ ପଡ଼ିବ,ଏ ଚିନ୍ତାଧାରା ସେ ବିରୋଧ କରିଛନ୍ତି । ତତ୍ ସହିତ ବୌଦ୍ଧଧର୍ମ ଦର୍ଶନରେ ଥିବା ନିର୍ବାଣକୁ ମଧ୍ୟ ତାଙ୍କର କେତେକ ଗଳ୍ପରେ ସ୍ଥାନ ଦେଇଥିବାର ମଧ୍ୟ ଦୃଶ୍ୟମାନ ହୁଏ। ପ୍ରାୟତଃ ତାଙ୍କ ଗଳ୍ପରେ ବୌଦ୍ଧ ଧର୍ମାବଲମ୍ବୀ ନିର୍ବାଣ ପାଇଁ ଯେଉଁ ଶୁଷ୍କ ନିଷ୍ଠୁର ମାର୍ଗ ଚୟନ କରିଥିଲେ, ତା'ର ସତ୍ତା ଦିନକୁ ଦିନ ଅର୍ଥହୀନ ହୋଇପଡିଛି; ଏହାକୁ ସେ ନିଃସଂକୋଚରେ ବ୍ୟକ୍ତ କରିଛନ୍ତି। ଏହି ଚିନ୍ତାଧାରାକୁ ପାଥେୟ କରି ତାଙ୍କ ରଚିତ କେତେଗୋଟି ଗଳ୍ପ:- 'ଉଦ୍ରରାମପୁତ୍ର', 'ସାରୀପୁତ୍ତ','ଅମ୍ବାପଲ୍ଲୀ', 'ମଧୁମତ୍ତାର ରାତ୍ରି ', 'ପିତା ଓ ପୁତ୍ର','ମହାନିର୍ବାଣ'। ବୌଦ୍ଧଧର୍ମ ଦର୍ଶନ ସହିତ ନିଜସ୍ୱ ସ୍ୱକୀୟ ଦୃଷ୍ଟିଭଙ୍ଗୀର ସମନ୍ୱୟ କରି ଶ୍ରୀଯୁକ୍ତ ମହାନ୍ତି ଯେଉଁଗୁଡ଼ିକ ଗଳ୍ପ ରଚନା କରିଛନ୍ତି ତାହା ନିମ୍ନରେ ଆଲୋଚନା କରାଯାଇପାରେ।

**ଉଦ୍ରରାମପୁତ୍ର:-**

ଏହି ଗଳ୍ପଟିରେ ଅନେକ ଆଖ୍ୟାନ ଓ ଉପାଖ୍ୟାନ ଯୋଗ ହୋଇ କାହାଣୀର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥିଲେ ହେଁ ବୌଦ୍ଧଧର୍ମର ଏକ ସତ୍ୟ ଘଟଣା ଆଧାରିତ ଚରିତ୍ରକୁ ବିଷୟବସ୍ତୁର ମୁଖ୍ୟ ଅଙ୍ଗ ଭାବରେ ବର୍ଣ୍ଣନା କରାଯାଇଅଛି । ବିଷୟବସ୍ତୁ ରାମାୟଣ ଯୁଗର ରାଜା ଦଶରଥଙ୍କ ରାଜ୍ୟରେ ଅନାବୃଷ୍ଟିର ନିରାକରଣ ପାଇଁ ଆଜନ୍ମ ବ୍ରହ୍ମଚାରୀ ଋଶ୍ୟଶୃଙ୍ଗଙ୍କ ପାଦ ସ୍ପର୍ଶ ଅଯୋଧ୍ୟା ରାଜ୍ୟରେ କରାଇବା ଓ ରାଜକନ୍ୟା କାନ୍ତାଙ୍କୁ ଅର୍ପଣ କରିବା ଉପାଖ୍ୟାନ ସହ ସାମଞ୍ଜସ୍ୟ ରକ୍ଷା କରେ। ଗଳ୍ପଟିରେ ବିଷୟବସ୍ତୁକୁ କୌଣସି ପ୍ରାଧାନ୍ୟ ଦିଆଯାଇନାହିଁ ବରଂ ଜଣେ ସଂସ୍କାରକ ସାଧନା ନିଷ୍ଠ, ଜିତେନ୍ଦ୍ରୀୟ ନିର୍ବାଣକାମୀ ବୌଦ୍ଧଭିକ୍ଷୁ ବିଶ୍ୱକଲ୍ୟାଣ ପାଇଁ ସକଳ ତପଫଳ ଉତ୍ସର୍ଗ କରିଦେଇ ପରିଶେଷରେ କିପରି ଜୀବନର ଚିରନ୍ତନ ମଧୁର ଅନୁଭବ ଜାନ୍ତବ କାମନା ନିକଟରେ ଆତ୍ମସମର୍ପଣ କରିଛି,ସେହି ଭାବ ଉପରେ ପ୍ରାଧାନ୍ୟ ଦିଆଯାଇଛି।

ଉଦ୍ରରାମପୁତ୍ର ମହାଯୋଗୀ ବୌଦ୍ଧ ସନ୍ନ୍ୟାସୀ ,କଳିଙ୍ଗର ଅଧିବାସୀ ଥିଲେ ବୋଲି ଏହାର ପ୍ରମାଣ ଚୀନ୍ ପରିବ୍ରାଜକ ହୁଏନସାଂ ବିବରଣୀରୁ ମିଳିଥାଏ।ମଗଧ ରାଜ୍ୟକୁ ଅନାବୃଷ୍ଟି, ମହାମାରୀ,ଶତ୍ରୁ ଭୟ ଓ ଦୁର୍ଭିକ୍ଷରୁ ମୁକ୍ତ କରିବା ପାଇଁ ମାଣ୍ଡଳିକମାନଙ୍କ ପରାମର୍ଶକ୍ରମେ ତପସ୍ୟାଲବ୍ଧ ଶକ୍ତିରେ ଅମିତ ଶକ୍ତିର ଅଧିକାରୀ ଉଦ୍ରରାମପୁତ୍ରଙ୍କୁ କଳିଙ୍ଗର ମହାକାନ୍ତାରରୁ ମଗଧକୁ ନିଆଯାଇଛି ।ମହାଯୋଗୀ ଉଦ୍ରରାମପୁତ୍ରଙ୍କ କୃପାମୟ ଦୃଷ୍ଟି ମଗଧକୁ ସକଳ ସଂକଟରୁ ମୁକ୍ତ କରିଛି। ତତ୍କାଳୀନ ସାମାଜିକ ବିଧି ବ୍ୟବସ୍ଥା ଅନୁସାରେ ମଗଧର

ରାଜମହିଷୀ ତାଙ୍କୁ ସୁଲଭୀ ସୁରତି ପ୍ରଦାନ କରିଛନ୍ତି । ଉଦ୍ରାମପୁତ୍ରଙ୍କର ସଂଯମ ମଣ୍ଡିତ କାୟା ଏ ଅନୁଭବକୁ ଅନିର୍ବାଚନୀୟ ଶୂନ୍ୟତା ମଧ୍ୟରେ ଅହଂତ୍ୱକୁ ମୁକ୍ତି ପ୍ରଦାନ କରୁଛି ବୋଲି ସ୍ୱୀକାର କରିଛନ୍ତି । ସୁଲଭାଙ୍କ ସହ ଏ ସଂପର୍କ ଚିରସ୍ଥାୟୀ ହେବାର କାମନା ବିଫଳ ହେବାରୁ ସେ ତପୋଭ୍ରଷ୍ଟ ହୋଇ ନିରୁଦ୍ଦିଷ୍ଟ ପଥର ଯାତ୍ରୀ ହୋଇପଡିଛନ୍ତି । ଜୀବନର ଏକ ଚିରନ୍ତନ ସତ୍ୟ ହିଁ ଗଳ୍ପଟିର ମାର୍ମିକ ଭାବଧାରା ।

**ସାରୀପୁତ୍ତ:-**

ସାରୀପୁତ୍ତ ଗଳ୍ପରେ ଜୀବନ ଜଞ୍ଜାଳ , କାମନା ବାସନା, ମୋହ ଠାରୁ ଉର୍ଦ୍ଧ୍ୱରେ ନିର୍ବାଣ ଯେ ଏକ ପବିତ୍ର ଉନ୍ମାଦନା ସୃଷ୍ଟି କରେ, ତାହା ଚିତ୍ରାୟିତ କରାଯାଇଛି । ସାଂପ୍ରତିକ ପରିସ୍ଥିତିରେ ପଥଭ୍ରଷ୍ଟ ସମାଜର ବ୍ୟକ୍ତିମାନେ ଯୁଗୀୟ ପରିବର୍ତ୍ତନ ସ୍ରୋତରେ ନିଜକୁ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ କରି ସଭ୍ୟ ବୋଲି ଯେଉଁ ରଂଗବେରଂଗୀର ପୋଷାକ ପରିଧାନ କରିଛନ୍ତି ସେମାନେ ନିଜ ଅନ୍ତରର ଚିତ୍ତ ସତ୍ତାକୁ ଆଧାତ୍ମିକ ମାର୍ଗରେ ଗତି କରାଇ ସଂଯମତାର ପୋଷାକ ପରିଧାନ କରିପାରିବେ,ଏହା ଏହି ଗଳ୍ପର ଏକ ଅନ୍ତର୍ଦୃଷ୍ଟି ବୋଲି ବିବେଚିତ ।ସାରୀପୁତ୍ତ ଗଳ୍ପରେ ରୂପଶ୍ରୀର ମାତୃ ହୃଦୟର ଯେଉଁ ଅପୂର୍ବ ମମତା ଭରା ଆଲେଖ୍ୟ ରହିଛି ତାହା ଖୁବ୍ ମାର୍ମିକ ।ପୁତ୍ର ସାରୀପୁତ୍ତ ପଥ ଚାହିଁ ବସିଛି, ସେ ନିର୍ବାଣ ଚାହେଁ ନାହିଁ ; ଚାହେଁ 'ଜୀବନ', ସଂସାରର ମୋହ ଗ୍ରସ୍ତ ପରିପୂର୍ଣ୍ଣ ଜଞ୍ଜାଳ । କିନ୍ତୁ ସାରୀପୁତ୍ତ ଜୀବନର ବ୍ୟର୍ଥତାକୁ ଅନୁଭବ କରିଛି । ଗୌତମ ବୁଦ୍ଧଙ୍କ ଯନ୍ତ୍ରଣାକ୍ଲିଷ୍ଟ ଜୀବନର ଅସାରତା ଓ ନିର୍ବାଣତତ୍ତ୍ୱରେ ପ୍ରଭାବିତ ହୋଇ ସାରୀପୁତ୍ତ ଗୃହ ତ୍ୟାଗ କରି ସଂଘରେ ଅନ୍ତର୍ଭୁକ୍ତ ହୋଇଛି ।ମା'ରୂପଶ୍ରୀର କୋମଳ ମାତୃ ହୃଦୟ ପୁତ୍ରର ବିଚ୍ଛେଦ ଓ ଘର ବାହୁଡାର ଅପେକ୍ଷାରେ ଆତ୍ମ ଜର୍ଜରିତ ହୋଇଛି । ସାଂସାରିକ ମୋହ ଗ୍ରସ୍ତ ଜୀବନ ବଞ୍ଚିବା ପାଇଁ ରୂପଶ୍ରୀ ଯେଉଁ ଆଶା ରଖିଥିଲା,ତାହା ଭୟ ଶଙ୍କାର ଏକ ରୂପରେଖ ଭାବରେ ତା' ସମ୍ମୁଖରେ ଦଣ୍ଡାୟମାନ ହେଲା । ମାତୃ ହୃଦୟ ବ୍ୟାକୁଳ କାଳେ ପୁତ୍ରର, ପରିବାରର କିଛି ରିଷ୍ଟ ଅଛି ଭାବି ବ୍ରାହ୍ମଣଙ୍କୁ ଅର୍ଘ୍ୟ ପ୍ରଦାନ କରିଛି ।ପୁତ୍ର ସାରୀପୁତ୍ତ ଫେରିଛି କିନ୍ତୁ ରୂପଶ୍ରୀର ପୁଅ ହୋଇ ନୁହେଁ, ଗୌତମୀ ପ୍ରଜାପତିଙ୍କ ସହକର୍ମିଣୀଙ୍କ ନିମନ୍ତେ ଭିକ୍ଷା ଆଦାୟ କରିବାକୁ ଆସିଥିବା ଭିକ୍ଷୁକ ଭାବରେ । ଭିକ୍ଷା ଆଶାୟୀ ଭିକ୍ଷୁକ ପୁଅକୁ ମାତୃ ହୃଦୟ ଏକ ଆର୍ତ୍ତନାଦ କରି କହିଛି:-"କୋଟିକୋଟି ପ୍ରାଣରେ ଅଶାନ୍ତି ଓ ଅତୃପ୍ତିର ଦାବାନଳ ଜଳାଇ ଯେଉଁ ସଂଘର ପ୍ରତିଷ୍ଠା,ସେ ସଂଘ ରହିବ ନାହିଁ ଭିକ୍ଷୁ ।ଏ ମୋର ଅଭିଶାପ ।"

ଏହି ଅଭିଶାପ ଯେପରି ସତରେ ଜୀବନର ବାର୍ତ୍ତା କୁ ଚେତାବନୀ ଆକାରରେ କହୁଛି । ଜୀବନ ମାନେ ଯନ୍ତ୍ରଣା,ଜୀବନ ସହିତ ପାଦ ପକାଇ ଯନ୍ତ୍ରଣା ଚାଲେ;ଏହାର ଅର୍ଥ ନୁହେଁ ସାଂସାରିକ ମୋହ ମାୟା ତ୍ୟାଗ କରି ଜୀବନର ଯୁଦ୍ଧ ଭୂମିଛାଡି ସନ୍ନ୍ୟାସ ବ୍ରତ ଗ୍ରହଣ କରିବା । ଜନ୍ମ ମରଣର ଏ ଅତୁଟ ତତ୍ତ୍ୱ ମଧ୍ୟରେ ଜୀବନ ତତ୍ତ୍ୱକୁ ମଧ୍ୟ ଗ୍ରହଣ କରିବାକୁ ହେବ ।

**ଅମ୍ବାପଲ୍ଲୀ:-**

ଏହି ଗଳ୍ପରେ ତତ୍କାଳୀନ ସାମାଜିକ ବିଧି ବ୍ୟବସ୍ଥା ନିକଟରେ ସମର୍ପିତ ଅସହାୟ ନାରୀତ୍ୱର ଆହତ ଆତ୍ମଲିପି । ଅମ୍ବାପଲ୍ଲୀ ରୂପଶ୍ରୀ ପରି କେବଳ ମାତା ନୁହେଁ,ରୂପଜୀବୀ ମଧ୍ୟ ।"ପରିତ୍ୟକ୍ତା ଯୌବନର ଉପେକ୍ଷିତ ଶିଶୁକୁ ଭିକ୍ଷୁ 'ଜୀବକ' ରୂପରେ ଦେଖି ତାହାର ମାତୃତ୍ୱ ବିଳାପ କରି ଉଠିଛି ।"କାରଣ ସେ ଚାହିଁଛି ତାହାର କୁତ୍ସିତ ଅତୀତଟାକୁ ସାର୍ଥକ କରିବା ପାଇଁ । ଅମ୍ବାପଲ୍ଲୀ ଥିଲା ବିଦୁଷୀ । ଜୀବନର ବ୍ୟର୍ଥତା ଓ ହା'ହୁତାଶକୁ ତିଳେ ତିଳେ ଉପଲବ୍ଧି କରି ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ବିଭୂତି ସତ୍ତ୍ୱେ ସେ ଜୀବନ ବିଦ୍ୱେଷୀ ହୋଇପଡିଛି । ତା'ର ବଞ୍ଚିତ ମାତୃତ୍ୱର ଆହତ ସ୍ୱାକ୍ଷର 'ଜୀବକ' ଯାହାକୁ ଦିନେ ସେ ଆହତ ଅଭିମାନରେ ପରିତ୍ୟାଗ କରି ଦେଇଥିଲା ।ତାକୁ ଅତି ନିକଟରେ ପାଇ ସୁଦ୍ଧା ମାତୃତ୍ୱର ଉତ୍ତାପ ପ୍ରଶମିତ କରିପାରୁନାହିଁ ।ଦେହ ସର୍ବସ୍ୱ ହେବା ପାଇଁ ତତ୍କାଳୀନ ସମାଜ ଅନୁବନ୍ଧିତ କରିଥିଲେ ସୁଦ୍ଧା ଆତ୍ମାର ତୀବ୍ର ଆହ୍ୱାନ ତାକୁ ଉନ୍ମନା କରିଛି ।ଏକ ପକ୍ଷରେ ତା'ଶରୀରକୁ ବନ୍ଦନା କରୁଥିବା ବିମ୍ବିସାର ଓ ଅନ୍ୟପକ୍ଷରେ ଶରୀରର କାମନା ବାସନାକୁ ତୁଚ୍ଛ କରି ଆତ୍ମାର ଉର୍ଦ୍ଧ୍ୱ ଗତି ପାଇଁ ସନ୍ଦେଶ ପ୍ରଦାନ କରୁଥିବା ଗୌତମ ବୁଦ୍ଧ । କେଳି ଗୃହରେ ପ୍ରତୀକ୍ଷାରତ ବିମ୍ବିସାରକୁ କରି ସେ ବୈଶାଳୀ ରାଜପଥକୁ ଧାଇଁ ଯାଇ ବୁଦ୍ଧଦେବଙ୍କ ପାଦତଳେ ଲୋଟି ପଡ଼ିଚି । ପରମ କାରୁଣିକ ଗୌତମ ବୁଦ୍ଧ ଅମ୍ବାପଲ୍ଲୀର ଆତିଥ୍ୟ କୁ ସ୍ୱୀକାର କରି ତା'ର ନୃତ୍ୟ ମନ୍ଦିରରେ ଆତିଥ୍ୟ ଗ୍ରହଣ କରିଛନ୍ତି । ଏଥିରେ ପ୍ରବୃତ୍ତି ସହିତ ନିବୃତ୍ତିର, ମହାକାଳ ସହିତ ମୁହୂର୍ତ୍ତର, ଜୀବନ ସହିତ ନିର୍ବାଣର ମହା ମିଳନ ଘଟିଛି । ଅମ୍ବାପଲ୍ଲୀକୁ ସଂଘ ଭୁକ୍ତ କରିଛନ୍ତି ଗୌତମ ବୁଦ୍ଧ ।

ସାରୀପୁତ୍ତ ଗଳ୍ପରେ ଗୋଟିଏ ଆହତ ମାତୃତ୍ୱର ବିଳାପ ରହିଛି କିନ୍ତୁ ଅମ୍ବାପଲ୍ଲୀର ଗଳ୍ପଟିରେ ଉପେକ୍ଷିତ ନିଷ୍ପେଷିତ ନାରୀ ସତ୍ତାର ଆତ୍ମ ଲିପି । ଏଠାରେ ସକଳ ଯନ୍ତ୍ରଣାକୁ ଅନ୍ତର୍ଗଭିତ କରି ବୈଶାଳୀ ଜନତାର ଚିତ୍ତ ବିନୋଦନ କରୁଥିବା ବିଦ୍ୱଷୀ ଅମ୍ବାପଲ୍ଲୀର ଉତ୍ତୀର୍ଣ୍ଣ ଚେତନା ଚିତ୍ରିତ ।

**ମଧୁମତ୍ତାର ରାତ୍ରି:-**

ଏହି ଗଳ୍ପର ପ୍ରତିପାଦ୍ୟ ବିଷୟ ହେଲା ମୋହ ଗ୍ରସ୍ତ ମାୟା ।ନିର୍ବାଣ-'ବୁଦ୍ଧିଗ୍ରସ୍ତ ମନର ପରିକଳ୍ପନା '।ପଞ୍ଚଭୂତରେ ତିଆରି ଏ ଦେହ ପଞ୍ଚଭୂତରେ ଲୀନ ହୋଇଯିବ; କିନ୍ତୁ ଜୀବନରେ ପୁନର୍ଜନ୍ମ ନାହିଁ ।ଏଇ ଜୀବନ ହିଁ ଏକମାତ୍ର ସତ୍ୟ ।

'ମଧୁମତ୍ତାର ରାତ୍ରି ' ଗଳ୍ପ ନାରୀ ପ୍ରତି ଚିରାଚରିତ ବିଚାର ଧାରାର ଏକ ନୀରବ ବିଦ୍ରୋହ ।ଏ ଜନ୍ମରେ ନହେଲେ ସୁଦ୍ଧା ନାରୀ ପ୍ରତି ହେଉଥିବା ସାମାଜିକ ବିଧି ବ୍ୟବସ୍ଥାର ମୌନ ପ୍ରତିବାଦ କରି ପରଜନ୍ମରେ ନାରୀତ୍ୱର ମହନୀୟ ଆବେଦନକୁ ଗଣଭୋଗ୍ୟା

ନାରୀଟିଏ ଅନୁଭବ କରିବା ପାଇଁ ବ୍ୟାକୁଳ ହୋଇପଡିଛି, ତାହା ମଧୁମତ୍ତାର ଚରିତ୍ର ମାଧ୍ୟମରେ ଚିତ୍ରିତ କରାଯାଇଛି।ଅନ୍ୟ ଏକ ଜୀବନର ଅନୁସନ୍ଧାନ ପାଇଁ ନିର୍ବାଣ ତତ୍ତ୍ୱର ଅଧିକାରୀ ବୌଦ୍ଧ ସନ୍ନ୍ୟାସୀ ମାନଙ୍କୁ ବାରମ୍ବାର ଏକ ପ୍ରଶ୍ନ ପଚାରିଛି-ପରଜନ୍ମ। ତା'ର କାମନା ଥିଲା ଏକ ନାମହୀନ ଜନପଦର ଅଖ୍ୟାତ ଅଜ୍ଞାତ କୋଣରେ କେଉଁ ଏକ ସାମାନ୍ୟ ପରିଚ୍ଛନ୍ନ ,ଶୁଭ୍ର ଅଙ୍ଗନ।ମାତ୍ର ବୌଦ୍ଧଧର୍ମର ଶୁଦ୍ଧ ସନ୍ନ୍ୟାସୀ 'ଉପକ'ର ହୃଦୟ କୁ ମଧୁମତ୍ତା ନିଜର ମୋହ ମାଧୁର୍ଯ୍ୟ ଆକର୍ଷିତ କଲାପରେ ସେ ଅନୁଭବ କରିଛି ଏ ଶୀଳତା,ସଂଯମତା, ନୀତି ସବୁ ଅଳିକ ଓ ବ୍ୟର୍ଥ।ଏହା ଅନୁଭବ କରି ମଧୁମତ୍ତାର ଯୌବନୋଦ୍ଧତ ଦେହ ବଲ୍ଲରୀ ଆଲିଙ୍ଗନରେ ଜୀବନର ସତ୍ୟତା ଅନୁଭବ କରିବାର ବ୍ୟଗ୍ର ହୋଇପଡ଼ିଛି। ସନ୍ୟାସୀର ଶୁଦ୍ଧ ପୁଣ୍ୟ ଜୀବନଯାପନ ମଧ୍ୟରେ ଦେହ ଓ ଦାହର ଏ ତୀବ୍ର ସଂଘାତ ଉପକକୁ ଜଣେ ସ୍ଖଳିତ ଭିକ୍ଷୁ ବୋଲି ଯେତିକି ସାବ୍ୟସ୍ତ କରିନାହିଁ, ତା'ର ଚିତ୍ତ ଚାଞ୍ଚଲ୍ୟ,ବେପଥୁ ଓ ଶିହରଣ ତାକୁ ଅଧିକ ଜୀବନ ଧର୍ମୀ କରିଛି।

**ପିତା ଓ ପୁତ୍ର:-**

'ପିତା ଓ ପୁତ୍ର 'ଗଳ୍ପଟି ତାଙ୍କର ରଚିତ ଗଳ୍ପମାନଙ୍କ ମଧ୍ୟରେ ଚର୍ଚ୍ଚିତ ଗଳ୍ପ।ପିତୃତ୍ୱ ପ୍ରଦାନ କରୁଥିବା ପୁତ୍ରକୁ ହତ୍ୟା କରିବା ପାଇଁ ପିତା ଯଦି ଚେଷ୍ଟିତ ହୁଏ, ତାହାହେଲେ ସମାଜର ପ୍ରତି ବ୍ୟକ୍ତି ଉପଲବ୍ଧି କରିବା ଦରକାର ଏହା ବ୍ୟକ୍ତିସ୍ୱାର୍ଥ ସହିତ ଆଦୌ ଜଡ଼ିତ ନୁହେଁ। ଏଭଳି ପରିକଳ୍ପନା ଟିଏ ଆସିବା ମାତ୍ରକେ ହୃଦୟରେ ଯେଉଁ ଆଲୋଡନ ସୃଷ୍ଟି ହୋଇଥିବ, ଏହା କେବଳ ତାଙ୍କ ଅସହାୟତାର ଚିତ୍ର।

ଏହି ଗଳ୍ପଟିରେ ବୌଦ୍ଧ ଧର୍ମୀୟ ଦର୍ଶନ , ଆଦର୍ଶର ବ୍ୟାଖ୍ୟା ନାହିଁ। ମଗଧ ରାଜା ଅଜାତଶତ୍ରୁଙ୍କର ପୁତ୍ର 'ଉଦାୟୀ' ଓ ତାଙ୍କର ପରବର୍ତ୍ତୀ ତିନି ଜଣ ପିତୃହନ୍ତା ଥିଲେ। ପ୍ରଜାମାନେ ଏଥିରେ ଉତ୍ତେଜିତ ହୋଇ କାଶୀରାଜା ଶିଶୁନାଗଙ୍କୁ ମଗଧର ସିଂହାସନରେ ଅଭିଷିକ୍ତ କରାଇଥିଲେ।ଇତିହାସର ଚିରାଚରିତ ସତ୍ୟ ଘଟଣାକୁ ଆଧାର କରି ଗଳ୍ପ ରଚିତ। ସ୍ରଷ୍ଟା ଯେତେ ନିଷ୍ଠୁର ନିର୍ମମ ନିଷ୍କରୁଣ ହେଲେ ସୁଦ୍ଧା ନିଜ ସୃଷ୍ଟି ନିକଟରେ ସେ ସର୍ବଦା ଅସହାୟ, କ୍ଷମାସ୍ନିଗ୍ଧ ଓ କରୁଣାମୟ;କିନ୍ତୁ ପିତୃତ୍ୱର ଅନୁଭବ ନହେବା ଯାଏ ସ୍ରଷ୍ଟାର ଏ ଅମୃତ ମୟ ଉପଲବ୍ଧି ଆସେ ନାହିଁ । ଏହି ଗଳ୍ପରେ ସେହି ଚିତ୍ର ବିମ୍ବିସାର ଓ ଅଜାତଶତ୍ରୁ ମାଧ୍ୟମରେ ଦିଆଯାଇଛି।ପିତୃହନ୍ତା ହେବାର ଆଶଙ୍କା କରି ପିତା ବିମ୍ବିସାର ପୁତ୍ର ଅଜାତଶତ୍ରୁଙ୍କୁ ଗର୍ଭରେ ଥିଲାବେଳେ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ଜନଶ୍ରୁତିର ଏହି ସଂବାଦ ପାଇ ତାଙ୍କୁ ଅନାହାରରେ ହତ୍ୟା କରିବା ପାଇଁ ପୂତିଗନ୍ଧ ମୟ କାରାଗାରେ ନିକ୍ଷେପ କରିଛନ୍ତି।ମାତ୍ର ଯେତେ ବେଳେ ନିଜେ ସେ ପିତୃତ୍ୱର ଅଧିକାରୀ ହେଲେ ପିତୃତ୍ୱ ହୃଦୟର ବିଶାଳତା ଓ ମହାନତାକୁ ଉପଲବ୍ଧି କରି,ନିଜର ପିତାଙ୍କ ଠାରୁ କ୍ଷମା ପ୍ରାର୍ଥନା କରିବା ପାଇଁ କାରାଗାରକୁ ଧାବମାନ କଲେ। କିନ୍ତୁ ବିଧିର ବିଡମ୍ବନା , ସେତେବେଳକୁ କ୍ଷୁଧା ଓ ତୃଷ୍ଣାରେ ପିତା ବିମ୍ବିସାର କାରାଗାରରେ ପ୍ରାଣତ୍ୟାଗ କରିସାରିଛନ୍ତି। ଅଜାତ ଶତ୍ରୁଙ୍କ ଗର୍ବ ଓ ଅହଂକାର କ୍ଷଣକ ମଧ୍ୟରେ ଦର୍ପିଭୂତ ହୋଇଗଲା।

**ମହାନିର୍ବାଣ:-**

'ମହାନିର୍ବାଣ' ଗଳ୍ପରେ ବୌଦ୍ଧ ଭିକ୍ଷୁକ ନୀଳୋତ୍ପଳ ଶତ ସାଧନା,ସଂଯମତା ମଧ୍ୟରେ ନିର୍ବାଣ ବା ଅନ୍ତରାତ୍ମା ପାଇବା ପାଇଁ ଶତ ଚେଷ୍ଟା କରିଥିଲେ ହେଁ ଏହାକୁ ସେ ମଧୁବ୍ରତାର ସାନିଧ୍ୟରେ ପ୍ରାପ୍ତ କରିଛି । ପ୍ରବୃତ୍ତି ଓ ନିବୃତ୍ତି ମଧ୍ୟରେ ଏ ଯେଉଁ ଆତ୍ମ ସଂଘର୍ଷ ଏହି ଗଳ୍ପରେ ଘଟିଛି, ସେଥିରେ ପ୍ରବୃତ୍ତି ବିଜୟ ଲାଭ କରିଛି।ନିର୍ବାଣ ଅପେକ୍ଷା ଜୀବନ ଏଠାରେ କାମ୍ୟ ହୋଇଉଠିଛି। କିନ୍ତୁ ଏହାଦ୍ୱାରା ନୀଳୋତ୍ପଳ ବୌଦ୍ଧଧର୍ମ ଦର୍ଶନରୁ ବିଚ୍ୟୁତ ହୋଇ ବ୍ରହ୍ମଦଣ୍ଡ ଭୋଗ କରିଛି। ଜୀବନର କ୍ଷଣ ଭଙ୍ଗୁରତା ଉପଲବ୍ଧି ପାଇଁ ଘୋର ଶ୍ମଶାନରେ ଅଶୁଭ ଭାବନା ଅଭ୍ୟାସ କରିବାକୁ ହୁଏ।ନୀଳୋତ୍ପଳ ଏହି ଅଶୁଭ ଭାବନାରେ ସିଦ୍ଧତା ହାସଲ କରିବା ପରେ ମଧ୍ୟ ମଧୁବ୍ରତାର ଉଲଗ୍ନ ଶବ ପିଣ୍ଡକୁ ଚୁମ୍ବନ କରି ନିଜର ସମସ୍ତ ଶୀଳତା ଓ ସଂଯମତାକୁ ପୁନର୍ବାର ଚୂର୍ଣ୍ଣୀଭୂତ କରିଛି।ନିର୍ବାଣର ମହାସୁଖକୁ ଅସ୍ୱୀକାର କରି ଜୀବନର କ୍ଷଣ ଭଙ୍ଗୁରତା ମଧ୍ୟରେ ଅମୃତର ସନ୍ଧାନ କରିଛି।ଶ୍ରୀ ମହାନ୍ତିଙ୍କ ଜୀବନ ଦର୍ଶନ ସଂବନ୍ଧୀୟ ତତ୍ତ୍ୱ ଏହି ଗଳ୍ପର ମାର୍ମିକ ଅଭିଲେଖ।

ଗଳ୍ପ ଓ ଚରିତ୍ର ଚିତ୍ରଣରେ ଶ୍ରୀଯୁକ୍ତ ମହାନ୍ତି ଜଣେ ସଫଳ ଚିତ୍ରକର,ଏହା ନିଃସନ୍ଦେହରେ ବ୍ୟକ୍ତ କରାଯାଇପାରେ। କେତେକ ଗଳ୍ପରେ ବୌଦ୍ଧ ଧର୍ମୀୟ ଦର୍ଶନକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ନିର୍ବାଣ ତତ୍ତ୍ୱର ପ୍ରଚାର କରିଛନ୍ତି ତ ଆଉ କେଉଁଠି ନିଜର ଜୀବନବାଦୀ ଦର୍ଶନ ତତ୍ତ୍ୱକୁ ଆଧାର କରି ପ୍ରବୃତ୍ତି ମାଧ୍ୟମରେ ମହାସୁଖ ଲାଭ କରିହେବ, ଏଥିପାଇଁ ଯେ ମୋହ ଗ୍ରସ୍ତ ଜୀବନ ଠାରୁ ଦୂରରେ ରହି ସଂଯମ ମଣ୍ଡିତ ହୋଇ ଶୀଳତାକୁ ଆଚରଣ କରି ସନ୍ନ୍ୟାସୀ ହେବାର କୌଣସି ଆବଶ୍ୟକତା ନାହିଁ ।ଏହା ଏକ ବୃଥା ଆସ୍ଫାଳନ। ଜୀବନ ଜଞ୍ଜାଳ ଭିତରେ ମଧ୍ୟ ଦର୍ଶନ ତତ୍ତ୍ୱ ଉପଲବ୍ଧି କରାଯାଇପାରେ। ଏହି ଦ୍ୱନ୍ଦ୍ୱ ସଂଘାତ ମଧ୍ୟରେ ତାଙ୍କ ଗଳ୍ପ ହୋଇଉଠିଛି ପାଠକ ପ୍ରାଣର ଅନୁଭବସିଦ୍ଧ। ତାଙ୍କ ଚରିତ୍ରଗୁଡ଼ିକ ସାଧନା ମଣ୍ଡିତ ଜୀବନ ଭିତରେ ଯେତିକି ମର୍ଯ୍ୟାଦାବନ୍ତ ଓ ଗୁରୁଗମ୍ଭୀର, ତା'ଠାରୁ ଅଧିକ ଚରିତ୍ର ଚିତ୍ରଣ ରମଣୀୟ ହୋଇଛି ସ୍ଖଳନ ଓ ପାପାଚାର ମଧ୍ୟରେ। ଜୀବନ ହିଁ ତାଙ୍କର କାମ୍ୟ, ନିର୍ବାଣ ନୁହେଁ;ଏହି ତତ୍ତ୍ୱକୁ ଶ୍ରୀଯୁକ୍ତ ମହାନ୍ତି ନିଜ ଚରିତ୍ର ମୁଖରେ ସଫଳ ଭାବରେ ଉଦ୍‌ଘୋଷଣା କରିଛନ୍ତି।

**ସହାୟକ ଗ୍ରନ୍ଥସୂଚୀ:**

ସୁରେନ୍ଦ୍ର ମହାନ୍ତିଙ୍କ କଥା କୋଣାର୍କ -ମହାନ୍ତି, ବାସନ୍ତୀ
ଓଡ଼ିଆ ଗଳ୍ପର ଉନ୍ମେଷ ଓ ଉତ୍ତରଣ -ସାମଲ,ବୈଷ୍ଣବ ଚରଣ

# ସାମ୍ପ୍ରତିକ ସମାଜରେ "ବାପା" ଓ ସ୍ୱରାଜ ଲକ୍ଷ୍ମୀ ମିଶ୍ର

ISSN-2583-6978
Volume-4
Issue-12
DECEMBER-2024

ଡ. ସସ୍ମିତା ନାୟକ

ଅଧ୍ୟାପିକା, କମଳା ନେହେରୁ ମହାବିଦ୍ୟାଳୟ
ମୋ.-୯୯୩୮୭୫୬୨୭୩

ସାମ୍ପ୍ରତିକ ସମାଜର ଧାରଣା ଯେ ସେମାନେ ସବୁ ଅନ୍ଧବିଶ୍ୱାସ ଓ ଅମଡ଼ା ବାଟର ପଥିକ, ନିରବତା ସେମାନଙ୍କ ଜିଇଁବାର ଦମ୍ଭ, ପାପପୁଣ୍ୟକୁ ଅନ୍ଧବିଶ୍ୱାସ କହି ସବୁମତେ ଏଡ଼େଇ ଯାଉଥିବା ସମାଜ ନିବିଡ଼ ଅନ୍ଧକାରରେ ଥାଇ ଡିଜିଟାଲ ଆକାରରେ ଦୁନିଆକୁ ଦେଖୁଛି। ନିଜର ପରମ୍ପରା, ପିତାମାତା ପ୍ରତି ବିମୁଖ ମଣିଷ ଜିଇଁବାର ନୂଆ ଧାରା ନୁହେଁ। ପୁଣି ଥରେ ପାରମ୍ପରିକ ଗୁଳାରେ ସଚେତନ ହୋଇ ଚାଲିବା ଶିଖୁ। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ, ଗଳ୍ପ ମାଧ୍ୟମରେ ସଚେତନ ବାର୍ତ୍ତା ପହଞ୍ଚେଇବାରେ ଆପଣଙ୍କ ଭଳି ମହିୟସୀ ମହିଳାଙ୍କ ଅବଦାନ ଦେଶର ଭବିଷ୍ୟତକୁ କେଉଁ ଆଡ଼କୁ ଟାଣି ନେବ ତାକୁ କାଲିର ସକାଳ କହିବ, ଗାନ୍ଧିଜିଙ୍କ ଭାଷାରେ-

"My father is the best ideal teacher and also morally strong during his life."

ବାପା ସବୁବେଳେ ତିନୋଟି କଥା କହୁଥିଲେ-

୧. "ସିମ୍ପୁଲ୍ ଲିଭିଙ୍ଗ ହାଇ ଥିଙ୍କିଙ୍ଗ୍" (ସରଳ ଜୀବନଯାପନ କରିବା ଓ ଭଲ ଚିନ୍ତା କରିବା)

୨. "ସରଭିସ୍ ଟୁ ମ୍ୟାନ୍‌କାଇଣ୍ଡ୍ ଇଜ୍ ସରଭିସ୍ ଟୁ ଗଡ଼"(ମାନବର ସେବା ହିଁ ମାଧବଙ୍କ ସେବା)

୩. "ଅନେଷ୍ଟ ଲେବର କ୍ୟାନ୍ ନଟ୍ ବି ଅନରିୱାଡ଼େଡ଼" (ସାଧୁତାର ସହିତ କାମକଲେ ପୁରସ୍କାର ମିଳେ)।

ବାପା ହିଁ ତାଙ୍କର ଗଣ ମାନସର ନାୟକ, "ମୁଁ" ଚରିତ୍ରର ପ୍ରଭାବ ମଧ୍ୟ ସ୍ପଷ୍ଟ। ଘଟଣାଟି ଘଟିଲେ ସିନା ଗୋଟିଏ ପରିଣତି ମାତ୍ର ଘଟଣାଟି ନ ଘଟୁଥିଲା ବେଳେ ତାହା ଘଟିବାର ଅଶା ଓ ଆଶଙ୍କାରେ ଏକାଧିକ ପରିଣତିର ସମ୍ଭାବନାମୟ ପରିସର ଭିତରେ ତାଙ୍କ ଗଳ୍ପ ନାୟକ ଚିନ୍ତାଶୀଳ ଏବଂ ସେହି ଚିନ୍ତାକୁ ନେଇ ବ୍ୟସ୍ତ ବିବ୍ରତ ଅଧୀର ଓ ମନନଶୀଳ । ଗପର ଆରମ୍ଭରେ ଦେଖିବାକୁ ମିଳେ ବାପାଙ୍କୁ ଶେଷରେ ଭଗବାନ ସାହା ହେଲେ। ସେ ବହୁ ଦୂରକୁ ଚାଲିଗଲେ। ସେ ଥିଲେ ଅସଜଡ଼ା ଜୀବନରେ ସେ ଜଣେ ନିସ୍ୱାର୍ଥପର ମଣିଷ-

"ଦିନ ଯାଇ ରାତି ଆସେ, ରାତି ପରେ ଦିନ
ସ୍ମୃତି ସିନା ଲିଭିଯାଏ ରହିଯାଏ ଚିହ୍ନ।"

ମଣିଷ ମରିଗଲେ ତାର ସୁକର୍ମକୁ ମନେପକାନ୍ତି, ସେ (ବାପା) ସବୁ ସ୍ମୃତି ଛାଡ଼ିଦେଇ ଗଲେ। ଡକ୍ଟର ସ୍ୱରାଜ ଲକ୍ଷ୍ମୀ ମିଶ୍ରଙ୍କ ସାମ୍ପ୍ରତିକ ଓଡ଼ିଆ ଗଳ୍ପ ଜଗତରେ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ଡକ୍ଟର ସ୍ୱରାଜ ଲକ୍ଷ୍ମୀ ମିଶ୍ର ଏକ ଅପ୍ରତ୍ୟାଶିତ ଆବିର୍ଭାବ ନୁହନ୍ତି ବରଂ ପ୍ରତ୍ୟାଶିତ ନୂତନ ବିସ୍ଫୋରଣ। ଚିରାଚରିତ ପ୍ରଥାକୁ ଆପଣାର ନକରି ଗୋଟିଏ ଭିନ୍ନ ମୋଡ଼ ନେଇ ନୂତନ ଗଳ୍ପର ଧାରାଟିଏ ସୃଷ୍ଟିକରି ସେଇ ଦିଗ୍‌ବଳୟରେ ଉଜ୍ଜ୍ୱଳ ନକ୍ଷତ୍ର ଭାବରେ ଆପଣାକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି। ଅକୁହା କଥାକୁ ମନ ଭିତରେ ସାଇତି ରଖି ତାକୁ ଗଳ୍ପ ଆକାରରେ ପ୍ରକାଶ କରିଛନ୍ତି। ତାଙ୍କ ଗଳ୍ପର ପରିସର ସମାଜର ଘଟଣାଠାରୁ ଆରମ୍ଭକରି ଆଧୁନିକ ମାନବ ଜୀବନ ପର୍ଯ୍ୟନ୍ତ ବ୍ୟାପ୍ତ। 'ନୀଳରାଗ', 'ଇଚ୍ଛାର ଅପହଞ୍ଚ ଗଳି', 'ଦୁର୍ଲଭା' ଓ 'ସମୁଦ୍ରର ସହରରୁ' ଗଳ୍ପ ସଂକଳନର ପ୍ରକାଶ ଓ ବିଶ୍ୱ କ୍ଲାସିକ୍ ସାହିତ୍ୟର ଗଳ୍ପରୂପର ଗୋଟିଏ ଗୋଟିଏ ସାର୍ଥକ ଗଳ୍ପ ସଂକଳନ। ଗପ କେବେ ଚରିତ୍ରର ଚିତ୍ରଲିପିକୁ ଧରି ଆଗେଇଛି ତ କେବେ ବିନା କିଛି ଘଟଣାରେ ମଧ୍ୟ ଶୈଳୀଗତ ଚମତ୍କାରିତାରେ ହିଁ ସଫଳତା ପାଇଛି ଗପ।

ଗଳ୍ପ ରଚନାର ଗଡାଣି ଉଠାଣି ପରାମ୍ପରାରେ ହଜି ନ ଯାଇ ନୂତନ ଶୈଳୀ, ଅଙ୍ଗବିନ୍ୟାସ ଓ ଚିନ୍ତାଧାରା ପରିପ୍ରକାଶ ପ୍ରୟାସ ନିମିତ୍ତ ଡକ୍ଟର ସ୍ୱରାଜ ଲକ୍ଷ୍ମୀ ମିଶ୍ର (ଜନ୍ମ ଅଗଷ୍ଟ ୧୯୪୭) ପାରଳାଖେମୁଣ୍ଡି, ଅବିଭକ୍ତ ଗଞ୍ଜାମଙ୍କ ଗଳ୍ପ ଜଗତ ଅନ୍ୟମାନଙ୍କ ଠାରୁ ବେଶ୍ ପ୍ରଯତ୍ନଶୀଳ ମନେହୁଏ। ତାଙ୍କର ଅନୁବାଦ ଓଡ଼ିଆ ଗଳ୍ପ ଜଗତରେ ଅନ୍ୟାନ୍ୟ ପ୍ରତୀତ ସମ୍ପନ୍ନ ଶିଳ୍ପୀଙ୍କ ଭଳି ବେଶି ନୁହେଁ ବା

ଅନେକଗୁଡ଼ିଏ ସଂକଳର ସ୍ରଷ୍ଟା ହିସାବରେ ମଧ୍ୟ ପରିଚିତ ନୁହନ୍ତି ଓ ଅଳ୍ପକାଳ ମାତ୍ର ଗଳ୍ପ ରଚନାରେ ସାମିଲ ହୋଇଛନ୍ତି। ସ୍ୱରାଜ ଲକ୍ଷ୍ମୀ ମିଶ୍ର ଯେଉଁ କେତୋଟି ହାତଗଣତି ସୃଷ୍ଟି ଭିତରେ ବି ତାଙ୍କ ଗଳ୍ପ ବାଟ ଦେଇ ଗଲେ ଗୋଟିଏ ନୂତନତାର ସ୍ପର୍ଶ ମିଳେ। ଗତାନୁଗତିକଠାରୁ ଭିନ୍ନ ଏବଂ ସ୍ୱତନ୍ତ୍ର ଧାରାରେ ବାଟ ଚାଲିବାର ଅବବୋଧଟିଏ ମିଳେ। ଚାରୋଟି ମାତ୍ର ଗଳ୍ପ ସଂକଳନ ପ୍ରଥମଟି 'ନୀଳରାଗ', ଦ୍ୱିତୀୟଟି 'ଇଚ୍ଛାର ଅପହଞ୍ଚ ଗଳି' ତୃତୀୟଟି 'ଦୁର୍ଲଭ' ଓ ଚତୁର୍ଥଟି 'ସମୁଦ୍ରର ସହରରୁ' ତାଙ୍କର ଗଳ୍ପକୁ ନେଇ ଅଧୁନା ଆଲୋଚକମାନଙ୍କର ଶବ୍ଦ ବଳୟରେ ବି କମ୍ ଦେଖାଯାଆନ୍ତି ସ୍ୱରାଜ ଲକ୍ଷ୍ମୀ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଏମ୍.ଏ. (ଓଡ଼ିଆ), ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜଗନ୍ନାଥ ସାହିତ୍ୟ ଉପରେ ଡକ୍ଟରେଟ୍ ଉପାଧି। ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ସମ୍ପ୍ରତି ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ପ୍ରାଧ୍ୟାପିକା ଭାବେ ଅବସ୍ଥାପିତ।

ସ୍ୱରାଜ ଲକ୍ଷ୍ମୀଙ୍କ 'ବାପା' ପାଠକମାନଙ୍କ ପାଇଁ ଏକ ଅନନ୍ୟ, ଅନୁରାଗର ସଂଯୋଜନ ଚିନ୍ତା ଚେତନାର ମୁକ୍ତ ଚୌହଦିରେ ବିଚରଣ ତାଙ୍କର। ଗଳ୍ପରେ ଦେଖିବାକୁ ମିଳେ ପିତୃପୁରୁଷଙ୍କୁ ସ୍ମରଣ ଆଞ୍ଜୁଳାଏ ପାଣିରେ ସେ ସବୁ ଶବ୍ଦକୁ ଅନୁଭବକୁ ଅକ୍ଷରମାନଙ୍କୁ ଛୁଇଁଲେ ଦ୍ରବୀଭୂତ ହୋଇଯାଏ ଅନ୍ତଃସ୍ଥଳ।

ସୃଷ୍ଟିର ମିଳନ ବିଚ୍ଛେଦର ଲୀଳା ଅହରହ ଚାଲିଛି। କାହାକୁ ତ ସ୍ୱାଗତ ଆନନ୍ଦରେ ଓ କାହାକୁ ବିଦାୟ ଦେଇଛୁ ଆଖିର ଲୁହରେ, ହୃଦୟର କୋହରେ, କିନ୍ତୁ କାହିଁକି ଆନନ୍ଦରେ ସ୍ୱାଗତ କରିବା ଯେପରି ଆନନ୍ଦରେ ବିଦାୟ ମଧ୍ୟ ସେହିପରି ହେବା ଉଚିତ। ଜନ୍ମ ହେଉଛି ସ୍ୱାଗତୋତ୍ସବ ଓ ମୃତ୍ୟୁ ବିଦାୟ ମହୋତ୍ସବ। ବିଦାୟ ଦୁଃଖଦ କାହିଁକି ? ନିଜର ପ୍ରିୟ ପରିଜନ ଆତ୍ମୀୟ ସ୍ୱଜନମାନଙ୍କୁ ବିଦାୟ ଦେବା ଏତେ ସହଜ ହୁଏ ନାହିଁ। ସେମାନଙ୍କ ସ୍ମୃତି ଚିତ୍ର ଆମ ମାନସପଟରେ ବାରମ୍ବାର ଉଙ୍କିମାରେ ଓ ଅତୀତର ସ୍ମୃତିରୁ ଆଣି ଅନେକ ସମୟରେ ପ୍ରେରଣା ପାଏ। ଏଇ ଦୁଃଖ, ଅସହାୟତା ଓ ଅନ୍ଧକାର, ସବୁ ଦୁର୍ଭାଗ୍ୟ ଭିତରେ ଆଶା, ସ୍ୱପ୍ନ ସନ୍ଧାନୀ ହୋଇପାରିବା କମ୍ ବଡ଼ ସଫଳତା ନୁହେଁ। ଗଳ୍ପିକା କୁହନ୍ତି "ବାପା ତମେ କିନ୍ତୁ ଆଜି ନାହଁ। ସେଇ ତିନି ପୁରୁଷିଆ ବୁନିଆଦିକୁ ପେଟରେ ଧରିଥିବା ମାନ୍ଧାତା ଅମଳର ସିନ୍ଦୁକ ଭିତରେ ଅତୀତ ହୋଇ ଶୋଇପଡ଼ିଛି। ସ୍ମୃତିର ଫରୁଆ ବୁଜିହୋଇ ଯାଇଛି। ଆଉ ଗୋଟିଏ ପୁରୁଷକୁ ନିଜ ଭିତରେ ସାଇତି ସିନ୍ଦୁକଟା ଆହୁରି ଓଜନିଆ ହୋଇଯାଇଛି ଏବେ।" କିନ୍ତୁ ବାପା, "ମୁଁ ଜାଣେ, ତମ ଭିତରେ ଗୋଟାଏ କ୍ଷମାଶୀଳ ବ୍ୟକ୍ତିସତ୍ତା ସାଗର ଭଳି ହୃଦୟ ପ୍ରସାରି ଚାହିଁ ରହିଛି ସବୁ ଦୋଷ ଦୁର୍ବଳତାକୁ ଆପଣା ବିସ୍ତାର ଭିତରେ ହଜାଇ ଦେବାକୁ। ନ ହେଲେ ତମେ କ'ଣ କହିଥାନ୍ତ "ମଣିଷ ହିଁ ମଣିଷ, ସମସ୍ତ ଦୋଷ ଦୁର୍ବଳତା ଭିତରେ ତାକୁ ବିଚାର କରିବାକୁ ହୁଏ... ?" ସେଇଟା ହିଁ ତମର ମହତ ଗୁଣ। ସେ ଗୁଣ କାଣିଚାଏ ବି ଆମ ଭିତରେ ନାହିଁ।

ଜୀବନରେ ଅତୀତର ସ୍ମୃତିକୁ ସାଉଁଟିବା ମଣିଷ ତଥା ସେହି ମଣିଷର ହସ-କାନ୍ଦ, ସୁଖ-ଦୁଃଖ, ଆଶା-ନିରାଶ, ଅହଂକାର, ଆତ୍ମପୀଡ଼ନ, ବ୍ୟକ୍ତିବାଦୀ, ଚିନ୍ତାଧାରା, ନିଜର ସ୍ମୃତିପ୍ରତି ସଂଶୟାତ୍ମକ ଦୃଷ୍ଟି, ମୁକ୍ତି ସର୍ବସ୍ୱଜୀବନ, ମାନବିକ ସମ୍ବେଦନଶୀଳତା ଏହି ଗଳ୍ପର ମୂଳ ପ୍ରାଣ।

ମଣିଷର ସମାଜପୋଯୋଗୀ କାର୍ଯ୍ୟକଳାପ ତାକୁ ଇତର ଠାରୁ ଭିନ୍ନ ଦୃଷ୍ଟିରେ ଦେଖେ। ଆଉ ଯେଉଁଠି ସେ ସମାଜ ଛାଡ଼ି ଚାଲିଯାଏ ଯେଉଁଠିକି ଗଲେ ଆଉ ମଣିଷ ଫେରେନି, ତାର ପରିବାର ତାଙ୍କ କାର୍ଯ୍ୟକଳାପକୁ ଝୁରିହୁଏ ପବିତ୍ର ସ୍ମୃତିରେ। ଯେତେବେଳେ ତାକୁ ସମାଜ, ପରିବାର ଓ ଆତ୍ମୀୟମାନଙ୍କଠାରୁ ଦୂରେଇ ଦେଇ ଭିନ୍ନ ଗୋଟିଏ ମଣିଷରେ ରୂପାନ୍ତରିତ କରିଦିଏ। ସ୍ମୃତିହୀନ ବର୍ତ୍ତମାନ ଓ ସମ୍ଭାବନାହୀନ ଭବିଷ୍ୟତ ମଧ୍ୟରେ ସେ ନିଜକୁ ଆବିଷ୍କାର କରେ ଗୋଟିଏ ଏକାକୀତ୍ୱର ବଳୟରେ। ଜୀବନର ସାୟାହ୍ନରେ ଅତୀତ ପାଇଁ ଅବଶୋଷ ଆସିବା ବେଳକୁ ତାର ନିଜସ୍ୱ ପ୍ରିୟ ବସ୍ତୁଟି ପହଞ୍ଚି ସାରିଥାଏ ଏକ ଅପହଞ୍ଚ ରାଜଇରେ କିନ୍ତୁ ସ୍ମୃତିରେ ଜୀବନ୍ତ।

ତୁମେ ଥିଲ ଆଦର୍ଶ, ଦୂରଦୃଷ୍ଟି ସମ୍ପନ୍ନ ନିର୍ବିକାର ମଣିଷଟିଏ। କେଜାଣି କାହିଁକି ମନ ଭିତରେ ଅଜଣା ଅବସାଦଟିଏ ମୁଣ୍ଡ ଉଠେଇ ପକେଇ ଥିଲା। କିନ୍ତୁ ନା, ମତେ ଟିକିଏ ବି ଖୁସି ଲାଗୁ ନଥିଲା କିଛି ଗୋଟେ ହରେଇ ବସିବାର ଯନ୍ତ୍ରଣା ମତେ ଡହଳ ବିକଳ କରୁଥିଲା। ବାପାଙ୍କ ଭିତରେ ଗାଁ ମାଟି ପ୍ରତି ଥିବା ମମତା କିପରି ପଲ୍ଲୀ ଭୂଇଁର ମଣିଷ ମନରେ ଆକର୍ଷଣ ସୃଷ୍ଟି କଲା। ଅନେକ ଦିନର ତଳର କଥା, ମା' ବଞ୍ଚିଥିଲା ବେଳର ଜମିବାଡ଼ି, ତୋଟାଗଛ, ଗାଇଗୋରୁ, ହଳିଆ, ମୂଲିଆ, ଧାନ ମୁଗରେ ଘର ପରିପୂର୍ଣ୍ଣ ଥିଲା। ଲକ୍ଷ୍ମୀ ବିରାଜୁ ଥିଲେ ଘରେ ବାହାରେ।

ମା' କୁହେ ତୋ ବାପାକୁ ଈଶ୍ୱର ଭୁଲ୍‌ରେ ଏ ଘରେ ଜନ୍ମ ଦେଇଛି। ନଚେତ୍ ତମେ ଭିନ୍ନ ଧରଣର ମଣିଷ ଥିଲ ସତରେ। ଭଲ ଥିଲ କି ମନ୍ଦ ଥିଲ ମୁଁ କହୁନି, ତେବେ ତମେ ତମଭଳି ଥିଲ।

ଖୋଲା ଆକାଶ, ହସକୁରା ଜହ୍ନଟି କେତୋଟି ହାଲକା ବାଦଲ ସାଙ୍ଗରେ ଲୁଚକାଳି ଖେଳୁଥାଏ। କାହିଁ କେତେ ଯୁଗରୁ ଏମିତି ତା' ହସଖେଳ ଜାରି ରଖିଛି। ସହସ୍ର ସହସ୍ର କୁନି ଛୁଆ ମା କୋଳରୁ ଡାକିଲା ମାତ୍ରେ ହସିହସି ସେମାନଙ୍କ ହାତରେ ଖସି ପଡୁଛି। କାହାର ନାମ, ଠିକଣା ଜାତିଗୋତ୍ର ତ ପଚାରୁ ନାହିଁ। ସମସ୍ତଙ୍କୁ ସମାନଭାବେ ନିର୍ମଳ ଆନନ୍ଦ ବାଣ୍ଟି ବାଣ୍ଟି ଚାଲିଛି। "ଛୁଆଁ ଅଛୁଆଁର ବାଛ ବିଚାର ତ ତମ ପାଖରେ କେବେ ନଥିଲା। ଗାଁର ରଢ଼ୀବାଦୀ ରକ୍ଷଣଶୀଳ ମନଟା ସେଥିପାଇଁ ଟିକେ ଊଣା ହୋଇଯାଏ। ଗରଗର ହୋଇ ମା

କୁହେ, "ଲକ୍ଷ୍ମୀ ରହିବେନି ଘରେ ଏମିତି ଦାନୀକର୍ଣ୍ଣ ସାଜିଲେ।" ସବୁର ଉତ୍ତରରେ ସେଇ ଉଦାର ନିର୍ଲିପ୍ତ ହସ ଚହଟି ଉଠେ ତମ ମୁହଁରେ। କଥା ସେଇଠି ସରେ। କୁହ- "ଶରନ୍ତି କୁଅର ପାଣି ପରା ମିଠା, ସରୁଥିଲେ ଝରୁଥିବ।"

ମଣିଷ ଅମୃତର ସନ୍ତାନ, ତା' ଭିତରେ ଅମୃତ ତଥା ଅମରତ୍ୱର ସତ୍ତା ନିହତ।

ଘଟଣାର ବିକାଶ କ୍ଷେତ୍ରରେ ଏଠାରେ ଚରିତ୍ରର ବିକାଶ ପରିଦୃଶ୍ୟ ହୁଏ ନାହିଁ ବରଂ ଚରିତ୍ରର ମହନୀୟତାରେ ବିଶେଷ ଭାବରେ ଗୁରୁତ୍ୱାରୋପ କରାଯାଇଛି। ବାପା ତମେ କୁଆଡ଼େ ଲୁହାର ମଣିଷ...ଲୁହାଭଳି ଶକ୍ତ। ସହଜରେ ଭାଙ୍ଗିବନି + + + + ଆଧୁନିକ ମଣିଷର - ପାପରେ ତ ତମେ ଲୁହାଭଳି କଠିନ, ଅପରିଚ୍ଛନ୍ନ ଆଜି ମଧ୍ୟ ଧୂଆଁଭଳି ମସିଆ କଟୁ।

"ବାପା" ମୁଖ୍ୟ ଚରିତ୍ର ଥିବା ସ୍ଥଳେ, ମଝିଆଣି ଝିଅ କୁନି ପରିବା ବିକାଳି, ବୁଢ଼ା ଦାସ ହଳିଆ ଏହାର ମା' ବୁଢ଼ୀ, ଆଉ ଆଡ଼ପାଗଳା ବିଟଳ ହଳିଆ, ସୀମା ଆଉ ତା' ସ୍ତ୍ରୀ ଲକ୍ଷ୍ମୀ। ହୋଟେଲ ମାଲିକ ସାମ ଦାଦା ତମ ସ୍ନେହରେ ସହାନୁଭୂତି ଆଉ ଦରଦର ଦଉଡ଼ିରେ ଏଇ ମଣିଷମାନେ ଏମିତି ବାନ୍ଧିହୋଇ ଯାଇଥିଲେ ଯେ ତମେ ଗଲାପରେ ବି ସେ ବନ୍ଧନ ସହଜରେ ତୁଟି ପାରିନି।

ମାନବର ସେବାକୁ ମାଧବର ସେବା ଭାବରେ ଗ୍ରହଣ କରିଥିବା ବ୍ୟକ୍ତିତ୍ୱଟି ସମାଜ ସେବାର ଖୋଳ ପିନ୍ଧି ନଥିଲେ, ଶାନ୍ତିଆ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସାମନ୍ତବାଦୀ ମନ ନଥିଲା ତାଙ୍କର। ଗାନ୍ଧିଜୀଙ୍କ ଡାକରାରେ ଦେଶ ପାଇଁ କିଛି କରିବା ଉଦ୍ଦେଶ୍ୟରେ ଗାଁ ଛାଡ଼ିଥିଲେ। ଯୋଗ ଦେଇଥିବା ଆର ସେ ରେଲୱେର ଛୋଟକାଟିଆ ଚାକିରିରେ ତଥାପି ମନରେ ଊଣାପଣ ନଥିଲା। ଅବସର ପରେ ଫେରି ଆସିଥିଲେ ଗାଁକୁ। ଖାଲି ମଣିଷ କାହିଁକି ପଶୁପକ୍ଷୀ ସହିତ ମୁହଁକୁ ମୁହଁ ଯୋଡ଼ି କଥା କହିଛୁ, ସଫେଇ ଦେଇଛୁ । ପଚାରିଲେ "ଏମାନଙ୍କ ଭିତରେ ଥିଲା ଏକ ସିଧାସଳଖ କ୍ରିୟା ପ୍ରତିକ୍ରିୟା।" ମୃତ୍ୟୁ ପୃଥିବୀର ପ୍ରବଳତମ ପ୍ରଚଣ୍ଡତମ ଶକ୍ତି। ସେ କ୍ଷମାହୀନ ସ୍ମୃତିର ଧାଡ଼ିର ଠିଆ ହୋଇ ପ୍ରତି ମୁହୂର୍ତ୍ତରେ ଅନ୍ଧାରତାକୁ ଛିନ୍ନକରି ଆଲୋକର ରାସ୍ତାରେ ହାତଧରି ନେବାକୁ କାମନା। "ବାପା" ତମେ ଆସ ଗାଳ୍ପିକା କାମନା କରିବା ସହିତ ଜଣେ ଆଦର୍ଶ ପିତାର ବିଷୟରେ ଉଲ୍ଲେଖ କରିଛନ୍ତି।

**ସହାୟକ ଗ୍ରନ୍ଥସୂଚୀ:**


୧. ଦୁର୍ଲଭା, ଡ. ସ୍ୱରାଜ ଲକ୍ଷ୍ମୀ ମିଶ୍ର, ପୃଷ୍ଠା-୫୬

୨. ଦୁର୍ଲଭା, ଡ. ସ୍ୱରାଜ ଲକ୍ଷ୍ମୀ ମିଶ୍ର, ପୃଷ୍ଠା-୬୦

୩. ଦୁର୍ଲଭା, ଡ. ସ୍ୱରାଜ ଲକ୍ଷ୍ମୀ ମିଶ୍ର, ପୃଷ୍ଠା-୬୦

୪. ଦୁର୍ଲଭା, ଡ. ସ୍ୱରାଜ ଲକ୍ଷ୍ମୀ ମିଶ୍ର, ପୃଷ୍ଠା-୬୧

୫. ଦୁର୍ଲଭା, ଡ. ସ୍ୱରାଜ ଲକ୍ଷ୍ମୀ ମିଶ୍ର, ପୃଷ୍ଠା-୬୩


❖❖❖

# ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ନାଟକରେ ଲୋକଉପାଦାନ



ISSN-2583-6978
Volume-4
Issue-12
DECEMBER-2024

**ଶୁଭଶ୍ରୀ ପଣ୍ଡା**

**ଗବେଷିକା**
**ଭାଷା ଓ ସାହିତ୍ୟ ବିଭାଗ**
**ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର**

ନାଟକଗୁଡ଼ିକରେ ଲୋକଉପାଦାନ ପ୍ରୟୋଗର ମୁଖ୍ୟ କାରଣ ହେଲା ନାଟକକୁ ଅଧିକରୁ ଅଧିକ ଲୋକାଭିମୁଖୀ କରାଇବା । ରେଡିଓ, ଟେଲିଭିଜନ୍, ଚଳଚ୍ଚିତ୍ର ପ୍ରସାର ବୃଦ୍ଧି ସଙ୍ଗେ ସଙ୍ଗେ ମଞ୍ଚ ନାଟକର ଲୋକପ୍ରିୟତା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ପୁନଶ୍ଚ ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଶ୍ୱଘଟଣା ପ୍ରବାହର ପ୍ରଭାବରେ ଦୁର୍ବୋଧ୍ୟ ଚିନ୍ତା ଚେତନାର କିଛି ନାଟକ ରଚିତ ହୋଇଥିବାର ଦେଖାଦେଲା । ଫଳରେ ସରଳମନା ଦର୍ଶକମାନେ ହଠାତ୍ ଏହାକୁ ସ୍ୱାଗତ କରିପାରିନଥିଲେ । ନାଟକରେ ମନସ୍ତାତ୍ତ୍ୱିକତାର ପରୀକ୍ଷା-ନିରୀକ୍ଷା, ଯୌନଚେତନା, ସହର ଜୀବନର ଅନ୍ତଃସାରଶୂନ୍ୟତା, ଜେନେରେସନ୍ ଗ୍ୟାପ୍‌ର ସମସ୍ୟା, ବ୍ୟକ୍ତି ଓ ସମାଜ ମଧ୍ୟରେ କନ୍ଦଳ, ରାଜନୈତିକ ସ୍ତରରେ ଅଦଳବଦଳ ଆଦି ବହୁ ଘଟଣା ଫଳରେ ଦର୍ଶକମାନେ ନାଟକଠାରୁ ଦୂରେଇ ଗଲେ । ଲୋକପ୍ରିୟତାକୁ ଫେରାଇ ଆଣିବା ପାଇଁ ନାଟ୍ୟକାର ନିଜ ନିଜର ଚିନ୍ତା ଓ ଚେଷ୍ଟା ଅବ୍ୟାହତ ରଖିଲେ । ଜନସାଧାରଣଙ୍କର ଲୋକପ୍ରିୟ ଉପାଦାନର ଅନୁସନ୍ଧାନରେ ନାଟ୍ୟକାରମାନେ ଲାଗି ପଡିଲେ । ନିଜ ମାଟି, ପାଣି ଓ ପବନର ସନ୍ଧାନ କରିବାକୁ ଲାଗିଲେ । ବିସ୍ମୃତ ହୋଇ ଯାଉଥିବା ସାଂସ୍କୃତିକ ଉତ୍ସକୁ ପୁନରାବିଷ୍କାର ପାଇଁ ଚେଷ୍ଟା କରାଗଲା । ଫଳରେ ସାହିତ୍ୟ ଓ ମାନବବିଦ୍ୟା ବିକାଶର ବିଭିନ୍ନ ବିଭାଗରେ ଲୋକ ଉପାଦାନମାନ ପ୍ରତିଫଳିତ ହେବାକୁ ଲାଗିଲା ।

"ଆମ ଭାଷାରେ ନାଟକ ରଚନା ଆରମ୍ଭ ହୋଇଥିଲା ପ୍ରଥମେ ସେକ୍‌ସ୍‌ପିୟରଙ୍କୁ ଆଦର୍ଶ କରି । କ୍ରମଶଃ ଇବ୍‌ସନ୍, ବର୍ଣ୍ଣାଡ ଶ'ଙ୍କ ବାଟଦେଇ ତାହା ବେକେଟ୍, ବ୍ରେଶ୍‌ଟ ପ୍ରଭୃତିଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ କଲା । ଶେଷରେ ପୁନର୍ବାର ଘରକୁ ଫେରିବାର ସମୟ ଆସିଗଲା । ଆମର ନାଟ୍ୟକାରଗଣ ସ୍ଥାନୀୟ ନାଟ୍ୟ ପ୍ରବୃତ୍ତିର ମୂଳରୂପ ନିକଟକୁ ଫେରଯିବା ପାଇଁ ଆରମ୍ଭ କଲେ । ଏ ପ୍ରବୃତ୍ତିଟି ମଧ୍ୟ ବିଦେଶୀୟ ଆବସର୍ଡ ନାଟକର ବୁଦ୍ଧିଦୀପ୍ତ ପରିବେଷଣ, ଯେତେବେଳେ ଆମୋଦନର ସୁକୁମାର ପ୍ରବୃତ୍ତିଟିକୁ କ୍ରମଶଃ ଶୁଷ୍କ କରିଦେବା ନିମନ୍ତେ ଆରମ୍ଭ କଲା, ସେ ଦେଶରେ 'ଜରଗ୍ୱଙ୍କଗ୍ୱଭ ଗ୍ୱକ୍ମ ରକ୍ମଗ୍ୱଙ୍କ' ର ସ୍ଲୋଗାନ ପ୍ରକାଶ ପାଇଲା ଷାଠିଏ ଦଶକର ମଧ୍ୟ ଭାଗରୁ । ଆମ ଏଠାରେ ଚାଲିଥିଲା ସେତେବେଳେ ଆବସର୍ଡ ନାଟକର ଅନୁକରଣରେ ନାନା ପରୀକ୍ଷା ନିରୀକ୍ଷା କ୍ରମଶଃ ତାହା ମଧ୍ୟ ଶେଷ ହେଲା ଏବଂ ଏଥର ନୂତନତା ପାଇଁ ଅନ୍ୱେଷଣ ଆରମ୍ଭ ହେଲାବେଳେ ପରମ୍ପରା ବିଷୟ ପ୍ରଥମେ ଆଗକୁ ଆସିଲା ।"୧

ଲୋକ ସଂସ୍କୃତି ଏକ ବହୁ ପ୍ରାଚୀନ ଲୋକପ୍ରିୟ ପରମ୍ପରା । ଯାତ୍ରା, ସୁଆଙ୍ଗ, ଦଣ୍ଡନାଚ, ଲୀଳା, ପାଲା, ଦାସକାଠିଆ ପ୍ରଭୃତି ବିଭିନ୍ନ ଲୋକନାଟକ, ଲୋକଗୀତ, ଲୋକ କାହାଣୀ ଆଦି କେଉଁ ପ୍ରାଚୀନ କାଳରୁ ଜନସାଧାରଣଙ୍କର ମନୋରଞ୍ଜନର ଲୋକପ୍ରିୟ ମାଧ୍ୟମ ଭାବେ ଗୃହୀତ ହୋଇ ଆସୁଛି । ଲୋକନାଟକ ଦର୍ଶକମାନଙ୍କର ସବୁଠୁ ପ୍ରିୟ । ଏହାର ପରିବେଷଣ ଶୈଳୀ ଖୁବ୍ ସରଳ ଓ ସାବଲୀଳ । ଏଥିପାଇଁ କୌଣସି ପ୍ରକାରର ମଞ୍ଚ ବିଷୟକ ଘନଘଟା ନଥାଏ । ମୁକ୍ତମଞ୍ଚରେ ଜନସାଧାରଣଙ୍କୁ ମନୋରଞ୍ଜନ ପ୍ରଦାନ ନିମନ୍ତେ ନାଟ୍ୟକାର ନାଟକୀୟ ବିଷୟବସ୍ତୁରେ ସଂଯୋଜନା କରିଥାନ୍ତି ବହୁ ସଂଯୋଜକ ଲୋକ ଚରିତ୍ର ଯଥା; ବିବେକ, ଦ୍ୱାରୀ, ସୂତ୍ରଧର, ନିୟିତ, ସନ୍ଧି, ବିଦୂଷକ ଆଦି ଚରିତ୍ର । ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଦଣ୍ଡନାଚ, ଚଢେୟାନାଟରେ ମଉସା, ଭଦ୍ରଲୋକ, ଭଲ ଲୋକ, ଭଲ ଲୋକିଆ, ମଙ୍ଗୁ, ଠେଁଟଲ ପ୍ରଭୃତି ଚରିତ୍ର, ସୁଆଙ୍ଗରେ ଦୂତ, ଡଗର ଓ ନାରଦ, ରାଉତଲୀଳାରେ ଦ୍ୱାରୀ, ଯାତ୍ରାନାଟ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଆସି ନାଟ୍ୟବସ୍ତୁ ଓ ନାଟ୍ୟ ଚରିତ୍ର ସହିତ ଦର୍ଶକକୁ

ପରିଚିତ କରାଇ ଦିଅନ୍ତି । ପୁଣି ଚରିତ୍ରର କାର୍ଯ୍ୟକଳାପ ଓ ନାଟ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିଥାନ୍ତି । ଏହି ଚରିତ୍ରଗୁଡ଼ିକ ସାଧାରଣ ଦର୍ଶକଙ୍କୁ ସବୁକଥା ବୁଝାଇ କହୁଥିବାରୁ ମଞ୍ଚର ଦର୍ଶକ ସହିତ ଏକ ନିବିଡ ସଂଯୋଗ ପ୍ରତିଷ୍ଠିତ ହୁଏ । ମୋଟାମୋଟି ଭାବେ ନାଟକର ଗତି, ଉଦ୍ଦେଶ୍ୟ ମାର୍ମିକବାଣୀ ଓ ଦର୍ଶକଙ୍କର ବୋଧଶକ୍ତି ଭିତରେ ଏହି ସଂଯୋଜକ ଚରିତ୍ରମାନେ ସରଳ ସଂଯୋଜନା କରିଥାନ୍ତି । ଫଳରେ ଦର୍ଶକମାନେ ନାଟକକୁ ଉପଯୁକ୍ତ ଭାବେ ହୃଦୟଙ୍ଗମ ଓ ଯଥାର୍ଥ ଭାବେ ରସୋପଲବ୍ଧି କରିପାରିନଥାନ୍ତି ।

ବିଦଗ୍ଧ ସାହିତ୍ୟ ଯେତେ କାଳଜୟୀ ହେଲେ ମଧ୍ୟ ଲୋକସାହିତ୍ୟ ଯେଉଁ ଅନାଦିକାଳରୁ ଜନସାଧାରଣଙ୍କ ହୃଦକନ୍ଦରରେ ଲୋକପ୍ରିୟ ଭାବ ସ୍ଥାନ ପାଇ ଆସିଛି ଏହାକୁ ଦୂରଦୃଷ୍ଟି ସମ୍ପନ୍ନ ନାଟ୍ୟକାରମାନେ ଅନୁଭବ କରିପାରିଥିଲେ । ଲୋକସାହିତ୍ୟ ଯେତେ ପ୍ରାଚୀନ ହେଲେ ମଧ୍ୟ ଆଜିବି ଗ୍ରାମାଞ୍ଚଳଗୁଡ଼ିକରେ ଏହା ଚିର ନବୀନ । ଏହି କାରଣରୁ ୧୯୭୦ ପରବର୍ତ୍ତୀ ଓଡ଼ିଆ ନାଟ୍ୟ ସାହିତ୍ୟରେ ଲୋକସାହିତ୍ୟର ବିଶେଷ ଭୂମିକା ଥିବା ଲକ୍ଷ୍ୟଣୀୟ । ଉଭୟ ବିଦଗ୍ଧ ଓ ଲୋକ ସାହିତ୍ୟ ହେତୁ ଏବେ ନାଟକ ପୁନଶ୍ଚ ଅନାୟାସରେ କିଛି କାଳ ଲୋକପ୍ରିୟତା ଅର୍ଜନ କରିପାରିଛି ଏହା ନିଃସନ୍ଦେହ ।

ଓଡ଼ିଆ ନାଟକରେ ଲୋକଉପାଦାନ ଓ ଲୋକଶୈଳୀର ପ୍ରୟୋଗ ପୂର୍ବରୁ କରାଯାଇଥିଲେ ମଧ୍ୟ ପ୍ରଥମ ସଫଳ ପ୍ରୟୋଗ କରାଯାଇଥିଲା ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ମହାନାଟକ' (୧୯୭୨) ନାଟକରେ । ଏହା ପରେ ପରେ ଗିରୀଶ କର୍ଣ୍ଣଡଙ୍କ 'ହୟବଦନ', 'ନାଗମଣ୍ଡପ', ବିଜୟ ତେଣ୍ଡୁଲକରଙ୍କ 'ଘାସିରାମ କୋଟଓ୍ୱାଲ', ଶୁମ୍ଭମିତ୍ରଙ୍କ 'ଚାଁଦ ବଣିକର ପାଲା' ଆଦି ନାଟକରେ ଲୋକ ଉପାଦନ ଓ ଲୋକଶୈଳୀର ପ୍ରୟୋଗ କରାଯାଇଛି । ତେବେ ୧୯୮୦ ପରେ ଏହି ଲୋକଶୈଳୀ ପ୍ରତି ଆସ୍ଥାର ପ୍ରାବଲ୍ୟ ଦେଖାଦେଇଛି । ଏହି ଅବଧିର ଯୁବ ନାଟ୍ୟକାରମାନେ ନାଟକର ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗରୁ ଲୋକ ଉପାଦାନ ଓ ଲୋକଶୈଳୀର ସାର୍ଥକ ପ୍ରୟୋଗ କରି ନାଟକକୁ ଅଧିକ ଭାବଗ୍ରାହୀ କରିବା ସହ ନାଟକକୁ ଦର୍ଶକଙ୍କ ନିକଟକୁ ଫେରାଇ ନେବାର ପ୍ରଚେଷ୍ଟା ଅବ୍ୟାହତ ରଖିଛନ୍ତି । ଆଧୁନିକ ଜୀବନବୋଧର ପ୍ରଖ୍ୟାପନ ପାଇଁ ନାଟକରେ ବ୍ୟବହୃତ ଲୋକ ଉପାଦାନ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ଡ. ରମେଶ ପ୍ରସାଦ ପାଣିଗ୍ରାହୀ କହିଛନ୍ତି, "ସବୁବେଳେ ଲୋକ ସାହିତ୍ୟ ଜୀବନର 'ଅଭିଧାର୍ଥ' ଏବଂ 'ଲକ୍ଷଣାର୍ଥ'କୁ ପରିତ୍ୟାଗ କରି 'ବ୍ୟଞ୍ଜନା'ର ଆଶ୍ରୟ ଦ୍ୱାରା କଥନିକାଟିଏ ନିର୍ମାଣ କରିଥାଏ । ଲୋକ ଉପାଦାନ କହିଲେ 'ଦଣ୍ଡନାଚ' କିମ୍ବା 'ପାଲା' ନୁହେଁ । ଏହା 'ଅତି କାଞ୍ଚନିକତା' ବା ରବଭଷ୍ପବଷ୍ପଛ । କଥନିକା ଭିତରେ ଅନ୍ତର୍ନିହିତ ଥିବା ଏକ ବୃହତ୍ତର ବିଶ୍ୱର ପ୍ରତୀକାତ୍ମକ ପିଣ୍ଡଟିଏ ଯୋଉଥିରେ ଆବୃତ୍ତ ହୋଇ ରହିଥାଏ 'ବ୍ରହ୍ମାଣ୍ଡଟିଏ' । ଘ ଘ ଘ ସେଇ ଶୈଳୀର ପୁନଃପ୍ରଚଳନ ଦ୍ୱାରା ଆଧୁନିକ ଲେଖକର ଏକ ବୃହତ୍ତର ସାମାଜିକ ବିଶ୍ୱ ସହିତ କିପରି ସମ୍ପର୍କ ରହିଛି ଏବଂ ସମାଜର ଉର୍ଦ୍ଧ୍ୱରେ ଥିବା ଏକ ପାରାବିଶ୍ୱ ପାଖକୁ ତା'ର ଚେତନା କିପରି କଥନିକାର ପିଣ୍ଡରେ ବିସ୍ତାରିତ ହୋଇପାରେ ତାହାର ପ୍ରମାଣ ମିଳୁଛି । ଏହା ସମଗ୍ର ବିଶ୍ୱର ଲୋକ ଉପାଦାନମାନଙ୍କର ପ୍ରାୟୋଗିକ ବିଧି ।"୨

୧୯୮୦ ପରବର୍ତ୍ତୀ ସମୟରେ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ନାଟକରେ ମଧ୍ୟ ଏହି ପ୍ରକାର ବିଭବ ବହୁଳ ଭାବରେ ପ୍ରୟୋଗ ହୋଇଥିବାର ଦେଖିବାକୁ ମିଳେ । ସତକଥା ହେଲା ପିଲାଦିନର କେତୋଟି ଘଟଣା, ସ୍ମୃତି, ଅନୁଭୂତି ଏବଂ ଦେଖିଥିବା ପ୍ରତିଛବି ବାରମ୍ବାର ମନରେ ଉଙ୍କିମାରେ । ସେମିତି ଶଙ୍କର ପ୍ରସାଦ ତ୍ରିପାଠୀ ପିଲାଦିନେ ରାମଲୀଳା, ଦାସକାଠିଆ, ପାଲା, ଯାତ୍ରା ଆଦି ଲୋକନାଟକ ଦେଖିବାକୁ ଭଲ ପାଉଥିଲେ । ବୋଧହୁଏ ନାଟ୍ୟକାର ଏଇଠୁ ହିଁ ଲୋକ ଉପାଦାନର ଖୋରାକ ପାଇଛନ୍ତି । ନାଟ୍ୟକାରଙ୍କ ପରିପାର୍ଶ୍ୱିକ ଅବସ୍ଥାରେ ମଧ୍ୟ ଲୋକ ଉପାଦାନ ସମ୍ପର୍କୀୟ ଘଟଣା ଏବଂ ସମସ୍ୟା ତାଙ୍କୁ ଉତ୍ସାହିତ କରିଛି ନିଜ ନାଟକଗୁଡ଼ିକରେ ଲୋକ ଉପାଦାନ ପ୍ରୟୋଗ କରିବା ପାଇଁ । ଶଙ୍କର ତ୍ରିପାଠୀଙ୍କ 'ସାମ୍ରାଜ୍ୟ ପତନର ବେଳ'(୧୯୯୫) ନାଟକ ଆରମ୍ଭ ହୋଇଛି ପାଲା ଶୈଳୀରେ । ଏପରିକି ଘୋଷକ ୧ମ, ଘୋଷକ ୨ୟ, ଘୋଷକ ୩ୟ, ଘୋଷକ ୪ର୍ଥ, ଘୋଷକ ୫ମ, ପାଲାବାଲାଙ୍କ ପରିପୋଷକ ପରିଧାନ କରିଛନ୍ତି । ନାଟକରେ ଏମାନେ ନେତା, ଅଭିନେତା ବା ବକ୍ତା ଯେକୌଣସି ଭୂମିକାରେ ଅଭିନୟ କରିଛନ୍ତି । ନାଟ୍ୟ ସଂଯୋଜନାରେ କୋରସ୍‌ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ମନେ ହୋଇଛି । ଅତଏବ 'ସାମ୍ରାଜ୍ୟ ପତନର ବେଳ'(୧୯୯୫) କୁ ଏକ ପାଲାର ବିଷୟବସ୍ତୁ ଭାବେ ଗ୍ରହଣ କରିନେଲେ ଭୁଲ୍ ହେବ ନାହିଁ । ନାଟ୍ୟ ବିଷୟବସ୍ତୁ ଆଗେଇ ନେବାରେ ଘଟଣାକ୍ରମେ ଏମାନଙ୍କ ଉପସ୍ଥିତି ବେଶ୍ ସୁବୋଧ ଓ ପ୍ରାଞ୍ଜଳ ହୋଇଛି, ନାଟକରେ ପଧାନପଡା ଗ୍ରାମକୁ ଏକ ଜନବହୁଳ ଚାଷ ବସତି ପୂର୍ଣ୍ଣ ଅଞ୍ଚଳଭାବେ ପ୍ରମାଣ କରାଇବାରେ ଏହି ଅଭିନେତାମାନେ ବେଶ୍ ସହାୟ ହୋଇଛନ୍ତି । ଗ୍ରାମରେ ମନ୍ଦିର ଅଛି, ଇଷ୍ଟଦେବୀ ବସନ୍ତେଇଁଙ୍କର ପୂଜାର୍ଚ୍ଚନା ଏଠି ହୁଏ । ଘଣ୍ଟା ଆଳତୀ ସୁଅରେ କାଳେସୀ ଲାଗେ । ୧ମ, ୨ୟ ଓ ୩ୟ ଅଭିନେତା ଏଠି କାଳେସୀ ଦୃଶ୍ୟରେ ଅଭିନୟ କରିଛନ୍ତି । ଯେପରି:-

"୧ମ- ମୁଁ କାଳୀ, ମୁଁ କରାଳୀ, ମୁଁ ନରମୁଣ୍ଡାମାଳୀ- ମୁଁ ଖାଇବି, ମତେ ପଣା ଦେ, ମତେ ପୂଜା ଦେ, ମତେ ନୈବେଦ୍ୟ ଦେ ।

୨ୟ- ମାଆ ବସନ୍ତେଇ, ଏ ଅଜ୍ଞାନ ବାଳୁତମାନଙ୍କୁ ଘଣ୍ଟ ଘୋଡେଇ ରଖିଥା ।

୩ୟ- ତୋର ଯଶବାନା ଅହରହ ଉଡୁଥାଉଲୋ ମାଆ ।"୩

ରାଧା ବିବାହ ପ୍ରସ୍ତାବ ନେଇ ଏମାନେ ଆସିଛନ୍ତି । ନାଟ୍ୟକାର ଉକ୍ତ ନାଟକରେ ହଳିଆ ଗୀତ ମଧ୍ୟ ସଂଯୋଜନା କରିଛନ୍ତି । ଯଥା-

"୧ମ-ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଲେ ପର
ରାଜା ଝିଅ ବାହୁନୁଚି ଦେଖି ବୁଢ଼ାବର ।
ଆହେ ଦେଖି ବୁଢ଼ାବର ।
ରହ ରହ ଗେଣ୍ଡାଳିଆ, ଯିବା ବହୁ ଦୂରେ
ପରୀ ରାଇଜର ପରୀ ଆଣିବା ସାଙ୍ଗରେ ।"୪

୧ମରୁ ଓ ୫ମ ଘୋଷକ ଚରିତ୍ରମାନେ ନାଟକରେ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି । ସ୍କୁଲରେ ପାଠ ପଢିଛନ୍ତି, ନେତା ନିର୍ବାଚନରେ ଏମାନେ ଭାଗ ନେଇଛନ୍ତି । ହାଟରେ ଦୋକାନୀ ହୋଇ ଭାଲୁ ନାଚ, ଭିକାରୀ ହୋଇ ଭିକ୍ଷା ମାଗିବା ବା ଯାଦୁ, କାଛୁ, କୁଣ୍ଡିଆ, ଚମଦଳା, ରମ୍ଭା ଓ ପାଣିକନ୍ଦାର ଅବ୍ୟର୍ଥ ଔଷଧ ସ୍କାବିଡଲ୍ ବିକ୍ରି କରିଛନ୍ତି । ନାଟକରେ ସ୍ଥାନେ ସ୍ଥାନେ ନାଟ୍ୟକାର ଲୋକଗୀତର ସଂଯୋଜନା କରିଥିବାର ଦେଖାଯାଇଛି । ଯାହାକି ବେଶ୍ ହୃଦୟସ୍ପର୍ଶୀ ହୋଇଛି । ପଧାନପଡା ପରି ଜନବହୁଳ କୃଷିବସତି ପୂର୍ଣ୍ଣ ଅଞ୍ଚଳରେ ବାର ମାସରେ ତେର ପର୍ବ ପାଳିତ ହୁଏ । ଜମିବାଡି, ଛୁଆପିଲା ନେଇ ସମସ୍ତେ ଗ୍ରାମ୍ୟ ସଂସ୍କୃତିରେ ମାତି ଉଠନ୍ତି । ଏସବୁର ମନୋରମ ଦୃଶ୍ୟ ପାଇଁ ନାଟ୍ୟକାର ହଳିଆ ଗୀତ, ପାଇକନାଚ, କୁଆଁରପୁନେଇ ଗୀତ, ପୁଚିଖେଳ ଗୀତ ଓ ଭାଲୁ ନାଚ ଆଦିର ସଂଯୋଜନା କରିଛନ୍ତି । ଉଦ୍ଦେଶ୍ୟ ରହିଛି ପଧାନପଡା ଗ୍ରାମ ବନ୍ଧୁକ କାରଖାନା ପାଇଁ ଏକ ଟାଙ୍ଗରା ଭୂଇଁ ନୁହେଁ । ଯେଉଁଠି ଶହ ଶହ ଲୋକ ହସଖୁସିରେ ବାସ କରିଥାନ୍ତି । ସେଠି ଏଭଳି ସରକାରଙ୍କ ମନମୁଖୀ ଆଦେଶ ନିଶ୍ଚୟ ଅମୂଳକ ଓ ବିଚାରହୀନତାର ପ୍ରମାଣ ଦିଏ ।

'ଶୁଣିବା ହେଉ ଏ କାହାଣୀ'(୧୯୯୩)ରେ ମଧ୍ୟ ୧ମ, ୨ୟ, ୩ୟ ଓ ୪ର୍ଥ ଲୋକ ଲୋକଚରିତ୍ର ସୂତ୍ରଧର ବା ସଂଯୋଜକ ଭୂମିକାରେ ଅଭିନୟ କରିଛନ୍ତି । ଏମାନେ କେତେବେଳେ ରାମଲୀଳାର ଧୋବା-ଧୋବଣୀ ହୋଇ ଝଗଡା ଲାଗିଛନ୍ତି ତ କେତେବେଳେ ହାତରେ ଫାର୍ସା, ଧନୁଶର ବା ବନ୍ଧୁକ କରି ଅରାଜକତା ବିରୋଧରେ ବିଦ୍ରୋହ ଘୋଷଣା କରିଛନ୍ତି । ନାଟ୍ୟ ବିଷୟବସ୍ତୁକୁ ଆଗେଇ ନେବାରେ ଏମାନଙ୍କ ସଂଯୋଜନା ଏକ ଲୌକିକ ପରିବେଶ ସୃଷ୍ଟି କରିଛି ।

ଉକ୍ତ ନାଟକର କଥାବସ୍ତୁ ହେଉଛି ସହରର ଏକ ସୌଖୀନ ନାଟ୍ୟସଂସ୍ଥା ଗୋଟିଏ ନିପଟ ମଫସଲରେ ସେମାନଙ୍କ ନାଟକ ପ୍ରଦର୍ଶନ କରିବାକୁ ଯାଇଛନ୍ତି, କିନ୍ତୁ ଆନୁଷଙ୍ଗିକ ଦ୍ରବ୍ୟ ବିନା ସେମାନଙ୍କ ପକ୍ଷେ ନାଟକ ମଞ୍ଚସ୍ଥ କରିବା ଅସମ୍ଭବ ହୋଇପଡିଛି । ସେତେବେଳେ ଗାଁର ମଳିମୁଣ୍ଡିଆଙ୍କ ପ୍ରତିନିଧି ସର୍ବେଶ୍ୱର ନାଟ୍ୟକର୍ମୀଙ୍କୁ କହିଛି "ଆଚ୍ଛା ବାବୁ ଆମ ଗାଁର ନାଥ ନନା ଯେତେବେଳେ ପାଲା କରେ, ଲୋକଙ୍କୁ ବୁଝାଇବା ପାଇଁ ସେ କହେ, ମୁଁ ହଉଚି ରାବଣ, ଲୋକ କହନ୍ତି ହଁ । ସେ ପୁଣି କହେ ମୁଁ ହଉଚି ସୀତା, ଲୋକେ କହନ୍ତି ହଁ । ନାଥ ନନାଙ୍କୁ ଯଦି ଲୋକେ ସୀତା ବୋଲି ଭାବନ୍ତି, ଆପଣ ପୋଷାକ ନିପିନ୍ଧିଲେ କାହିଁକି ନଭାବିବେ ?"୫ ସର୍ବେଶ୍ୱରର ବକ୍ତବ୍ୟରେ ଖୁବ୍ ପ୍ରାସଙ୍ଗିକତା ରହିଛି । ଗୋଟିଏ ରାତିରେ ଦାସକାଠିଆରେ ଗାୟକ ଓ ପାଳିଆ ଦୁଇଜଣ ମିଶି ମହାଭାରତ କିମ୍ବା ରାମାୟଣର ସମସ୍ତ ଚରିତ୍ରରେ ଅଭିନୟ କରିପାରନ୍ତି । ପୋଷାକ ବଦଳାଇବାକୁ ପଡ଼େନି କି ରାବଣ ପାଇଁ ସିଂହାସନ ଦରକାର ପଡେନି । ଆଲୋକର ପ୍ରାଚୁର୍ଯ୍ୟରେ ଅଭିନେତା କୁହେ ଅନ୍ଧାର, ଦର୍ଶକ ଧରିନିଏ ଘୋର ଅନ୍ଧାର ।

ଚଳଚିତ୍ରର ବାସ୍ତବଧର୍ମୀ ଆବେଦନ ନାଟକରେ ପ୍ରୟୋଗ କରିବା ଦ୍ୱାରା ନାଟକ ମଞ୍ଚାୟନର ଖର୍ଚ୍ଚ ଅଧିକ ବଢି ଯାଉଥିଲା । ତା'ପରେ ଦର୍ଶକର କଳ୍ପନାଶକ୍ତି ଉପରେ ମଧ୍ୟ ବାଧା ପହଞ୍ଚୁଥିଲା । ଲୋକନାଟକରେ ଏସବୁ ଆଡ଼ମ୍ବରର ଆବଶ୍ୟକତା ନଥିଲା । ପାଲାରେ ଗାୟକ ଏକାବେଳେ ଉଭୟ ରାମ, ସୀତା, ଗାୟକ ଓ ବ୍ୟାଖ୍ୟାକାର ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ ବି ଦର୍ଶକଙ୍କ ରସ ଆସ୍ୱାଦନରେ କୌଣସି ବାଧା ପହଞ୍ଚୁନଥିଲା । ଡ. ସଂଘମିତ୍ରା ମିଶ୍ରଙ୍କ ମତରେ ଆଧୁନିକ ନାଟକରେ ଲୋକଶୈଳୀ ପ୍ରୟୋଗ ଫଳରେ ପାଞ୍ଚଟି ଆଭିମୁଖ୍ୟ ପୂରଣ ହୋଇଛି । ସେଗୁଡ଼ିକ ହେଲା-

(କ) ଦର୍ଶକର ଭାବଚେତନାକୁ ସ୍ପର୍ଶ କରିବାରେ ସମର୍ଥ ହୋଇଛି।
(ଖ) ଏଥିରେ ଜୀବନ ପ୍ରତି ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହେଉଛି ।
(ଗ) ଆଧୁନିକ ମଣିଷର ବିଭକ୍ତ ବ୍ୟକ୍ତିତ୍ୱ ଚିତ୍ରଣରେ ବିଶ୍ୱସ୍ତତା ପ୍ରକାଶ ପାଉଛି ।
(ଘ) ବର୍ଣ୍ଣନା, କଳ୍ପନା ପ୍ରବଣତା (ରବଭଷ୍ପବଷ୍ପଛ) ଓ ରୂପକ (ଇକ୍ଷକ୍ଷରଶକ୍ସଛ) ଶୈଳୀର ପ୍ରୟୋଗରେ ଏହି ଧରଣର ନାଟକ ଗୋଟିଏ ସମୟର ପ୍ରତିନିଧିତ୍ୱ କରିବା ପାଇଁ କ୍ଷମ ହୋଇଛି ।
(ଙ) ସଙ୍ଗୀତର ପ୍ରୟୋଗ ଫଳରେ ଏହା ଦର୍ଶକମାନଙ୍କୁ କେବଳ ଆକୃଷ୍ଟ କରୁନାହିଁ । ବରଂ ଭରପୁର ଆନନ୍ଦ ପ୍ରଦାନ କରୁଛି ।

'ଚନ୍ଦ୍ରଗୁପ୍ତ ଜନ୍ମମୃତ୍ୟୁ ସମ୍ବାଦ'( ୨୦୦୬ ) ନାଟକଟି ଯୋଗୀ କଣ୍ଠରେ ମାଳିକା ଭଜନରୁ ଆରମ୍ଭ ହୋଇଛି ।

"ପଶ୍ଚିମ ଦିଗରେ ଘୋଡା ହୋଇବେ ପ୍ରବେଶ
ଦକ୍ଷିଣ ଦିଗୁଁ ଆସିବେ ତେଲେଙ୍ଗା ଯେ ଜାଣ
ଉତ୍ତର ଦିଗରେ ଜଗିଥିବେ ଯେ ପଠାଣ ।

ମିଛୁଆ ଜନମାନେ ଯେ ହେବେ ନାରଖାର
ମାତାପିତା ଛାଡି କରି ଗୃହ କରୁଥିବେ

ସେହି ଦିନ ଅକାଳରେ ନିଶ୍ଚୟ ମରିବେ ।"୬

୧ମ ଓ ୨ୟ ଲୋକ ଏଠି ସାଜିଛନ୍ତି ଯୋଗୀ । ଦେଶର ଦୁର୍ଗତି ଏବଂ ଏହାର ପରିମାଣ ବିଷୟରେ ଏହି ମାଳିକାରୁ ସ୍ପଷ୍ଟ ଅନୁମାନ କରାଯାଇଛି । ୧ମ ଓ ୨ୟ ଲୋକ ବିଭିନ୍ନ ପରିସ୍ଥିତିରେ ଉପସ୍ଥିତ ହୋଇ ନାଟ୍ୟ ବିଷୟବସ୍ତୁରେ ସଂଯୋଜନା ସୃଷ୍ଟି କରିଛନ୍ତି । 'ରାବଣଛାୟା'(୨୦୦୦), ନାଟକଟି ପାରମ୍ପରିକ ଲୁପ୍ତ ପ୍ରାୟ ରାମଲୀଳାର ଲୋକଶୈଳୀରେ ପରିକଳ୍ପିତ । ରାମଲୀଳାର ପରିବେଷଣ ଶୈଳୀ ସହିତ ରାବଣଛାୟା ସମ୍ପୂର୍ଣ୍ଣ ମିଶି ଯାଇଛି । ଉକ୍ତ ନାଟକରେ ଲୋକ ନାଟକକୁ ସମ୍ପୂର୍ଣ୍ଣ ଭାବରେ ବ୍ୟବହାର କରି ପୂର୍ଣ୍ଣାଙ୍ଗ ନାଟକଟିଏ ପ୍ରସ୍ତୁତ କରିଛନ୍ତି । ଏ ସମ୍ପର୍କରେ ନାଟକର ପ୍ରାରମ୍ଭରେ ନାଟ୍ୟକାର ସୂଚନା ଦେଇ କୁହନ୍ତି "ବିଗତ କିଛି ଦିନ ଧରି କାହାଣୀ ଓ ଶୈଳୀକୁ ନେଇ ପରୀକ୍ଷା କଳାପରେ ଏଭଳି ଏକ ନାଟକର ଆବଶ୍ୟକତା ମୋ ପାଇଁ ସ୍ୱାଭାବିକ ।   ପାରମ୍ପରିକ ରାମଲୀଳା, ଯାହା ଓଡିଶାରେ ଏକ ଲୁପ୍ତ ଲୋକଶୈଳୀ, ସେହି ଶୈଳୀର ଏ ନାଟକର ପରିକଳ୍ପନା କରଯାଇଛି ।"୭

ନାଟକର ଅଭିନେତାଙ୍କ ପୋଷାକ ପାଇଁ ରାମଲୀଳାର ପୌରାଣିକ ପୋଷାକ କିମ୍ବା ପାଲା ବା ଦାସକାଠିଆରେ ବ୍ୟବହୃତ ଗୋଟିଏ ପ୍ରକାର ପୋଷାକ ବ୍ୟବହାର କରିଛନ୍ତି । ରାମଲୀଳାରେ ଅଭିନେତାମାନେ ଯେମିତି ନିଜେ ନିଜର ପରିଚୟ ଦେଇଥାନ୍ତି ତାହା ଏଠାରେ ବି ବ୍ୟବହୃତ ହୋଇଛି । ନାଟକର ସମସ୍ତ କଳାକାର, ସଙ୍ଗୀତ ଶିଳ୍ପୀ ମଧ ମଞ୍ଚ ଉପରେ ଦର୍ଶକଙ୍କୁ ଦୃଶ୍ୟମାନ ହେଉଥିବା ଅବସ୍ଥାରେ ବସି ରହିଛନ୍ତି । ନାଟକୀୟ ଚରିତ୍ରମାନେ ପୌରାଣିକ ପୋଷାକ ସହିତ ରାମଚନ୍ଦ୍ରଙ୍କ ଧନୁ, ତୁଣିର ବା ରାବଣ ପାଇଁ ମୁକୁଟ ଇତ୍ୟାଦିର ବ୍ୟବହାର ସହିତ ଲୋକନାଟକୀୟ ସଂଳାପ ନାଟକଟିକୁ ଏକ ସମ୍ପୂର୍ଣ୍ଣ ରାମଲୀଳା ତୁଲ୍ୟ ଦୃଶ୍ୟମାନ ହୋଇଛି । ଭାବବସ୍ତୁ ବା ବାର୍ତ୍ତା ରହିଛି କିନ୍ତୁ ସମ୍ପୂର୍ଣ୍ଣ ଅତ୍ୟାଧୁନିକ । ନାଟକରେ ରାମାୟଣ କାହାଣୀର ପ୍ରୟୋଗ କ୍ରମରେ ପୌରାଣିକ ଚରିତ୍ର ରାମ, ସୀତା ବା ରାବଣ ଚଳନ୍ତି ସ୍ୱାର୍ଥାନ୍ୱେଷୀ ସାମାଜିକ ପ୍ରାଣୀଙ୍କ ଅସଲ ମୁଖା ଖୋଲିବାରେ ଆବଶ୍ୟକ ମନେ ହୋଇଛନ୍ତି । ଶଙ୍କର ତ୍ରିପାଠୀଙ୍କ 'ଧର୍ମଯୁଦ୍ଧ'(୧୯୯୮) ନାଟକରେ ଅଭିନେତାମାନେ ପାଲା ଗାୟକ ପରି ଧୋତୀ, ଗାୟକ ଏବଂ ପାଳିଆ ପାଟବସ୍ତ୍ର ପରିଧାନ କରିଛନ୍ତି । ଅଭିନେତ୍ରୀ ଓଡିଶୀ ନୃତ୍ୟାଙ୍ଗନାର ପୋଷାକ ପିନ୍ଧିଛନ୍ତି ଏବଂ ସଂଳାପରେ ମଧ ଲୋକ ଉପାଦାନର ପ୍ରୟୋଗ ପରିଲିଖିତ ।

'ନିଜଠୁ ନିଜର ଦୂରତା'(୧୯୯୭)  ନାଟକରେ ଲୋକ ବିଶ୍ୱାସର ଏକ ଆଧୁନିକ ରୂପ ପ୍ରଦର୍ଶିତ ହୋଇଛି । ଦୁଷ୍ମନ୍ତ ଯେତେବେଳେ ଚାକିରି ଛାଡିଦେଇ ସ୍ୱାଧୀନ ଭାବେ ବଞ୍ଚିବାକୁ ଚାହିଁଛି, ଶକୁନ୍ତଳା ସମେତ ପରିବାରର ଅନ୍ୟ ସଦସ୍ୟମାନେ ଦୁଷ୍ମନ୍ତଙ୍କୁ ଭୂତ ସବାର ହୋଇଛି ବୋଲି ଭାବିଛନ୍ତି । ପ୍ରତିକାର ନିମନ୍ତେ ଚାକର ରାମ ଗୋଟିଏ ଗୁଣିଆ ଡାକି ଆଣିଛି । ଗୁଣିଆ ଜଣକ ହେଉଛନ୍ତି ମା' କାଳୀଙ୍କର ଜଣେ ବଡ ସାଧକ । ସେ ଲୋକଙ୍କୁ ଝଡାଫୁଙ୍କା କରି ଭଲ କରି ଦିଅନ୍ତି । ଦୁଷ୍ମନ୍ତଙ୍କୁ ଦେଖି ସେ କହିଛନ୍ତି –

"ଏଇ ହେଉଛି କୌଣସି ଅତୃପ୍ତ ଆତ୍ମାର କାର୍ଯ୍ୟ । ନିଶ୍ଚିତ କି ପ୍ରେତ ଲାଗିଛି ।"୮

ଝୁଣା, ଅରୁଆ ଚାଉଳ ଆଦି ନେଇ ସାଧକମନ୍ତ୍ର ପଢିଛି– "କାଳୀକରାଳୀ, ନରମୁଣ୍ଡମାଳୀ ଫୁ । ଫୁତ୍ ଫୁତ୍ ଫୁତ୍‌କାର । ଗୋପିଆ ଫୁତ୍‌କାରା ରୋହିଣୀ ଫୁତ୍‌କାର । ଗରଡାରୁ ଅଢେଇ ଫୁତ୍‌କାର । ପଳା ପଳା ବୋଲି କରୁଛି ଫୁତ୍‌କାରା ଭୂତପଳା, ପ୍ରେତପଳା । ପଳା ପଳା ବୋଲି କାହାର ଆଜ୍ଞା ? ନିତେଇ ଧୋବଣୀ, ପିତେଇ ଯଉରୁଣୀର କୋଟି କୋଟି ଆଜ୍ଞା ।"୯  ଗୁଣିଆ ଦୁଷ୍ମନ୍ତଙ୍କୁ ଫୁଲ ଓ ଚେର ଧରାଇ ଦେଇଛି ଏବଂ ଘରଟାକୁ ମଧ କିଳି ଦେଇଛି । କିନ୍ତୁ ଦୁଷ୍ମନ୍ତଙ୍କ ମାନସିକ ସନ୍ତୁଳନ ଲାଘବ ହୋଇ ନାହିଁ । ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ମଧରେ ବୁଝାମଣାରେ ଅଭାବତ୍ୱ ଦୂର ହୋଇନାହିଁ । ବରଂ ଦୁଇ ଜଣଙ୍କ ମଧରେ ବିଶ୍ୱାସର ଅଭାବତ୍ୱ ଘନୀଭୂତ ହୋଇଛି । ପରିଣତିରେ ଦୁଇ ଜଣଙ୍କ ଅସହାୟ ମୃତ୍ୟୁ ହୋଇଛି । ଅତଏବ ଦୁଷ୍ମନ୍ତଙ୍କୁ କୌଣସି ଅଶରିରୀର ଆତ୍ମା ଆକ୍ରମଣ କରିନଥିଲା ତେଣୁ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କର ନାଟକରେ ଲୋକ ଉପାଦାନର ପ୍ରୟୋଗରେ ଯଥାର୍ଥତା ମନେ ହୁଏ । ପୁଣି ଚରିତ୍ରର ନାମକରଣରେ ମଧ ଲୋକ ଉପାଦାନ ଆଧାରିତ ନାମ ଦେଖାଯାଇଛି । ଯଥା– ପାରିଷଦ, ନିର୍ଦ୍ଦେଶକ, ସୂତ୍ରଧର, ନଟ-ନଟୀ, ମନ୍ତ୍ରୀ ଇତ୍ୟାଦି

ଆଲୋଚ୍ୟ ନାଟକଗୁଡ଼ିକ ବ୍ୟତୀତ ଆହୁରି ଅନେକ ନାଟକରେ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ ଲୋକନାଟକ ଶୈଳୀକୁ ପ୍ରୟୋଗ କରିଛନ୍ତି । ନାଟକ ଦର୍ଶକମାନଙ୍କ ହୃଦୟରେ ରୋଖାପାତ କରୁ ବୋଲି ଯେଉଁ ଭାବନା ନାଟ୍ୟକାରଙ୍କ ମନରେ ଜନ୍ମ ନେଇଥିଲ ତାହା ବାସ୍ତବରେ ସଫଳ ହୋଇଛି । ୧୯୮୦ ପରବର୍ତ୍ତୀକାଳରେ ସମସାମୟିକ ନାଟ୍ୟକାରମାନଙ୍କ ନାଟକରେ ଯେଉଁ ଲୋକଉପାଦାନର  ପ୍ରୟୋଗ ତଥା ପରିପ୍ରକାଶ ଘଟିଛି ନାଟ୍ୟକାର ତ୍ରିପାଠୀ ତାଙ୍କ ନାଟକରେ ତାହାର ଏକ ସ୍ୱତନ୍ତ୍ର ରୂପାୟନ କରିଛନ୍ତି । ଲୋକଜୀବନର ସହିତ ଜଡ଼ିତ ଥିବା ପ୍ରସଙ୍ଗ ଚରିତ୍ର ସର୍ବୋପରି ସଂଳାପ ଓ ପରିବେଶ ଜୀବନ୍ତ ହୋଇଉଠିଛି ନାଟକଗୁଡ଼ିକରେ । ପରିଶେଷରେ ଏତିକି ହିଁ କୁହାଯାଇପାରେ ସ୍ୱାଧୀନତା ପରବର୍ତ୍ତୀ କାଳରେ ନାଟକରେ ଲୋକଉପାଦନକୁ ଗୁରୁତ୍ୱ ଦେଉଥିବା ନାଟ୍ୟକାରମାନଙ୍କ ମଧରେ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ନିଷ୍ଠା ଓ ସାଧନା ଅବର୍ଣ୍ଣନୀୟ ।

**ପ୍ରାନ୍ତଟୀକା:**


୧ ହରିଚନ୍ଦନ,ନୀଳାଦ୍ରିଭୂଷଣ : ଭାବନା ବିଭାବନା ପୃ-୪୮।

୨ ପାଣିଗ୍ରାହୀ,ରମେଶପ୍ରସାଦ : ସାରସ୍ୱତ ସାକ୍ଷାତ୍‌କାର, ଡ.ବିଜୟାନ୍ଦ ସିଂହ, ବିଦ୍ୟାପୁରୀ,କଟକ,୧ମ ପ୍ରକାଶ ୨୦୦୩,ପୃ-୩୧୯ ।

୩ ତ୍ରିପାଠୀ,ଶଙ୍କର ପ୍ରସାଦ : ସାମ୍ରାଜ୍ୟ ପତନର ବେଳ,କଟକ,ଓଡ଼ିଶା ବୁକ୍ ଷ୍ଟୋର, ୧ମ ସଂସ୍କରଣ ୧୯୯୫ ପୃ-୨ ।

୪ ତତ୍ରୈବ ପୃ –୭ ।

୫ ତ୍ରିପାଠୀ,ଶଙ୍କର ପ୍ରସାଦ : ଶୁଣିବାହେଉ ଏ କାହାଣୀ,ତାରାତାରିଣୀ ପୁସ୍ତକାଳୟ ବାରାକ୍‌ସ ବ୍ରହ୍ମପୁର-୧, ପ୍ରଥମ ସଂସ୍କରଣ ୧୯୯୩,ପୃ-୯ ।

୬ ତ୍ରିପାଠୀ,ଶଙ୍କର ପ୍ରସାଦ : ଚନ୍ଦ୍ରଗୁପ୍ତ ଜନ୍ମମୃତ୍ୟୁ ସଂବାଦ,ଆର୍ଯ୍ୟା ପ୍ରକାଶନ,ବାଦାମବାବଡ଼ି,କଟକ-୧୨, ପ୍ରଥମ ସଂସ୍କରଣ ୨୦୦୬,ପୃ-୧ ।

୭ ତ୍ରିପାଠୀ,ଶଙ୍କର ପ୍ରସାଦ : ରାବଣଛାୟା, ,ଆର୍ଯ୍ୟପ୍ରକାଶନ,ବାଦାମବାଡ଼ି କଟକ,୧ମ ସଂସ୍କରଣ ୨୦୦୦,ପୃ-୧ ।

୮ ତ୍ରିପାଠୀ,ଶଙ୍କର ପ୍ରସାଦ : ନିଜଠୁ ନିଜର ଦୂରତା, ହିମାଂଶୁ ପ୍ରକାଶନ କଟକ ୧ମ ସଂସ୍କରଣ ୧୯୯୭, ପୃ-୧୧ ।

୯ ତତ୍ରୈବ ପୃ –୧୨ ।


❖❖❖

# ପ୍ରବାସିନୀ ମହାକୁଡ଼ଙ୍କ 'ପ୍ରତିଥର ଶୋଷ' : ଏକ ଭାବୋଚ୍ଛ୍ୱାସ

ISSN-2583-6978
Volume-4
Issue-12
DECEMBER-2024

**ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ**

**ଅତିଥି ଅଧ୍ୟାପିକା**
**ଓଡ଼ିଆ ଭାଷା ସାହିତ୍ୟ ବିଭାଗ**
**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର**

ଆମେ ଏକ ପରିବର୍ତ୍ତନ କାଳ ମଧ୍ୟରେ ବାସ କରୁଅଛୁ । ଶିଳ୍ପ ବିପ୍ଳବ ପରେ ପରେ ଆମ ସାମାଜିକ ଜୀବନରେ ଏହି ପରିବର୍ତ୍ତନ ଏକ ଅଖଣ୍ଡ ପ୍ରଭାବ ବିସ୍ତାର କରିଅଛି । ଶ୍ରମବିଭାଜନ ଫଳରେ ଆମ ଜୀବନ ଏଭଳି ବ୍ୟସ୍ତବହୁଳ ହୋଇପଡିଛି ଯେ ବଡ଼ ବଡ଼ କାବ୍ୟ, ଉପନ୍ୟାସ, ନାଟକ ପ୍ରଭୃତି ପାଠ କରିବା ପାଇଁ ଆମର ସମୟାଭାବ ଘଟୁଛି । ସାହିତ୍ୟ ସମାଜର ପ୍ରତିଛବିକୁ ନିଜ ଦେହରେ ପ୍ରତିଫଳିତ କରାଉଥିବାରୁ ଆମ ସାହିତ୍ୟରେ ମଧ୍ୟ ଏହି ସମୟର ପ୍ରଭାବ ଅନେକ ପରିବର୍ତ୍ତନ ଆଣିଦେଇଛି । ଫଳରେ ମହାକାବ୍ୟ ବଦଳରେ କ୍ଷୁଦ୍ର ଖଣ୍ଡକାବ୍ୟ , କବିତା, ଦୀର୍ଘକାୟ ଉପନ୍ୟାସ ବଦଳରେ କ୍ଷୁଦ୍ର ଗଳ୍ପ ଏବଂ ନାଟକ ବଦଳରେ ଏକାଙ୍କ ନାଟିକାମାନ ଆମ ପାଠକ ସମାଜରେ ବିଶେଷ ଭାବରେ ଆଦୃତି ହେଉଛି । ବିଶେଷତଃ ମହାଯୁଦ୍ଧ ଉତ୍ତର ବିଶ୍ୱ ସାହିତ୍ୟରେ କ୍ଷୁଦ୍ର ଗଳ୍ପ, କବିତା ଏବଂ ଏକାଙ୍କିକା ଏକ ମୁଖ୍ୟ ସ୍ଥାନ ଅଧିକାର କରିଛି ।

ଓଡ଼ିଆରେ ପଦ୍ୟ ସାହିତ୍ୟର ବିକାଶ ବା ଓଡ଼ିଆ ସାହିତ୍ୟର ବିଭିନ୍ନ ଯୁଗରେ କାବ୍ୟଶୈଳୀର ବୈଚିତ୍ର୍ୟ ଓ ବିଭବ ଅଧ୍ୟୟନ କରିବାକୁ ଗଲେ ପଦ୍ୟର କ୍ରମପର୍ଯ୍ୟାୟ ଆଲୋଚନା ଆବଶ୍ୟକ ମନେହୁଏ । ପୃଥିବୀର ପ୍ରାୟ ସମସ୍ତ ପ୍ରାଚୀନ ଭାଷା ପରି ଓଡ଼ିଆରେ ପ୍ରଥମେ ପଦ୍ୟ ସାହିତ୍ୟର ବିକାଶ ହୋଇଛି । ଓଡ଼ିଆ ଗଦ୍ୟ ଯେତେବେଳେ କେତେକ ଶିଳାଲେଖ ବା ତମ୍ରଲେଖ ଅସ୍ପଷ୍ଟତା ମଧ୍ୟରେ ଆବଦ୍ଧ ଥିଲା, ସେତେବେଳେ ପଦ୍ୟ ସାହିତ୍ୟ ଭାରତ ଯେ କୌଣସି ଉନ୍ନତ ସାହିତ୍ୟ ଏପରିକି ସଂସ୍କୃତର ସମକକ୍ଷ ହେବା ପାଇଁ ସ୍ପର୍ଦ୍ଧା ରଖୁଥିଲା । ଏହି କ୍ରମୋନ୍ନତି କେତୋଟି ବର୍ଷ ବା କେତୋଟି ଦଶନ୍ଧି ମଧ୍ୟରେ ଘଟିବା ସମ୍ଭବ ନୁହେଁ । ଏଥିପାଇଁ ଶତାବ୍ଦୀ ଶତାବ୍ଦୀର ସାଧନା ଓ ସମନ୍ୱୟ ଆବଶ୍ୟକ । ସେହି ଦୃଷ୍ଟିକୋଣରୁ ବିଚାର କଲେ ୯ମ ଶତାବ୍ଦୀର ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କର ଦୋହାବଳିର ସାନ୍ଧ୍ୟ ଭାଷା ଠାରୁ ସାରଳା, ପଞ୍ଚସଖା ଓ ତତ୍ ପରବର୍ତ୍ତୀ ସମୟରେ ମଧ୍ୟ ଅନେକ ଦୂର୍ବୋଧ ଆଧ୍ୟାତ୍ମିକ ଜଟିଳତା ଓ ଭାବଗତ ଅସ୍ପଷ୍ଟତା କବିତାରେ ପ୍ରବେଶ ଲାଭ କରିଛି । ଫକୀରମୋହନଙ୍କ ଠାରୁ ମାୟାଧର ମାନସିଂହଙ୍କ ପର୍ଯ୍ୟନ୍ତ ଆଧୁନିକ କବିତା କ୍ଷେତ୍ରରେ ଛନ୍ଦ, ରୁଚି, ଭାବ ଓ ବିଷୟବସ୍ତୁ ପ୍ରଭୃତିରେ ଅନେକ ପରୀକ୍ଷା ଓ ନିରୀକ୍ଷା ହୋଇଛି । ଆଧୁନିକ ଯୁଗର ପ୍ରଥମାର୍ଦ୍ଧରେ ଜାତୀୟତା, ଭକ୍ତିଭାବ ଓ ପଲ୍ଲୀପ୍ରାଣତା ସାଙ୍ଗକୁ ସତ୍ୟବାଦୀ ଯୁଗର ଉତ୍କଳ ପ୍ରାଣତା, ସବୁଜ ଯୁଗର ପ୍ରଗତିଶୀଳ ମନୋଭାବ ପରେ ମାନସିକ କବିତାର ଭାବବିହ୍ୱଳତା ପାଠକ ପ୍ରାଣରେ ଆଲୋଡ଼ନ ସୃଷ୍ଟି କରେ ।

ସଚ୍ଚିଦାନନ୍ଦ ରାଉତରାୟଙ୍କ ଠାରୁ ଅତ୍ୟାଧୁନିକ ଯୁଗର ଆରମ୍ଭ ବୋଲି ଧରାଯାଏ । ଏହିସବୁ କବିତା ଦୁର୍ବୋଧତା, ଅତିବୌଦ୍ଧିକତା, ସମାଜ ସମ୍ବନ୍ଧହୀନତା ଦୋଷରେ ଭାରାକ୍ରାନ୍ତ ବୋଲି ପାଠକମାନେ ଅଭିଯୋଗ ବଢାନ୍ତି । ଏ ସବୁର ନିରାକରଣ ପାଇଁ ଅନେକ କବି ଭେଟି ଦେଇଛନ୍ତି ଅନେକ କବିତା ଭିନ୍ନ ରଙ୍ଗରେ ଭିନ୍ନ ଢ଼ଙ୍ଗରେ । ସେହି ପରିପ୍ରେକ୍ଷୀରେ ଭାରତୀୟ ଓଡ଼ିଆ ନାରୀକବି ପ୍ରବାସିନୀ ମହାକୁଡ଼ ଆଧୁନିକ ଓଡ଼ିଆ ସାହିତ୍ୟରେ ଜଣେ ବଳିଷ୍ଠ ପ୍ରତିଭା କହିଲେ ଯଥାର୍ଥ ହେବ । ୨୪ ନଭେମ୍ବର ୧୯୫୭ ରେ କଳାହାଣ୍ଡି ଜିଲ୍ଲାର କୋକସରା ଗ୍ରାମରେ ତାଙ୍କର ଜନ୍ମ । ତାଙ୍କ ରଚନା ଶୈଳୀ ସ୍ୱତନ୍ତ୍ର । ଜଣେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଓ ଅନୁବାଦକ । ୨୦୦୯ ରେ ' ଧାଡ଼ିଏ ଶିମିଳି ଫୁଲ ଓ ଅନ୍ୟାନ୍ୟ କବିତା' ପୁସ୍ତକ ପାଇଁ ସେ ସମ୍ମାନିତ । ନିଚ୍ଛକ ବାସ୍ତବତା ତାଙ୍କ କବିତାର ଅସଲ ବିଭବ । ତାଙ୍କ ସୃଷ୍ଟି ସମ୍ଭାରଗୁଡ଼ିକ ମଧ୍ୟରେ ରହିଛି ' ମୁହୂର୍ତ୍ତ ମୁହୂର୍ତ୍ତ' , ଆଧାରଶିଳା, ପରମା, ଜସ୍ମି ଝିଅ, କେହିଜଣେ ସୁଭାଙ୍ଗୀ, ନଭେମ୍ବର ମୋର ଜନ୍ମମାସ , କଥାକୁହ କବିତା, ନାଆଁର ଉର୍ଦ୍ଧ୍ୱରେ, ପ୍ରତିଥର ଶୋଷ, ଅପରାଜିତାର ଦିନରାତି, ଅକାଳରେ

ସାରସ ଇତ୍ୟାଦି । ଓଡ଼ିଆ ସାହିତ୍ୟରେ ସେ ଜଣେ ଶ୍ରଦ୍ଧାଶୀଳ ଉଚ୍ଚାରଣ, ଶବ୍ଦ ସହିତ ତାଙ୍କର ସମ୍ପର୍କ ଜୀବନ ପରି । ସାଧାରଣ ଘଟଣାକୁ ଅସାଧାରଣ କରିଦେବାରେ ତାଙ୍କ ପକ୍ଷେ ରହିଛି ଚମତ୍କାର କଳା ଓ କୌଶଳର ପାରିଲାପଣ । ସମସାମୟିକ ସମାଜ ଓ ଆଧୁନିକ । ସମସାମୟିକ ସମାଜ ଓ ଆଧୁନିକ ମଣିଷର ସାଧାରଣ ମାନସିକ ସ୍ଥିତିକୁ ନେଇ ତାଙ୍କ ସୃଷ୍ଟିଗୁଡ଼ିକ ଯେତିକି ସାବଲୀଳ ସେତିକି ଜଟିଳ ଓ ସମ୍ବେଦନଶୀଳ ମଧ୍ୟ । ଅବ୍ୟକ୍ତ ଧାରଣାକୁ ନେଇ ସୁଖପାଠ୍ୟ ଭାବପିଣ୍ଡି ନିର୍ମାଣ କରିପାରିବା ହିଁ ତାଙ୍କର ସର୍ବଶ୍ରେଷ୍ଠ ସାମର୍ଥ୍ୟ ।

ତାଙ୍କ ମତରେ ' ସାହିତ୍ୟ ସାଧନା ଏକ ଅନନ୍ୟ ସାଧନା' । ସାହିତ୍ୟରୁ ଐଶ୍ୱରୀୟ ଆନନ୍ଦ ମିଳେ । ପୁରସ୍କାର ପାଇଁ କେହି ଲେଖେନି । ଲେଖିବା ଏକ ସାଧନା । ଲେଖା ମନକୁ ଶାନ୍ତି ଦିଏ । ଲେଖକର ଦୃଷ୍ଟିଭଙ୍ଗୀ ଉଦାର ଏବଂ କବିତାକୁ ଭଲପାଇବାର ପ୍ରବଣତା ହିଁ ଲେଖିବା ପାଇଁ ବାଧ୍ୟ କରେ । କବିତା ରକ୍ତରୁ ଆସେ , ହୃତପିଣ୍ଡରୁ ଆସେ , ନିଃଶ୍ୱାସ – ପ୍ରଶ୍ୱାସରୁ ଆସେ , ଅନୁଭୂତିରୁ ଆସେ ବୋଲି ସେ କୁହନ୍ତି । ଅନୁଭବ ଓ ଅନୁଭୂତିକୁ ନେଇ ତାଙ୍କର ଲେଖାଗୁଡ଼ିକ ଜୀବନ୍ତ ମନେହୁଅନ୍ତି । ତାଙ୍କର ବର୍ଣ୍ଣନାଶୈଳୀ ଭାଷା ଓ ଭାବରେ ରହିଛି ସ୍ୱକୀୟତା ଓ ହୃଦୟସ୍ପର୍ଶୀ ଭାବାବେଗ । ଦୁଃଖ ଓ ନିଜର ତୃଷ୍ଣାକୁ ପ୍ରତିଟି କବିତାରେ ସେ ଭେଟନ୍ତି ବୋଲି କବିତାଗୁଡିକରୁ ସ୍ପଷ୍ଟ ଅନୁମେୟ ହୁଏ । ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟ ଜଗତରେ ସେ ଜଣେ ଉଜ୍ଜ୍ୱଳ ତାରକା କହିବା ସମିଚୀନ ହେବ ।

ସମକାଳୀନ ଓଡ଼ିଆ କବିତାରେ ଏକ ପରିଚିତ ନାରୀସ୍ୱର । ଆବେଗରେ ଛଳଛଳ ଅଥଚ ଅଭିମାନରେ ଭରପୂର । କେବେ ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗ ତ ଆଉ କେବେ ବାସ୍ତବତାର କରୁଣ ରଂଗ । ତାଂକ କବିତାର ସ୍ୱର ବାସ୍ତବତାରେ ଭରପୂର । ୪୭ ଟି କ୍ଷୁଦ୍ର କବିତାକୁ ପାଥେୟ କରି ' ପ୍ରତିଥର ଶୋଷ' କବିତା ପୁସ୍ତକଟି ପରିପୁଷ୍ଟ ହୋଇଛି । ଏଥିରେ ରହିଛି ବାସ୍ତବତାର ନିଚ୍ଛକ ପ୍ରତିଛବି । ଯେଉଁଠି ରହିଛି ଏକ ଭିନ୍ନ ଆପଣାପଣର ସ୍ପର୍ଶ । ଉଦାସୀନତା ଓ ନିଜ ଭିତରେ ଭାଙ୍ଗି ଯାଉଥିବା କରୁଣ ଶବ୍ଦମାନ । ଆଶା – ଆକାଂକ୍ଷାମାନେ ଥରେ ଥରେ ହାତ ପାହାନ୍ତାରୁ ଖସି ଯାଆନ୍ତି ପୁଣି । ଅଭାବବୋଧ ଭିତରେ ଏକ ତୀବ୍ର ମାନସିକ ଆଘାତ ଭିତର ଦେଇ ଗତି କରିବାକୁ ପଡେ ମନୁଷ୍ୟମାନଙ୍କ । ଦେହର ଉର୍ଦ୍ଧ୍ୱକୁ ଯାଇ ଆତ୍ମାର ଆଲୋକକୁ ଅନୁଭବ କରିବାକୁ ପଡ଼େ ଏକ ଅପାର୍ଥିବ ଦୁନିଆରେ । ଜୀବନର ପ୍ରତି ମୁହୂର୍ତ୍ତକୁ ବଞ୍ଚିବାକୁ ହେଲେ ବହୁ ଆମ୍ବ ବଉଳ ଯେମିତି କୁହୁଡ଼ିରେ ପୋଡିଯାଏ , ସେପରି ପରିସ୍ଥିତି ପରିବେଶ ସହ ରହିବାକୁ ହୁଏ ।

ଜୀବନରେ କେହି ମଧ୍ୟ ସୁଖୀ ନୁହଁନ୍ତି । ସେ ଶିଳ୍ପୀ , ସାହିତ୍ୟିକ ଯେ କେହି ବି ହେଉ କିଛି ନା କିଛି ଅଭାବବୋଧ ଭିତରେ ସମସ୍ତେ ସନ୍ତୁଳି ହୁଅନ୍ତି । ଜୀବନ ରାସ୍ତାରେ ସମସ୍ତେ ଏକା ଏକା ପଥିକ । ପଥ କେବେ କେବେ ସରେ କେହି ସହଯାତ୍ରୀଟିଏ ହେଇଗଲେ । ପୁଣି କେବେ ବିନା ସହଯାତ୍ରୀରେ ପଥ ଅତିକ୍ରାନ୍ତ କରିବାକୁ ପଡ଼େ ନିଜର ଅନୁଭୂତିଗୁଡ଼ିକୁ ଆଶ୍ରୟ କରି କିନ୍ତୁ ଏ ରାସ୍ତାରେ ଚାଲିବାର ସ୍ୱାଦ ଭିନ୍ନ ଥାଏ । ଯାହାକୁ ଆତ୍ମସୁଖ ବୋଲି ମଧ୍ୟ କୁହାଯାଇପାରେ ।

ସ୍ୱର୍ଗର ରୂପ ଭିନ୍ନ ଭିନ୍ନ । ଶବ୍ଦଗୁଡ଼ିକ ଯେତେବେଳ ଜଣେ ଅନ୍ୟ ଜଣଙ୍କର ସ୍ପର୍ଶ ଅନୁଭବ କରନ୍ତି , ସେତେବେଳେ ନୂତନ ରଚନାଟିଏ ସୃଷ୍ଟି ହୁଏ । ସ୍ପର୍ଶରେ ବାରି ହୋଇଯାଏ ପର – ଆପଣା । ଏହାର ଛାପ ହାତ ଆଙ୍ଗୁଳି ପରି ହୋଇପାରେ ପୁଣି ହୋଇପାରେ ଗୋଇଠା ଅବା ଲାତ । କିନ୍ତୁ ସବୁଠୁ ବେଶୀ ବାଧେ ବିନା ସ୍ପର୍ଶର ଆଘାତ । ମିଛ ମଣିଷମାନଙ୍କ ମିଛ ରଙ୍ଗମଞ୍ଚରେ କାହିଁ କେତେ ଭାବ ଥାଏ । ତଥାପି ହୃଦୟସ୍ପର୍ଶୀ ଭାବର ଅଭାବ ଦେଖିବାକୁ ମିଳେ । ସ୍ପର୍ଶ ଏଠି ବେସାମାଜିକ ଓ ଚରିତ୍ରହୀନା । ଜାତି – ଧର୍ମ - ବର୍ଣ୍ଣ ନାମରେ ସ୍ପର୍ଶଟେ ପାଇଁ କାହିଁ କେତେ କଟକଣା । ସ୍ପର୍ଶକୁ ସ୍ପର୍ଶ ଠାରୁ ଦୂର କରି କାହା ଅଭିମାନ, କାହା ପ୍ରଭୁତ୍ୱ ପାଇଁ ସ୍ପର୍ଶ ହୋଇଯାଏ ବାହାନା । ସତରେ ! କୋମଳ ସ୍ପର୍ଶଟେ ପାଇଁ ମଣିଷ କେତେ ଭୋକିଲା । ସେ ମାଗି ପାରେନି କାହାକୁ ହାତ ପତେଇ । ଆଉ ପୁଣି ସ୍ପର୍ଶଟେ ପାଇଁ ନିଜ ସାଥେ ଏକାନ୍ତରେ କରିବାକୁ ପଡ଼େ ଅନେକ ଲଢ଼େଇ । ଯେମିତି ଏଠି ପ୍ରେମପୂର୍ଣ୍ଣ ସ୍ପର୍ଶର ମରୁଡ଼ି ପଡ଼ିଛି । ବ୍ୟକ୍ତି ହିଁ କହିପାରେ ବିନା ସ୍ପର୍ଶର ବେଦନା । ଏ ସ୍ପର୍ଶ ଶବ୍ଦଟିର ଅନ୍ୟନାମ ମଣିଷତ୍ୱ । କୋମଳ ସ୍ପର୍ଶରେ ସମସ୍ତଙ୍କର ଅଧିକାର ଥାଏ । କିନ୍ତୁ ସ୍ପର୍ଶହରା ମଣିଷଙ୍କ ଗହଳରେ ସ୍ପର୍ଶର ଅନୁସନ୍ଧାନ ବୋଧହୁଏ ଏ ସମାଜରେ ସବୁଠାରୁ ବଡ଼ ବ୍ୟତିକ୍ରମ ।

କବିତାମାନେ ଚିରକାଳ ଭଗ୍ନ, ଠିକ୍ ଏଇ ମନ ପରି , ଭାବନା ପରି ।ଏ ଦୁନିଆ କବିତାରେ ଭରା । ପ୍ରତିଟି ଜିନିଷରେ ତାଙ୍କୁ ଦେଖାଯାଏ କବିତା । କବିତାରେ ତାଙ୍କ ଜୀବନ ସମାହିତ ଯେମିତି । କବିତା ଥିଲା ଓ ରହିବ ବୋଲି ସେ କୁହନ୍ତି । ପ୍ରତ୍ୟେକଙ୍କ ଜନ୍ମ ସହିତ କବିତା ମଧ୍ୟ ଜନ୍ମ ନିଏ । ଶରୀର ସ୍ଥୁଳ ଦେହରେ ବୃଦ୍ଧି ହୁଏ ଆଉ କବିତା ସୂକ୍ଷ୍ମ ଚେତନାରେ । ଦେହ ଭଙ୍ଗେନି କିନ୍ତୁ କବିତାମାନେ ଭାଙ୍ଗି ଯାଆନ୍ତି । କାଚ ଗ୍ଲାସ୍ ର ଭାଙ୍ଗିବା ଶବ୍ଦରେ କବିତା ଭାଙ୍ଗିଯାଏ । ଜିଦ୍ କରି କାନ୍ଦିଲେ କବିତା ଓଦା ହୁଏ । ଖୁସି ହେଲେ କୃଷ୍ଣଚୁଡାର ରଙ୍ଗରେ, ମଲ୍ଲୀ ଫୁଲର ବାସ୍ନାରେ କବିତାର କଅଁଳ ଦେହ ଫୁଟି ଉଠେ । ଖୋଜିବାପଣ କବିତାରେ ଉସ୍ସ ପାଲଟେ । ଜୀବନର ବିପନ୍ନ ମୁହୂର୍ତ୍ତରେ କବିତା ହିଁ ନିଜର କରେ , ଆଶ୍ୱାସନା ଦିଏ । ନିଜ ଭିତରେ ନିଜକୁ ଚିହ୍ନେଇ ଦିଏ । ମା' ଗର୍ଭରୁ ଜନ୍ମ ନେଇଥିବା ସ୍ଥୁଳ ଶରୀର ଯେତେଦିନ ଯାଏଁ ଜିଂଇଚି, କବିତା ମଧ୍ୟ ଆମ ଭିତରେ ଜିଇଁଚି ବୋଲି କବୟିତ୍ରୀ କବିତାରେ ପ୍ରକାଶ କରିଛନ୍ତି ।

ଜୀବନକୁ ଆଉଥରେ ଅନୁଭବ କରିବାକୁ ହେଲେ କେବଳ ଜୀବନ ନୁହେଁ ବରଂ ଅନେକ କିଛି ଦରକାର ହୁଏ । ଯେମିତି

ପ୍ରତିଟି ପ୍ରତିଶ୍ରୁତିକୁ ମିଛ ପ୍ରତିଶ୍ରୁତି ବୋଲି ପ୍ରମାଣ କରିଦେଇପାରିବାର ସତ୍ ସାହସ, ଅପମାନ ଓ ଅପବାଦକୁ ସହିଯିବା ଭଳି ଗୋଟେ ଶକ୍ତ ହୃଦୟ ଓ ଉଦାସୀ ମୁହଁ ଏବଂ ପ୍ରତିଟି ଋତୁଙ୍କୁ ବଦଳେଇ ଦେବାର ଯାଦୁକରୀ ଅନୁଭବ ହିଁ ଜୀବନକୁ ଆଉଥରେ ଅନୁଭବ କରାଏ । ଏହା ବ୍ୟତୀତ ପ୍ରେମ ହିଁ ଜୀବନକୁ ଆଉଥରେ ଅନୁଭବ କରିବାର ସ୍ୱାଦ ଦିଏ । ଫଳରେ ଚୈତ୍ର ମାସର ରଙ୍ଗ ବେରଙ୍ଗ ଫୁଲମାନ ମଧ୍ୟ ଖୁସି ଦିଅନ୍ତି । ସାରା ପୃଥିବୀ ପ୍ରେମମୟ – ମଧୁମୟ ମନେହୁଏ । ଆଖପାଖରୁ ଜୀବନ ଉଠିଆସେ ଭରପୂର ସତେଜପଣ ନେଇ । ଜୀବନକୁ ଅନୁଭବ କରିବାକୁ ଚାହିଁଲେ ଅନେକ ପ୍ରକାରର ଜିଇଁ ହେବ । ସେଥିପାଇଁ ପରିସ୍ଥିତି ଯାହା ହେଉ ନା କାହିଁକି ବଞ୍ଚିବା ପରି ବଞ୍ଚିବାର ଆଗ୍ରହ ଓ ଇଚ୍ଛାଶକ୍ତି ଅନିବାର୍ଯ୍ୟ ।

ବିଶ୍ୱାସ ମୂଳେ ଏ ଜଗତ। ଜୀବନର ଅନେକ କାର୍ଯ୍ୟ ଓ ସନ୍ଧି ଭାଗ ସମୟ ଅନ୍ୟ ଉପରେ ବିଶ୍ୱାସ ଅନୁସାରେ ହୋଇଥାଏ । ଏହି ଆସ୍ଥା, ବିଶ୍ୱାସ ଓ ସମର୍ପଣଭାବ ହିଁ ଜୀବନ ଜିଇଁବାର କଳା ଶିଖାଇଥାଏ କିନ୍ତୁ ଅନେକ ସମୟରେ ବିଶ୍ୱାସରେ ବିଷ ଦେବାକୁ ମଧ୍ୟ ପଛେଇ ନଥାନ୍ତି ଅନେକ ମଣିଷ । କହିବାକୁ ଗଲେ ସକାଳେ ଉଠିବା ଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଆମେ କୌଣସି ନା କୌଣସି କାମରେ ଅନ୍ୟମାନଙ୍କୁ ବିଶ୍ୱାସ କରିଥାଉ ବିନା ସନ୍ଦେହ ଓ ସଂକୋଚରେ କିନ୍ତୁ ବର୍ତ୍ତମାନ ସ୍ଥିତିରେ ଅନେକ କ୍ଷେତ୍ରରେ ଅବିଶ୍ୱାସ ଓ ବିଶ୍ୱାସଘାତକତାର ପଦଧ୍ୱନି ଦେଖିବାକୁ ମିଳୁଛି । ଯେଉଁ ବିଶ୍ୱାସ ଭାଙ୍ଗି ଯାଉଛି କାଚ ପରି, ହୃଦୟ ପରି, ଇଚ୍ଛା ପରି। ବିଶ୍ଳେଷଣ କଲେ ଜଣାଯାଏ ସାମାଜିକ ସମ୍ପର୍କ ଓ ବିଶ୍ୱାସ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅବିଶ୍ୱାସବୋଧ ସମାଜ ପାଇଁ ଶୁଭଙ୍କର ନୁହେଁ । କାହାର ବିଶ୍ୱାସ ଭାଙ୍ଗିବା ସହଜ କିନ୍ତୁ ନିଜ ସୁକର୍ମ ଓ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଜରିଆରେ ଅନ୍ୟର ବିଶ୍ୱାସଭାଜନ ହେବା କାଠିକର ପାଠ । ତେଣୁ ସବୁଠାରେ ବିଶ୍ୱାସ ସୃଷ୍ଟି କରିବା ପୂର୍ଣ୍ଣ କରିବା ଏକ ମହତ୍ କାର୍ଯ୍ୟ ।

ହୃଦୟ ସତ୍ୟ – ସନାତନ ଓ ଚିରନ୍ତନ ଅଟେ । ଦୁଇଟି ହୃଦୟର ମିଳନରେ ସମ୍ପର୍କର ସମ୍ଭାର ହୁଏ । ଏହି ସଂପର୍କରେ ଗଢ଼ା ହୁଏ ମଣିଷ ଜୀବନ । ସମ୍ପର୍କ ସତ୍ୟ ହେଲେ ମଣିଷ ହୁଏ ବଳୀୟାନ । ହୃଦୟର ଚାରୋଟି କୋଠରୀ ସଂପର୍କରେ କହିବାକୁ ଯାଇ କବି କହିଛନ୍ତି " ହୃଦୟର ପ୍ରଥମ କୋଠରୀରେ ଭରପୂର ରକ୍ତ ଅଛି । ଯେଉଁଠି ଅଛି ଜୀବନ ଓ ଜୀବନଦାୟୀ ରକ୍ତ। ସେ ପୁଣି ଭଲ ଓ ଖରାପ ନାଆଁରେ । ହୃଦୟର ଦ୍ୱିତୀୟ କୋଠରୀରେ ଥାଏ ଗର୍ଭାବସ୍ଥାର ଶିଶୁ ଜୀବନ ଓ ତା' ପିଲାଦିନମାନ ସବୁକିଛି ଅଛି । ହୃଦୟର ତୃତୀୟ କୋଠରୀରେ ଲୁଣିଆ ରକ୍ତ ଥାଏ । ଯେଉଁଠି ଆଖିରୁ ଲୁହ ଝରେ ପ୍ରିୟଜନଙ୍କ ଦୈହିକ ଅନୁପସ୍ଥିତିରେ ଏବଂ ଶେଷରେ ହୃଦୟର ଚତୁର୍ଥ କୋଠରୀରେ ବିଷାଦ ଓ ଉଦାସୀ ମୁହୂର୍ତ୍ତମାନ ଥାଆନ୍ତି । ଯେଉଁଠି ଆତ୍ମକଥାମାନ ଲୁଚେଇ ରଖିବା ପାଇଁ ଭଲ ସ୍ଥାନଟିଏ ବୋଲି ଧରିନେବାକୁ ହେବ ।

ମୃତ୍ୟୁ ଚିରନ୍ତନ ସତ୍ୟ । ମୃତ୍ୟୁ ଗୋଟିଏ ହୃଦୟହୀନ ଅତିଥି । ମୃତ୍ୟୁ ଐଶ୍ୱର୍ଯ୍ୟମନ୍ତ , ମୋକ୍ଷର ଦ୍ୱାର। ବଡ଼ ଭବ୍ୟ ଏ ମୃତ୍ୟୁର କରୁଣ ରୂପ । ମୃତ୍ୟୁ ଦୁର୍ଲ୍ଲଭ, ବିବର୍ଜିତ ଆୟୁ ଯାହା କରୁଣ୍ୟରୁ ଜନ୍ମ । ମୃତ୍ୟୁ ହତାଶା, ବ୍ୟର୍ଥତା, ଭୟ, ଗ୍ଲାନିପୂର୍ଣ୍ଣ, ଅପୂର୍ଣ୍ଣ ପୁଣି ମୃତ୍ୟୁ ହିଁ ସତ୍ୟ, ଶାଶ୍ୱତ, ବିଶ୍ୱସ୍ତ , ସ୍ପନ୍ଦନ ନିଃଶ୍ୱାସ ଓ ବିଶ୍ୱାସ। ମୃତ୍ୟୁ ହିଁ ମଣିଷର ଭାଗ୍ୟ, ଭଗବାନ, ନିୟତି ଓ ଶେଷ ପରିଣତି। ତେଣୁ କବୀରଙ୍କ ମତରେ " ମଣିଷକୁ ମରିବାକୁ ବି ଶିଖିବା କଥା

ମରିବ ତ ଏମିତି ମର ଯେ

ପୁଣିଥରେ ଜିଇଁବାକୁ ବି ପଡ଼ିବନି" ।

ମୁକ୍ତି ଏକ ଡେଣାହୀନ ପକ୍ଷୀ । ସେ ସଂଗୀତ ହେଉ ଅବା ମୂର୍ଚ୍ଛନା , ଧନର ହେଉ ଅବା ମନର , ମନୁଷ୍ୟର ବା ଜଗତର, ଜୀବନ ହେଉ ଅବା ମୃତ୍ୟୁର, ସୁଖ ହେଉ ଅବା ଦୁଃଖର, ସଜୀବ ହେଉ ବା ଜୀବ, ସମ୍ପର୍କ ହେଉ ବା ବିଚ୍ଛେଦ , ସତ୍ୟ ଅବା ମିଥ୍ୟା ସବୁରି ମୂଲ୍ୟ ହେଉଛି ଏକ । ସମସ୍ତେ ଚାହାଁନ୍ତି ମୁକ୍ତି । ଜୀବନର ସଫଳ – ଅସଫଳ , ଲାଭ – କ୍ଷତିର ଦିଆ – ନିଆର ଅସଂଖ୍ୟ ପଂକ୍ତିରୁ ସମସ୍ତଙ୍କୁ ଲୋଡ଼ା ମୁକ୍ତି । କିନ୍ତୁ ନାରୀଟେ ବାହାରି ପାରେନି ଶୂନ୍ୟତାର ଘେରରୁ। ତାର କେବେ ମୁକ୍ତି ନାହିଁ । ଜୀବନର ପ୍ରତିଟି ପର୍ଯ୍ୟାୟରୁ ବାରମ୍ବାର ସମୟ – ଅସମୟରେ ସେ କେବଳ ପ୍ରତୀକ୍ଷାରେ ହିଁ ରହିଥାଏ । ତେଣୁ ପ୍ରତୀକ୍ଷା ହିଁ ନାରୀର ଅନ୍ୟନାମ ।

ଜୀବନ ଏକ ତୃପ୍ତିହୀନ ତୃଷ୍ଣା । ଯେଉଁଠି ଥାଏ ଉଚ୍ଚ ହେବାର, ପ୍ରସିଦ୍ଧ ହେବାର, ସଫଳ ହେବାର ତୃଷ୍ଣା । ପ୍ରତିଥର ତୃଷ୍ଣା ହିଁ ତୃଷ୍ଣା। ଜୀବନର ପ୍ରତିଟି ପର୍ଯ୍ୟାୟରେ ନିଜ ଆଖିର ଲୁହରେ ହିଁ ତୃଷ୍ଣା ମେଣ୍ଟେ । ତା' ଦେହ ଅନୁଭୂତିରେ ସର୍ବଦା ଓଦା । ହରାଇବାର ଦୁଃଖରେ ମ୍ରିୟମାଣ ତା'ର କାବ୍ୟିକ ସତ୍ତା । ଜୀବନକୁ ବୁଝପାରୁନଥିବା ଯେତେ ବେଶୀ ବ୍ୟର୍ଥ ନୁହେଁ, ତା' ଠାରୁ ବେଶୀ ଅସଫଳ। ଫୁଲ ଭର୍ତ୍ତି ଡାଳମାନ ଯେତେବେଳ ଝାଡି ଦିଅନ୍ତି ଫୁଲମାନ , ସେତେବେଳେ ଜୀବନରେ ଖାଲିପଣ ପୂର୍ଣ୍ଣ ହୋଇଯାଏ। ଝରାଫୁଲର ସଖ୍ୟ ତାକୁ ମନେପକାଇଦିଏ ତା' ନିଃସଙ୍ଗତା, ଅସହାୟତା ଓ ଭଲପାଇବାର କଥା । ତେଣୁ ଶୋଷ ଥିଲା, ଅଛି ଓ ରହିବ ମଧ୍ୟ । ଆଖିର ଲୁହ ହିଁ ଶୋଷର ଶ୍ରେଷ୍ଠ ଉତ୍ତର ।

ସମକାଳୀନ ଓଡ଼ିଆ କବିତାରେ ଏକ ସୁପରିଚିତ ନାରୀସ୍ୱର ହେଉଛନ୍ତି ପ୍ରବାସିନୀ ମହାକୁଡ଼। ତାଙ୍କ ପ୍ରତ୍ୟେକ କବିତାଗୁଡ଼ିକ ଆବେଗରେ ଛଳଛଳ ଅଥଚ ଅଭିମାନରେ ଭରପୂର । କେବେ ବିଦ୍ରୋହର ଅଗ୍ନିସ୍ଫୁଲିଂଗ ତ କେବେ ବାସ୍ତବତାର କରୁଣ ରଙ୍ଗ ଝରିପଡେ ତାଙ୍କ କବିତାରୁ । ମୋଟାମୋଟି ଭାବେ କହିବାକୁ ଗଲେ ସେ ଜଣେ ବାସ୍ତବବାଦୀ କବି ଅର୍ଥାତ୍ ନାରୀ ମନସ୍ତତ୍ତ୍ୱଧର୍ମୀ ନାରୀବାଦୀ ଲେଖିକା କହିବା ସମିଚୀନ ହେବ ।

# ପ୍ରେମ,ଜୀବନ ଓ ବେଦନାକୁ ନେଇ ଔପନ୍ୟାସିକା କବିତା ବାରିକଙ୍କ 'ଜୀବନ ନଈ' ଉପନ୍ୟାସ : ଏକ ଅବଲୋକନ



ISSN-2583-6978
Volume-4
Issue-12
DECEMBER-2024

**ନରେଶ ମହାନନ୍ଦ**

**ଗବେଷକ**
**ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା,କଳାହାଣ୍ଡି**

ସାହିତ୍ୟରେ ସାମାଜିକ ଜୀବନର ନିଚ୍ଛକ ପ୍ରତିଫଳନ ଘଟିଥାଏ କାରଣ ସାହିତ୍ୟ ସମାଜର ଦର୍ପଣ ସାଦୃଶ୍ୟ। ସାହିତ୍ୟ ଓ ସମାଜ ପରସ୍ପର ପରିପୂରକ, ଜଣକର ବିନା ଅନ୍ୟଟିର କଳ୍ପନା କରାଯାଇ ପାରେନାହିଁ । ସାହିତ୍ୟ ମନୁଷ୍ୟର ସୁଖ-ଦୁଃଖର ସାଥି ଏବଂ ସର୍ବଦା ପଥ ପ୍ରଦର୍ଶିତ କରୁଥିବା ଆଲୋକ ବତୀ ସଦୃଶ। ତେଣୁ ଅଦ୍ୱିତୀୟ ସ୍ରଷ୍ଟାଗଣ ଅନୁଭୂତି ଓ ଅଭିଜ୍ଞତାର ଉପଲବ୍ଧିରେ ଗଢ଼ିତୋଳନ୍ତି ଚିରନ୍ତନ ସାହିତ୍ୟ ଯାହା ପାଠକର ଚିନ୍ତା ଚେତନାକୁ ସୁଦୂରପ୍ରସାରୀ କରେ ଏବଂ ନୂତନ ଏକ ସମାଜର ମୂଳଦୁଆ ସ୍ଥାପନ ପାଇଁ ପ୍ରେରଣା ଯୋଗାଏ। ସେହିପରି ଅନେକ ସ୍ରଷ୍ଟା ଓଡିଆ ସାହିତ୍ୟ ଜଗତରେ ଥୋଇଦେଇ ଯାଇଛନ୍ତି ଅନେକ ବହୁମୂଲ୍ୟ ଗ୍ରନ୍ଥ ଯାହାଙ୍କର ଅବଦାନରେ ଆଜି ଓଡିଆ ସାହିତ୍ୟ ଜଗତ ବେଶ ସମୃଦ୍ଧ ଓ ପ୍ରସାରିତ।

ସେହିପରି ସାମ୍ପ୍ରତିକ ସମୟର ଓଡିଆ ଔପନ୍ୟାସିକା କବିତା ବାରିକଙ୍କ ସୃଷ୍ଟି ଜଗତ ଅନନ୍ୟ ଓ ଅସାଧାରଣ।ଉପନ୍ୟାସ ବ୍ୟତୀତ ଗଳ୍ପ, ପ୍ରବନ୍ଧ ଓ ସମାଲୋଚନା ଲେଖିବାରେ ମଧ୍ୟ ବେଶ ସିଦ୍ଧହସ୍ତ ଲାଭ କରିଛନ୍ତି। ତାଙ୍କ ଗଳ୍ପ ସଂକଳନ ମଧ୍ୟରେ 'ଭିନ୍ନ ସହର', 'ଛକ', 'ସଞ୍ଜ ଯେବେଆସେ', 'ଗଙ୍ଗା ସ୍ନାନ', 'ଜୀବନ କେବେକେମିତି', 'ପବିତ୍ର ନିରଞ୍ଜନା', 'ଭଲ ଦିନର ଠିକଣା', 'ଅଧାଗଢ଼ା ସମ୍ପର୍କ', 'ଚରିତ୍ର ମାନେ', 'ସ୍ୱୟଂ ସିଦ୍ଧା', 'ମୁଢ଼ିବାଲୀ', 'ରାତିର ବାସନ୍ତି' ଇତ୍ୟାଦି ଗଳ୍ପ ସମୂହ। ଏଗୁଡିକରେ ଜୀବନ ଧର୍ମିତା, ନାରୀ ପୁରୁଷ ସମ୍ପର୍କରେ ଓ ନାରୀ ମନସ୍ତତ୍ତ୍ୱକୁ ସୁନ୍ଦର ଭାବେ ପ୍ରତିଫଳନ କରିଛନ୍ତି । ତାଙ୍କ ଉପନ୍ୟାସ ଗୁଡିକ ଯଥା:- 'ପର୍ଦ୍ଦାପଛର ଗୀତ'(୧୯୮୧),'ସମ୍ପର୍କ'(୧୯୯୨),' ମନରଘର'(୧୯୯୩),' ଜୀବନନଈ'(୨୦୦୨),'ଈପସିତ ସକାଳ'(୨୦୦୪), 'ପୃଷ୍ଠା'(୨୦୧୬) ଇତ୍ୟାଦି ଉପନ୍ୟାସ ସମୂହ। ତାଙ୍କ ଉପନ୍ୟାସ ଗୁଡିକରେ ସାମାଜିକ ସମସ୍ୟା,ମନୁଷ୍ୟ ଜୀବନରହସ-କାନ୍ଦ,ସୁଖ-ଦୁଃଖ,ପ୍ରେମ, ବିରହ, ବେଦନା,ନାରୀ ଜୀବନର ଯନ୍ତ୍ରଣା, ମାନସିକ ଅସହାୟତା ଓ ପାରିବାରିକ ଜୀବନରେ ନାରୀମାନଙ୍କ ଅସହାୟତା, ନିର୍ଯ୍ୟାତିତ ତଥା ଦେଶର ଶାସନ ବ୍ୟବସ୍ଥାରେ ଭ୍ରଷ୍ଟତା, ରାଜନେତାଙ୍କର ଛଦ୍ମତା, ମିଥ୍ୟା ପ୍ରତିଶ୍ରୁତି ଓ ଆତ୍ମ ସ୍ୱାର୍ଥନୀତି, ବିକାଶର ଆଲୋକ ପହଞ୍ଚି ପାରୁନଥିବା ଗ୍ରାମଗୁଡିକ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଦୁଃଖ ଦୁର୍ଦ୍ଦଶା କାହାଣୀ ନିଜ ସୃଷ୍ଟିରେ ନିଚ୍ଛକ ପ୍ରତିଲିପି ତୋଳି ଦେଇଛନ୍ତି ଏବଂ ଅବ୍ୟବସ୍ଥା ଓ ଭ୍ରଷ୍ଟତା ପ୍ରତି କଟାକ୍ଷ ପାତ କରିଛନ୍ତି। ଏହା ବ୍ୟତୀତ ନୂତନ ଦୃଷ୍ଟି ଓ ଦିଗନ୍ତକୁ ନେଇ ସୃଷ୍ଟି କରିଛନ୍ତି ଅନେକ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ।

ନଈଟିଏ ବହିଯାଏ କାଳର ସ୍ରୋତରେ କୂଳକୁ କୂଳଭାଙ୍ଗି ପଥ ପରେ ପଥ ଅତିକ୍ରାନ୍ତ କରିଯାଏ ସୁଦୂର ଯୋଜନକୁ ଅଙ୍କାବଙ୍କା ହୋଇ ଜୀବନର ଗତିରେ କେଉଁ ଏକ ଅନିର୍ଦ୍ଦିଷ୍ଟ ଲକ୍ଷକୁ ନେଇ ଶେଷରେ ମହାସମୁଦ୍ରରେ ମିଳେଇଯିବା ପର୍ଯ୍ୟନ୍ତ। ସେ ନଦୀ କେତେବେଳେ ପୂର୍ଣ୍ଣଗର୍ଭା ହୋଇ ମାନବ ପଶୁପକ୍ଷୀ ପାଇଁ ଦେଇଯାଏ ଅମୃତ ରୂପକ ଜଳ ଓ ଜୀବନଧରଣର ଉପାଦାନ ତ କେତେବେଳେ ଧୋଇନିଏ ବନ୍ୟାର ଖରସ୍ରୋତ ଧାର ଯାହା ମାନବ ପାଇଁ ଅନେକ ଧନଜୀବନରନଷ୍ଟ କରିଦିଏ ଏବଂ ମଣିଷ ଓ ପଶୁପକ୍ଷୀକୁ ନେଇଯାଏ ନିଜ ସହିତ ମିଶେଇ ତତସଙ୍ଗେ ମଣିଷର କେତେ କାଳର ଆଶାଆକାଂକ୍ଷା ନଷ୍ଟ କରିଦିଏ ତା ପ୍ରତିଦାନରେ ଦେଇଯାଏ କେବଳ ଅଜସ୍ରଦୁଃଖଓ ଅଶ୍ରୁଳବେଦନାକ୍ଷ ଏମିତି ଏକ ୧୯୮୨ ମସିହାରେ ବାଙ୍କୀର ଦେବନଦୀର ବାଗୁଲାଠାରେ ଦଳେଇ ଘାଇ ଭାଙ୍ଗିଯିବା ଯୋଗୁଁ ରଣନଈ ପାଣି ଓ ମହାନଦୀ ପାଣିମିଶିଆଖପାଖବହୁ ଅଞ୍ଚଳ ବନ୍ୟାପାଣିରେଭାସିଯାଇଛନ୍ତିକ୍ଷ ରେଣୁକା ନଈ ପାଖରେ ରଣପୁର

ଗ୍ରାମ ମଧ୍ୟ ପାଣିରେ ଭାସିଯାଇଛିଏବଂ ନଈ ପାଣି କୂଳ ଭାଙ୍ଗି ଆଖପାଖବହୁ ଅଞ୍ଚଳକୁ ପାଣିଘେରରେବୋହିନେଇଛି ଏବଂ ଅସଂଖ୍ୟ ଧନଜୀବନ ନଷ୍ଟ କରିଦେଇଛି ତଥା ଅନେକ ଧନସମ୍ପତ୍ତି, ମାନବ, ପଶୁପକ୍ଷୀ ଜୀବନକୁ ମାଟିରେ ମିଶାଇ ଦେଇଛି ଓ ଯେଉଁମାନେ କୌଣସି ଉପାୟରେ ବଞ୍ଚି ଯାଇଛନ୍ତି ସେମାନେ ନିଜର ପରିବାର ତଥା ଆତ୍ମୀୟମାନଙ୍କୁ ହରାଇ ଅକଥନୀୟ ଦୁର୍ଦ୍ଦଶା ଭୋଗିଛନ୍ତି ସେହି ଦୁଃଖରୂପକ ହୁତାନଳରେ ଜଳି ଜୀବନବ୍ୟାପୀ ଦୁଃଖଯନ୍ତ୍ରଣା ଭୋଗିଛନ୍ତି। କେତେକଣଘଟିଯାଇଛି ତାହାର ଇୟତ୍ତାନାହିଁ ତାହାରି ମଧ୍ୟରେ ଭାଗ୍ୟ ବଶତଃ ଗ୍ରାମର କେତେକ ଲୋକ ବଞ୍ଚି ଯାଇଛନ୍ତି ସେମାନେ ନିଜର ପ୍ରିୟଜନଙ୍କଠାରୁ ବିଛିନ୍ନ ହୋଇ ଜୀବନ ପଥରେ ଆଶ୍ରୟହୀନ ହୋଇ ଅଶ୍ରୁପାତ କରିଛନ୍ତି। ବଞ୍ଚି ଯାଇଥିବା ସମସ୍ତେ କୌଣସି ନା କୌଣସି ଆତ୍ମୀୟ ସ୍ୱଜନକୁ ହରେଇଛନ୍ତି। ସେହି ହରେଇବା ମଧ୍ୟରେ ଏକ ସୁନ୍ଦର ପଲ୍ଲୀର କେତେକ ତରୁଣ ଯୁବକ ଯୁବତୀର ପ୍ରେମ ଜୀବନର ଫଳଗୁ ମଧ୍ୟ ଅକାଳରେ ଝରି ପଡିଛି। ସେମାନଙ୍କ ମଧ୍ୟରେ ବଞ୍ଚିଥିବା ଜଣେ ତାର ଆରପାରିକୁ ଚାଲିଯାଇଥିବା ସାଥୀକୁ ସ୍ମୃତିରେ ଆଜୀବନ ସାଇତି ରଖିଛି ଓ ତାଙ୍କସହ ଏକାତ୍ମ୍ ହୋଇଯାଇଛି। ସେହିମାନଙ୍କ ଠାରେ ଦେଖାଦିଏ ପ୍ରେମର ନିସ୍ୱାର୍ଥପର ଭାବନା, ତ୍ୟାଗ ତାହା ସେମାନଙ୍କୁ ଗଢ଼ିତୋଳେ ଏକ ଅବିସ୍ମରଣୀୟ ଚରିତ୍ର ଭାବରେ। ତାଙ୍କର ସେହି ବ୍ୟକ୍ତିତ୍ୱ ଓ ଆଦର୍ଶବୋଧ ମାନବ ସମାଜପାଇଁ ଦେଇଯାଏ ନୂତନ ବାର୍ତ୍ତା ଓ ପାଠକ ପ୍ରାଣରେ ସୃଷ୍ଟିକରେ ସମ୍ବେଦନଶୀଳତା। ଏତଦବ୍ୟତୀତ ବିଭିନ୍ନ ଦିଗକୁ ନେଇ ଔପନ୍ୟାସିକା କବିତା ବାରିକ ଜୀବନ୍ତ ପ୍ରତିଛବି ତୋଳିଦେଇଛନ୍ତି ଆଲୋଚ୍ୟ 'ଜୀବନ ନଈ' ଉପନ୍ୟାସରେ। ଏଠାରେ ତରୁଣ ଯୋଡିଙ୍କର ଯେଉଁ ପ୍ରେମ ଜୀବନର ଫଳଗୁ ସୃଷ୍ଟି ହୋଇଥିଲା ତାହା ସମ୍ପୂର୍ଣ୍ଣତା ଲାଭ କରିବା ପୂର୍ବରୁ କିପରି ପ୍ରକୃତିର ତାଣ୍ଡବରେ ସମ୍ପୂର୍ଣ୍ଣ ବିଲୀନ ହୋଇଗଲା। ସତେ ଯେପରି ସେମାନଙ୍କର ଅଶ୍ରୁ ଓ ବେଦନା ହିଁ ବନ୍ୟାର ସୁଅ ହୋଇ ଭସାଇ ନେଇଛି ସେମାନଙ୍କୁ ତାହା ଏଠାରେ ଆଲୋଚନା କରାଯାଇପାରେ।

ଆଲୋଚ୍ୟ 'ଜୀବନ ନଈ'(୨୦୦୨) ଉପନ୍ୟାସ ବ୍ୟାପକ ଭାବସତ୍ତା ଓ ପରିସର ଯାହା ମୁଖ୍ୟତଃ ୧୯୮୨ ମସିହାରେ ଦେବନଈରବା ରଣନଈରଦେଲେଇଘାଇ ଭାଙ୍ଗିଯିବା ଯୋଗୁଁ ଗୋଟିଏ ଅଞ୍ଚଳର ପଟ୍ଟଭୂମି ପରିବର୍ତ୍ତନ ହୋଇଯାଏ ଏବଂ ରଣପୁର ଗ୍ରାମ ଓ ଆଖପାଖ ଅଞ୍ଚଳକୁ ବନ୍ୟାପାଣି ବୋହିନିଏ ଯାହାର ପରିଣାମ ଭୟଙ୍କର ଓ ଖୁବ ମାରାତ୍ମକ ଯାହା ଅନୁଭବ କରାଯାଇପାରେ। ଉପନ୍ୟାସର ମୁଖ୍ୟ କ୍ଷେତ୍ର ଭାବରେ ରଣପୁରକୁ ନିଆଯାଇଛି,ଯାହା ଏକ ଶସ୍ୟଶ୍ୟାମଳ, ସ୍ୱଚ୍ଛଳ, ପ୍ରକୃତିରେ ଭରା ଗ୍ରାମ ତାହାରି କୋଳରେ ଆନନ୍ଦରେ ବିଚରଣ କରୁଥିବା ସରଳ ମଣିଷମାନେ ସେମାନଙ୍କର ସାଧାରଣ ଆଶା ଓ ଆକାଂକ୍ଷା, ସ୍ୱପ୍ନ ଓ ସମ୍ଭାବନାକୁ ନେଇ ନିଜ ପରିବାର ସହିତ ଶାନ୍ତିପୂର୍ଣ୍ଣ ଜୀବନ ବଞ୍ଚୁଥିଲେ। ୧୯୫୫ ମସିହା ବନ୍ୟାରେ ଦଳେଇ ଘାଇ ଭାଙ୍ଗିଥିଲା ତାହାର ୨୭ବର୍ଷପରେ୧୯୮୨ ରେ ପୁଣି ଦଳେଇ ଘାଇ ଭାଙ୍ଗିଲା। ଅହରହ ତିନିଦିନ ତିନିରାତି ବର୍ଷା, ଓଡିଶାର ବହୁ ସ୍ଥାନରେ ବର୍ଷା ତଥା ମହାନଦୀର ଉପରପଟରେପ୍ରବଳ ବର୍ଷା ଯୋଗୁଁ ଜୋବ୍ରାଠାରେ ମହାନଦୀର ଜଳପତ୍ତନ ୭୭ଦଶମିକ୧୦ଫୁଟ ହୋଇଥିଲା। କାଠଯୋଡି ନଦିରେ ୧୯୧୧ମସିହାରେ ସବୁଠାରୁ ଭୟାବହ ବନ୍ୟା ହୋଇଥିଲା ତାଠାରୁ ଏ ବନ୍ୟା ୨୮ଦଶମିକ, ୨୫ଫୁଟ ହୋଇ ପୂର୍ବ ରେକର୍ଡକୁ ଟପିଯାଇଥିଲା। ଦେବନଦୀର ଦଳେଇ ଘାଇଠାରେ ୩ଶହ ଫୁଟରୁ ୫ଶହ ଫୁଟ ପର୍ଯ୍ୟନ୍ତ ୩ଟି ଜାଗାରେ ଘାଇ ହୋଇଛି। ଏହା ଫଳରେ କଟକ ଜିଲ୍ଲାର ୯ଟି ଜନବହୁଳ ବ୍ଲକରେ ୧୦ଲକ୍ଷ ଲୋକ ବିପନ୍ନ ହୋଇଛନ୍ତି ଏବଂ ୧୭ଶହ ବର୍ଗକିଲୋମିଟର ପରିମିତ ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା। କେନାଲ ଜଳସେଚିତ ୧ଲକ୍ଷ ୭୦ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା। ଗତ ୨୫ଘଣ୍ଟା ବିତିଯାଇଥିଲେ ମଧ୍ୟ ଲୋକଙ୍କୁ ଉଦ୍ଧାର କରିବାର କୌଣସି ବ୍ୟବସ୍ଥା ପ୍ରଶାସନ ତରଫରୁ କରାଯାଇନଥିଲା। ଘାଇତଳେ ଥିବା ସମସ୍ତ ଗ୍ରାମ ନିଶ୍ଚିହ୍ନ ହୋଇଯାଇଛି । ଦଳେଇ ଘାଇରେ ଦେବନଦୀର ବନ୍ୟାଜଳ ସମୁଦ୍ର ଢେଉଭଳି ଭୟଙ୍କର ଗର୍ଜନ ମାଡିଚାଲିଛି। ନୂଆଗାଁ, ହଳଦିଆପଡା, ଓଲଣ୍ଡା, ବାଡିମେରା,ମାଣିତ୍ରୀ, ତେନ୍ତୁଳିଆ, ଔରଙ୍ଗବାଦ, ସହାବାଦ, ପ୍ରଭୃତି ଲୋକଙ୍କ ପତ୍ତା ମିଳିନଥିଲା। ଆହୁରି ମଧ୍ୟ ବ୍ରହ୍ମପୁରା, ହାଳିଆସାହି, ମଳବିହାରପୁର, ନାରଣପୁର, ବିଳିତେନ୍ତୁଳିଆ, ଅନୁଆରୀ ପଞ୍ଚାୟତର କୁସୁମଚୈନ, ମୁଣ୍ଡଳି, ବାଇଗଣି, ମାଇଜୁଡ଼ି, ବୋତଲମା ଖବର ନଥିଲା କ୍ଷ ତିନିଦିନ ଧରି ଲଗାଣ ବର୍ଷା ହୋଇଥିବାରୁ ପୂର୍ବ ବର୍ଷଭଳି ପାଣିଧାର ଗ୍ରାମର ସମସ୍ତ ଘର ମାନଙ୍କର ପିଢା ପର୍ଯ୍ୟନ୍ତ ଜମି ରହିଥିଲା। ସେହିଦିନ ରାତ୍ରିରେ ମହାନଦୀ ପାଣି ଓ ରଣ ନଈ ପାଣି ମିଶି ପ୍ରଖର ବେଗରେ ରଣପୁର ଗ୍ରାମକୁ ପଶିଆସିଥିଲା ଯାହା କ୍ଷଣକରେ ଶାନ୍ତ ପରିବେଶରେ ସୃଷ୍ଟି କରିଗଲା ମହାପ୍ରଳୟ ଓ ଭୟଙ୍କର ରୁଦ୍ରରୂପ। ସମସ୍ତେ କେବଳ ଭିତତ୍ରସ୍ତ ହୋଇ ଗ୍ରାମର ଲୋକମାନେ ଗ୍ରାମର ଡିପଜାଗା ଚର୍ଚ୍ଚିକାପୀଠ ଓ ସୁନାଦେଈମୁଣ୍ଡ ଆଡକୁ ସମସ୍ତେ ନିଜର ସକ୍ଷମତା ଅନୁସାରେ ଦୌଡି ଚାଲିଛନ୍ତି। ସମସ୍ତେ ଜୀବନ ବିକଳରେ ଅନ୍ଧାର ରାତିରେ ଦୌଡି ଚାଲିଛନ୍ତି କିଏବା ଅଜାଣତରେ ନିଜ ଜନ୍ମକଳା ଦୁଇ ମାସର ଛୁଆକୁ, ଆଉ କିଏ ନିଜଘରେ ସୋଇଥିବା ବୁଢା, ବୁଢ଼ୀକୁ ଏମିତି ଭାବରେ ଅନେକ ଅଜାଣତରେ ନିଜ ଘର ଲୋକଙ୍କୁ ଭୁଲି ଜୀବନ ବିକଳରେ ଆଗେଇ ଚାଲିଛନ୍ତି। ସବୁଆଡେ କିଟିକିଟି ଅନ୍ଧାର ତତସଙ୍ଗେ ଭୟଙ୍କର ଶବ୍ଦ ତାହାରି ମଧ୍ୟରେ ଜଳଧାରାର ଶବ୍ଦ ଏକ ଆତଙ୍କିତ ପରିବେଶ ମଧ୍ୟରେ ମଣିଷ, ଗାଇବଳଦ ରଡି ଛାଡି ଛନ୍ତି ବଞ୍ଚାଇବା ପାଇଁ କାତର ଅନୁରୋଧ କରିଛନ୍ତି କିନ୍ତୁ କାହାର ବା

ସମର୍ଥ ଯିଏକି ଅନ୍ୟକୁ ବଞ୍ଚାଇ ପାରିବ। ସମସ୍ତେ ଜୀବନ ବିକଳରେ ଅନ୍ଧାର ରାତି ଓ ବିଜୁଳିର ପ୍ରଚଣ୍ଡ ଶବ୍ଦକୁ ଭୟ ନକରି ଆଗେଇ ଚାଲିଛନ୍ତି ଚର୍ଚ୍ଚିକାପୀଠକୁ । ଗ୍ରାମର ଗୋଟିଏ ପରିବାର ମୁଖିଆ ରଘୁନାଥ ଓ ତାଙ୍କ ସ୍ତ୍ରୀ, ବଡପୁଅ ଶିବନାଥ, ତଳକୁ ରମା, ସାନ ଦୁଇ ପୁଅ ରବି ଓ ଟୁବୁ। ସେହି ଭୟଙ୍କର ରାତ୍ରିରେ ନୂଆ ଗାଈ ଜନ୍ମ ଦେଇଥିବାରୁ ରଘୁନାଥ ଘରେ ରହିଯାଏ, ରବି ଶିବାନଥର ବନ୍ଧୁ ଉମାକାନ୍ତ ସହ ବନ୍ଧ ବାନ୍ଧିବାକୁ ବନ୍ଧଆଡେ ଚାଲିଯାନ୍ତି, ଶିବାନଥର ମାଁ ବଡ ଝିଅ ରମା ଓ ସାନପୁଅ ଟୁବୁକୁ ଧରି ଖରତର ବେଗରେ ଚର୍ଚ୍ଚିକା ପୀଠ ଆଡକୁ ଦୌଡି ଚାଲୁଥାନ୍ତି କେତେବେଳେ ହେମ ଅଲଗା ହୋଇଯାଏ ତାହା ଜଣାପଡ଼େନି ପରେ ଜାଣିଲେ ମଧ୍ୟ ଫେରିବାର ବାଟ ବା ସମୟ ନଥାଏ କାରଣ ଘାଇ ପାଣି ଏପରି ଭାବରେ ମାଡି ଅଶୁଥାଏକି ଟିକିଏ ବିଳମ୍ବ କରିବେ ତାହେଲେ ପାଣି ଧାର ବୋହିନେଇଯିବ ପରେ ଟୁବୁ ମଧ୍ୟ ତା ମାଁଠାରୁ ଦୁରେଇ ଗଲା ପରେ ଜାଣିଲେ ମଧ୍ୟ କୌଣସି ଉପାୟ ନଥିଲା। ବଡ ଝିଅ ଓ ପୁଅକୁ ହରେଇଲେ ମଧ୍ୟ ତା ମାଁ ବଞ୍ଚିବା ପାଇଁ ଆଗେଇ ଚାଲିଥାନ୍ତି ମରଣ ଭୟରେ। ମଣିଷ ଯେତେ ନିଜର ଆତ୍ମୀୟ ଲୋକଙ୍କୁ ହରେଇ ଦୁଃଖ ଓ ଅଶ୍ରୁନିପାତ କଲେ ମଧ୍ୟ ମଣିଷ ମରିପାରେ ନାହିଁ ଜୀବନ ବଞ୍ଚିବା ହିଁ ସବୁଠୁ ବଡ ସତ୍ୟ। ଯାହାକୁ ଏତେ ଆଦରରେ ପାଳନପୋଷଣ କରିଥିଲେ ମଧ୍ୟ ପରିସ୍ଥିତିରେ ବାଧ୍ୟ ହୋଇ ଆଜି ସେ ହାତଛଡା ହୋଇଯାଇଛି, ତାକୁ ରୋକିପାରି ନାହାନ୍ତି। ସେପଟେ ବନ୍ଧ ବାନ୍ଧୁଥିବା ଉମାକାନ୍ତ, ରବି ଓ ଗ୍ରାମବାସୀ ମାନେ ହଠାତ ବନ୍ଧ ଭାଙ୍ଗିବାରୁ ପାଣିଘେରରେ କ୍ଷଣକରେ ମିଳେଇ ଗଲେ। ରଣପୁର ଗ୍ରାମର ଯେଉଁମାନେକି ଚର୍ଚ୍ଚିକାପୀଠ ବା ସୁନାଦେଈ ମୁଣ୍ଡକୁ ପହଞ୍ଚି ପାରିଛନ୍ତି ସେମନେ ବଞ୍ଚିଛନ୍ତି ନଚେତ ସମସ୍ତେ ପାଣିରେ ଭାସିଗଲେ, ଚାରି ଆଡେ ଶୋକାକୁଳ,ଆର୍ତ୍ତଚିତ୍କାର, ହାହାକାର, ସବୁଆଡେ ସମସ୍ତେ ବଞ୍ଚାଅ ବଞ୍ଚାଅ ଆର୍ତ୍ତଚିତ୍କାର, ଜୀବନ ଭୟରେ କେଉଁଠି ସାପ ମଣିଷ ଏକାଠି ତ ମଣିଷ ଭାଲୁ ଏକାଠି ଆଜି ସମସ୍ତେ କିଏ କାହାର କ୍ଷତି କରୁନାହାନ୍ତି ସମସ୍ତେ ଜୀବନ ବିକଳରେ ଆତୁର ଦେଖାଯାଉ ଥାନ୍ତି । ସେହିଭଳି ପରିସ୍ଥିତିରେ ବଞ୍ଚିଥିବା ଲୋକଙ୍କର ମୁହଁରେ କଳାର ବାଦଲ ଘୋଡ଼ି ହୋଇ ଥିଲା ସମସ୍ତେ କେବଳ ନିଜ ଆତ୍ମୀୟ ଜନଙ୍କୁ ଭାଳି ହେଉଥିଲେ ଏବଂ ମୀମାଂସାରେ ଥିଲେ କାଳେ କେଉଁଆଡେ ନିଜ ଲୋକ ବଞ୍ଚି ଯାଇଥିବେ। ସେହି ଭୟଙ୍କର ରାତିରେ ବର୍ଷା ମଧ୍ୟ ପଡୁଥାଏ କାଲି ଯେଉଁ ମଣିଷ ନିଜ ଧନ ସମ୍ପତ୍ତି, ଧନୀ ମାନୀ ଦେଖାଉଥିଲା ଆଜି ତାହାର ଏପରି ଅସହାୟ ଅବସ୍ଥା ତାହା କହିଲେ ନସରେ ତେଣୁ ପ୍ରକୃତି ଯେତେବେଳେ ଭୀଷଣ ରୂପ ନେଇଯାଏ କୌଣସି ସାଧାରଣ ମଣିଷ, ପଶୁପକ୍ଷୀ,କ୍ଷମତାଧୀନ ବା ଅହଙ୍କାରୀ ମଣିଷ ମଧ୍ୟ ତିଷ୍ଠପାରେ ନାହିଁ।

ଶିବନାଥ ନିଜ ପଢାପାଇଁ କଟକରେ ଥିବାହେତୁ ହୁଏତ ବଞ୍ଚିଯାଇଛି କିନ୍ତୁ ପରିବାର ସେପଟେ କିପରି ଦୁର୍ଦ୍ଦଶା ଭୋଗୁଥିବେ ତାହାଜାଣି ସେ ବିଚଳିତ ହେଉଥିଲେ। ବନ୍ୟାପାଣି ଟିକିଏ କମିବାରୁ ଦୁଇଦିନ ପରେ ଶିବନାଥ ନିଜ ଦୁଇବନ୍ଧୁ ନୀତେଶ ଏବଂ କୁମାର ସହିତ ବନ୍ୟାଞ୍ଚଳ ଆଡକୁ ଯାଆନ୍ତି। ବାଟରେ ଅନେକ ଲୋକମାନେ କ୍ଷୁଧା ଓ ତୃଷାରେ ଅଧୀର ହୋଇ ନିଜଲୋକଙ୍କୁ ହରାଇ ଅସହାୟ ଭାବେ ରୋଦନ କରୁଥାନ୍ତି ଏବଂ ସାହାଯ୍ୟ ପାଇଁ ବାଟ ଦେଖୁଥାନ୍ତି। ଚାରିଆଡେ ହାହାକାର, ଅଶାନ୍ତ, ଆର୍ତ୍ତନାଦ, ଅଶ୍ରୁ ଓ ବେଦନାରେ ସମସ୍ତେ ଅଧୀର କାହାରି ମନରେ ଆନନ୍ଦ,ପ୍ରସନ୍ନତା ନଥାଏ ସତେ ଯେମିତି ସେଇ ବନ୍ୟାପାଣି ଧୋଇଦେଇଛି ସମସ୍ତଙ୍କ ସୁନାର ସଂସାର। ରଣପୁରର ଚର୍ଚ୍ଚିକାପୀଠ ପାଖରେ ପହଞ୍ଚି ଦେଖିଛନ୍ତି ଶିବାନଥର ଭଉଣୀ ରମା ଓ ତାକୁ କୋଳରେ ଧରି କାନ୍ଦୁଥିବା ଅସହାୟ ବାପା ତାହାଦେଖି ଶିବାନଥର ପାଦତଳୁ ମାଟି ଖସିଯାଏ ଯାହା ସେହି ଅକଳ୍ପନୀୟ ଘୋର ଯନ୍ତ୍ରଣା ହୃଦୟର ଦୋହଲିକୁ ଭାଙ୍ଗି ଚୁରମାର କରିଦିଏ। ଯାହା ସହିତ ବନ୍ଧୁ କୁମାରର ବାହାଘର ସ୍ଥିର ହୋଇଥିଲା ହୁଏତ କିଛିଦିନପରେ ହାତରେ ଚୁଡ଼ିପିନ୍ଧି, ମଥାରେ କୁମାର ନାମରେ ସିନ୍ଦୁର ନାଇ ତା ଶାଶୁଘରକୁ ଯାଇଥାନ୍ତା କିନ୍ତୁ ଏତ ମାଂସଲୋଭୀ ରାକ୍ଷସଙ୍କ ଆତଙ୍କରେ ମଶାଣିକୁ ଯାତ୍ରା ! କୁମାର କେବଳ ରମାର ଫଟୋ ଥରେ ଦେଖିଥିଲା ଓ ତାଙ୍କ ସହ ବିବାହ କରିବା ପାଇଁ ସ୍ଥିର ନିଶ୍ଚିତ ଥିଲା । ସେ ସହରର ଟୋକା ହୋଇଥିଲେ ମଧ୍ୟ ଗାଁ ପ୍ରତି ଶ୍ରଦ୍ଧା ଓ ଆକର୍ଷଣ ଥିଲା ତାଙ୍କ ବିଚାରରେ ସହରୀଝିଅ ଲାଜବିନା କସମେଟିକ ବୋଲିହୋଇ ରକ୍ଷପରି ଦିଶନ୍ତି କିନ୍ତୁ ଗାଉଁଲି ଝିଅ ସରଳ ଚାହାଣି ଲାଜେଇ ପଣଯୋଗୁ ଲାଜକୁଳୀ ଲତାପରି ଦେଖାଯାନ୍ତି । ଜୀବନର ନୂତନ ଅଧ୍ୟାୟ ଗଢିବାର ଯେଉଁ ଉଚ୍ଛ୍ୱାସ ଏବଂ ଆବେଗ ରହିଥିଲା ଯେଉଁ ଆଗାମୀ ସଂସାରର କଳ୍ପନା କରିଥିଲା ତାହା ସଫଳ ହୋଇପାରିଲା ନାହିଁ । ଜୀବନ୍ତ ଭାବରେ ବୋଧହୁଏ ସେ ରମାକୁ ବିବାହ କରିପାରିଲା ନାହିଁ କିନ୍ତୁ ରମାର ମର ଶରୀରକୁ ବିବାହ କରି ତାକୁ ସଧବା ବେଶରେ ମଶାଣିକୁ କାନ୍ଧରେ ବୋହିନେଇ ପ୍ରେମର ଏକ ନୂତନ ପରିଭାଷା ଦେଖାଇଛନ୍ତି। ସେଠାରେ ରୂପର ଲୋଭନାହିଁ ବରଂ ଅଛି ଆତ୍ମାର ମିଳନ ଓ ଅନ୍ତର୍ନିହିତ ସମର୍ପଣ ଭାବ ଯାହା ମଣିଷକୁ ସାଧାରଣ ଠାରୁ ଅସାଧାରଣକୁ ନେଇଯାଏ ଏବଂ ସୃଷ୍ଟି ହୋଇଯାଏ ନୂଆ ଇତିହାସ। ପରବର୍ତ୍ତୀ ସମୟରେ ପରିବାରର ଅନ୍ୟଆଡେ ବିବାହ ପ୍ରସ୍ତାବ ଦେବାସତ୍ତ୍ୱେ କୁମାର ଆଜୀବନ ଅବିବାହିତ ରହିବାପାଇଁ ନିଷ୍ପତ୍ତି ନିଏ। ଯାହାକୁ ଥରେ କେବେ ଦେଖିନଥିଲା ବା ସଂସ୍ପର୍ଶରେ ଆସିନଥିଲା ଅଳ୍ପ କିଛିଦିନ ପୂର୍ବେ ତାହା ସହିତ ରମାର ବାହାଘର ସ୍ଥିର ହୋଇଥିଲା ତାହାପ୍ରତି ଏ ନିସ୍ୱାର୍ଥପର ଭଲପାଇବା, ତ୍ୟାଗ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ସାମ୍ପ୍ରତିକ ସମୟରେ ବିବାହ,ପ୍ରେମ, ବିକଟାଳ ରୂପ ସମାଜରେ ବଢ଼ି ବଢ଼ି ଚାଲିଛି କିପରି ଜଣେ ଅନ୍ୟ ଜଣକୁ ଛଳନା, ପ୍ରତାରଣା

କରେ ଏବଂ ନିଜ ପତ୍ନୀ ବା ପତି ମରିବାର ସପ୍ତାହେ ନପୂରୁଣୁ ଦ୍ୱିତ୍ୱୀୟ ବିବାହ ଅନ୍ୟସହ ହୋଇଯାଏ। ଯୌତୁକସମସ୍ୟା,ହିଂସା, ଆତ୍ମହତ୍ୟା, ନିର୍ଯାତନା ତତ୍କାଳୀନ ସମୟରେ ବଢିଚାଲିଛି କିନ୍ତୁ କୁମାର ଏକ ସ୍ୱତନ୍ତ୍ର ଧାତୁରେ ଗଢା ମଣିଷ ଯାହାତାଙ୍କୁ ସ୍ୱତନ୍ତ୍ର ଚରିତ୍ର ଭାବେ ଗଢ଼ିତୋଳେ ଏବଂ ଅନ୍ୟପାଇଁ ହୋଇଯାଏ ଉଦାହରଣ। ବାପା,ମାଆ,ଭାଇ, ଭଉଣୀ ଓ ନିଜବନ୍ଧୁ ଉମାକାନ୍ତକୁ ହରେଇ ଶିବନାଥ ଗଭୀର ଯନ୍ତ୍ରଣାରେ ଅହରହ ଛଟପଟ ହୋଇ ଏକ ଅନାସକ୍ତ ସମୟକୁ ଗତିକରି ଯାଉ ଯାଉ ଦୁଇ ତିନି ମାସକ ପରେ ଦେଖାହୁଏ ହେମସହିତ ରଣନଇ ବନ୍ଧ ବାନ୍ଧୁଥିବା ଜାଗାରେ। ଶିବନାଥକୁ ଅଚାନକ ହେମଦେଖି ଦୌଡ଼ିପଳାଏ ଦିନଥିଲା ଯିଏକି ଦିନେ ପ୍ରାଣପଣେ ଜୀବନଦେଇ ଭଲପାଉଥିଲା, ପ୍ରତିଦିନ ତା'ନାମରେ ସଞ୍ଜବତୀ ଜଳୁଥିଲା କିନ୍ତୁ ଆଜି ହେମର ଏପରି ବିଚାର ଦେଖି ଶିବନାଥ ଆଶ୍ଚର୍ଯ୍ୟ ହୁଏ। ହେମ ପଳାୟନ କରିଛି ଲାଜ, ଅପମାନ, ଅପବାଦର ଭୟରେ ସେହେମ ଆଉ ଆଗଭଳି ନାହିଁ ତାର ସ୍ଥିତି, ମନ ସମ୍ପୂର୍ଣ୍ଣ ବଦଳି ଯାଇଛି, ପ୍ରତିକ୍ଷଣେ ମାନସିକ ଅସହାୟବୋଧ ଓ ଗ୍ଳାନି, ସେ ବନ୍ୟାର କ୍ରୁରତାର ଶିକାରହୋଇ କାଠର ପିତୁଳାରେ ପରିଣତ ହୋଇଯାଇଛି । ହେମ ରମାପରି ଧର୍ଷିତା, ପେଟପାଇଁ ଅନ୍ୟଠାରେ ଦେହଦାନ, ସ୍ୱାର୍ଥବାଦୀ କଣ୍ଟ୍ରାକଟର କାମଯୋଗାଇବା ବାହାନାରେ ଦୈହିକ ଶୋଷଣ, ତାକୁ ସମସ୍ତେ ମାତୃତ୍ୱ ଦେବାକୁ ରାଜି କିନ୍ତୁ କେହିବି ସ୍ତ୍ରୀ ରୂପରେ ଗ୍ରହଣ କରିନାହାନ୍ତି। ସେହି କଳାରାତିର କାଳିମାକୁ ବୋଳିହୋଇ ସେ ଶିବନାଥ ଆଗରେ ସାହସ ଜୁଟାଇ ପାରିଲେ ନାହିଁ ସେ ନିଜ ପ୍ରିୟ ପୁରୁଷ ପାଖରେ ନିଜକୁ ସମର୍ପଣ କରିପାରିବ କେମିତି ସେହି ବେଦନାବୋଧ ଓ ଯାତନା ହୃଦୟକୁ ଖୀନଭିନ କରି ପକାଇଛି ତେଣୁ ସେ ଶିବନାଥଠାରୁ ପଳାୟନ କରୁଥିଲେ। ମଣିଷରୂପୀ ରାକ୍ଷସମାନେ ଅନ୍ୟର ଅସହାୟତାରେ ମଧ୍ୟ ନିଜର ଲାଭ ପାଇଁ ଶୋଷଣ କରନ୍ତି, ନିଜର କାମବାସନା ଚରିତାର୍ଥ ପାଇଁ ସେମାନଙ୍କୁ ବନ୍ଧି କରିପକାନ୍ତି ।ଏସବୁ ଜାଣିମଧ୍ୟ ଶିବନାଥ ହେମକୁ ଭୁଲ ବୁଝେନାହିଁ ବା ତା'ପ୍ରତି ଭଲପାଇବା ବରଂ ବଢିଯାଏ ପରସ୍ଥିତି ତାହାକୁ ଏପରି ଦୁଃଖାନଳରେ ପକେଇଛି ନିଜକୁ ସେଥିପାଇଁ ଦୋଷଦିଏ କାରଣ ଏତେଦିନ ହେଲା ହେମକୁ ଖୋଜିଲେ ନାହିଁ, ହେମ ପେଟରେ ବଢୁଥିବା ଶିଶୁଟିର ପିତୃତ୍ୱ ବରଣ କରିବାକୁ ପ୍ରସ୍ତୁତ ଥାନ୍ତି ଶିବନାଥ ।ସେହି ଚରିତ୍ରମାନେ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ପ୍ରେମର ସୀମାଯେ ଦେହ ନୁହେଁ ତାହା ପରସ୍ପରପ୍ରତି ସମର୍ପଣ ଓ ତ୍ୟାଗ ସେଥିରେ ପ୍ରେମର ଉତ୍କର୍ଷତା ଥାଏ। ଏସବୁ କିନ୍ତୁ ହେମ ଗ୍ରହଣ କରିପାରେ ନାହିଁ ସେ ଚାହେଁନାହିଁ ନିଜର ଅପବିତ୍ର ଦେହ ଓ ମନ ତାଙ୍କ ପାଖରେ ଅର୍ପଣ କରିବାପାଇଁ । ସେ ନିଜକୁ ନିଜସହିତ ଫାଙ୍କିଦେବାକୁ ଚାହେଁନାହିଁ ଶିବାନଥପାଖରେ ମିଛ କହିପାରିଥାନ୍ତା କିନ୍ତୁ ଦେବତା ରୂପକ ନିଜ ପ୍ରେମିକକୁ ଅଇଁଠାଫୁଲ ଅର୍ପଣ କରିପାରିନହାନ୍ତି । ପ୍ରେମର ଗାରିମା ପବିତ୍ରତା ଓ ସ୍ୱଚ୍ଛତାରେ ଥାଏ ତାହାକୁ ସେ ନିଜ ସ୍ୱାର୍ଥପାଇଁ ଭାଙ୍ଗିଦେବାକୁ ଚାହିଁନାହାନ୍ତି ଏବଂ ଏପରି ଦଶାରେ ଶିବନାଥଙ୍କର ମଧ୍ୟ ସହାନୁଭୂତି ଓ ଦୟା ରୂପକ ପ୍ରେମକୁ ଗ୍ରହଣ କରିପାରିନାହାନ୍ତି। ଶେଷକୁ ହେମମଧ୍ୟ ଶିବାନାଥଠାରୁ ଚିରବିଦାୟ ନିଏ ନିଜ ପିନ୍ଧିବାଶାଢୀକୁ ଦଉଡିକରି ଆମ୍ବ ବୃକ୍ଷରେ ଆତ୍ମହତ୍ୟା କରେ।ଶିବନାଥ ପରିବାରର ସମସ୍ତଙ୍କୁ ହରାଇ ମଧ୍ୟ ହେମକୁ ପାଇଁ ତା'ରି ଭିତରେ ନିଜପାରିବାରର ସମସ୍ତଙ୍କୁ ପାଇବା ଯେଉଁ ଅଭିଳାଷ ଥିଲା ତାହା ହେମ ଛଡାଇନେଇଛି ଏବଂ ପ୍ରତିବଦଳରେ ନିଜ ସ୍ୱୀକାରୋକ୍ତିର ଚିଠିଟିଏ ଛାଡ଼ିଦେଇ ଗଲେ "ଶିବୁଭାଇ, ତୁମ ପାଖକୁ ଚିଠି ଦେବି ବୋଲି ଅନେକଦିନ ତଳେ ଏଇ ଇନଲାଣ୍ଡ ଆଉ କଲମଟା କିଣି ଆଣିଥିଲି। କିନ୍ତୁ ଚେଷ୍ଟା କରିବି ପରି ନ ଥିଲି। କେମିତି ସେ ଭୟଙ୍କର କଥାସବୁ ଲେଖିଥାନ୍ତି କହିଲ ? ତୁମ ସହିତ ମୋର ଏମିତି ଆକସ୍ମିକ ଭାବରେ ଦେଖାହେବ ମୁଁ ଯଦି ଜାଣିଥାନ୍ତି ତେବେତ ଏ ଗାଁକୁ କେବେ ଆସିନଥାନ୍ତି କି ଏ ପୋଡ଼ା ଜୀବନଟାକୁ ରଖି ନଥାନ୍ତି । ତୁମେ ମତେ କାହିଁକି ଘୃଣା କରି ପାରିଲିନି ? ତୁମେ ଘୃଣା ପାଇଥିଲେ ହୁଏତ ମୁଁ ବଞ୍ଚି ପାରିଥାନ୍ତି। ହେଲେ ଘୃଣା କରିବା ବଦଳରେ ତୁମେ ମତେ ନୂଆ ଜୀବନ ଦେବ କହିଲ। ମୋତେ ବାହା ହୋଇ ମୋ ପେଟରେ ବଢୁଥିବା ବାପର ପରିଚୟ ନ ଥିବା ସନ୍ତାନଟିର ପିତୃତ୍ୱ ବରଣ କରିବ ବୋଲି ସ୍ୱପ୍ନ ଦେଖାଇଲ। ହେଲେ ମୁଁ କେମିତି ଏ ସବୁ ମାନିନେଇଥାନ୍ତି ? ନିଜକୁ ନିଜ ପାଖରେ ଫାଙ୍କି ଦେଇଥାନ୍ତି ? ସେହି ଭୀଷଣ ରାତିର କଳଙ୍କକୁ କେମିତି ଭୁଲି ପାରିଥାନ୍ତି ? ହୁଏତ ଏମିତି ଦିନ ଅସିଥାନ୍ତା ତମେ ମୋତେ ବାହାହୋଇ ଭୁଲ କରିଛ ବୋଲି ପସ୍ତାଇଥାନ୍ତ। ସେତେବେଳେ ସେ ଅପମାନ, ଅବହେଳା, ବଦନାମକୁ ମୁଁ କେମିତି ସହିଥାନ୍ତି ଶିବୁଭାଇ ? ତୁମ ଆଖିର ଦୟା, ସହାନୁଭୂତି ନେଇ ବଞ୍ଚିବା ମୋ ପକ୍ଷରେସମ୍ଭବ ନୁହେଁ ।ମୋର ନୂଆ ଜୀବନ ଦରକାର ନାହିଁ ଶିବୁଭାଇ। ନିଜ ସୁଖପାଇଁ ମୁଁ ତୁମ ଭବିଷ୍ୟତ ନଷ୍ଟ କରିପାରିବିନି। ମୋତେ କ୍ଷମା କରିବ" (ପୃଷ୍ଠା ସଂଖ୍ୟା – ୧୬୮)

ହେମର ହୃଦୟ ବିଦାରକ ଚିଠି ଶୁଣୁଶୁଣୁ ଶିବନାଥର ମସ୍ତିଷ୍କ କିଛି କାମ କରୁନଥିଲା । ଦୁଃଖର ପାହାଡତଳେ ଚାପିହୋଇ ମଣିଷର ଜ୍ଞାନ ହଜିଯାଏ ଏବଂ ଜୀବନ ହୋଇଯାଏ ନିରାଶକ୍ତ, ଜଡ଼ ମନୁଷ୍ୟ କେବଳ ନିୟତିର କ୍ରୀଡ଼ନକ ମାତ୍ର ସାଜିଯାଏ। ହେମ ଚାହେଁନାହିଁ ଏମିତି ଦିନ ଆସୁ କୌଣସି ପରିସ୍ଥିତିରେ ସେ ନିଜ ପତିଠାରୁ ଅପମାନ, ନିନ୍ଦା, ଲାଞ୍ଛନା ନପାଉ ତେଣୁ ସେ ଚିରଦିନ ପାଇଁ ତାଙ୍କଠାରୁ ବିଦାୟ ନେଇଛି ବରଂ ତାଙ୍କର ହୃଦୟରେ ସବୁଦିନ ପାଇଁ ସ୍ମୃତି ହୋଇ ରହିବାକୁ ଚାହିଁଛନ୍ତି ଏବଂ ଅନ୍ୟପଟେ ସେ କଳଙ୍କିତ ହୋଇ ସେ କଳଙ୍କ ନିଜ ପତିଠାରେ ଲଗେଇବାକୁ ଚାହିଁନାହାନ୍ତି ଗୋଟିଏ ପଟେ ତ୍ୟାଗ ଅନ୍ୟପଟେ ପ୍ରେମ ଓ ଅନୁରାଗ ଏ ଦ୍ୱୟରେ

ଦ୍ୱନ୍ଦ୍ୱରେ ନପଡି ସେ ମୃତ୍ୟୁକୁ ବରିନେଇ ସବୁଦିନ ପାଇଁ ଶିବାନାଥକୁ ଦୁଃଖର ସାଗରେ ଛାଡିଦେଇ ପରପାରିକୁ ଚାଲିଯାଇଛି । ଭବିଷ୍ୟତରେ କ'ଣ ହେବ ତାହା କାହାକୁ ଜଣାଥାଏ କିନ୍ତୁ ହେମର ସେହି ନିଷ୍ପତ୍ତି ଯେ ଚିରଦିନ ଶିବନାଥକୁ ଦୁଃଖ ଦେଇ ଚାଲିଥିବ ତାହା ନିଃସନ୍ଦେହ । ଶିବନାଥ ପୁରୁଣା ଦିନର ସ୍ମୃତି ସବୁ ପ୍ରସ୍ତ ପ୍ରସ୍ତ ହୋଇ ସବୁ ଛବି ଦେଖାଯାଉଥିଲା, ସେହି ପିଲାଦିନର ଧୂଳିଖେଳ, ତାଙ୍କ ଘରେ ବୋଉପାଇଁ ତପସ୍ୱିନୀ ପଢା, ଅନ୍ଧାର ରାତିରେ ପାଖକୁ ଆସିଶିବନାଥ ପାଟିରେ ମିଠାଟିଏ ଗୁଞ୍ଜିଦେଇ ପଳାଇଯିବାର ଉଦ୍ୟମ, ଶିବନାଥତାର ବେଣୀଧରି ଟାଣିବା, କୁମାର ପୁନେଇଁର ଗୀତଗାଇବା ଇତ୍ୟାଦି ବହୁପ୍ରକାର ଅଭୁଲାଦିନର ଛବି କାଁଭାଁ ହୋଇ ଶୁଭୁଥାଏ । ଆଜି ସେସବୁ ଆକାଶକୁସୁମ ପରି, କେବଳ ତାହାର ସ୍ମୃତି ଯାହା ବର୍ତ୍ତମାନର ରୁକ୍ଷ ବାସ୍ତବତା ମଧ୍ୟରେ ଜୀବନ କେବଳ କଳା ଅନ୍ଧକାର କୁହୁଡି ପରିବ୍ୟାପ୍ତ ଏସବୁ ଭିତରେ ହେମର ଗୋଟିଏ କଥା ବାରମ୍ବାର ମନେପକାଇଛନ୍ତି , ତାହା "ମୁଁ କ'ଣ ଭାବୁଛି ଜାଣ, ତୁମର ଏ ଛାତି ଉପରେ ମୁଣ୍ଡରଖି ସବୁଦିନ ପାଇଁ ଆଖି ବୁଜି ଦିଅନ୍ତି, ଏହାଛଡା ମୋର କିଛି ଲୋଡ଼ା ନାହିଁ ଶିବୁଭାଇ!" (ପୃଷ୍ଠା – ୪୩ ) ତାହା ଯେମିତି ବାସ୍ତବାୟିତ ହୋଇଛି ଶିବନାଥର କୋଳରେ ସେ ଆରପାରିକୁ ଚାଲିଯାଇଛି । ଶିବନାଥ ଜୀବନରେ ଦୁଃଖ କେବଳ ମାଡିଚାଲିଛି ପ୍ରତ୍ୟେକ ମୁହୂର୍ତ୍ତରେ ସେ କେବଳ ବିଧାତାର ଅବିଚାର ସହିଚାଲିଛନ୍ତି । ଅନ୍ୟପଟେ ସୁଜାତା ଦେବୀ ଉମାକାନ୍ତକୁ ହରାଇ ଜୀବନର ଚଲାପଥରେ ଏକା ହୋଇଯାଏ । ସେମାନେ ଯେଉଁ ବିଶ୍ୱାସ ଓ ସମ୍ଭାବନା ନେଇ ଆଗାମୀ କାଲିର ସ୍ୱପ୍ନ ଦେଖୁଥିଲେ ତାହା ସେ ବନ୍ୟା ଛଡାଇ ନେଇଯାଇଛି । ଯେଉଁ ସୁଜାତା ଦିନେ ହସମୁଖୀ, ଉଜ୍ଜ୍ୱଳ ଓ ସତେଜ ଦେଖାଯାଉଥିଲେ ଆଜିକିନ୍ତୁ ଉମାକାନ୍ତର ବିୟୋଗରେ ସାନ୍ୟାସିନୀ ବେଶ, ମୁହଁରେ ସତେଜତା, ହସ ନାହିଁ କେବଳ ଏକଲା ପଣରେ ଆକାଶକୁ ଅନାଇଁ ନିଜ ଚେତନାରେ ମଗ୍ନଥାନ୍ତି ।ପୂର୍ବେ ସେମାନେ ଦ୍ୱୟ ମିଶି ରଣପୁର ଗ୍ରାମରେ କ୍ଲିନିକ ଖୋଲି ଲୋକଙ୍କୁ ସେବାକରିବାର ସ୍ୱପ୍ନ ଦେଖିଥିଲେ ତାହାକୁ ସୁଜାତା ଦେବୀ ଭୁଲି ନାହାନ୍ତି ଓ ରଣପୁରକୁ କର୍ମଭୂମି ରୂପେ ଚୟନ କରିଛନ୍ତି ଓ କୁମାରଙ୍କର ଯେଉଁ ସ୍ୱପ୍ନ ଥିଲା ତାକୁ ପାଳନ କରିବା ଦୃଢ଼ ସଂକଳ୍ପ କରିଛନ୍ତି ।ବନ୍ୟା ପରବର୍ତ୍ତୀ ସମୟରେ ଗ୍ରାମର ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି ସେ ରଣପୁର ଆଉ ଆଗଭଳି ନାହିଁ କେବଳ ରଣନଈ, ଚର୍ଚ୍ଚିକାପୀଠ ଓ ବରଗଛକୁ ଛାଡିଦେଲେ ସବୁ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି । ସାଙ୍ଗସାଥି, ନିଧିଅଜା, ତନ୍ତିସାହି କେହି ନାହାନ୍ତି ସବୁ ବନ୍ୟାଧାରାରେ ଧୋଇହୋଇ ଯାଇଛି ସବୁଆଡେ କେବଳ ବାଲିଗରଡ଼ା,ସବୁଆଡେ ବଞ୍ଚିଯାଇଥିବା ଲୋକଙ୍କର ଆତ୍ମୀୟ ମାନଙ୍କୁ ଖୋଜି ଅହରହ କାନ୍ଦିବା, ଆର୍ତ୍ତଚିତ୍କାର, ହାହାକାର କେବଳ ଶୁଭାଯାଉଛି କିଏ ନିଜ ଯୁବକ ନାତିକୁ ଖୋଜୁଛି, କିଏ ନିଜ ସ୍ୱାମୀକୁ, କିଏ ବା ନିଜ ପିତାମାତାକୁ, କେତେ ନାରୀ ବିଧବା ହେଇଛନ୍ତି, କେତେ ଭିକାରୁଣୀ, ଘରୁ ବାହାରୁନଥିବା ବଧୂଟିଏ ଆଜି ଦାଣ୍ଡର ଭିକାରୀ ହୋଇଛି, ଯାହାର ଦେହର ଖରା ଟିକିଏ ବାଜୁନ ଥିଲା କାଦୁଅ ଛୁ ନଥିଲେ ଆଜି ଘରଦ୍ୱାର ନଥାଇ ଖୋଲା ଆକାଶତଳେ ଅସହାୟ ଭାବରେ ବାୟାଣୀ ହୋଇ କାନ୍ଦି ବୁଲୁଛି, ମାଁ କୁ ହରାଇ ପୁଅଟିଏ ଖୋଜି ବୁଲୁଛି ନିଜ ମାଁ କୁ ତାହା ଯେପରି ମହାଭାରତର କୁରୁକ୍ଷେତ୍ର ଯୁଦ୍ଧକୁ ମନେ ପକାଇ ଦେଇଛି ତାହା ମଣିଷ ମଣିଷ ମଧ୍ୟରେ ସଂଘର୍ଷରୁ ସୃଷ୍ଟି ହୋଇଥିଲା ଏ କିନ୍ତୁ ପ୍ରକୃତିର ଏକ ପାଖିଆ ତାଣ୍ଡବ ଯାହା କେବଳ ଅସହାୟ ମଣିଷ ସହିଯାଇଛି । ଗ୍ରାମର ଜଣେ ସାହୁକାର ପୂର୍ଣ୍ଣ ସାମଳ 'ଛ ମାଣ ଆଠଗୁଣ୍ଠ' ର ରାମଚନ୍ଦ୍ର ମଙ୍ଗରାଜ ଭଳି ଗ୍ରାମର ମଝିରେ ତାଙ୍କ ଦୁଇକୋଠି ମହଲା ଥିଲା । ସେ ସମସ୍ତଙ୍କୁ ଶୋଷଣ କରି ଧନ ଅର୍ଜନ କରିଥିଲା, ନିଜକୁ ରାଜାଭଳି ଭାବୁଥିଲା, ଗର୍ବୀ, ଅହଙ୍କାରୀ ଓ ଲୋଭିଥିଲା । ବନ୍ୟାର ବିପ୍ରୀତ ସମୟରେ ଗ୍ରାମର ଲୋକମାନଙ୍କୁ ନିଜ ଘରେ ଟିକିଏ ଆଶ୍ରୟ ମଧ୍ୟ ଦେଇନଥିଲା ସେମାନଙ୍କୁ ଘର ବାହାରୁ ତଡିଦେଇଥିଲା ବନ୍ୟାରେ ତାର ସେହି ଘରଦ୍ୱାର, ଧନ ସମ୍ପତ୍ତି ସହିତ ନିଜେ ମଧ୍ୟ ପାଣିରେ ଭାସିଗଲେ ଏବଂ ତାର ଏକମାତ୍ର ଅଲିଅଳି ଝିଅ ବେବୀର ଶରୀର ନଇ ପାଣିରେ ଭାସି ଯାଉଥିଲା । ବନ୍ୟାପାଣିରେ ଭାସିଯାଉଥିବା ଉକ୍ତ ତୋଫା ଗୋରା ବେବୀର ଶବ ଦେଖି ଜଣେ କାମାଷକ୍ତ ହୋଇ ଯୁବକଟିଏ ପାଣିରେ ଡ଼େଇଁ କାମନା ପରିପୂର୍ତ୍ତି କରିବା ପୂର୍ବରୁ ମୃତ୍ୟୁ ଲଭିଲା । ମଣିଷର ଆସୁରିକ ପ୍ରବୃତ୍ତି ନିଜର ଘଡ଼ିସନ୍ଧି ମୁହୂର୍ତ୍ତରେ ମଧ୍ୟ ଛାଡେନାହିଁ ତାହା ନିଜପାଇଁ ବିନାଶର ହିଁ କାରଣ ପାଲଟି ଯାଇଛି । ଯେଉଁ ସାହୁକାର ନିଜର ମିଥ୍ୟା, କପଟତା ବଳରେ ଯେତେ ସମ୍ପତ୍ତି ଠୁଳ କରିଥିଲା ଭୋଗ କରିପାରିଲା ନାହିଁ ଏବଂ ଯେଉଁ ଝିଅର ଦେହରେ ଟିକିଏ ଖରା,କାଦୁଅ ବାଜିନଥିଲା ସେ ବନ୍ୟାପାଣିରେ ଶବହୋଇ ଭାସିଯାଇଛି,ଗାଁର ଜମିଖଣ୍ଡରେ ହିଡ଼ପଡିବା ନାଁରେ ଦୁଇ ଭାଇ ଦିନେ ମାରପିଟ ହୋଇ କୋର୍ଟ କଚେରୀ ଯାଇଥିଲେ ଆଜିକିନ୍ତୁ ବନ୍ୟା ସେହିଭୂମିକୁ ଧୂଳିଭର୍ତି କରିଦେଇ ସମାନ କରିଦେଇଛି । ସମୟର ଗତି ଓ ପ୍ରକୃତି ସଦା ପରିବର୍ତ୍ତିତ କେତେବେଳେ ସୁଫଳ ଓ କୁଫଳ ଆଣିଦେବ ତାହା ଅଗୋଚର ହୁଏନାହିଁ ।

ଶିବନାଥ ନିଜର ଆତ୍ମୀୟଜନ, ବନ୍ଧୁ ବାନ୍ଧବଙ୍କୁ, ନିଜ ପ୍ରେମିକା ହେମକୁ ହରାଇଛି ଯାହାକୁ ନେଇ ଦିନେ ସଂସାର ଗଢିବାର ଥିଲା ଆଜି ସେସବୁ ଛାଡି ଅନେକ ଦୂର ଚାଲିଯାଇଛି ଏବଂ ଜୀବନ କେବଳ ମରୁଭୂମି ପାଲଟି ଯାଇଛି । ସଶ୍ୟଶ୍ୟାମଳ ଭରା ଜନ୍ମଭୂମି ବାଲିଗଦାରେ ପରିଣତ ହୋଇଛି । ଯେଉଁମାନେ ବଞ୍ଚିଛନ୍ତି ସମସ୍ତେ ନିଜଲୋକଙ୍କୁ ଖୋଜି ଅଶ୍ରୁ ନିଗାଡୁଛନ୍ତି । ଦେବନଈ ଉଭାହୋଇଛି ଲୋକଙ୍କର ବେଦନାର ନଈ ଯେଉଁଠି କେବଳ ପାଣି ନାହିଁ ଅଛି ମଣିଷର ଅଶ୍ରୁ ଓ କୋହର ଧାର ଭବିଷ୍ୟତରେ ତାହା କିମ୍ବଦନ୍ତି ବା

ଜନଶ୍ରୁତି ହୋଇଯିବ ଲୋକଙ୍କ ମନରେ। ଯେତେବେଳ ପରିସ୍ଥିତି ହୋଇଯାଏ ଏତେ ମାରାତ୍ମକ, ବେଦନାବୋଧ ଓ ଯନ୍ତ୍ରଣାଦାୟକ, ଭବିଷ୍ୟତ ବୋଲି କିଛିନଥାଏ ମନରେ ଏବଂ ଜୀବନ ପ୍ରତି ଆସିଯାଏ ବୀତସ୍ପୃହ ଭାବନା। ନା ସ୍ଥିରତାରେ ଶାନ୍ତି ଅଛି ନା ଗତିକରିବାର ଅଭିଳାଷ ଅଛି ନିରାଶକ୍ତ ଓ ଜଡତା ହୋଇଯାଇଛି ଜୀବନ ସେହି ଜଟିଳତା ମଧ୍ୟରେ ଶିବନାଥ, କୁମାର, ସୁଜାତାଦେବୀ ପେଷି ହୋଇ ଯାଇଛନ୍ତି। ସମୟର ଶେଷନାହି ଯେମିତି ସେମାନଙ୍କର ଯନ୍ତ୍ରଣାର ମଧ୍ୟ ପ୍ରାନ୍ତନାହିଁ ତଥାପି ଅନେକ ଲୋକ ସେହି ହରାଇବା ମଧ୍ୟରେ ପୁନଃର୍ବାର ଭାଙ୍ଗିଯାଇଥିବା ଘରକୁ ସଜାଡୁଥାନ୍ତି କାରଣ ଜୀବନ ହିଁ ଜିଇବାପାଇଁ କାହାରି ଛାଡ଼ିଯିବରେ ଶେଷ ହୋଇଯାଏନି । ବନ୍ୟା ସମୟରେ ସୁଖବାଦୀ ଓ ସ୍ୱାର୍ଥବାଦୀ ଲୋକମାନଙ୍କର ହରଣ କରିବାର ଉଦ୍ୟମ ଏବଂ ନିଷ୍ପେଷିତଙ୍କ ଉପରେ ଦାଉ ସାଧିବା, ଅଭାବ, ଅସୁବିଧାର ସୁଯୋଗ ନେଇ ସେମାନଙ୍କୁ ଲୁଣ୍ଠନ, ଧର୍ଷଣ, ଆଦି ଘୃଣ୍ୟ କାର୍ଯ୍ୟମାନ କରିଛନ୍ତି । ସେହି ସହଯୋଗୀ ନାମଧାରୀ ଧୂର୍ତ୍ତମାନେ ଖାଦ୍ୟ ପୁଡିଆ ଦେବା ବାହାନାରେ ପରିସ୍ଥିତିର ସୁଯୋଗ ନେଇ ଅସହାୟ ବାଳିକା ରମାକୁ ଚାରିପଞ୍ଚଜଣ ମିଶି ଗଣଧର୍ଷଣ କରିଛନ୍ତି ଏବଂ ଖଣ୍ଡିଏ ରୁଟି ଓ କାମ ଯୋଗାଇଦେବା ବାହାନାରେ ହେମର ସତୀତ୍ୱ ହରଣ ତାକୁ ମାତୃତ୍ୱ ଦେବାରେ ସମସ୍ତେ ତତ୍ପର କିନ୍ତୁ ସ୍ତ୍ରୀତ୍ୱ ଦେବାରେ କାହାର ସାହସ ହୋଇନାହିଁ । ସେଭଳି ରୁଗ୍ଣ ମାନସିକତାର ମଣିଷମାନଙ୍କପାଇଁ ସରଳ,ନିରୀହ ଝିଅମାନେ ଅକାଳେ ଟଳି ପଡିଛନ୍ତି ସେଇ ବନ୍ୟାର ବିଭୀଷିକାରେ।

ଉପନ୍ୟାସର ମୁଖ୍ୟ ନାୟକ ଶିବନାଥ ଶେଷରେ ହେମକୁ ଚିତା ଦେଇସାରି ଆଗେଇଯାଇଛନ୍ତି ଅନିର୍ଦ୍ଧାରିତ ଏକ ଅଜଣା ପଥକୁ ଯାହାକୁ ସେ କୌଣସିଠାରେ ପୂର୍ଣ୍ଣତା ଦେଇ ପାରିବେନାହିଁ। ଯାହାକୁ ଦିନେ ଗାଁ ଭୂଇଁ, ମାଟିପାଣି, ପରିବାର, ସ୍ୱର୍ଗପରି ଲାଗୁଥିଲା। ଜୀବନ ପ୍ରତି ଭଲପାଇବା ଥିଲା, ଭଲପାଇବାରେ ଆକର୍ଷଣ ଥିଲା ଆଜି କିନ୍ତୁ ତାହା ଧୂଳି ଧୂସରିତ, ରୁକ୍ଷ, ଜଡ ଦେଖାଯାଉଥିଲା। ତେଣୁ ସେ ଅନ୍ଧାର ପଥର ଯାତ୍ରୀହୋଇ ଚାଲିଥିଲେ। ଶିବନାଥର ସ୍ୱୀକାରୋକ୍ତିରେ ସେହି ବେଦନାବୋଧ ଦେଖାଦିଏ "ଶିବନାଥ ନିଜକୁ କହିଲା, ବହୁତ ହେଇଗଲା କ୍ଷ ଆଉ ମୋର ପୁନଃର୍ଜନ୍ମ ଲୋଡ଼ାନାହିଁ । ପୁଣି ଜନ୍ମନେଲେ ପୁଣି ଆସିବ ସେହି ଦୁଃଖ, ବେଦନା, ଅବଶୋଷ କ୍ଷ ଜନ୍ମରେ ମୂଲ୍ୟ କାହିଁ? ଶାନ୍ତି କାହିଁ?" ( ପୃଷ୍ଠା -୧୩୧ ) ଏ ବେଦନା ରଣନଈ ଦେଇଯାଇଛି ଯାହା ମଣିଷର ସକଳ ଭାବନାର ସଂସାରକୁ ଛାରଖାର କରି କେବଳ ବହି ଚାଲିଛି....। ସବୁ ଚରିତ୍ରଗୁଡିକ କେବଳ ହରେଇଛନ୍ତି ପ୍ରତିଦାନରେ ଅଶ୍ରୁ ଓ ବେଦନା ହିଁ ମିଳିଛି, ତେଣୁ କୁହାଯାଇପାରେ ଅଶ୍ରୁ ଓ ବେଦନାକୁ ନେଇ ଏ ନଈର ସୃଷ୍ଟି । ସେହି ବନ୍ୟା କେତେ ଯୁଗର ଇତିହାସ, ମଣିଷର ସ୍ୱପ୍ନ, ସମ୍ଭାବନାକୁ ଚୁରମାର କରିଦେଇ ନିରାଶକ୍ତ ସେମିତି ବୋହିଚାଲିଛି । ଉପନ୍ୟାସରେ ତିନୋଟି ଯୋଡି ଶିବନାଥ-ହେମ,ଉମାକାନ୍ତ-ସୁଜାତା ଦେବୀ ଓ କୁମାର-ରମା ଏସମସ୍ତଙ୍କ ଜୀବନରେ ଘୋର ସଙ୍କଟର ତମସାଛନ୍ନ ଦେଖାଦେଇଛି ହେମ, ରମା, ଉମାକାନ୍ତ ବନ୍ୟାରେ ଚାଲି ଯାଇଛନ୍ତି କିନ୍ତୁ ବଞ୍ଚି ଯାଇଥିବା ଶିବନାଥ, କୁମାର, ସୁଜାତା ଦେବୀଙ୍କର ଯନ୍ତ୍ରଣା ଦ୍ୱିଗୁଣିତ ବଢିଯାଇଛି ସେମାନଙ୍କ ଅନୁପସ୍ଥିତିରେ। ସମସ୍ତ ଚରିତ୍ର ଦୁଃଖ, ଯନ୍ତ୍ରଣା, ବେଦନା ଭୋଗିଛନ୍ତି ଜୀବନର ଯେଉଁ କ୍ଷଣରେ ନୂଆ ଆଶା ଓ ସ୍ୱପ୍ନ ଉଜ୍ଜୀବିତ ହେଉଥିଲା ତାହା ବନ୍ୟାର କ୍ରୁରତାରେ ବା ବିଭୀଷିକାରେ ଅଚିରେ ଧ୍ୱଂସ ହେଇଗଲା ଯେଉଁ ସ୍ୱପ୍ନ ମନରେ ଉଙ୍କି ମାରିଥିଲା ତାହା ଶୂନ୍ୟରେ ମିଳେଇ ଗଲା କ୍ଷ ଜୀବନ କେବଳ ବେଦନା,ଅବଶୋଷ, ଛାଇ ହୋଇଯାଇଛି.....।

ଔପନ୍ୟାସିକା କବିତା ବାରିକ କାଳ୍ପନିକ ଚରିତ୍ର, ଯାହାକୁ ସେ ବାସ୍ତବ ଘଟଣା ଓ ପରିବେଶରୁ ନେଇ ଜୀବନର ଅନୁଭବ ଓ ଅଭିଜ୍ଞତା ମାଧ୍ୟମରେ ଯେଉଁ କଳେବରଟିଏ ଥୋଇ ଦେଇଛନ୍ତି ତାହା ତାଙ୍କ ଜୀବନ ପ୍ରତି ଅନ୍ୱେଷାବୋଧ, ଗଭୀର ସାମାଜିକ ଦୃଷ୍ଟି, ସୂକ୍ଷ୍ମାତିସୂକ୍ଷ୍ମ ଭାବଧାରା, ମନସ୍ତତ୍ତ୍ୱ ଚେତନାର ମାର୍ମିକ ଭାବବ୍ୟକ୍ତି ଓ ପାଠକ ପାଇଁ ସମ୍ବେଦନ ଭରା ଜୀବନ୍ତ ପ୍ରତିଛବି ସୃଷ୍ଟି କରିଛନ୍ତି। ଆଲୋଚ୍ୟ ଉପନ୍ୟାସରେ ଦେବନଈ ବା ରଣନଈକୁ ମଣିଷର ଜୀବନ ଓ ବେଦନାର ପ୍ରବହମାନ ଧାରାକୁ ସୂଚାଇ ପ୍ରକୃତିର ଦେବତ୍ୱ ଏବଂ ମହାକାଳ ରୁଦ୍ରରୁପକୁ ଦୁଇଟି ପ୍ରେକ୍ଷାରେ ଆଲୋକପାତ କରିଛନ୍ତି। ଏହି ଉପନ୍ୟାସରେ ବର୍ଣ୍ଣନା ବୈଚିତ୍ର୍ୟ ,ଭାଷା ଓ ଭାବନାର ସ୍ୱତନ୍ତ୍ରତା ବାରିହୋଇପଡ଼େ ଯାହା ତାଙ୍କ ସ୍ୱତନ୍ତ୍ର ସ୍ଥାନ ନିରୂପିତ ହୋଇଥାଏ ଓଡିଆ ଉପନ୍ୟାସ ସାହିତ୍ୟ ଜଗତରେ ।

### ସହାୟକ ସୂଚୀ

(୧) ପାଣିଗ୍ରାହୀ, ଡଃ. ସୁରେନ୍ଦ୍ରନାଥ, ଓଡିଆ ଉପନ୍ୟାସ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ ଷ୍ଟୋର୍, ବିନୋଦବିହାରୀ, କଟକ - ୨, ତୃତୀୟ ସଂସ୍କରଣ – ୨୦୨୨

(୨) ବରାଳ, ଡଃ. ଆଲୋକ, ଉପନ୍ୟାସ ଜିଜ୍ଞାସା, ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ – ୧୨,ପ୍ରଥମ ପ୍ରକାଶନ - ୨୦୧୯

(୩) ବାରିକ, ଡଃ. କବିତା, ଜୀବନ ନଈ, ବିଦ୍ୟାପୁରୀ, ବାଲୁବଜାର, କଟକ ୭୫୩୦୦୨, ଦ୍ୱିତୀୟ ମୁଦ୍ରଣ -୨୦୧୫

(୪) ବାରିକ, ଡଃ. କବିତା, ଶହେ ତେଇଶ ବର୍ଷର ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ (୧୮୯୮-୨୦୨୧)ବିଦ୍ୟାପୁରୀ, ବାଲୁବଜାର, କଟକ ୭୫୩୦୦୨, ଚତୁର୍ଥ ସଂସ୍କରଣ – ୨୦୨୨